ଓଡ଼ିଶା
# ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store


ପବିତ୍ର ରାକ୍ଷୀ ପୂର୍ଣ୍ଣିମାର ଶୁଭେଚ୍ଛା



ଦେଶର ଦ୍ୱିତୀୟ ଧନୀ ଅଭିନେତ୍ରୀ ଐଶ୍ୱର୍ଯ୍ୟା |୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୩୦ Vol. 22 No-130 9 AUGUST 2025 SATURDAY, BHUBANESWAR ଶନିବାର, ୯ ଅଗଷ୍ଟ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁଭଦ୍ରା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## କଥା ଦେଇ କଥା ରଖିଲେ ଲୋକଙ୍କ ସରକାର

ମୁଖ୍ୟମନ୍ତ୍ରୀ
### ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ

## ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ
# ସୁଭଦ୍ରାର
## ତୃତୀୟ କିସ୍ତି ପ୍ରଦାନ

### ମହିଳା ସଶକ୍ତିକରଣକୁ ମିଳୁଛି ଗତି



# ୧ କୋଟି
ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ
୫ ହଜାର କୋଟି ଟଙ୍କା ପ୍ରଦାନ

୯ ଅଗଷ୍ଟ ୨୦୨୫ । ଜୟପୁର, କୋରାପୁଟ

DSPL - 197

OIPR 33001/13/0105/2526

www.subhadra.odisha.gov.in । ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର । ଦେୟମୁକ୍ତ ସହାୟତା ନମ୍ବର ୧୪୬୭୮



କଟକ(ଭାସ୍କର ନ୍ୟୁଜ୍): କଟକ କୃଷକ ବଜାରସ୍ଥିତ ଅଭିନବ ବିଦ୍ୟାମନ୍ଦିର ଅଗ୍ନିଶମ କେନ୍ଦ୍ରରେ ସେକ୍ରେଡ୍ ରୁଟ୍ ପବ୍ଲିକ୍ ସ୍କୁଲର ଛାତ୍ରଛାତ୍ରୀମାନେ ରକ୍ଷାବନ୍ଧନ ପାଳନ କରିଛନ୍ତି। ଛାତ୍ରଛାତ୍ରୀମାନେ ଷ୍ଟେସନରେ ଉପସ୍ଥିତ ଡେପୁଟି ଅଗ୍ନିଶମ ଅଧିକାରୀ ସୁବାସ ମୁଦୁଲି, ଷ୍ଟେସନ ଅଧିକାରୀ ପ୍ରଭାକର ସାହୁ ଓ ପୁଲକ କୁମାର ଲେଙ୍କାଙ୍କୁ ନେଇ ଗଠିତ ଅଗ୍ନିଶମ ବାହିନୀର ସମଗ୍ର ଟିମ୍ ଏବଂ ଉମାକାନ୍ତ ବେହେରା, ଲିପୁନା ମୁଦୁଲି, ସୁଶାନ୍ତ କୁମାର ପୃଷ୍ଟି, ଶ୍ରୀନିବାସ ସାହୁ, ପ୍ରିୟ ରଞ୍ଜନ ସାହୁ, ଅନନ୍ତ ଚରଣ ଦାସଙ୍କ ଭଳି ଅଗ୍ନିଶମ ବାହିନୀ ଛାତ୍ରଛାତ୍ରୀଙ୍କୁ ଅଗ୍ନି ନିରାପତ୍ତା ସମ୍ପର୍କରେ ଅବଗତ କରାଇବା ସହ ଅଗ୍ନି ନିର୍ବାପକ ପରିଚାଳନାରେ ଥିବା ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ପରିଚାଳନା ନିର୍ଦ୍ଦେଶିକା ରିତେଶ ମହାନ୍ତି, ନିର୍ଦ୍ଦେଶିକା ସରିତା ସ୍ୱାଗତ ଶତପଥୀ ଓ ପ୍ରଶାସକ ମନୀଷ କୁମାର ସ୍ୱାଇଁଙ୍କ ସମେତ ଶିକ୍ଷକ ରଶ୍ମି ରେଖା ରାଉତ, ସ୍ୱେତା ସାହୁ ଓ ହିମାନୀ ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା।

# ମାର୍କେଟ ବିଲ୍ଡିଂ ଉଠାଦୋକାନ ଉଚ୍ଛେଦ ବେଳେ ଉତ୍ତେଜନା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶୁକ୍ରବାର ଭୁବନେଶ୍ୱର ମହାନଗର ନିଗମର କଳ୍ପନା ବିଏମ୍‌ସି ଅଞ୍ଚଳର ଜେଡ଼ିସିଙ୍କ ସମେତ ଏକ ପ୍ଲାଟୁନ୍ ପୋଲିସ୍ ଫୋର୍ସ, ବିଏମ୍‌ସି ସ୍କ୍ୱାର୍ଡ଼ ଏକ ଜେସିବିରେ ସଦଳବଳ ଆସି ମାର୍କେଟ ବିଲ୍ଡିଙ୍ଗ ପଛପଟରେ ଥିବା ପଟେଲ ବସ୍ତି ପାଖରେ ପହଂଚି ଉଠାଦୋକାନୀମାନଙ୍କୁ ହଟିଯିବା ପାଇଁ ଡାକବାକି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରିଥିଲେ। ସେହି ସମୟରେ ବିଧାୟକ ଅନନ୍ତ ନାରାୟଣ ଜେନା, ୪୦ ନମ୍ବର କର୍ପୋରେଟର ସୋଫିଆ ମାଡ଼ମ ପହଞ୍ଚି ବିଏମ୍‌ସି ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଅଧିକାରୀମାନେ କୌଣସି ଦୋକାନ ଭଙ୍ଗାଯିବ ନାହିଁ ଏବଂ ପଟେଲ ବସ୍ତିକୁ ଥଇଥାନ ନ କରିବା ପର୍ଯ୍ୟନ୍ତ ଉଚ୍ଛେଦ କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବିଧାୟକ ଶ୍ରୀ ଜେନା ଘଟଣାସ୍ଥଳରୁ ଚାଲିଯିବା ପରେ ବିଏମ୍‌ସିର ସ୍କ୍ୱାର୍ଡ଼ ଦଳ ବିଧାୟକଙ୍କ ନିର୍ଦ୍ଦେଶକୁ ନ ମାନି ଉଠାଦୋକାନ ଉଚ୍ଛେଦ ଆରମ୍ଭ କରିଥିଲେ। ସେହି ସମୟରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ, ଉପସଭାପତି ସୂର୍ଯ୍ୟମଣି ସାହୁ, ନିରଞ୍ଜନ ପାଣ୍ଡେ, ଦୀପକ କୁମାର ମହାପାତ୍ର, ହିମାଂଶୁ ବଳିୟାରସିଂ ହିମାଂଶୁ ସାହୁ, ମଞ୍ଜୁଲତା ନାୟକ ପ୍ରମୁଖ ପହଂଚି ଉଠାଦୋକାନୀଙ୍କୁ ଉଚ୍ଛେଦ ନ କରିବା ପାଇଁ ବିଏମ୍‌ସି ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। କିନ୍ତୁ ବିଏମ୍‌ସି ଅଧିକାରୀ କୌଣସି କଥା ନ ଶୁଣି ଉଚ୍ଛେଦ ଜାରି ରଖିବାରୁ ସେଠାରେ ଏକ ପ୍ରକାର ଉତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଶହ ଶହ ଉଠାଦୋକାନୀ ଡ୍ରୋଜର ଆଗରେ ଛିଡ଼ା ହେବାରୁ ବିଏମ୍‌ସି ଉଚ୍ଛେଦକାରୀ ଦଳ ସେଠାରୁ ଛତ୍ର ଭଙ୍ଗ ଦେଇଥିଲେ। ମହାସଂଘର ସଭାପତି ପ୍ରତାପ କୁମାର ସାହୁ କହିଛନ୍ତି, ଯଦି ଭୁବନେଶ୍ୱର ମହାନଗର ନିଗମ ଉଠାଦୋକାନ ଉଚ୍ଛେଦରୁ କ୍ଷାନ୍ତ ନ ରହନ୍ତି, ତେବେ ଆଗାମୀ ଦିନରେ ହଜାର ହଜାର ଉଠାଦୋକାନୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବେ। ଯଦି ସେହି ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ, ସେଥିପାଇଁ ବିଏମ୍‌ସିର ଅଧିକାରୀମାନେ ଦାୟୀ ରହିବେ ବୋଲି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି।

# ଓଡ଼ିଶା ବିଧାନସଭାର ନୂତନ ୱେବ୍‌ସାଇଟ୍ ଉନ୍ମୋଚିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ବିଧାନସଭାର ନୂତନ ୱେବ୍ ସାଇଟ୍ ଉନ୍ମୋଚିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ଏହି ୱେବ୍‌ସାଇଟ୍‌କୁ ଉନ୍ମୋଚନ କରି ବାଚସ୍ପତି ସୁରମା ପାଢ଼ୀ କହିଲେ ଯେ ଏଭଳି ପ୍ରୟାସ ଅଧିକ ସ୍ୱଚ୍ଛ ଓ ପାରଦର୍ଶିତା ଦିଗରେ ଆମ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଓଡ଼ିଶା ସରକାରଙ୍କ ଆଇଟି ଓ ଇଟି ବିଭାଗ ଏବଂ ଭାରତ ସରକାରଙ୍କ ଏନ୍ଆଇସିର ବୈଷୟିକ ପରାମର୍ଶରେ ବିକଶିତ ହୋଇଥିବା ଏହି ନୂତନ ୱେବ୍‌ସାଇଟ୍ ବିଧାନସଭା କାର୍ଯ୍ୟଧାରାକୁ ଜନସାଧାରଣଙ୍କ ପାଇଁ ଅଧିକ ସୁଗମ ଏବଂ ସ୍ୱଚ୍ଛ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ନାଗରିକମାନଙ୍କୁ ବିଧାନସଭାର କାର୍ଯ୍ୟକଳାପ, ନିଷ୍ପତ୍ତି ଏବଂ ପଦକ୍ଷେପ ବିଷୟରେ ସଠିକ୍ ଏବଂ ସବିଶେଷ ସୂଚନା ପ୍ରଦାନ କରିବ ବୋଲି ଶ୍ରୀମତୀ ପାଢ଼ୀ ପ୍ରକାଶ କରିଥିଲେ। ଏହି ଉନ୍ମୋଚନ ସୁଶାସନ ଏବଂ ନାଗରିକ ସମ୍ପୃକ୍ତି ପାଇଁ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରିବା କ୍ଷେତ୍ରରେ ପ୍ରତିବଦ୍ଧତାର ଏକ ନିଦର୍ଶନ। ଏହି ପ୍ଲାଟ୍‌ଫର୍ମ କେବଳ ବିଧାନସଭାର କାର୍ଯ୍ୟକାରିତାକୁ ବୃଦ୍ଧି କରିବ ନାହିଁ ବରଂ ଓଡ଼ିଶାର ଜନସାଧାରଣଙ୍କ ଅଧିକ ଅଂଶଗ୍ରହଣ ଏବଂ ସମ୍ପୃକ୍ତିକୁ ପ୍ରୋତ୍ସାହିତ କରିବ। ଏହି ଅବସରରେ ଶକ୍ତି, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ଓକାକ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ରାଉତ, ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ, ବିଧାନସଭାରେ କାର୍ଯ୍ୟରତ ଏନ୍ଆଇସିର ଯୁଗ୍ମ ନିର୍ଦ୍ଦେଶକ ଅଶୋକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାୟତ୍ତ ଦିବସ ପାଳନ ଉପଲକ୍ଷେ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମ କରିବାକୁ ଚିଠି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅଗଷ୍ଟ ୩୧ରେ ପ୍ରତିବର୍ଷ ଭଳି ପାଳିତ ହେବାକୁ ଯାଉଛି ସ୍ୱାୟତ ଶାସନ ଦିବସ। ଏହି ଉପଲକ୍ଷେ ଅଗଷ୍ଟ ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ପ୍ରାକ୍ ଉତ୍ସବ ପାଳନ ସ୍ୱରୂପ ୧୧୫ଗୋଟି ପୌରପାଳିକାରେ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମମାନ ପାଳନ କରାଯିବ । ଏଥି ପାଇଁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ବିଭିନ୍ନ ମହାନଗର ନିଗମର କମିଶନର ଓ ସମସ୍ତ ମୁନିସିପାଲିଟି ଓ ବିଜ୍ଞାପିତ ଅଂଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ 'ଏକ ପେଡ୍ ମା'କେ ନାମ୍' ଶୀର୍ଷକ କାର୍ଯ୍ୟକ୍ରମ ଅଧିନରେ ପରିବେଶ ଓ ସବୁଜବନାନୀ ସୃଷ୍ଟି ପାଇଁ ସହରାଂଚଳରେ ବୃକ୍ଷରୋପଣ କାର୍ଯ୍ୟ ଏବଂ ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ନାଗରିକ ସମାଜର ସଦସ୍ୟଙ୍କୁ ନେଇ ସଚେତନତା ରାଲି, ସବୁଜ ୱାର୍ଡ ଅଭିଯାନର ଶୁଭାରମ୍ଭ, 'ଗରିମା' କାର୍ଯ୍ୟକ୍ରମର ସୂଚନା, ଶିକ୍ଷା ଓ ପ୍ରସାର ବ୍ୟବସ୍ଥା, ସହଯୋଗ ଯାନରେ 'ସହଯୋଗ' କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଚାର, ହର ଘର ତିରଙ୍ଗା: ହର ଘର ସ୍ୱଚ୍ଛତା ଥିମ୍ ରେ ସହରାଂଚଳର ପ୍ରମୁଖ ସ୍ଥାନଗୁଡ଼ିକରେ ମେଗା ସ୍ୱଚ୍ଛତା ଅଭିଯାନ, ସବୁଠାରୁ ପରିଷ୍କାର ସହର ବା ରାସ୍ତା ପାଇଁ ୱାର୍ଡ ସ୍ତରୀୟ ପ୍ରତିଯୋଗିତା, ସ୍ୱଚ୍ଛତା ପାଇଁ ଶପଥ ଗ୍ରହଣ ଆଦି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ । ଏହା ବ୍ୟତୀତ ପଥ ଉତ୍ସବ ଓ ଏଥି ଅନ୍ତର୍ଗତ ରାସ୍ତା ନିରାପତା ସଚେତନତା ସହ ବିଭିନ୍ନ କାର୍ଯ୍ୟକ୍ରମ, ଯୁବଗୋଷ୍ଠୀ ଓ ଛାତ୍ର ସମାଜ ପାଇଁ ପ୍ରବନ୍ଧ, ସ୍ଲୋଗାନ୍ ରାଇଟିଙ୍ଗ୍, ୱାର୍କସପ୍ ଓ ସ୍ପୋର୍ଟସ୍ ଦିବସ ଆଦି ପାଳନ କରାଯିବ ।

# ୧୮ରେ ବରଗଡ଼ରେ ବିଜେଡିର ବିରାଟ ଚାଷୀ ସମାବେଶ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ବିଜେପି ସରକାରଙ୍କ ଗତ ୧୩ ମାସର ଶାସନ ସମୟରେ ଚାଷୀକୂଳର ସ୍ୱାର୍ଥକୁ ଅଣଦେଖା କରିଛନ୍ତି, ଯେଉଁଥିପାଇଁ ଚାଷୀ ଭାଇମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ୍ନ ହେଉଛନ୍ତି ଓ ସରକାରଙ୍କ ଏହି ଚାଷୀ ମାରଣ ନୀତିକୁ ବିରୋଧ କରି ଆସନ୍ତା ୧୮ ତାରିଖରେ ବରଗଡ଼ ଠାରେ ବିରାଟ ଚାଷୀ ସମାବେଶ କରିବ ବୋଲି ବିଜୁ ଜନତା ଦଳ ଘୋଷଣା କରିଛି । ଦଳର କୃଷକ ସେଲର ଆବାହକତ୍ୱରେ ଶୁକ୍ରବାର ରାଜ୍ୟସ୍ତରୀୟ ଏକ ବୈଠକ ଶଙ୍ଖ ଭବନରେ ଅନୁଷ୍ଠିତ ହୋଇଥିଲା । ବୈଠକକୁ କୃଷକ ସେଲ୍ର ଆବାହକ ପ୍ରସନ୍ନ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିବା ବେଳେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ରାଜ୍ୟରେ କୃଷକ ମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ସବିଶେଷ ଆଲୋଚନା ହୋଇଥିଲା । ରାଜ୍ୟ ବିଜେପି ସରକାରଙ୍କ ଗତ ୧୩ ମାସର ଶାସନକାଳରେ ଚାଷୀମାନଙ୍କ ସମସ୍ୟା ଅହେତୁକ ବୃଦ୍ଧି ପାଇଛି । ରାଜ୍ୟ ସରକାର ଏହି ସମସ୍ୟା ଗୁଡିକର ପ୍ରତିକାର କରିବା ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି । ଏହି କାର୍ଯ୍ୟକ୍ରମ ଶେଷ ହେବା ପରେ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର କୃଷକ ସେଲର ଆବାହକ ପ୍ରସନ୍ନ ଆଚାର୍ଯ୍ୟ, ଉପସଭାପତି ସ୍ନେହାଙ୍ଗିନୀ ଛୁରିଆ ଓ ସଞ୍ଜୟ ଦାସବର୍ମା ରାଜ୍ୟ ସରକାରଙ୍କ କୃଷକେ ମାରଣ ନୀତି ଉପରେ ବର୍ଷିଥିଲେ।

**ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ତ୍ୱରିତ ପଦକ୍ଷେପ**

# ଦିନକରେ ଦିଆଗଲା ଦିବ୍ୟାଙ୍ଗ ପ୍ରମାଣପତ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ତ୍ୱରିତ୍ୱ ପଦକ୍ଷେପ ଏବଂ ନିର୍ଦ୍ଦେଶରେ ଜଣେ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ ବଲାଙ୍ଗିର ଜିଲ୍ଲାର କୁମୀଆପାଲି ଗାଁର ଭୋଜରାଜ ଚିନ୍ଦା ଦୃଷ୍ଟିବାଧିତ ଥିବା ସତ୍ୱେ ଦିବ୍ୟାଙ୍ଗ ପ୍ରମାଣପତ୍ର ନଥିଲା । ସେ ପ୍ରମାଣପତ୍ର ପାଇବାନେଇ ଅନେକଥର ଚେଷ୍ଟା କରିଥିବା ନେଇ ଗଣମାଧ୍ୟମ ସୂତ୍ରରୁ ଜଣା ପଡ଼ିବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ତ୍ୱରିତ୍ୱ ପଦକ୍ଷେପ ଗ୍ରହଣ କରିଥିଲେ। ଡକ୍ଟର ମହାଲିଙ୍ଗ ସେହି ବ୍ୟକ୍ତିଙ୍କର ସଂପୂର୍ଣ୍ଣ ଯୋଗ୍ୟତା ଯାଞ୍ଚ କରି ତୁରନ୍ତ ଦିବ୍ୟାଙ୍ଗ ପ୍ରମାଣପତ୍ର ଯୋଗାଇ ଦେବାପାଇଁ ବଲାଙ୍ଗିରର ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ନିର୍ଦ୍ଦେଶ ମିଳିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଭୋଜରାଜ ଚିନ୍ଦାଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସେହିପରି କାମରେ ହେଳା କରିଥିବାରୁ ତଦନ୍ତ ପରେ ସମ୍ପୃକ୍ତ ଆଉଟସୋର୍ସିଙ୍ଗ କର୍ମଚାରୀକୁ ଚାକିରିରୁ ବରଖାସ୍ତ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର ଦିବ୍ୟାଙ୍ଗ କଲ୍ୟାଣ ପ୍ରତି ସମର୍ପିତ ରହିବା ସହ ସବୁ ବର୍ଗର ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ପ୍ରକାଶ କରିଛନ୍ତି ।

## ରାଜଧାନୀରେ ମାତିଲେ ସଟର୍ ତଡ଼ା ଲୁଟେରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ମାତିଲେ ସଟର୍ ତଡ଼ା ଲୁଟେରା । ମେଟ୍ରୋ ମୋବାଇଲ ଦୋକାନରେ ସଟର୍ କାଟି ଲୁଟିନେଲେ ୧୦ ଲକ୍ଷ ଟଙ୍କାର ମୋବାଇଲ ଫୋନ୍। ୬ଜଣ ଲୁଟେରା ଆତଙ୍କ ଖେଳାଇଥିବା ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ସହିଦ୍ ନଗର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ପରେ ପୋଲିସ ତନାଘନା ଆରମ୍ଭ କରିଛି ।

## ଚାଷୀଙ୍କ ସମସ୍ୟା ନେଇ ବିଜେଡିର ଗୁରୁତ୍ୱପୂର୍ଣ୍ଣ ବୈଠକ

କଟକ(ଭାସ୍କର ନ୍ୟୁଜ୍): ଚାଷୀଙ୍କ ସମସ୍ୟାକୁ ନେଇ ବିଜେଡିର ଗୁରୁତ୍ୱପୂର୍ଣ୍ଣ ବୈଠକ । ବିଜେଡି କୃଷକ ସାମୁଖ୍ୟର ଆବାହକ ପ୍ରସନ୍ନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଶଙ୍ଖ ଭବନରେ ବସିଛି ବୈଠକ । ବୈଠକରେ ଦଳର ବରିଷ୍ଠ ନେତା, ବିଧାୟକ, ଓ ଜିଲ୍ଲା ସଭାପତି ମାନେ ଯୋଗ ଦେଇଛନ୍ତି । ଚାଷୀ ପଞ୍ଜିକରଣରେ ସମସ୍ୟା, ଧାନର କଟଣି ଛଟଣି, ଚାଷୀଙ୍କୁ ଧାନ ବିକ୍ରିର ବକେୟା ପ୍ରାପ୍ୟ ନ ଦିଆଯିବା, ସାରର ଅଭାବ ଭଳି ଅନେକ ପ୍ରସଙ୍ଗରେ ବୈଠକରେ ଆଲୋଚନା ହେଉଥିବା ସୂଚନା ମିଳିଛି ।

# ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ଦାବି କଲା କଂଗ୍ରେସ



କଟକ(ଭାସ୍କର ନ୍ୟୁଜ୍): ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ଦେବାରେ ବିଜେପି ସରକାର ବିଫଳ ହେଇଥିବା ଅଭିଯୋଗ କରି ଆଜି ଶତାଧିକ କଂଗ୍ରେସ କର୍ମୀ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକଙ୍କ ଅଫିସ୍ ଘେରାଉ କରି ପ୍ରତିବାଦ କରିଛନ୍ତି। ରାଜ୍ୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଦର୍ଶାଇ ବଲଙ୍ଗା ନାବାଳିକା ପୋଡ଼ି ଘଟଣାରେ ତିନି ଅଭିଯୁକ୍ତଙ୍କ ଗିରଫ ଦାବୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଟକ ଡିଜି ଅଫିସ୍ ଘେରାଉ କରାଯାଇଥିଲା । ଏହି ଅବସରରେ କଟକ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ରାଜ୍ୟ କଂଗ୍ରେସର ବରିଷ୍ଠ ନେତା ମାନସ ଚୌଧୁରୀଙ୍କ ନେତୃତ୍ୱରେ କଟକ ଶକ୍ତିନଗର କଂଗ୍ରେସ କାର୍ଯ୍ୟାଳୟରୁ ଶତାଧିକ କଂଗ୍ରେସ କର୍ମୀ ଶୋଭାଯାତ୍ରାରେ ବାହାରି ଡିଜି ଅଫିସ୍ ନିକଟରେ ଧାରଣା ସ୍ଥଳରେ ପହଁଚିଥିଲେ । ଜିଲ୍ଲା କଂଗ୍ରେସ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ ଓ ରାଜେଶ୍ ସ୍ୱାଇଁ, ସଦର କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତ, କଟକ ନଗର (ଜିଲ୍ଲା) କଂଗ୍ରେସ ମୁଖ୍ୟ-ମୁଖପାତ୍ର ମାନସ ପରିଡ଼ା, ନଗର ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ ଓ ଜୟ ନାରାୟଣ ତ୍ରିପାଠୀ, ଜିଲ୍ଲା ସାଧାରଣ ସମ୍ପାଦକ ଉଗ୍ରସେନ ଭୂୟାଁ, କଟକ ନଗର ଯୁବ କଂଗ୍ରେସ ସଭାପତି ଡ଼ ବିପ୍ଳବ ଶିଳାଦିତ୍ୟ, ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଶିବ ଅଗ୍ରୱାଲ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତ୍, ନଗର କଂଗ୍ରେସ ଉପସଭାପତି ଜିତେନ୍ଦ୍ର ଶତପଥୀଙ୍କ ସମେତ ବହୁ ଯୁବଛାତ୍ର କର୍ମୀ ସରକାର ବିରୋଧୀ ସ୍ଲୋଗାନ ଦେବା ସହ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ୨୯ରୁ ଜାତୀୟସ୍ତରୀୟ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିଙ୍କ ସମ୍ମିଳନୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ଅଗଷ୍ଟ ୨୯ ଓ ୩୦ ତାରିଖରେ ଦୁଇଦିନ ଧରି ଓଡିଶାରେ ଜାତୀୟସ୍ତରୀୟ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିଙ୍କ ସମ୍ମିଳନୀ ଭୁବନେଶ୍ୱରରେ ଆୟୋଜିତ ହେବ। ଏସମ୍ପର୍କରେ ସୂଚନା ଦେଇ ଓଡିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି ଯେ ସମ୍ମିଳନୀରେ ଲୋକସଭାର ବାଚସ୍ପତି, ରାଜ୍ୟସଭାର ଉପାଧ୍ୟକ୍ଷ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟି କେନ୍ଦ୍ରୟ ଚେୟାରମ୍ୟାନ, ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଥିବା କମିଟିର ଅଧକ୍ଷ ଓ ସଦସ୍ୟ ମାନେ ଉପସ୍ଥିତ ରହିବେ। ଓଡ଼ିଆ ଅତିଥି ରାଜ୍ୟ ଭାବରେ ଏହାର ଦାୟିତ୍ୱ ନେଇଛି। ଆଜି ଉଦ୍ଘାଟନ ହୋଇଥିବା ନୂଆ ୱେବସାଇଟରେ ପାର୍ଲାମେଣ୍ଟ କମିଟି ଯୋଗ ଦେବାକୁ ଥିବା ସଦସ୍ୟଙ୍କ ନାମ ୱେବସାଇଟରେ ପଞ୍ଜିକରଣ କରିବେ।

## ରାକ୍ଷୀ ପୂର୍ଣ୍ଣିମାରେ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବା: ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମସ୍ତ ଦେଶବାସୀଙ୍କୁ 'ଭୋକାଲ୍ ଫର୍ ଲୋକାଲ୍' ଅଭିଯାନକୁ ସମର୍ଥନ ଦେବା ପାଇଁ ନିବେଦନ କରିଛନ୍ତି । ଶ୍ରୀ ପ୍ରଧାନ 'ଏକ୍ସ'ରେ ଓଡ଼ିଶା ସମେତ ଦେଶବାସୀଙ୍କୁ ରାକ୍ଷୀ ପୂର୍ଣ୍ଣିମାର ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି, ରାକ୍ଷୀ ପୂର୍ଣ୍ଣିମା ସମୟରେ ରାକ୍ଷୀର ପବିତ୍ର ସୂତା ଠାରୁ ଆରମ୍ଭ କରି ଉପହାର ପର୍ଯ୍ୟନ୍ତ ସ୍ୱଦେଶୀ ଉତ୍ପାଦକୁ ପ୍ରାଥମିକତା ଦିଆଯିବା ଉଚିତ । ଏହା କେବଳ ଏକ ପର୍ବ ପାଳନ କରିବାର ସମୟ ନୁହେଁ, ବରଂ ଦେଶରେ ପରିଶ୍ରମୀ କାରିଗର ଏବଂ କ୍ଷୁଦ୍ର ଉଦ୍ୟୋଗୀଙ୍କ ପରିଶ୍ରମକୁ ସମ୍ମାନ ଦେବାର ପ୍ରତିଜ୍ଞା ମଧ୍ୟ। ଯେତେବେଳେ ଆମେ ଆମ ଉତ୍ସବରେ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିଥାନ୍ତି ସେତେବେଳେ ଆମେ ଭାରତୀୟ ପରମ୍ପରାକୁ ସମ୍ମାନ କରିବା ସହିତ 'ଆତ୍ମନିର୍ଭର ଭାରତ' ସ୍ୱପ୍ନକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛୁ ବୋଲି ସେ ମତପ୍ରକାଶ କରିଥିଲେ।

# ରୋଟାରୀ ରୟାଲ୍‌ର ଅଧିଷ୍ଠାନ ଉତ୍ସବ ପାଳିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ରୟାଲ୍‌ର ୨୪ତମ ପ୍ରତିଷ୍ଠା ଦିବସ ଅବସରରେ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରତିଷ୍ଠାତା ସଭାପତି ଦେବବ୍ରତ ପଟ୍ଟନାୟକଙ୍କ ଦ୍ୱାରା କେକ୍ କଟାଯାଇ କ୍ଲବ୍‌ର ଜନ୍ମ ଦିବସ ପାଳନ କରାଯାଇଥିଲା। ପରେ ପରେ ପୂର୍ବବର୍ତ୍ତୀ ସଭାପତି ବିଭୂତି ଭୂଷଣ କର ସମ୍ପାଦକ ଆଶିଷ ପରିଡ଼ା ବ୍ୟାଚନ୍, କଲାର୍ ଓ ଚାର୍ଟର୍ଡ ସାର୍ଟିଫିକେଟ ପ୍ରଦାନ ସହ ପରବର୍ତ୍ତୀ ସଭାପତି ଅର୍ଜୁନ କୁମାର ସାହୁ ଓ ସମ୍ପାଦକ ଦୀପକ୍ ସେହଗଲ୍‌ଙ୍କୁ ସ୍ୱାଗତ ଜଣାଇ ଆନୁଷ୍ଠାନିକ ଭାବେ ଦାୟିତ୍ୱ ହସ୍ତାନ୍ତର କରିଥିଲେ। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ, ବିଧାୟକ ଅଶୋକ ମହାନ୍ତି, ଦୁଷ୍ମନ୍ତ କୁମାର ସ୍ୱାଇଁ ଇତ୍ୟାଦି ଯୋଗଦେଇ ରୋଟାରୀ ସଂଗଠନ ଦ୍ୱାରା କରାଯାଉଥିବା ସମାଜସେବାକୁ ଭୂୟସୀ ପ୍ରଶଂସା କରିଥିଲେ। ଏଥିରେ ରୋଟାରୀ ବର୍ଷ ୨୦୨୪-୨୫ ରେ ସଭାପତି ବିଭୂତି ଭୂଷଣ କରଙ୍କ ନେତୃତ୍ୱରେ କ୍ଲବ୍ ପକ୍ଷରୁ ସମ୍ପାଦିତ ହୋଇଥିବା ୪୦ରୁ ଉର୍ଦ୍ଧ୍ୱ ସେବା ପ୍ରକଳ୍ପକୁ ସମ୍ପାଦକ ଶ୍ରୀ ପରିଡ଼ାଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା। ଆଗାମୀ ଦିନରେ ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ ଓ ପରିବେଶ କ୍ଷେତ୍ରରେ କ୍ଲବ୍ ପକ୍ଷରୁ ବ୍ୟାପକ ସେବା ପ୍ରକଳ୍ପ ହାତକୁ ନିଆଯିବ ବୋଲି ଅଧିଷ୍ଠିତ ସଭାପତି ଅର୍ଜୁନ ସାହୁ ନିଜର ସଂକଳ୍ପ ଘୋଷଣା କରିଥିଲେ । ଏହି ଅବସରରେ ୭ଜଣ ନୂତନ ସଦସ୍ୟ ସଂଘରେ ଯୋଗଦେଇ ଥିଲେ । ବୁଲେଟିନ ସମ୍ପାଦକ ସ୍ମରଣ ଶଙ୍କର ମିଶ୍ରଙ୍କ ଦ୍ୱାରା ସମ୍ପାଦିତ କ୍ଲବ୍‌ର ସ୍ମରଣିକା ଦି ରୟାଲ୍ ଲୋକାର୍ପିତ ହୋଇଥଲା। ପ୍ରାକ୍ତନ ସଭାପତି ସଞ୍ଜୟ ଚୋଧୁରୀ, ପ୍ରସନ୍ନ ଲେଙ୍କା, ସମରେନ୍ଦ୍ର ପରିଜା, ପ୍ରଦୀପ ଦାସ, କ୍ଲବ୍ ସେବା ନିର୍ଦ୍ଦେଶକ ପ୍ରଶାନ୍ତ ସାହୁ ଓ ଦେବ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲାବେଳେ ପ୍ରାକ୍ତନ ପ୍ରାନ୍ତପାଳ ଶିବବ୍ରତ ଦାଶ, ଭବାନୀ ଚୋଧୁରୀ, ରବିନାରାୟଣ ନନ୍ଦ, ଜୟଶ୍ରୀ ମହାନ୍ତି, ନିର୍ବାଚିତ ପ୍ରାନ୍ତପାଳ ଅନିଲ୍ କୁମାର ସାମଲ, ପରବର୍ତ୍ତୀ ପ୍ରାନ୍ତପାଳ ଇନ୍ଦ୍ରଜିତ ସାହୁ ଓ ଦେବାଶିଷ ମିଶ୍ର ପ୍ରମୁଖଙ୍କ ସମେତ କ୍ଲବ୍‌ର ସମସ୍ତ ପ୍ରାକ୍ତନ ସଭାପତି ମାନେ ଯୋଗଦେଇ ଥିଲେ।

## ସ୍ତ୍ରୀର ନିର୍ଯାତନା ଅସହ୍ୟ ହେବାରୁ ସ୍ୱାମୀଙ୍କ ଆତ୍ମହତ୍ୟା ଅଭିଯୋଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ତ୍ରୀର ନିର୍ଯାତନା ଅସହ୍ୟ ହେବାରୁ ତାଙ୍କ ସ୍ୱାମୀ ପଙ୍ଖାରେ ଝୁଲିପଡି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବରିମୁଣ୍ଡ ଗାଁରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକ ଜଣକ ହେଲେ କାହ୍ନୁ ଚରଣ ବାରିକ। ଘଟଣା ସ୍ଥଳରେ ମଞ୍ଚେଶ୍ୱର ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। କାହ୍ନୁ ଦେଢ଼ବର୍ଷ ତଳେ ଧଉଳି ଅଞ୍ଚଳରେ ବିବାହ କରିଥିଲେ।

# ବିଜ୍ଞାନ ମେଳା 'ନବୋନ୍ମେଷ ୯.୦' ଉଦ୍‌ଘାଟିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନବୋନ୍ମେଷ ୯.୦, ଯାହା ହେଉଛି ବ୍ଲସମ୍ସ ସ୍କୁଲର ସମସ୍ତ ଉଦୀୟମାନ ବୈଜ୍ଞାନିକଙ୍କର ସ୍ୱପ୍ନର ଗନ୍ତବ୍ୟସ୍ଥଳୀ। ପ୍ରତିବର୍ଷ ଆୟୋଜିତ ବିଜ୍ଞାନ ମେଳା 'ନବୋନ୍ମେଷ ୯.୦'କୁ ଏହି ବର୍ଷ ଅଗଷ୍ଟ ୮ରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସର ନିର୍ଦ୍ଦେଶକ ଆଦରଣୀୟ ପ୍ରଫେସର ଡ଼ଃ କରୁଣା କର ନନ୍ଦଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରଟି ସ୍କୁଲ ପ୍ରାଙ୍ଗଣରେ ଏକ ପ୍ରମୁଖ ଘଟଣା ଭାବରେ ଉଦ୍‌ଯାପିତ ହୋଇଥିଲା ଯେଉଁଠି ଛାତ୍ରଛାତ୍ରୀମାନେ ତାଙ୍କର ବୈଜ୍ଞାନିକ ପ୍ରତିଭା ଓ ନୂତନ ଧାରଣା ଦେଖାଇଥିଲେ। ଏହି ବିଜ୍ଞାନ ମେଳାର ବିଷୟବସ୍ତୁ ଥିଲା-'ଅବ୍ୟାହତ ବିକାଶ'। ଛାତ୍ରଛାତ୍ରୀମାନେ ୫ଟି ଗୋଷ୍ଠୀରେ ବିଭକ୍ତ ହୋଇଥିଲେ । ପ୍ରତ୍ୟେକ ଗୋଷ୍ଠୀର ଉଦୀୟମାନ ବୈଜ୍ଞାନିକମାନେ ନିଜର ବିଷୟ ଉପରେ ଗଭୀର ଭାବରେ ଆଲୋଚନା କରିଥିଲେ ଓ ଗର୍ବ ସହିତ ତାଙ୍କର ମଡେଲ୍ ପ୍ରଦର୍ଶନ କରିଥିଲେ। ବିଚାରକମାନେ ଥିଲେ ବିଭିନ୍ନ ବିଦ୍ୟାଳୟର ଟିଜିଟି ଓ ପିଜିଟି ବିଜ୍ଞାନ ଶିକ୍ଷକମାନେ, ଯେଉଁମାନେ ଅନେକ ଗୋଷ୍ଠୀର ପ୍ରକଳ୍ପ ଦେଖି ବିଶ୍ଳେଷଣ କରିଥିଲେ ଓ ଛାତ୍ରଛାତ୍ରୀଙ୍କ ନେଇ ସୁନ୍ଦର ମତ ପ୍ରକାଶ କରିଥିଲେ।

## ଯୁକ୍ତ ଦୁଇ କଲେଜରେ କ୍ରୀଡା ପ୍ରତିଯୋଗିତା କରିବେ ରାଜ୍ୟ ସରକାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଲେଜରୁ କ୍ରୀଡ଼ା ପ୍ରତିଭା ଖୋଜିବେ ରାଜ୍ୟ ସରକାର। ରାଜ୍ୟର ସମସ୍ତ ଯୁକ୍ତ ଦୁଇ କଲେଜରେ କ୍ରୀଡା ପ୍ରତିଯୋଗିତା କରିବେ ରାଜ୍ୟ ସରକାର। ଏନେଇ ସମସ୍ତ ଶିକ୍ଷାନୁଷ୍ଠାନ ଅଧକ୍ଷଙ୍କୁ ଚିଠି ଲେଖିଛି ସିଏଚଏସଇ। ୧୯ ବର୍ଷରୁ କମ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରାଯିବ। ୩୫ଟି ପ୍ରତିଯୋଗିତା ଆୟୋଜନ ପାଇଁ ଚିଠି ଜରିଆରେ ନିର୍ଦ୍ଦେଶ ଦିଆଯାଇଛି। ଅକ୍ଟୋବର, ନଭେମ୍ବର, ଡିସେମ୍ବର ୩ ମାସ ଧରି ଚାଲିବ କ୍ରୀଡ଼ା ପ୍ରତିଯୋଗିତା।

# ମେୟରଙ୍କ ଅଧ୍ୟକ୍ଷତାରେ ଗଣେଶ ପୂଜା ଉପଲକ୍ଷେ ପ୍ରସ୍ତୁତି ବୈଠକ



କଟକ(ଭାସ୍କର ନ୍ୟୁଜ୍): ଶୁକ୍ରବାର ଅପରାହ୍ନ ୪ ଘଟିକାରେ ସମୟରେ କଟକ ମହାନଗର ନିଗମ କାଯ୍ୟଳୟ ସ୍ଥିତ ସମିଳନୀ କକ୍ଷରେ ମାନ୍ୟବର କଟକ ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷ ଗଣେଶ ପୂଜା ଶାନ୍ତି ଶୃଙ୍ଖଳା ରେ କିପରି ହୋଇପାରିବ ସେହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସହରର ରାସ୍ତାଘାଟ ମରାମତି, ଆଲୋକୀକରଣ, ପରିମଳ ସଫେଇ ବିଷୟରେ ଆଲୋଚନା ହେବ ସହିତ ସମସ୍ତ ଆୟୋଜକ କମିଟିକୁ ଶବ୍ଦ ପ୍ରଦୂଷଣ, ଡିଜେ ସାଉଣ୍ଡକୁ ୬୫ ଡେସିବଲ ରୁ ଅଧିକ ନରଖିବା, ରାତି ୧୦ ଘଟିକା ପରେ ଡିଜେ, ମାଇକ, ଏବଂ ମେଲୋଡି କାର୍ଯ୍ୟକ୍ରମ କୁ ବନ୍ଦ କରିବା ପାଇଁ ଅନୁରୋଧ କରିବା ସହିତ ଯେପରି କୌଣସି ଆୟୋଜକ କମିଟି ଦ୍ୱାରା ପ୍ରଭୁ ଗଣେଶଙ୍କ ବିକୃତ ମୂର୍ତ୍ତି ଶୋଭା ନପାଇବ ସେଥିପ୍ରତି ଧ୍ୟାନ ଦେବା ପାଇଁ ଏହି ବୈଠକରେ ନିଷ୍ପତି ନିଆଯାଇଥିଲା। ମେଢ ଯିବା ବାଟରେ ଇଣ୍ଟରନେଟ ଓ ଟିଭି କେବୁଲ ତାର ପ୍ରତିବନ୍ଧକ ସୃଷ୍ଟି କରିଥିବାରୁ ସେଗୁଡ଼ିକୁ ଯଥା ସମୟରେ ଅପସାରଣ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ମାନ୍ୟବର ମେୟରଙ୍କୁ ସମସ୍ତ ପୂଜା କମିଟିର ସଭ୍ୟ ସଭ୍ୟା ମାନେ ଅନୁରୋଧ କରିଥିଲେ। ଏହି କ୍ରମରେ ମାନ୍ୟବର କଟକ ମେୟର ଶ୍ରୀ ସିଂହ ମଧ ଇଣ୍ଟରନେଟ ଓ ଟିଭି କେବୁଲ ତାର ପ୍ରତିବନ୍ଧକର ଅବସ୍ଥାକୁ ଦୃଷ୍ଟିଦେଇ ସମ୍ପୃକ୍ତ ବିଭାଗକୁ ତୁରନ୍ତ ଅପସାରଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମାନ୍ୟବର କଟକ ମେୟର ସୁବାସ ସିଂହ ଙ୍କ ସହିତ ପୂର୍ବତନ ମନ୍ତ୍ରୀ ତଥା କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ସି.ଏମ.ସି କମିଶନର କିରଣଦୀପ କୌର ସହୋତା, ଡେପୁଟି କମିଶନର ସୁଶ୍ରୀ ଦମୟନ୍ତୀ ମାଝୀ, କର୍ପୋରେଟର ସୁବାସିସ କୁମାର ପଟ୍ଟନାୟକ, ଅମରେଶ ପଣ୍ଡା, କଟକ ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ ଭିକାରି ଦାସ, ବିଦ୍ୟୁତ ବିଭାଗ ର ସମସ୍ତ ଅଧିକାରି, ବହୁ ଆୟୋଜକ କମିଟିର ସଭାପତି ଓ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ ।



ନିଷ୍ଠାଥିଲେ ସକରାତ୍ମକ ଫଳ ମିଳେ |୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ମନ୍ଦିର ବିକାଶ କାର୍ଯ୍ୟର ଭୂମିପୂଜା |୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୩୦ Vol. 22 No-130 9 AUGUST 2025 SATURDAY, BHUBANESWAR ଶନିବାର, ୯ ଅଗଷ୍ଟ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ପୁଟିନଙ୍କ ସହ କଥା ହେଲେ ମୋଦୀ

# ଦ୍ୱିପାକ୍ଷିକ କାର୍ଯ୍ୟସୂଚୀ ଅଗ୍ରଗତି ସମୀକ୍ଷା



ନୂଆଦିଲ୍ଲୀ,୮।୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ କଥା ହୋଇଛନ୍ତି। ଆଲୋଚନା ସମୟରେ ରୁଷ ରାଷ୍ଟ୍ରପତି ପୁଟିନ ୟୁକ୍ରେନ ସହ ଜଡ଼ିତ ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ମୋଦୀଙ୍କୁ ଅବଗତ କରାଇଥିଲେ। ପ୍ରଧାନମନ୍ତ୍ରୀ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଭାରତର ଦୃଷ୍ଟିକୋଣକୁ ଦୋହରାଇଥିଲେ। ଉଭୟ ନେତା ଆଲୋଚନା ସମୟରେ ରୁଷ-ୟୁକ୍ରେନ ଯୁଦ୍ଧ, ପାରସ୍ପରିକ ସଂପର୍କ ଓ ଭବିଷ୍ୟତ ଯୋଜନା ସଂପର୍କରେ ଆଲୋଚନା କରିଥିଲେ। ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ପୁଟିନଙ୍କୁ ଚଳିତବର୍ଷ ଶେଷରେ ବାର୍ଷିକ ଦ୍ୱିପାକ୍ଷିକ ଶିଖର ସମ୍ମିଳନୀ ପାଇଁ ଭାରତ ଆସିବାକୁ ନିମନ୍ତ୍ରଣ କରିଥିଲେ। ପରେ ମୋଦୀ ଏହି ଆଲୋଚନା ନେଇ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପୋଷ୍ଟକରି କହିଛନ୍ତି ଯେ ମୋର ବନ୍ଧୁ ରାଷ୍ଟ୍ରପତି ପୁଟିନଙ୍କ ସହ ମୋର ବହୁତ ଭଲ ସମ୍ପର୍କ ଏବଂ ଉଭୟଙ୍କ ମଧ୍ୟରେ ଦୀର୍ଘ ସମୟଧରି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଆମେ ଆମର ଦ୍ୱିପାକ୍ଷିକ କାର୍ଯ୍ୟସୂଚୀର ଅଗ୍ରଗତି ସମୀକ୍ଷା କରିଛୁ ଏବଂ ଭାରତ-ରୁଷ ସ୍ୱତନ୍ତ୍ର ଏବଂ ସୁବିଧାପ୍ରାପ୍ତ ରଣନୀତିକ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦୋହରାଇଛୁ। ମୁଁ ଏହିବର୍ଷ ଶେଷରେ ରାଷ୍ଟ୍ରପତି ପୁଟିନଙ୍କୁ ଭାରତରେ ଆତିଥ୍ୟ ଦେବାପାଇଁ ଅପେକ୍ଷା କରିଛି। ମୋଦୀ ଏବଂ ପୁଟିନଙ୍କ ମଧ୍ୟରେ ● ପୃଷ୍ଠା ୫ ଦେଖନ୍ତୁ

## କେନ୍ଦ୍ର କ୍ୟାବିନେଟ୍ ବୈଠକରେ ୫ ପ୍ରସ୍ତାବ ପାରିତ

# ପୂର୍ବାଞ୍ଚଳ ବିକାଶ ଉପରେ ଗୁରୁତ୍ୱ

### ଏଲ୍‌ପିଜି ସିଲିଣ୍ଡର ପାଇଁ ୩୦ ହଜାର କୋଟି

### ଉଜ୍ଜ୍ୱଳା ପାଇଁ ୧୨୦୬୦ କୋଟି ଅନୁମୋଦିତ

### ଆସାମ, ତ୍ରିପୁରା ପାଇଁ ୪୨୫୦, ସଡ଼କ ବିକାଶ ପାଇଁ ୨୧୫୭ କୋଟି



ନୂଆଦିଲ୍ଲୀ,୮।୮: ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇ ୫ଟି ପ୍ରସ୍ତାବ ଉପରେ ମୋହର ବାଜିଛି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ପାଇଁ କ୍ୟାବିନେଟ୍ ୧୨୦୬୦ କୋଟି ଟଙ୍କା ଅନୁମୋଦନ କରିଛି। ୨୦୧୬ ମସିହାରେ ଆରମ୍ଭ ହୋଇଥିବା ଏହି ଯୋଜନା ଅଧୀନରେ ୧୦୦କୋଟିରୁ ଅଧିକ ହିତାଧିକାରୀଙ୍କୁ ସାଧାରଣ ଗ୍ରାହକଙ୍କ ତୁଳନାରେ ୩୦୦ଟଙ୍କା ଶସ୍ତାରେ ଏଲପିଜି ସିଲିଣ୍ଡର ଯୋଗାଇ ଦିଆଯାଉଛି। ଦିଲ୍ଲୀରେ ଜଣେ ସାଧାରଣ ଗ୍ରାହକଙ୍କ ପାଇଁ ୧୪.୨ କେଜି ଘରୋଇ ଗ୍ୟାସ ସିଲିଣ୍ଡରର ମୂଲ୍ୟ ୮୫୩ଟଙ୍କା ରହିଥିବାବେଳେ ଉଜ୍ଜ୍ୱଳା ଯୋଜନାରେ ହିତାଧିକାରୀଙ୍କୁ ୩୦୦ଟଙ୍କା ସବ୍‌ସିଡି ସହ ୫୫୩ ଟଙ୍କାରେ ଏଲପିଜି ସିଲିଣ୍ଡର ଯୋଗାଇ ଦିଆଯାଉଛି। ଗତ ମେ ୧ ତାରିଖରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାକୁ ୯ ବର୍ଷ ପୁରିଛି। ଏହାଫଳରେ ୧୦ କୋଟି ୩୩ଲକ୍ଷ ଉଜ୍ଜ୍ୱଳା ହିତାଧିକାରୀ ଉପକୃତ ହେବେ ବୋଲି କୁହାଯାଉଛି। କ୍ୟାବିନେଟ୍ ବୈଠକ ସଂପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ସରକାର ଅଣ୍ଡର ● ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ମୃତ ହୋମଗାର୍ଡ ପ୍ରାର୍ଥୀଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

ଭୁବନେଶ୍ୱର,୮।୮(ଭାସ୍କର ନ୍ୟୁଜ): ଖୋର୍ଦ୍ଧାରେ ହୋମ୍ ଗାର୍ଡ ନିଯୁକ୍ତି ପାଇଁ ପରୀକ୍ଷା ଚାଲିଥିବା ସମୟରେ ପରୀକ୍ଷାର୍ଥୀ ଅମାଦୁଲା ହକ୍ ଖାନଙ୍କ ଦେହାନ୍ତ ବିଷୟରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୪ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

### ଭୁବନେଶ୍ୱର ଏମ୍ସରେ ସିବିଆଇ ଚଢାଉ

ଭୁବନେଶ୍ୱର, ୮।୮(ଭାସ୍କର ନ୍ୟୁଜ): ନିଯୁକ୍ତି ଦୁର୍ନୀତି ଅଭିଯୋଗ ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶୁକ୍ରବାର ଏମ୍ସ ଭୁବନେଶ୍ୱର ସମେତ ରାଜଧାନୀ ଭୁବନେଶ୍ୱରର ଏକାଧିକ ସ୍ଥାନରେ ଚଢ଼ଉ କରିଛି। ସିବିଆଇର ଏକାଧିକ ଟିମ୍ ଏମ୍ସ ଭୁବନେଶ୍ୱର ସମେତ ଅନ୍ୟ ସ୍ଥାନରେ ଚଢ଼ଉ ଜାରି ରଖିଥିବା ଜଣାଯାଇଛି। ସିବିଆଇର ଏହି ଚଢ଼ଉ ଅଭିଯାନରେ ଭୁବନେଶ୍ୱରର କଳ୍ପନା ଅଞ୍ଚଳ ଓ ଜଗତସିଂହପୁର ଜିଲ୍ଲା ମଧ୍ୟ ସାମିଲ ରହିଛି। ଏହି ଚଢ଼ଉ ସମୟରେ ସିବିଆଇ ଟିମ୍‌କୁ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ହସ୍ତଗତ ହୋଇଥିବା ଜଣାଯାଇଛି।


### ୪ ହାତୀଦାନ୍ତ ଜବତ, ୫ ଗିରଫ

କେନ୍ଦୁଝର,୮।୮(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ବାଂଶପାଳ ବିଜେପି ରେଞ୍ଜର ବାଲିବେଢାରେ ୪ଟି ହାତୀଦାନ୍ତ ବିକ୍ରି ପାଇଁ ଡିଲ୍ ଚାଲିଥିବାବେଳେ ବନ ବିଭାଗ ହାତୀଦାନ୍ତ ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଛି। ଏହି ହାତୀଦାନ୍ତର ଓଜନ ୫ କେଜି ବୋଲି କୁହାଯାଉଛି।

ସେନ୍‌ସେକ୍ସ: ୭୯,୮୫୭.୭୯
ସର୍ବାଧିକ: ୩୪.୪ ଡିଗ୍ରୀ
ସର୍ବନିମ୍ନ: ୨୬.୪ ଡିଗ୍ରୀ

### ୮।୮।୨୦୨୫ ର ମତାମତ

ଟ୍ରମ୍ପଙ୍କ ଉପରେ ଟାରିଫ ବୃଦ୍ଧି ଏକ ବୁମେରାଂ ହେବ କି?




### ଆଜିର ପ୍ରସଙ୍ଗ

ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ବଜାୟ ରଖିବାକୁ ସରକାର ପଦକ୍ଷେପ ନେବା ଉଚିତ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ପଟ୍ଟାମୁଣ୍ଡାଇ ଛାତ୍ରୀ ପୋଡ଼ି ମାମଲାର ନୂଆ ମୋଡ଼

# ସନ୍ଦେହ ବଢାଉଛି ଅଭିଯୁକ୍ତ ଯୁବକଙ୍କ ବାପା-ମାଆଙ୍କ ବୟାନ

ପଟ୍ଟାମୁଣ୍ଡାଇ,୮।୮(ଭାସ୍କର ନ୍ୟୁଜ): ବହୁ ଚର୍ଚ୍ଚିତ ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମଦାହ ଘଟଣାର ରହସ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପାରିପାର୍ଶ୍ୱିକ ପରିସ୍ଥିତି ଯୋଜନାବଦ୍ଧ ହତ୍ୟା ଆଡକୁ ଇଙ୍ଗିତ କରୁଛି। ବନ୍ଦ ଘରେ ଛାତ୍ରୀଙ୍କୁ ବାନ୍ଧିଲା କିଏ? ପେଟ୍ରୋଲ ଆଣି ଦେଲା କିଏ? ଓ ନିଆଁ ଲଗାଇଲା କିଏ? ଏସବୁ ଅସମାହିତ ପ୍ରଶ୍ନ ଉପରୁ ପୋଲିସ ପରଦା ହଟାଇବା ଜରୁରି ହୋଇପଡ଼ିଛି। କୁହାଯାଉଛି, ଜଳି ଯାଇଥିବା ଛାତ୍ରୀଙ୍କ ପେଟକୁ ପଛପଟ ଗ୍ରିଲରେ ଏକ କେବୁଲ ତାରରେ ବାନ୍ଧି ଦିଆଯାଇଥିଲା। ମୃତ ଦେହର କିଛି ଦୂରରେ ଅଧା ପେଟ୍ରୋଲ ଭର୍ତ୍ତି ଛୋଟିଆ ପ୍ଲାଷ୍ଟିକ ବୋତଲ ଥିଲା, ଯାହାକୁ ପୋଲିସ ଜବତ କରିଛି। ବୋତଲ ନିକଟରେ ଏକ ଦିଆସିଲି ମଧ୍ୟ ରଖାଯାଇଥିଲା। ଛାତ୍ରୀଙ୍କ ପିନ୍ଧା ପୋଷାକ ସଂପୂର୍ଣ୍ଣ ପୋଡ଼ି ଯାଇଥିବାବେଳେ ଶରୀରର ୨୦ରୁ ୩୦ ପ୍ରତିଶତ ଜଳି ଯାଇଥିଲା। ଛାତ ଶିଡି ପାହାଚରେ ବସିଥିବା ଅବସ୍ଥାରେ ଛାତ୍ରୀଙ୍କର ମୃତ୍ୟୁ ହୋଇଥିଲା। ଏଭଳି ପାରିପାର୍ଶ୍ୱିକ ସ୍ଥିତି ଅନେକ କିଛି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଯାହାକୁ ସ୍ଥାନୀୟ ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ସେମାନେ କହୁଛନ୍ତି ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ। ମୃତ ଛାତ୍ରୀଙ୍କ ପରିବାରର ଅଭିଯୋଗ ଆଧାରରେ ପୁରୁଷ ବନ୍ଧୁ ପ୍ରମୋଦ ବେହେରାକୁ ଚେନ୍ନାଇରୁ ଗିରଫ କରିଛି ପୋଲିସ। ତେବେ ଯୁବକଙ୍କ ବାପା-ମାଆ ସାଂଘାତିକ ଅଭିଯୋଗ ଆଣି କହିଛନ୍ତି ଯେ ଝିଅର ପରିବାର ତାକୁ ମାରି ପ୍ରମୋଦଙ୍କ ● ପୃଷ୍ଠା ୫ ଦେଖନ୍ତୁ

## ଆୟକର ବିଲ୍-୨୦୨୫ ପ୍ରତ୍ୟାହୃତ

# ୧୧ରେ ଆଗତ ହେବ ନୂଆ ବିଧେୟକ



ନୂଆଦିଲ୍ଲୀ,୮।୮: କେନ୍ଦ୍ର ସରକାର ଆୟକର ବିଲ୍-୨୦୨୫କୁ ପ୍ରତ୍ୟାହାର କରି ନେଇଛନ୍ତି। ୨୦୨୫ ଫେବୃଆରୀ ୧୩ ତାରିଖରେ ଲୋକସଭାରେ ୬ ଦଶନ୍ଧିର ପୁରୁଣା ଆୟକର ଆଇନ ୧୯୬୧ର ସ୍ଥାନ ନେବାପାଇଁ ଏହି ନୂଆ ବିଲ୍‌କୁ ଆଗତ କରାଯାଇଥିଲା। ବିଜେପି ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ ସିଲେକ୍ଟ କମିଟି ଦ୍ୱାରା କରାଯାଇଥିବା ଅଧିକାଂଶ ସୁପାରିସକୁ ସାମିଲ କରି ନୂତନ ଆୟକର ବିଲ୍‌କୁ ଆସନ୍ତା ୧୧ ତାରିଖରେ ଆଗତ କରାଯିବ। ଫେବୃଆରୀରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ସଂସଦରେ ଉପସ୍ଥାପିତ ଆୟକର ବିଲ୍-୨୦୨୫କୁ ୬୦ବର୍ଷରୁ ଅଧିକ ସମୟ ମଧ୍ୟରେ ଭାରତର ପ୍ରତ୍ୟକ୍ଷ ଟିକସ ଆଇନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ବୋଲି କୁହାଯାଉଥିଲା। ଉଦ୍ଦେଶ୍ୟ ଥିଲା ୨୯୮ ଧାରାର ଆୟକର ଆଇନ-୧୯୬୧କୁ ସରଳ ଭାଷାରେ ଲିଖିତ ଏକ ଆଧୁନିକ, କରଦାତା-ଅନୁକୂଳ ଆଇନରେ ପରିଣତ କରିବ। ଯାହା ବର୍ତ୍ତମାନର ଆଇନ ଅପେକ୍ଷା ପ୍ରାୟ ୫୦ ପ୍ରତିଶତ ଛୋଟ। ଲୋକସଭାରେ ଆଗତ ହେବାପରେ ● ପୃଷ୍ଠା ୫ ଦେଖନ୍ତୁ

# ଆଜି ୧ କୋଟି ହିତାଧିକାରୀଙ୍କୁ ସୁଭଦ୍ରା ସହାୟତା



ଭୁବନେଶ୍ୱର,୮।୮(ଭାସ୍କର ନ୍ୟୁଜ): ରାକ୍ଷୀ ପୂର୍ଣ୍ଣମୀରେ ସରକାରଙ୍କ ବଡ଼ ଭେଟି। ଶନିବାର ପ୍ରଦାନ କରାଯିବ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜୟପୁରରେ ଏହି ଯୋଜନାର ହିତାଧିକାରୀଙ୍କୁ ତୃତୀୟ କିସ୍ତି ପ୍ରଦାନ କରିବେ। ଏ ନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ କହିଛନ୍ତି, ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏହି ସହାୟତା ରାଶି ଯୋଗାଇ ଦିଆଯିବ। ଏହା ପୂର୍ବରୁ ଏହି ଯୋଜନାରେ ଉପୁଜିଥିବା ସମସ୍ୟାର ସମୀକ୍ଷା କରିବାକୁ କୋଟିଆରେ ପହଞ୍ଚିଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା। ସେ କହିଛନ୍ତି, ଆମେ କୋଟିଆରେ ଘରେ ଘରେ ସୁଭଦ୍ରା ସହାୟତା ଦେବାପାଇଁ ଘୋଷଣା କରିଥିଲୁ। ଏବେ ତା'ର ସମୀକ୍ଷା ଶେଷ ହୋଇଛି। ସେଠାରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରର ଦିଦିମାନଙ୍କ ସହ ସେ ଆଲୋଚନା କରିଥିବା ପ୍ରକାଶ କରି କହିଥିଲେ ଯେ ଯେଉଁମାନଙ୍କ ଘରେ ସୁଭଦ୍ରା ପହଞ୍ଚିବାରେ ଅସୁବିଧା ହୋଇଛି ସେ ସବୁ ସମସ୍ୟା ଦୂର କରାଯିବ। ତେବେ ଯେଉଁ ହିତାଧିକାରୀମାନେ ପ୍ରଥମ ଦୁଇଟି କିସ୍ତିରେ ଟଙ୍କା ପାଇନାହାନ୍ତି, ସେମାନଙ୍କୁ ମଧ୍ୟ ଟଙ୍କା ପ୍ରଦାନ ପାଇଁ ଖୁବ୍‌ଶୀଘ୍ର ପ୍ରକ୍ରିୟା ଆରମ୍ଭ କରାଯିବ। ପ୍ରାୟ ୧ଲକ୍ଷ ୮୮ ହଜାର ମହିଳା ଏପର୍ଯ୍ୟନ୍ତ ସୁଭଦ୍ରା ସହାୟତା ପାଇନାହାନ୍ତି। ତୃତୀୟ କିସ୍ତି ଟଙ୍କା ପ୍ରଦାନ ପରେ ଏ ନେଇ ସମୀକ୍ଷା କରାଯିବ ବୋଲି ସେ କହିଥିଲେ।

## ଶ୍ରାବଣରେ କଲବଲ କରୁଛି ତାତି

# ଗରମ, ଗୁଳୁଗୁଳିରେ ଜନଜୀବନ ନାକେଦମ୍

### ମୌସୁମୀ ଦୁର୍ବଳ ପରେ ଘାରୁଛି ଚିନ୍ତା

### ପୁଣି ଏକ ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ ସୃଷ୍ଟି ସମ୍ଭାବନା

### ୧୨ରୁ ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା


ଭୁବନେଶ୍ୱର,୮।୮(ଭାସ୍କର ନ୍ୟୁଜ): ଶ୍ରାବଣରେ କଲବଲ କରୁଛି ତାତି। ୩୭ ଡିଗ୍ରୀ ଉପରେ ରହୁଛି ପାରଦ। ଅସ୍ୱାଭାବିକ ଗରମ ଓ ଗୁଳୁଗୁଳି ଜନଜୀବନକୁ ନାକେଦମ କରୁଛି। ଇତିମଧ୍ୟରେ ବର୍ଷାର ପ୍ରକୋପ ବି ହ୍ରାସ ପାଇଛି। ତେବେ ଆଶ୍ୱସ୍ତିର ଖବର ହେଉଛି ଆଉ ଏକ ଲଘୁଚାପ ଆସୁଛି ଯାହା ଆସନ୍ତା ୧୩ ତାରିଖ ବେଳକୁ ଓଡ଼ିଶା ଉପକୂଳରେ ଦାନା ବାନ୍ଧିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟରେ ଭଲ ବର୍ଷା ହେବ ବୋଲି କୁହାଯାଉଛି। ୨୦ ତାରିଖ ବେଳକୁ ପୁଣି ଏକ ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଥିବା ଭୁବନେଶ୍ୱର ପାଣିପାଗ ବିଭାଗ ସୂଚନା ଦେଇଛି। ରାଜ୍ୟରେ ବର୍ତ୍ତମାନ କାଁ ଭାଁ ବର୍ଷା ହେଉଛି। ତାତିରେ ବୃଦ୍ଧି ଘଟିଛି। ଅଚାନକ ବର୍ଷା ହେଉଛି, ପୁଣି ଛାଡ଼ି ଯାଉଛି। ବାତାବରଣ ଥଣ୍ଡା ପଡ଼ୁନି। ପାରଳାଖେମୁଣ୍ଡିରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ବୌଦ୍ଧରେ ୩୬.୮, ଟିଟିଲାଗଡ଼ରେ ୩୬.୫, ପୁରୀରେ ୩୫.୩, ସମ୍ବଲପୁରରେ ୩୫.୨, ଛତ୍ରପୁରରେ ୩୫, ଭୁବନେଶ୍ୱରରେ ୩୪.୪ ଓ ହୀରାକୁଦରେ ୩୪.୧ ଡିଗ୍ରୀ ରେକର୍ଡ ହୋଇଛି। ଅଧିକାଂଶ ସ୍ଥାନରେ ପାରଦ ୩୩ ଡିଗ୍ରୀ ଉପରେ ରହିଥିଲା। ଶୁକ୍ରବାର ସକାଳେ ଆର୍ଦ୍ରତା ପରିମାଣ ୮୦-୯୦ ପ୍ରତିଶତ ରହୁଥିବାବେଳେ ଅପରାହ୍ନରେ ୭୦ରୁ ୯୦ ପ୍ରତିଶତ ଭିତରେ ରହୁଛି। ଅନୁଗୋଳ, ଛତ୍ରପୁର, ବଲାଙ୍ଗୀର, ଖୋର୍ଦ୍ଧା, ହୀରାକୁଦ ଓ ଟିଟିଲାଗଡ଼ ସମେତ ବିଭିନ୍ନ ସ୍ଥାନରେ ହାଲୁକା ବର୍ଷା ହୋଇଥିବାବେଳେ ବଡ଼ ବର୍ଷାର ଦେଖାନାହିଁ । ଏପରିକି ଅନେକ ସ୍ଥାନରେ ସପ୍ତାହେ ଧରି ବର୍ଷା ହେଉନାହିଁ । ବିଜୁଳି ଘଡ଼ଘଡ଼ି ମାରୁଛି କିନ୍ତୁ ବର୍ଷାର ଦେଖା ନାହିଁ । ବାୟୁମଣ୍ଡଳରେ ● ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଟ୍ରମ୍ପ ଅଟେ ଗୋଟେ ପଗଳା ମଣିଷ
କହିଲେଣି ଏବେ ସମସ୍ତେ,
ଯେଉଁ ପଗଳାକୁ ଆମେ କହୁଥିଲେ
ନମସ୍ତେ, ନମସ୍ତେ, ନମସ୍ତେ ।





ଓଡ଼ିଶା ଭାସ୍କର
ସମ୍ପାଦକୀୟ



ତୁମେ ଭଗବାନଙ୍କୁ ସେପର୍ଯ୍ୟନ୍ତ ବିଶ୍ୱାସ କରିପାରିବ ନାହିଁ,
ଯେପର୍ଯ୍ୟନ୍ତ ତୁମେ ନିଜେ ନିଜକୁ ବିଶ୍ୱାସ ନକରିଛ।

-ସ୍ୱାମୀ ବିବେକାନନ୍ଦ



କାହିଁରୁ ମୁଁ ଥିଲି ଆସି କାଳ -ସ୍ରୋତେ ଭାସି
ଶୂନ୍ୟହସ୍ତେ ପୁଣି ଯିବି କାହିଁ ?
କୁଟୁମ୍ବାଦି ବନ୍ଧୁ ବିତ୍ତ ଧରମ ବ୍ୟତୀତ
ମୋ' ସାଙ୍ଗେ କେହି ତ' ଯିବେ ନାହିଁ ।

- ଖଗେଶ୍ୱର ସେଠ୍



## ଅର୍ଥନୀତିରେ ମାନ୍ଦାବସ୍ଥା ଆଶଙ୍କା

# ସର୍ବାଧିକ ପ୍ରଭାବିତ ହେବ ଆମେରିକା

ବିଶ୍ୱର ସବୁଠାରୁ ସମୃଦ୍ଧ ଓ ଧନଶାଳୀ ଦେଶ ଆମେରିକାର ସର୍ବୋଚ୍ଚ ରାଷ୍ଟ୍ରନାୟକ ଡୋନାଲ୍ଡ ଟ୍ରମ୍ପଙ୍କ ଗୋଟିଏ ପରେ ଗୋଟିଏ ବିବାଦୀୟ ପଦକ୍ଷେପ ଫଳରେ ସାରା ଦୁନିଆ ଏବେ ତ୍ରାହିତ୍ରାହି ଡାକ ଛାଡୁଥିବାବେଳେ ବାଣିଜ୍ୟ ଓ ଅର୍ଥନୀତି ଗୁରୁତର ଭାବରେ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି। ଭାରତ ସମେତ ବିଭିନ୍ନ ରାଷ୍ଟ୍ରରୁ ସାମଗ୍ରୀ ଆମଦାନି ଉପରେ ଟ୍ରମ୍ପ୍ ଅତ୍ୟଧିକ ଶୁଳ୍କ (ଟାରିଫ୍) ଲାଗୁ କରି ଚହଳ ସୃଷ୍ଟି କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଧାର୍ଯ୍ୟ ସହ ଅତିରିକ୍ତ ଜୋରିମାନା ଆଦାୟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରତିଦ୍ୱନ୍ଦ୍ୱୀ ରୁଷରୁ ଆମ ଦେଶ ଅଶୋଧିତ ତୈଳ ଆମଦାନି କରିବା ଏକ ଅପରାଧ ବୋଲି ବିଚାର କରି ଟ୍ରମ୍ପ୍ ଅତିରିକ୍ତ ଜୋରିମାନା ଆଦାୟ ପାଇଁ ଘୋଷଣା କରିଥିଲେ। ମାତ୍ର ଟ୍ରମ୍ପଙ୍କ ଧମକରେ ଭୟଭୀତ ନହୋଇ ଭାରତ ରୁଷରୁ ତୈଳ ଆମଦାନୀ ଅବ୍ୟାହତ ରଖିବାରୁ କ୍ରୋଧାନ୍ୱିତ ହୋଇ ସେ ଦୁଇଦିନ ପୂର୍ବେ ଆଉ ୨୫ ପ୍ରତିଶତ ଏଭଳି ମୋଟ ୫୦ ପ୍ରତିଶତ ଶୁଳ୍କ ଧାର୍ଯ୍ୟ ବିଷୟ ଘୋଷଣା କରିଛନ୍ତି। କେବଳ ଭାରତ ନୁହେଁ, ଅନେକ ଦେଶ ଉପରେ ଆମେରିକା ଏବେ ଶୁଳ୍କ ବୋଝ ଲଦିଦେଇଛି, ଯାହା ବିଶ୍ୱବ୍ୟାପୀ ଏକ ଚର୍ଚ୍ଚିତ ପ୍ରସଂଗ ହୋଇଛି। ଅର୍ଥନୀତି ବିଶାରଦଙ୍କ ମତରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱାରା ଧାର୍ଯ୍ୟ ଶୁଳ୍କ(ଟାରିଫ୍) ବିଗତ ଶହେ ବର୍ଷ ମଧ୍ୟରେ ସର୍ବାଧିକ ଏବଂ ଏହି ନିଷ୍ପତ୍ତି ଯୋଗୁଁ ଆଗକୁ ବିଶ୍ୱ ଅର୍ଥ ବ୍ୟବସ୍ଥାରେ ଏକ ବଡଧରଣର ମାନ୍ଦାବସ୍ଥା ମୁଣ୍ଡ ଟେକିବାକୁ ଯାଉଛି। ତେବେ ସବୁଠାରୁ ବଡକଥା ହେଉଛି ଟ୍ରମ୍ପଙ୍କ ଏହି ମାରାତ୍ମକ ପଦକ୍ଷେପ ଅନ୍ୟ ଦେଶର ବାଣିଜ୍ୟ ଓ ଅର୍ଥନୀତିକୁ ଯେତିକି କ୍ଷତିଗ୍ରସ୍ତ କରିବ, ତା' ଠାରୁ ଅଧିକ ନିଜ ଦେଶର ଅର୍ଥନୀତିକୁ କ୍ଷତିଗ୍ରସ୍ତ କରିବାର ସମ୍ଭାବନା ଦେଖାଦେଇଛି। ବର୍ଦ୍ଧିତ ଟାରିଫ୍ ଧାର୍ଯ୍ୟ ଦ୍ୱାରା ଆମେରିକା ବଜାରକୁ ଭୀଷଣ କ୍ଷତି ସହିବାକୁ ପଡିପାରେ ଏବଂ ପ୍ରତି ଆମେରିକା ପରିବାରକୁ ପ୍ରତିବର୍ଷ ଦୁଇଲକ୍ଷ ଟଙ୍କା ଅତିରିକ୍ତ ଖର୍ଚ୍ଚ ବହନ କରିବାକୁ ପଡିବ। ଆର୍ଥିକ ମାନ୍ଦାବସ୍ଥାର ପ୍ରତିକୂଳ ପ୍ରଭାବ ସବୁଠାରୁ ଅଧିକ ଆମେରିକା ଉପରେ ପଡିବ ଏବଂ ଏହା ପଛକୁ ଚୀନ୍, ଭାରତ, କାନାଡା, ଇଟାଲୀ ଓ ଆୟାର୍ଲାଣ୍ଡ ମଧ୍ୟ ଏହା ଦ୍ୱାରା ଊଣା ଅଧିକେ ପ୍ରଭାବିତ ହେବେ। ଆମେରିକୀୟ ଲୋକେ ପୂର୍ବରୁ ଯେଉଁ ବିଦେଶୀ ସାମଗ୍ରୀକୁ ୧୦୦ ଡଲାରରେ କିଣୁଥିଲେ, ଟାରିଫ୍ ଧାର୍ଯ୍ୟ ଯୋଗୁଁ ତାହାକୁ ଏବେ ୧୧୮.୩ ଡଲାରରେ କିଣିବାକୁ ପଡିବ। ସେହିପରି ବର୍ଦ୍ଧିତ ଟାରିଫ ଧାର୍ଯ୍ୟ ଫଳରେ ଆମେରିକାର ଜିଡିପି ୦.୫ ପ୍ରତିଶତକୁ ଖସିବାର ସମ୍ଭାବନା ରହିଛି। ଆମେରିକାର ୨୮ ଟ୍ରିଲିୟନ୍ ଡଲାର ଅର୍ଥନୀତିକୁ ବାର୍ଷିକ ୧୪୦ ବିଲିୟନ ଡଲାର କ୍ଷତି ସହିବାକୁ ପଡିବ, ଯାହାର ମୂଲ୍ୟ ଭାରତୀୟ ମୁଦ୍ରାରେ ୧୧.୬ ଲକ୍ଷ କୋଟି ଟଙ୍କା ବୋଲି ଜଣାପଡିଛି। ମୋଟାମୋଟି ଭାବରେ ଟାରିଫ୍ ଧାର୍ଯ୍ୟ ଦ୍ୱାରା ଦେଶର ଅର୍ଥ ବ୍ୟବସ୍ଥା ମଜବୁତ ହେବ ବୋଲି ମିଥ୍ୟା ପ୍ରତିଶ୍ରୁତି ଦେଇ ରାଷ୍ଟ୍ରପତି ଟ୍ରମ୍ପ୍ ଆମେରିକାବାସୀଙ୍କୁ ଭୁଆଁ ବୁଲାଉଥିବାବେଳେ ବାସ୍ତବ କ୍ଷେତ୍ରରେ ଏହାଦ୍ୱାରା ଦରଦାମ ହୁହୁ ହୋଇ ବଢ଼ିବା ସଂଗେସଂଗେ ନିଯୁକ୍ତି ସୁଯୋଗ ହ୍ରାସ ପାଇବ। ଆମ ଓଡ଼ିଆରେ ଏକ ଉକ୍ତି ରହିଛି, 'ଆ' ବଳଦ ମୋତେ ବିନ୍ଧ', ଯାହା ଟ୍ରମ୍ପଙ୍କ ଆତ୍ମଘାତୀ ପଦକ୍ଷେପ କ୍ଷେତ୍ରରେ ସଂପୂର୍ଣ୍ଣ ପ୍ରଯୁଜ୍ୟ। ଏଭଳି ଜଣେ ଅସ୍ଥିରତା ସୃଷ୍ଟିକାରୀ ରାଷ୍ଟ୍ରପତିଙ୍କ ଅବିବେକୀ ଓ ଦୁଃସାହସିକ ପଦକ୍ଷେପ ଯୋଗୁଁ ଆଗାମୀ ଦିନରେ ଆମେରିକାକୁ ଯଥେଷ୍ଟ ମୂଲ୍ୟ ଦେବାକୁ ପଡିବ, ଏଥିରେ ସନ୍ଦେହ ନାହିଁ।

# ସଂଗ୍ରାମୀ ଓ ସୁଲେଖିକା ସରଳା ଦେବୀଙ୍କ ସ୍ମରଣେ



ପ୍ରଦୋଷ ପଟ୍ଟନାୟକ
ଭୁବନେଶ୍ୱର,ମୋ-୯୮୬୧୦୨୬୬୪୦

ଓଡ଼ିଶାର ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରିଣୀ ଏକ ପ୍ରଜ୍ଞାଦୀପ୍ତ ବ୍ୟକ୍ତିତ୍ୱ। ଓଡ଼ିଶାରେ ନାରୀ ଜାଗରଣର ସେ ଥିଲେ ଆଦ୍ୟ ପୁରୋଧା। ଏକ ଆଭିଜାତ୍ୟସମ୍ପନ୍ନ ପରିବାରର କନ୍ୟା ସରଳା ଖୁବ୍ କମ୍ ବୟସରେ ମହତ୍ମା ଗାନ୍ଧିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜାତୀୟ ଆନ୍ଦୋଳନରେ ଝାସ ଦେବା ସହ ଏକାଧିକବାର କାରାବରଣ କରିଥିଲେ। ୧୯୦୪ ମସିହା ଅଗଷ୍ଟ ୯ ତାରିଖରେ ଜଗତସିଂହପୁର ଜିଲ୍ଲାର ବାଲିକୁଦା ଠାରେ ଜନ୍ମିତ ସରଳା ବାଙ୍କୀରେ ଡେପୁଟି କଲେକ୍ଟର ରୂପେ କାର୍ଯ୍ୟରତ ନିଜର ବଡ଼ବାପାଙ୍କ ପାଖରେ ରହି ବାଲ୍ୟଶିକ୍ଷା ଗ୍ରହଣ କରିଥିଲେ। ସେହି ମାଟିର ବୀରାଙ୍ଗନା ରାଣୀ ଶୁକ ଦେଈଙ୍କ ତ୍ୟାଗ, ଦେଶପ୍ରେମ ଓ ନିର୍ଭୀକତା ତାଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଥିଲା। ଭାଷା ଓ ସାହିତ୍ୟ ପ୍ରତି ତାଙ୍କର ଗଭୀର ମମତାର ଅଙ୍କୁରୋଦଗମ ମଧ୍ୟ ବାଙ୍କୀ ମାଟିରେ ସମ୍ଭବପର ହୋଇଥିଲା। ମାତ୍ର ୧୪ ବର୍ଷ ବୟସରେ ଜଗତସିଂହପୁର ଜିଲ୍ଲାର ଋଟରା ଜମିଦାର ପରିବାରରେ ସନ୍ତାନ ଭାଗିରଥୀ ମହାପାତ୍ରଙ୍କ ସହ ସରଳାଙ୍କ ବିବାହ ସମ୍ପନ୍ନ ହୋଇଥିଲା। ମଣି-କାଞ୍ଚନର ହୋଇଥିଲା ଅପୂର୍ବ ସଂଯୋଗ। ଭାଗିରଥୀ ଥିଲେ ଜଣେ ସ୍ୱାଧୀନଚେତା ଦେଶପ୍ରେମୀ ଯୁବକ। ୧୯୨୧ ମସିହାରେ ମହାତ୍ମା ଗାନ୍ଧି ଇଂରେଜ ଶାସନ ବିରୋଧରେ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିବା ସମୟରେ ନବଗଠିତ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ସାଧାରଣ ସମ୍ପାଦକ ହୋଇଥିଲେ ଭାଗିରଥୀ ଏବଂ ସଭାପତି ଉତ୍କଳମଣି ଗୋପବନ୍ଧୁଙ୍କ ସହ ମିଶି ଅସହଯୋଗର ବାର୍ତ୍ତାକୁ ସାରା ରାଜ୍ୟର ପୁରପଲ୍ଲୀରେ ପ୍ରଚାରିତ କରିଥିଲେ। ସେହିବର୍ଷ ମାର୍ଚ୍ଚ ମାସରେ ମହାତ୍ମାଜୀଙ୍କ ପ୍ରଥମ ଓଡ଼ିଶା ଗସ୍ତ ସମୟରେ ସରଳାଙ୍କୁ ତାଙ୍କର ଗଭୀର ସମ୍ପର୍କରେ ଆସିବାର ସୁଯୋଗ ମିଳିଥିଲା।

ଗାନ୍ଧିଜୀ ଓ କସ୍ତୁରବା କଟକ ସ୍ୱରାଜ୍ୟ ଆଶ୍ରମରେ ଅବସ୍ଥାନ କରୁଥିବାବେଳେ ତାଙ୍କର ସେବାଯତ୍ନ କରିବାର ଦାୟିତ୍ୱ ସରଳାଙ୍କ ଉପରେ ନ୍ୟସ୍ତ ଥିଲା। ସେହି ଗସ୍ତକାଳରେ ମହାତ୍ମା କଟକ ଠାରେ ମହିଳାମାନଙ୍କର ଏକ ସମାବେଶରେ ଜାତୀୟ ଚେତନାର ବାର୍ତ୍ତା ପ୍ରଚାର କରିଥିଲେ। ତାଙ୍କର ହିନ୍ଦୀ ଭାଷଣକୁ ସରଳା ଓଡ଼ିଆ ଭାଷାରେ ଅନୁବାଦ କରି ସୁନ୍ଦର ଭାବରେ ବୁଝାଇ ଦେଇଥିଲେ। ସେହି ସମାବେଶରେ ଗାନ୍ଧିଜୀ ତାଙ୍କର ହରିଜନ ପାଣ୍ଠି ପାଇଁ ମହିଳାଙ୍କ ଠାରୁ ଦାନ ସଗ୍ରହ କରିଥିଲେ। ତାଙ୍କର ନିବେଦନକ୍ରମେ ଖୁବ୍ କମ୍ ସମୟ ମଧ୍ୟରେ ସଭାସ୍ଥଳରୁ ନଗଦ ୧ ହଜାର ଟଙ୍କା ଏବଂ ୫୦ରୁ ୬୦ ଭରି ସୁନା ସଂଗ୍ରହ ହୋଇପାରିଥିଲା। ଏତେ ଅଧିକ ପରିମାଣର ଦାନ ମହାତ୍ମାଙ୍କୁ ଚକିତ କରିଥିଲା ଏବଂ ସରଳାଙ୍କ ସାଂଗଠନିକ ଦକ୍ଷତା ଯୋଗୁଁ ଏହା ସମ୍ଭବପର ହୋଇପାରିଥିବାରୁ ସେ ତାଙ୍କୁ ପ୍ରଶଂସା କରିଥିଲେ।

ମହାତ୍ମା ଗାନ୍ଧିଙ୍କ ଡାକରାରେ ୧୯୩୦ ମସିହାରେ ଦେଶବ୍ୟାପୀ ଲବଣ ସତ୍ୟାଗ୍ରହ ଓ ସାଧାରଣ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଏହି ଆନ୍ଦୋଳନରେ ସରଳା ସକ୍ରିୟ ଅଂଶଗ୍ରହଣ କରିବା ସହ ଗଞ୍ଜାମ ଜିଲ୍ଲାର ହୁମା ଠାରେ ଲବଣ ଆଇନ ଅମାନ୍ୟ କରି ଗିରଫ ହୋଇଥିଲେ। ବ୍ରହ୍ମପୁର ଠାରେ ମଦ ଦୋକାନ ଆଗରେ ପିକେଟିଂ କରି ୧୯୩୦ ମଇ ୩୧ ତାରିଖରେ ସେ ପୁନର୍ବାର ଗିରଫ ହେବା ସହ ତାଙ୍କୁ ଭେଲୋର ଜେଲ୍‌ରେ ଅଟକ ରଖାଯାଇଥିଲା। ସେଠାରେ ବନ୍ଦୀ ଥିବା ଦେଶର ଅନେକ ଜଣାଶୁଣା ନାରୀନେତ୍ରୀଙ୍କ ସହ ସରଳାଙ୍କ ଘନିଷ୍ଠତା ବୃଦ୍ଧି ପାଇଥିଲା। ୧୯୩୧ ମସିହାରେ ବାଲେଶ୍ୱରରେ ଓଡ଼ିଶାର ପ୍ରଥମ ମହିଳା ସମ୍ମିଳନୀ ଆୟୋଜିତ ହୋଇଥିଲା ଏବଂ ଏଥିରେ ମଧ୍ୟ ସେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପ୍ରସିଦ୍ଧ ନାରୀକବି କୁନ୍ତଳା କୁମାରୀ ସାବତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜଣାଶୁଣା ସଂଗ୍ରାମୀ ନେତ୍ରୀ ଜାହ୍ନବୀ ଦେବୀ, କୋକିଳ ଦେବୀ ଓ ଗାନ୍ଧିଜୀଙ୍କ ପ୍ରତିନିଧି ରୂପେ ପୁରୁବାଇ ସାମିଲ୍ ହୋଇଥିଲେ। ଓଡ଼ିଆ ଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ହୋଇଥିବା ଆନ୍ଦୋଳନରେ ମଧ୍ୟ ସରଳାଙ୍କ ଉଲ୍ଲେଖନୀୟ ଭୂମିକା ରହିଥିଲା।

ଜଣେ ଅତ୍ୟନ୍ତ ସକ୍ରିୟ ଓ ଦକ୍ଷ ବିଧାୟିକା ଭାବରେ ମଧ୍ୟ ସରଳା ଦେବୀ ନିଜ ପ୍ରତିଭାର ଅମଳିନ ସ୍ୱାକ୍ଷର ଛାଡ଼ି ଯାଇଛନ୍ତି। ୧୯୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେବା ପରେ ସେ କଟକ ନିର୍ବାଚନ ମଣ୍ଡଳୀରୁ ପ୍ରଥମ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ବ୍ରହ୍ମପୁର ଆସନରୁ ପୂର୍ବତନ ରାଷ୍ଟ୍ରପତି ଭି.ଭି. ଗିରିଙ୍କ ଭଗିନୀ ଲକ୍ଷ୍ମୀବାଇ ମଧ୍ୟ ନିର୍ବାଚିତ ହୋଇଥିଲେ। ସେହି ସମୟରେ ସରଳା ଦେବୀ ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଉପରେ ହୋଇଥିବା ବିତର୍କରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରେ ହାଇକୋର୍ଟ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସମ୍ପର୍କୀୟ ବିଧେୟକ ସେହି ସମୟରେ ବିଧାନସଭାରେ ଅନୁମୋଦିତ ହୋଇଥିଲା। ୧୯୩୯ ମାର୍ଚ୍ଚ ୨୪ ତାରିଖରେ ଦିନକ ପାଇଁ ସେ ବିଧାନସଭାରେ ବାଚସ୍ପତି ଆସନ ଅଳଙ୍କୃତ କରି ବୈଠକରେ ଅଧ୍ୟକ୍ଷତା କରିଥିଲେ। ସେହିଦିନ ଗୃହର ସମସ୍ତ କାର୍ଯ୍ୟ ଓଡ଼ିଆ ଭାଷାରେ ପରିଚାଳିତ ହେବା ତାଙ୍କ ବ୍ୟକ୍ତିତ୍ୱର ପରାକାଷ୍ଠା କହିଲେ ଅତ୍ୟୁକ୍ତି ହେବନାହିଁ।

ରାଜନୀତିଜ୍ଞ, ସଂଗ୍ରାମୀ, ସଂଗଠିକା ସରଳା ଦେବୀଙ୍କ କର୍ମମୟ ଜୀବନର ଆଉ ଏକ ବଡ଼ ଦିଗ ଥିଲା ସାରସ୍ୱତ ସାଧନା। ଜଣେ ଆଗଧାଡ଼ିର ଲେଖିକା ରୂପେ ସେ ଏକାଧିକ ପୁସ୍ତକ ରଚନା କରିଥିଲେ, ଯାହା ବର୍ତ୍ତମାନ ସମୟରେ ଦୁଷ୍ପ୍ରାପ୍ୟ ହୋଇଛି। ତାଙ୍କଦ୍ୱାରା ରଚିତ ପୁସ୍ତକ ମଧ୍ୟରେ 'ଉତ୍କଳର ନାରୀ ସମସ୍ୟା', ନାରୀର ଦାବି, ବୀରା ରମଣୀ, ବିଶ୍ୱ ବିପ୍ଳବିଣୀ' ଆଦି ଅନ୍ତର୍ଭୁକ୍ତ। କାଳନ୍ଦୀ ଚରଣ, ବୈକୁଣ୍ଠନାଥ ଓ ଅନ୍ନଦା ଶଙ୍କର ପ୍ରମୁଖଙ୍କୁ ନେଇ ଗଠିତ ସବୁଜ ଗୋଷ୍ଠୀ ସହ ମଧ୍ୟ ସରଳା ଦେବୀଙ୍କ ସମ୍ପୃକ୍ତି ରହିଥିଲା। ଏହି ଗୋଷ୍ଠୀ ଦ୍ୱାରା ସମ୍ପାଦିତ 'ବାସନ୍ତୀ' ଉପନ୍ୟାସର ଗୋଟିଏ ଅଧ୍ୟାୟ ସେ ଲେଖିଥିଲେ। ସାମଗ୍ରିକ ଦୃଷ୍ଟିକୋଣରୁ ବିଚାର କଲେ ସରଳା ଦେବୀ ଥିଲେ ବିଂଶ ଶତାବ୍ଦୀରେ ଓଡ଼ିଶାର ଏକ ଅନନ୍ୟ ନାରୀ ପ୍ରତିଭା। ମାତ୍ର ତାଙ୍କ ପ୍ରତିଭାର ବାସ୍ତବ ମୂଲ୍ୟାୟନ ଏଯାବତ୍ ହୋଇନାହିଁ କିମ୍ବା ତାଙ୍କର ସ୍ମୃତିରକ୍ଷା ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ।

# ଝୁଲଣ ଯାତ୍ରା



ଅଲେଖ ଚନ୍ଦ୍ର ସାମଲ
ପୂର୍ବତନ ଡିଏଫ୍‌ଓ, ପଲାଇ, ବାଲିଚନ୍ଦ୍ରପୁର
ଯାଜପୁର, ମୋ: ୯୪୩୭୨୫୬୧୨୩

ଭାରତବର୍ଷର ଅଧିକାଂଶ ପର୍ବ ପୁରାଣ ବର୍ଣ୍ଣିତ ଓ କିମ୍ବଦନ୍ତୀ ଅନ୍ତରାଳରେ ସମ୍ବଳିତ ହୋଇଥିବା ହେତୁ ପ୍ରତ୍ୟେକ ଉତ୍ସବର କିଛି ଆଧ୍ୟାତ୍ମିକ ତଥା ଧାର୍ମିକ ଗୁରୁତ୍ୱ ରହିଛି। ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାଭୂମି ବ୍ରଜଭୂମି ବୃନ୍ଦାବନରେ ଏହି ଝୁଲଣ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୁଏ। କୁହାଯାଏ ଆଜକୁ ପାଞ୍ଚ ହଜାର ବର୍ଷ ଧରି ବୃନ୍ଦାବନରେ ଶ୍ରୀରାଧାକୃଷ୍ଣଙ୍କର ପବିତ୍ର ଝୁଲଣ ଯାତ୍ରା ଉତ୍ସବ ଖୁବ ଜାକଜମକରେ ପାରମ୍ପରିକ ରୀତି ନୀତିରେ ପାଳିତ ହେବା ଲକ୍ଷ୍ୟ କରାଯାଏ। ବୃନ୍ଦାବନରେ ଏହି ପ୍ରସିଦ୍ଧ ଝୁଲଣ ଯାତ୍ରା ଦୀର୍ଘ ତେର ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ। ବୃନ୍ଦାବନ ଓ ତାହାର ଆଖପାଖ ଅଞ୍ଚଳରେ ଭାରତ ତଥା ବିଶ୍ୱର ବିଭିନ୍ନ ଦେଶରୁ ପର୍ଯ୍ୟଟକମାନେ ଏହି ଝୁଲଣ ଯାତ୍ରାକୁ ଆସି ବେଶ୍ ଉପଭୋଗ ମଧ୍ୟ କରିଥାନ୍ତି। ବୃନ୍ଦାବନରେ ଠାକୁରମାନେ ଝୁଲୁଥିବା ଦୋଳିଗୁଡ଼ିକ କେଉଁଠାରେ ବିଭିନ୍ନ ପୁଷ୍ପ ଦ୍ୱାରା ତ କିଛି ମନ୍ଦିରରେ ଦୋଳି ଗୁଡ଼ିକ ରୂପା ଓ ସୁନାରେ ନିର୍ମିତ ହୋଇଥାଏ। ବୃନ୍ଦାବନରେ ଥିବା ପ୍ରସିଦ୍ଧ ଶ୍ରୀବାଙ୍କେବିହାରୀ ମନ୍ଦିର, ଶ୍ରୀରାଧାରମଣ ମନ୍ଦିର, ମଥୁରାର ଶ୍ରୀଦ୍ୱାରକାଧିଶୀ ମନ୍ଦିର, ଲାଡ଼ଲୀଲାଲ ଏବଂ ପୁରୀ ଶ୍ରୀମନ୍ଦିରରେ ଶ୍ରାବଣର ଏହି ପବିତ୍ର ଝୁଲଣଯାତ୍ରା ଦେଖିବାକୁ ଭକ୍ତମାନଙ୍କ ପ୍ରବଳ ଜନସମାଗମ ହୁଏ। ବୃନ୍ଦାବନର ଘଞ୍ଚ କୁଞ୍ଜବନର ବର୍ଷା ଭିଜା ଆକାଶ ଶ୍ରାବଣରେ ଏକ ରୋମାଞ୍ଚକର ପରିବେଶ ସୃଷ୍ଟି କରୁଥାଏ। ଭରା ଯମୁନାର କୂଳେ କୂଳେ ବର୍ଷ ଦିନିଆ ଫୁଲମାନେ ଜୁଇ, ଜାଇ, ଚମେଲୀ, ମାଧବୀ ଫୁଲ ମଧ୍ୟରେ ଛାଇ ଯାଇଥାନ୍ତି। ସମଗ୍ର ପରିବେଶ ଜୀବନ୍ତ ହୋଇଉଠେ ଯେତେବେଳେ ବୃନ୍ଦାବନର ପ୍ରତ୍ୟେକ ମଠରେ, ଘରେ, ମନ୍ଦିରରେ ଓ କୁଞ୍ଜବନରେ ରାଧାରାଣୀ ଶ୍ରୀକୃଷ୍ଣଚନ୍ଦ୍ରଙ୍କ ସହିତ ଆକର୍ଷଣୀୟ ଝୁଲଣରେ ଦୋଳି ଖେଳନ୍ତି। ବୃନ୍ଦାବନର ସାରା ପରିବେଶ ରାଧେ ରାଧେ ଅମୃତ ନାମାମୃତରେ ପବିତ୍ର ହୋଇଉଠେ ଝୁଲଣଯାତ୍ରାର ଏହି ତେର ଦିନ।

ଶ୍ରାବଣ ମାସର ପୂର୍ଣ୍ଣିମା ହେଉଛି ଗହ୍ମା ପୂର୍ଣ୍ଣିମା। ଏହାକୁ ବଳରାମଙ୍କ ଜନ୍ମ ତିଥି ଭାବେ ଗ୍ରହଣ କରାଯାଇଛି। ସେ ଚାଷୀକୁଳର ପ୍ରତୀକ ତଥା ଗୋ ଜାତିର ପାଳନ କର୍ତ୍ତା। ତେଣୁ ଏହି ଦିନରେ ଗାଈଗୋରୁଙ୍କୁ ମଧ୍ୟ ପୂଜା କରାଯାଏ। ଏକମତ ଅନୁଯାୟୀ, ଗୋପୂର୍ଣ୍ଣିମାର ଅପଭ୍ରଂଶ ହେଉଛି ଗହ୍ମା ପୂର୍ଣ୍ଣିମା। ପୁଣି ଏହାକୁ ରାକ୍ଷୀ ପୂର୍ଣ୍ଣିମା ମଧ୍ୟ କୁହାଯାଏ। କିମ୍ବଦନ୍ତୀ କହେ, କୁନ୍ତୀ ମାତା, ଏହି ଦିନରେ ପଞ୍ଚପୁତ୍ରଙ୍କୁ କୌରବଙ୍କ ବିଷ ଦୃଷ୍ଟିରୁ ରକ୍ଷା କରିବା ଉଦ୍ଦେଶ୍ୟରେ, ଶ୍ରୀକୃଷ୍ଣଙ୍କ ହାତରେ ରାକ୍ଷୀ ବାନ୍ଧି, ତାଙ୍କ ଅନୁଗ୍ରହ ଭିକ୍ଷା କରିଥିଲେ। ଏହି ଦିନର ଅନ୍ୟ ଏକ ଆକର୍ଷଣ ହେଉଛି ଝୁଲଣ ଯାତ୍ରା। ଶ୍ରାବଣ ଶୁକ୍ଳ ପକ୍ଷ ଏକାଦଶୀରେ ଆରମ୍ଭ ହୋଇଥିବା ଝୁଲଣ ଯାତ୍ରା ଗହ୍ମା ପୂର୍ଣ୍ଣିମାରେ ଶେଷ ହୁଏ। ଆମ ରାଜ୍ୟର କ୍ଷତ୍ରିୟମାନେ ଏହି ଦିନରେ ଯଜ୍ଞ ଉପବୀତ ବଦଳାନ୍ତି। ଆଗ କାଳରେ ପାଇକମାନେ ଏହି ଦିନକୁ ଅତି ଶୁଭ ମନେକରି, ପିଲାଙ୍କର ଯୁଦ୍ଧବିଦ୍ୟା ଶିକ୍ଷା ଆରମ୍ଭ କରୁଥିଲେ। ଏହି ଅବସରରେ ପାଇକ ପିଲାମାନେ ପ୍ରଥମେ ଉଚ୍ଚ ସ୍ଥାନରୁ ତଳକୁ ଡେଉଁଥିଲେ। ସୁଉଚ୍ଚ ସ୍ଥାନକୁ ତଳକୁ ଡେଇଁବାକୁ ଗହ୍ମା ଡିଆଁ। ଯେଉଁମାନେ କୃତକାର୍ଯ୍ୟ ହେଉଥିଲେ, ସେମାନଙ୍କୁ ପାଇକ ହେବା ପାଇଁ ତାଲିମ ଦିଆଯାଉଥିଲା।

ଓଡ଼ିଶାର କୋଣ ଅନୁକୋଣରେ ଥିବା ପ୍ରାୟ ସମସ୍ତ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଝୁଲଣ ଉତ୍ସବ ମହାସମାରୋହରେ ପାଳିତ ହୋଇଥାଏ। ପ୍ରତ୍ୟେକ ମନ୍ଦିର ପରିସରରେ ସୁସଜ୍ଜିତ ଦୋଳି ନିର୍ମାଣ କରାଯାଇ ଠାକୁରମାନଙ୍କୁ ରୀତିନୀତିରେ ଭକ୍ତମାନେ ଝୁଲାଇ ଥାଆନ୍ତି। ଶ୍ରୀମନ୍ଦିର ତଥା ଶ୍ରୀକ୍ଷେତ୍ରରେ ଥିବା ମଠଗୁଡ଼ିକ ବ୍ୟତୀତ କଣ୍ଟିଲୋର ନୀଳମାଧବ ମନ୍ଦିର, ରେମୁଣାର କ୍ଷୀରଚୋରା ଗୋପୀନାଥ ମନ୍ଦିର, ପୁରୀ ନିକଟସ୍ଥ ସାକ୍ଷୀଗୋପାଳ ଜୀଉଙ୍କ ମନ୍ଦିର ଏବଂ ଭୁବନେଶ୍ୱରସ୍ଥ ଇସ୍କନ ଶ୍ରୀକୃଷ୍ଣ ମନ୍ଦିରରେ ଝୁଲଣ ଯାତ୍ରା ମହାସମାରୋହରେ ସାତ ଦିନ ବ୍ୟାପୀ ଭକ୍ତମାନଙ୍କ ଦ୍ୱାରା ପାଳିତ ହୋଇଥାଏ।

ଶ୍ରାବଣ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରୁ ଭାଦ୍ରବ ମାସ କୃଷ୍ଣପକ୍ଷ ପ୍ରତିପଦା ତିଥି ପର୍ଯ୍ୟନ୍ତ ସାତ ଦିନ ଧରି ଶ୍ରୀମନ୍ଦିରରେ ପାଳନ କରାଯାଏ। ମୁକ୍ତି ମଣ୍ଡପରେ ହୋଇଥିବା ସୁସଜ୍ଜିତ ଝୁଲଣ କୁଞ୍ଜରେ ମଦନ ମୋହନ, ଲକ୍ଷ୍ମୀ, ସରସ୍ୱତୀ ଦୋଳି ଉପରେ ବିଜେ କରନ୍ତି। ଏହା ଦ୍ୱାଦଶ ଯାତ୍ରା ଅନ୍ତର୍ଗତ ନ ହେଲେ ସୁଦ୍ଧା ଏ ଯାତ୍ରାର ଲୋକପ୍ରିୟତା ଖୁବ୍ ବେଶି। ଶ୍ରୀମନ୍ଦିରର କୁଞ୍ଜବନରେ ଅନୁଷ୍ଠିତ ଝୁଲଣ ଯାତ୍ରାରେ କିନ୍ତୁ ସ୍ୱକୀୟା ପ୍ରେମକୁ ପ୍ରାଧାନ୍ୟ ଦେଇ ପତି ପତ୍ନୀଙ୍କ ପ୍ରେମ ପ୍ରଣୟ ଏହି ପର୍ବରେ ପ୍ରତିଫଳିତ ହୋଇଥାଏ। ପୁରୀ ମନ୍ଦିରରେ ଝୁଲଣ ପରମ୍ପରା ଅଷ୍ଟାଦଶ ଶତକର ଶେଷ ଭାଗରୁ ଅଦ୍ୟାବଧି ଚଳି ଆସୁଥିବାର ବିଭିନ୍ନ ଲିଖିତ ବିବରଣୀରୁ ମିଳିଥାଏ। ପୁରୀର ଶୋଲ ଶିଳ୍ପୀମାନଙ୍କର କରାମତି ସବୁଠୁ ଅଧିକ ଫୁଟି ଉଠେ ଝୁଲଣ କୁଞ୍ଜରେ। ଶ୍ରୀମନ୍ଦିର କୁଞ୍ଜବନର ଅନ୍ୟତମ ବିଶେଷତ୍ୱ ହେଲା ଯେ, ଏହାର ଦୁଇ ପାର୍ଶ୍ୱରେ ପ୍ରକାଣ୍ଡକାୟ ଦୁଇ ଜଣ ଦ୍ୱାରପାଳ ରହନ୍ତି। ଏ ଦୁଇଟି ଦ୍ୱାରପାଳଙ୍କ ଉଚ୍ଚତା ପ୍ରାୟ ଚଉଦ ଫୁଟ। ମୂର୍ତ୍ତି ଦ୍ୱୟର ଗୋଟେ ଲେଖାଏଁ ହାତ ଉତ୍ତୋଳିତ ହୋଇଥାଏ ଏବଂ ସେଥିରେ ସେମାନେ ଧରିଥାଆନ୍ତି ଗୋଟିଏ ଗୋଟିଏ ଗଦା। ଏହି ପ୍ରକାଣ୍ଡକାୟ ମୂର୍ତ୍ତିଗୁଡ଼ିକ ସୋଲରେ ହିଁ ତିଆରି ହୋଇଥାଏ। ସାତଦିନ ଯାଏଁ ଝୁଲଣ କୁଞ୍ଜରେ ଦେବତାମାନେ ଝୁଲନ୍ତି। ଅବଶ୍ୟ ରତ୍ନସିଂହାସନରେ ବିରାଜୁଥିବା ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଏହି ଝୁଲଣରେ ଶୋଭା ନପାଇଲେ ମଧ୍ୟ ଅଷ୍ଟଧାତୁରେ ନିର୍ମିତ ହୋଇଥିବା ତାଙ୍କର ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ଲକ୍ଷ୍ମୀ ସାଆନ୍ତାଣୀ ତଥା ମା'ସରସ୍ୱତୀଙ୍କ ପିତୁଳା ଦ୍ୱୟ ଝୁଲଣରେ ଝୁଲିଥାନ୍ତି। ପ୍ରତି ଝୁଲଣରେ ସୁନ୍ଦର ଭାବେ ବିଗ୍ରହଗୁଡ଼ିକୁ ବିଶେଷ ବେଶରେ ସଜାଇ ଦିଆଯାଏ। ଯଥାରୀତି ଭୋଗ ଅର୍ପଣ କରିବା ପରେ ସେବାୟତ ବସିରହି ଧିରେ ଧିରେ ଦଉଡି ଟାଣି ଦୋଳିକୁ ଝୁଲାନ୍ତି। ଏହି ଝୁଲଣଯାତ୍ରା ଯେ, କେବଳ ଶ୍ରୀମନ୍ଦିରରେ ନୁହେଁ ବରଂ ଶ୍ରୀମନ୍ଦିରକୁ ବେଢ଼ି ରହିଥିବା କୋଡିଏରୁ ଅଧିକ ମଠରେ। ମହାନନ୍ଦରେ ପାଳିତ ହେବା ଦେଖାଯାଏ। ଏମାର ମଠର ଆକର୍ଷଣୀୟ କୁଞ୍ଜବନରେ ବାଇଶି ଫୁଟର କୁଞ୍ଜ ନିର୍ମାଣ କରାଯାଇ ଶୋଲରେ ସଜ୍ଜିତ କରାଯାଇଥାଏ। ପ୍ରତିମଠରେ ଏକା ଦେବତା ଝୁଲନ୍ତି ନାହିଁ। ଏମାର ମଠରେ ଝୁଲନ୍ତି ଶ୍ରୀରାମ, ଲକ୍ଷ୍ମଣ ଓ ଦେବୀ ସୀତା। ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ଝୁଲନ୍ତି ଶ୍ରୀରାଧାକୃଷ୍ଣ। ସେହିପରି ଅନ୍ୟାନ୍ୟ ମଠ ଯଥା ଓଡ଼ିଆ ମଠ, ଗୌଡ଼ିୟ ମଠ, ଶ୍ରୀଚୈତନ୍ୟ ମଠ ପ୍ରଭୃତିରେ ପୁଷ୍ପ ଓ ସୋଲରେ ନିର୍ମିତ ଆକର୍ଷଣୀୟ କୁଞ୍ଜ ଶ୍ରୀରାଧାକୃଷ୍ଣ ଦୋଳି ଖେଳନ୍ତି। ଓଡ଼ିଆ ଆଧ୍ୟାତ୍ମିକ ଜୀବନ ଚେତନାରେ ଝୁଲଣ ଯାତ୍ରାର ସ୍ଥାନ ସ୍ୱତନ୍ତ୍ର ଓ ଅନନ୍ୟ।

# ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ପାହାଚ- କ୍ରାନ୍ତି ଦିବସ



ଶ୍ରୁତକୀର୍ତ୍ତି ତ୍ରିପାଠୀ
ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

ଭାରତର ଗୌରବମୟ ଇତିହାସରେ ସ୍ୱାଧୀନତା ସଂଗ୍ରାମର ପ୍ରତ୍ୟେକଟି ଦିନ ଗୁରୁତ୍ୱପୂର୍ଣ୍ଣ । ସେସବୁ ଦିନକୁ ସ୍ମୃତିରେ ରୋମନ୍ଥନ କଲେ ଆମର ବର୍ତ୍ତମାନ ଓ ଆଗାମୀ ପିଢ଼ି ଗର୍ବିତ ଓ ଗୌରବାନ୍ୱିତ ମନେକରୁ । ତନ୍ମଧ୍ୟରୁ ' ଭାରତଛାଡ଼ ' ଆନ୍ଦୋଳନ ସଦା ଆମ ଭରାତବାସୀଙ୍କ ପାଇଁ ପ୍ରେରଣାର ସ୍ରୋତଟିଏ । ଏହି ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଇଂରେଜମାନେ ଭାରତ ଛାଡ଼ିବେ ଏବଂ ଭାରତ ଏକ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ହାସଲ କରିବ । ୧୯୪୨ରେ ଗାନ୍ଧିଜୀଙ୍କ ନେତୃତ୍ୱରେ ଏହା ଆରମ୍ଭ ହୋଇଥିଲା ; ଯାହା ତାଙ୍କ ଗୃହସ୍ଥ ଜୀବନ ତ୍ୟାଗ କରି ଦେଶମାତୃକା ପାଇଁ ନିଜର ସର୍ବସ୍ୱ ଦାନ କରିବାର ଅଗାଧ ଦେଶପ୍ରେମ ବିଷୟରେ ସୂଚନା ଦିଏ।

ଅଗଷ୍ଟ ୯, ୧୯୪୨ ରେ ସମ୍ପୂର୍ଣ୍ଣ ସ୍ୱରାଜ ପ୍ରାପ୍ତି ଓ ଅବିଭାଜ୍ୟ ଭାରତର ଦାବି ନେଇ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନରେ ବହୁ ଦେଶପ୍ରେମୀ ଯୋଗ ଦେଇଥିଲେ । ଭରାତବାସୀ ଆଉ ଇଂରେଜ ସରକାର ଅଧୀନରେ ରହି ତାଙ୍କର ଗୋଲାମଗିରି କରିବାକୁ ରାଜି ନଥିଲେ । ସ୍ୱାଧୀନତାର ସ୍ୱପ୍ନ ସେମାନଙ୍କ ଆଖିରେ ସ୍ପଷ୍ଟ ଦେଖାଯାଉଥିଲା । ଏହି ଦିନଟିକୁ ସ୍ୱାଧୀନତା ପ୍ରାପ୍ତିର ପ୍ରାରମ୍ଭ ମନେକରି ପ୍ରତିବର୍ଷ ଅଗଷ୍ଟ ୯ କୁ ' କ୍ରାନ୍ତି ଦିବସ' ରୂପେ ବଡ଼ ଉତ୍ସାହ ଓ ପୁଲକରେ ପାଳନ କରାଯାଉଛି ।

ତେବେ ଏହି ଆନ୍ଦୋଳନ ପଛର ମୁଖ୍ୟ କାରଣ ଉପରେ ଆଲୋଚନା କରିବା ପ୍ରାସଙ୍ଗିକ ମନେହୁଏ। ପ୍ରଥମତଃ, ଭାରତବାସୀଙ୍କୁ ବ୍ରିଟିଶ ଶାସନରୁ ମୁକ୍ତି ଆବଶ୍ୟକ ଥିଲା । ଦ୍ୱିତୀୟତଃ, ୧୯୪୨ ବିଶ୍ୱଯୁଦ୍ଧ ଯୋଗୁଁ ବ୍ରିଟିଶ ଅଧୀନସ୍ଥ ଭାରତୀୟ ସେନା ବହୁତ ଦୁର୍ବଳ ହୋଇଯାଇଥିଲେ। ତୃତୀୟରେ, ରାଷ୍ଟ୍ରୀୟ ଚେତନା ଓ ଗାନ୍ଧୀଙ୍କ ଆହ୍ୱାନରେ ଦେଶବାସୀଙ୍କ ଭିତରେ ସ୍ୱାଧୀନତା ପାଇବାର ଆଶା ଓ ଆଗ୍ରହ ଧୀରେ ଧୀରେ ଉନ୍ମାଦନାରେ ପରିଣତ ହେଉଥିଲା। ଚତୁର୍ଥରେ ଭାରତୀୟଙ୍କ ଭିତରେ ଇଂରେଜ ଶାସନ ପ୍ରତି ସାମାଜିକ, ଆର୍ଥିକ, ରାଜନୈତିକ ଓ ସାଂସ୍କୃତିକ ରୂପରେ ବିରୋଧ ପ୍ରଦର୍ଶନ ହେଉଥିଲା ।

ରାମ ମନୋହର ଲୋହିଆ, ଭାରତ ଛାଡ଼ ଆନ୍ଦୋଳନର ୨୫ ବର୍ଷ ପୂର୍ତ୍ତି ଅବସରରେ ଲେଖିଥିଲେ ଯେ, ୯ ଅଗଷ୍ଟ ଦିନଟି ଆମ ଭାରତୀୟମାନଙ୍କ ଜୀବନରେ ଏକ ମହାନ ଘଟଣା ହୋଇ ସର୍ବଦା ରହିବ । ଆମେ ପ୍ରତିବର୍ଷ ୧୫ ଅଗଷ୍ଟକୁ ଖୁବ ଧୂମଧାମରେ ପାଳନ କରୁ, କାରଣ ଏହି ଦିନ ବ୍ରିଟିଶ ଭାଇସରାୟ ମାଉଣ୍ଟବେଟେନ ଭାରତର ପ୍ରଧାନମନ୍ତ୍ରୀ ସାଙ୍ଗରେ ହାତ ମିଶାଇ ଥିଲେ ଏବଂ ଭାରତକୁ ସ୍ୱାଧୀନତା ପ୍ରାପ୍ତି ହୋଇଥିଲା । ସ୍ୱାଧୀନତା ପ୍ରାପ୍ତି ସ୍ୱପ୍ନର ମୂଳଦୁଆ ଅଗଷ୍ଟ ୯ ଦିନ ପଡିଥିଲା । ଯେ କୌଣସି ଉପାୟରେ ସ୍ୱାଧୀନତା ହାସଲ କରିବା ତାଙ୍କର ମୂଳ ଲକ୍ଷ୍ୟ ଥିଲା । ଭାରତର ପ୍ରାଚୀନ ଇତିହାସରେ ପ୍ରଥମଥର ପାଇଁ କୋଟି କୋଟି ଲୋକ ସ୍ୱାଧୀନ ରାଷ୍ଟ୍ର ପାଇଁ ଇଚ୍ଛା ଜାହିର କରିଥିଲେ ।

'କ୍ରାନ୍ତି ଦିବସ ' ବା ' ଅଗଷ୍ଟ କ୍ରାନ୍ତି ' ପର ଠାରୁ ସ୍ୱାଧୀନତା ପାଇବା ଭିତରେ ଯେଉଁ କିଛି ବର୍ଷ ବିତିଯାଇଥିଲା, ସେଥିରେ ଭରାତବାସୀଙ୍କ ଅସୀମ ସାହସ, ଧୈର୍ଯ୍ୟ, ସହନଶୀଳତାର ପରିଚୟ ମିଳେ। 'ରୁଷ କ୍ରାନ୍ତି ' ରେ ରୁଷର ୧% ଜନତା ଭାଗ ନେଇଥିବା ବେଳେ ' ଅଗଷ୍ଟ କ୍ରାନ୍ତି 'ରେ ଭାରତର ୨୦% ଜନତା ଭାଗ ନେଇଥିଲେ । ୮ ଅଗଷ୍ଟ ୧୯୪୨ ରେ 'ଭାରତ ଛାଡ଼' ପ୍ରସ୍ତାବ ପାରିତ ହେଲା ଏବଂ ଅଗଷ୍ଟ ୯ ସକାଳ ହେବା ପୂର୍ବରୁ ଗାନ୍ଧିଜୀଙ୍କ ସମେତ ହଜାର ହଜାର ନେତାଙ୍କୁ ଗିରଫ କରାଯାଇଥିଲା । ଏଥିରେ ଲୋକ ଦବିବା ପରିବର୍ତ୍ତେ ସେମାନଙ୍କର ବୀରତ୍ୱର ପରାକାଷ୍ଠା ଦେଖେଇଲେ ।

ଅନୁଧ୍ୟାନ କଲେ ଜଣାଯାଏ ଯେ, ସ୍ୱାଧୀନତା ପାଇବାର ଇଚ୍ଛା ଯଦିଓ ଭାରତର ନେତାମାନେ ପୋଷଣ କରିଥିଲେ; ମାତ୍ର ସ୍ୱାଧୀନତା ହାସଲ କରିବାର । ମତା ଭାରତର ଜନତାଙ୍କ ଭିତରେ ଥିଲା। ଜନତା ନିଜେ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ, ସଭିଙ୍କ ମିଳିତ ଉଦ୍ୟମରେ ଭାରତ ସ୍ୱାଧୀନ ହେଲା । ସ୍ୱାଧୀନତା ପଥେ କରାଯାଇଥିବା ଗୋଟିଏ ଗୋଟିଏ ବଳିଦାନ, ତ୍ୟାଗ ଓ ସମର୍ପଣକୁ ମଥାନତ ପ୍ରଣାମ । ସ୍ୱାଧୀନତା ରୂପକ ଖୋଲା ଆଖିର ସ୍ୱପ୍ନଟି ପୁରା ହେବା ପାଇଁ 'କ୍ରାନ୍ତି ଦିବସ ' ଯେ ମୂଳଦୁଆ ସଦୃଶ କାର୍ଯ୍ୟ କରିଥିଲା, ତାହା ସମସ୍ତେ ଜାଣିବା ଉଚିତ । ସ୍ୱାଧୀନ ଭାରତରେ ନିଃଶ୍ୱାସ ନେବାର ସୌଭାଗ୍ୟ ପାଇଥିବାରୁ ଆମେ ଦେଶବାସୀ ଏହି ଉଦ୍ୟମ ପଛରେ ଥିବା ପ୍ରତିଟି ବ୍ୟକ୍ତିଙ୍କ ପାଖରେ ଚିର ଋଣୀ ହୋଇ ରହିବୁ ।

# ରାକ୍ଷୀ ପୂର୍ଣ୍ଣିମା



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

ଉତ୍କଳୀୟ ସଂସ୍କୃତି ଓ ପରମ୍ପରାରେ ପାଳନ କରାଯାଉଥିବା ପର୍ବ ପର୍ବାଣି ଓ ଓଷା ବ୍ରତ ଗୁଡିକ ପ୍ରାୟତଃ ତିଥି ଓ ବାରକୁ କେନ୍ଦ୍ର କରି ପାଳନ କରାଯାଇଥାଏ । ଅମାବାସ୍ୟା, ସଂକ୍ରାନ୍ତି, ଏକାଦଶୀ ଓ ପୂର୍ଣ୍ଣିମା ସମୟରେ ଆମର ପର୍ବ ପର୍ବାଣି ଗୁଡିକ ପାଳିତ ହୁଏ । ପ୍ରତ୍ୟେକ ପୂର୍ଣ୍ଣିମାର ସ୍ୱତନ୍ତ୍ର ନାମ ରହିଛି । ଯେପରି ବୁଦ୍ଧପୂର୍ଣ୍ଣିମା, ଦେବସ୍ନାନପୂର୍ଣ୍ଣିମା, ବ୍ୟାସପୂର୍ଣ୍ଣିମା, ଗୁରୁ ପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା, ଅଗ୍ନି ପୂର୍ଣ୍ଣିମା ଓ ଦୋଳ ପୂର୍ଣ୍ଣିମା । ସେହିପରି ଶ୍ରାବଣ ମାସର ପୂର୍ଣ୍ଣିମାକୁ ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା କୁହାଯାଏ । ଦଶ ଅବତାର ମଧ୍ୟରେ ଅଷ୍ଟମ ଅବତାର ଶ୍ରୀ ବଳରାମଙ୍କ ଜନ୍ମତିଥି ରୂପେ ଶ୍ରାବଣ ପୂର୍ଣ୍ଣିମୀ ମହା ସମାରୋହରେ ପାଳନ କରାଯାଏ । ପ୍ରଭୁ ଶ୍ରୀବଳଭଦ୍ରଙ୍କର ଆୟୁଧ ହଳ ଲଙ୍ଗଳ ଓ ତାଙ୍କର ଜନ୍ମ ଗୋଗୋଷ୍ଠରେ ହୋଇଥିବାରୁ ଆମ୍ଭେମାନେ ହଳ ଲଙ୍ଗଳ ସହିତ ଗାଇ ଗୋରୁଙ୍କୁ ପୂଜା କରିଥାଉ । ଗୋ ରସରୁ ପ୍ରସ୍ତୁତ ଲହୁଣି, ଘିଅ, ଓ ଛେନା ଇତ୍ୟାଦି ମଣିଷ ଶରୀର ପାଇଁ ଉପକାରୀ ଖାଦ୍ୟ । ଆମ ପୂଜା ପାଇଁ ପଚାଂମୃତ ବା ପଚଂଗଦ୍ୟର ଆବଶ୍ୟକତା ଅଛି । ସେଥିପାଇଁ ଆମ ସମାଜ ଗାଇକୁ ସୁଖ ପ୍ରଦାନ କାରିଣୀ ଗୋମାତା ରୂପେ ସେବା ଓ ପୂଜା କରିଥାଏ ।

ରାକ୍ଷୀ ବନ୍ଧନ ସମ୍ପର୍କରେ ପୁରାଣ ଓ ଇତିହାସରେ ହୃଦୟ ସ୍ପର୍ଶୀ କାହାଣୀ ବିଦ୍ୟମାନ । ଇନ୍ଦ୍ର ବୃତ୍ରାସୁର ସମର ସମୟରେ ଦେବଗୁରୁ ବୃହସ୍ପତିଙ୍କ ପରାମର୍ଶ କ୍ରମେ ଶଚୀ ଇନ୍ଦ୍ରଙ୍କ ହାତରେ ରକ୍ଷା ସୂତ୍ର ବା ରାକ୍ଷୀ ବାନ୍ଧି ଦେବାରୁ ଇନ୍ଦ୍ର ଜୟଯୁକ୍ତ ହେଲେ । ସେହି ଦିନ ଠାରୁ ତାହା ରକ୍ଷାବନ୍ଧନ ରୂପେ ମାନ୍ୟତା ଲାଭ କରି ଅଛି । ଶ୍ରୀକୃଷ୍ଣଙ୍କ ହସ୍ତାଙ୍ଗୁଳି କଟିବାରୁ ଦ୍ରୌପଦୀ ନିଜ ପିନ୍ଧା ଶାଢୀକୁ ଚିରି ତାଙ୍କ କ୍ଷତ ସ୍ଥାନରେ ବାନ୍ଧି ଦେବାରୁ ପର ଅବସ୍ଥାରେ ଦ୍ୱାରକାଧିପତି କୋଟି ବସ୍ତ୍ର ଦେଇ ଦ୍ରୌପଦୀଙ୍କ ମାନ ରକ୍ଷା କରିଥିଲେ । ଦେବୀ ମହାଲକ୍ଷ୍ମୀ ଭଉଣୀ ରୂପରେ ଶ୍ରାବଣ ପୂର୍ଣ୍ଣିମାରେ ବଳିଙ୍କ ହାତରେ ରାକ୍ଷୀ ବାନ୍ଧି ଦେଇ ଭଗବାନ୍ ବିଷ୍ଣୁଙ୍କୁ ପାତାଳ ଲୋକରୁ ବୈକୁଣ୍ଠକୁ ନେଇଯାଇ ଥିଲେ । ସେହି ଦିନ ଠାରୁ ଭଉଣୀମାନେ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧି ଭାଇ ଭଉଣୀର ସମ୍ପର୍କକୁ ଅତୁଟ ରଖିଥିଲେ ।

ମାତା ସୀତା ସତାନନ ରାବଣ ଠାରୁ ପ୍ରଭୁ ରାମଙ୍କୁ ରକ୍ଷା ପାଇଁ ପ୍ରତିବ୍ରତା ଧର୍ମର ରକ୍ଷା କବଚ ପ୍ରଦାନ କରିଥିଲେ । ମା' ମାନେ ନିଜ ନିଜ ଇଷ୍ଟ ଦେବଦେବୀଙ୍କ ନିକଟରେ ପୂଜା କରି ରକ୍ଷା କବଚ ସନ୍ତାନମାନଙ୍କର କଲ୍ୟାଣ ନିମନ୍ତେ ପିନ୍ଧାଇ ଥାଆନ୍ତି । ଆଲେକ୍‌ଜାଣ୍ଡାର ଓ ପୁରୁଙ୍କ ଯୁଦ୍ଧକୁ ନେଇ ରାକ୍ଷୀ ସମ୍ବନ୍ଧୀୟ ଏକ କାହାଣୀ ରହିଛି । ଆଲେକ୍‌ଜାଣ୍ଡାରଙ୍କ ପତ୍ନୀ ପୁରୁଙ୍କ ହାତରେ ରାକ୍ଷୀ ବାନ୍ଧି ଥିବାରୁ ପୁରୁ ହତ୍ୟା କରିବା ପାଇଁ ଉଦ୍ୟମ ବେଳେ ଭଉଣୀର କଥା ମନେ ପକାଇ ଆଲେକ୍‌ଜାଣ୍ଡାରଙ୍କୁ ଛାଡିଦେଇ ଥିଲେ। ଚିତୋରର ବିଧବା ରାଣୀ କର୍ଣ୍ଣାବତୀ ଦିଲ୍ଲୀର ସମ୍ରାଟ ହୁମାୟନଙ୍କ ନିକଟକୁ ଏକ ରାକ୍ଷୀ ପଠାଇ ଥିବାରୁ ହୁମାୟନ ଭଉଣୀ କର୍ଣ୍ଣାବତୀର ସୁରକ୍ଷା ନିମନ୍ତେ ସେନା ପ୍ରେରଣ କରିଥିଲେ ।

ବିଶ୍ୱକବି ରବିନ୍ଦ୍ରନାଥ ଟାଗୁର ହିନ୍ଦୁ ଓ ମୁସଲମାନ ଉଭୟଙ୍କ ମଧ୍ୟରେ ରାକ୍ଷୀ ବନ୍ଧନ କରି ବିଶ୍ୱ ଭାତୃତ୍ୱକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲେ । ମହାନ ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ଆଜାଦ୍ ଇଂରେଜମାନଙ୍କ ଆଖିରେ ଧୂଳି ଦେଇ ଜଣେ ବିଧବା ସ୍ତ୍ରୀ ଲୋକ ଘରେ ଆଶ୍ରୟ ନେଇଥିଲେ । ବିଧବା ସ୍ତ୍ରୀ ଲୋକଟି ଚନ୍ଦ୍ରଶେଖର ଆଜାଦ୍‌ଙ୍କ ହାତରେ ରାଖି ବାନ୍ଧି ଦେଇଥିଲା । ଅଭାବୀ ସ୍ତ୍ରୀ ଲୋକଟିର ଝିଅ ବିଭାହ ପାଇଁ ଚନ୍ଦ୍ରଶେଖର ତାଙ୍କୁ କହିଥିଲେ, ସେ ତାଙ୍କୁ ଇଂରେଜଙ୍କ ନିକଟରେ ଧରାଇ ଦେଲେ ୫ ହଜାର ଟଙ୍କା ପୁରସ୍କାର ପାଇବେ । କିନ୍ତୁ ସ୍ତ୍ରୀ ଲୋକଟି ଉତର ଦେଇଥିଲା, ଯିଏ ଭାରତ ମାତା ପାଇଁ ଇଂରେଜ ସରକାରଙ୍କ ସହିତ ଲଢୁଛି ଓ ମୋ ରାକ୍ଷୀର ମାନ ରକ୍ଷା କରୁଛି, ମୁ ତାଙ୍କୁ କିପରି ବିଦେଶୀ ସରକାରଙ୍କ ହାରତେ ଧରାଇ ଦେବି ।

ତା'ପର ଦିନ ଚନ୍ଦ୍ରଶେଖର ୫ ହଜାର ଟଙ୍କା ରଖି ଦେଇ, ଭଉଣୀ ଉଦ୍ଦେଶ୍ୟରେ ଏକ ପତ୍ର ଲେଖି ସେଠାରୁ ବିଦାୟ ନେଇଥିଲେ ।

ପ୍ରାୟ ଭାରତର ସବୁ ସ୍ଥାନରେ ରାକ୍ଷୀ ଉତ୍ସବ ପାଳିତ ହୁଏ । ଉତର ପଶ୍ଚିମ ଭାରତରେ ରାକ୍ଷୀ ପୂର୍ଣ୍ଣିମା ଭାବରେ ପାଳନ କରାଯାଏ । ମହାରଷ୍ଟ୍ର, ଗୁଜୁରାଟ, ଗୋଆ ଓ କର୍ଣ୍ଣାଟକର କେତେ ଅଂଚଳରେ ଏହା ରାକ୍ଷୀ ପୂର୍ଣ୍ଣିମା ବା ନାରିୟଲ ପୂର୍ଣ୍ଣିମା ଭାବେ ପରିଚିତ। ଏହି ଦିନ ଅନନ୍ତଶାୟୀ ବିଷ୍ଣୁଙ୍କ ଉଦ୍ଦେଶ୍ୟରେ ନଡିଆ ସମୁଦ୍ରକୁ ଫିଙ୍ଗା ଯାଇଥାଏ । ବ୍ରାହ୍ମଣମାନେ ଏହିଦିନ ନୂତନ ଯଜ୍ଞୋପବୀତ ଧାରଣ କରିଥାଆନ୍ତି । ମଧ୍ୟପ୍ରଦେଶ, ଛତିଶଗଡ, ଝାଡଖଣ୍ଡ, ଓ ବିହାରରେ ଏହାକୁ କଜରି ପୂର୍ଣ୍ଣିମା ବୋଲି କୁହାଯାଏ । ଏହି ପୂର୍ଣ୍ଣିମା କୃଷକମାନଙ୍କ ପାଇଁ ଗୁରୁତ୍ୱ ବହନ କରିଥାଏ ।

ଶ୍ରାବଣ ପୂର୍ଣ୍ଣିମାର ଏହି ରକ୍ଷା ବନ୍ଧନ ପର୍ବ, ପତ୍ନୀ ଭାବେ ପତିର ରକ୍ଷା, ପତି ଭାବେ ପତ୍ନୀର ରକ୍ଷା, ଭ୍ରାତା ଭାବରେ ଭଗ୍ନୀର ରକ୍ଷା, ଭକ୍ତ ଭାବରେ ପ୍ରଭୁଙ୍କର ରକ୍ଷା, ଭଗବାନ ଭାବେ ଭକ୍ତର ରକ୍ଷା, ପୁତ୍ର ଭାବେ ପିତା ମାତାଙ୍କର ରକ୍ଷା, ପିତାମାତା ଭାବେ ସନ୍ତାନର ରକ୍ଷା, ନାଗରିକ ଭାବେ ରାଷ୍ଟ୍ରର ରକ୍ଷା, ମାନବ ଭାବେ ମାନବିକତାର ରକ୍ଷା । ଇର୍ଷା, ଦ୍ୱେଶ, ପରଶ୍ରୀକାତରତା, ମନାନ୍ତର, ମତାନ୍ତର, ତିକ୍ତତା ଓ ବିରୋଧି ଭାବକୁ ପରିତ୍ୟାଗ କରି ବିଶ୍ୱକୁ ଏକ ପରିବାର ମାନି ନେବା ରକ୍ଷା ବନ୍ଧନର ମୂଳ ଉଦ୍ଦେଶ୍ୟ। ଅଧର୍ମ, ଅନ୍ୟାୟ ଅସତ୍ୟ, ଅଜ୍ଞାନ ତାର ବିନାଶ କରି, ମାନବିକ ଧର୍ମର ପ୍ରତିଷ୍ଠା କରିବାକୁ ରାକ୍ଷୀ ପୂର୍ଣ୍ଣିମା ନିର୍ଦ୍ଦେଶ ଦେଇଥାଏ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପରସ୍ପର ମଧ୍ୟରେ ଭାଇ ଚାରା ଏହି ପର୍ବ ସୃଷ୍ଟି କରିଥାଏ । ନାରି ଜାତି, କୃଷକ, ଗୋସମ୍ପଦ, କୃଷି, ଜଙ୍ଗଲ ଓ ଜୀବଜଗତର ସୁରକ୍ଷାର ସାମାଜିକ ବାର୍ତ୍ତା ଏହି ରକ୍ଷାବନ୍ଧନର ମୂଳତତ୍ତ୍ୱ । ଏହି ପର୍ବ ଆମ ଭାରତୀୟ ସଂସ୍କୃତି, ପରମ୍ପରାକୁ ଗୌରବାନ୍ୱିତ ଓ ସମୃଦ୍ଧଶାଳୀ କରିଥାଏ ।



ଓଡିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



ଆସିକା(ଭାସ୍କର ନ୍ୟୁଜ): ଆସିକା କଳିଙ୍ଗା ରୋଡରେ ଥିବା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ସପ୍ତାହ ବ୍ୟାପି ରକ୍ଷା ବନ୍ଧନ ଉତ୍ସବ ଉପଲକ୍ଷେ ଏକ ଆଧାତ୍ମିକ ସ୍ନେହ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ତପସ୍ୟା ଧାମର ଲିଲି ଭଉଣୀଙ୍କ ସଂଯୋଜନାରେ ବଣିକ ସଙ୍ଘର ସମ୍ପାଦକ ସିମାଞ୍ଚଳ ପରିଡା, କାଉନସିଲର ସୁଜାତା ପରିଡା, ବରିଷ୍ଠ ଆଇନଜୀବୀ ଦିଲ୍ଲୀପ ପାଣିଗ୍ରାହୀ, ରଶ୍ମିତା ସାବତ, ମନୋଜ କୁମାର, ରତ୍ନାକର ସିୟ, ସତ୍ୟ ପାତ୍ର, ଶିବ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ପବିତ୍ର ରକ୍ଷା ବନ୍ଧନର ଗୁରୁତ୍ୱ, ମହତ୍ୱ, ତାତ୍ପର୍ଯ୍ୟ ଉପରେ ବକ୍ତାମାନେ ମତ ରଖିଥିଲେ । ଏହି ସ୍ନେହ ମିଳନ କାର୍ଯ୍ୟକ୍ରମରେ ଅଂଚଳର ବହୁ ଆଗ୍ରହୀ ଅଧାତ୍ମିକ ଭାଇ ଭଉଣୀ ମାନେ ଯୋଗ ଦେଇ ଶିବ ବାବାଙ୍କ ସମ୍ମୁଖରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । ରକ୍ଷା ବନ୍ଧନର ଉଦ୍ଦେଶ୍ୟ ଓ ମହତ୍ତ୍ୱ ସମ୍ପର୍କରେ ଉପସ୍ଥିତ ଅତିଥି ମାନେ ମହତ୍ତ୍ୱପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ସ୍ନେହ ମିଳନରେ ତପସ୍ୟା ଧାମର ମନୋଜ ବିଶ୍ୱାଳ, ସୁଦାମ ବିଶ୍ୱାଳ, କୈଳାସ ପୋଲାଇ, ପ୍ରେମଲତା ପ୍ରଧାନ, ସାଗରୀକା ପ୍ରଧାନ, ଏସ. ସୁଲତା, ଉର୍ମିଳା ଏବଂ ଭୀମସେନ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ ।



## ବକେୟା ପଡ଼ିଛି ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା, ସଭାସ୍ଥଳରେ ଚାଷୀଙ୍କ ହଙ୍ଗାମା



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ଦି ଜୁଟ୍ କର୍ପୋରେସନ୍ ଅଫ ଇଣ୍ଡିଆ ଉପରେ ଚାଷୀଙ୍କର ଝୋଟ ବିକ୍ରୟ ବାବଦରେ ୮୦ ଲକ୍ଷରୁ ଉର୍ଦ୍ଧଟଙ୍କା ବକେୟା ପଡିଛି । ଏହି ଟଙ୍କା ଦେବା ନିମନ୍ତେ ବିଭାଗୀୟ ସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଉନଥିବା କାରଣରୁ ଚାଷୀ ମହଲରେ ଉତ୍ତେଜନା ପ୍ରକାଶ ପାଇଛି । ଶୁକ୍ରବାର ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର କୁଳିଆସ୍ଥିତ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ପରିସରରେ ଥିବା ଦି ଜୁଟ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡ ଡିପିସି କାର୍ଯ୍ୟାଳୟରେ ଚାଷୀମାନେ ହଙ୍ଗାମା କରିଥିଲେ । ଦି ଜୁଟ କର୍ପୋରେସନ ଅଫ ଇଣ୍ଡିଆ ଗତ ଜାନୁଆରୀରୁ ଫେବ୍ରୁଆରୀ ମାସ ମଧ୍ୟରେ ଓଡିଶାର ଚାଷୀମାନଙ୍କ ଠାରୁ ପ୍ରାୟ ୧୨ଶହ କ୍ୱିଂଟାଲରୁ ଅଧିକ ଝୋଟ କ୍ରୟ କରି ନେଇଥିଲା । ଏହି ସଂସ୍ଥା ବିଭିନ୍ନ ଆଳ ଦେଖାଇ ଝୋଟ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନରେ ଅହେତୁକ ବିଳମ୍ବ ପ୍ରଦାନ କରିଚାଲିଥିଲା । ଏପରିକି ବିଭିନ୍ନ ସ୍ଥାନରେ ସଂସ୍ଥା ତରଫରୁ ଲୁଚାଛପାରେ ସଭା ସମିତି ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା । ଏପରିସ୍ଥଳେ ସଂସ୍ଥା ତରଫରୁ ଗୋପନୀୟ ଭାବେ କେନ୍ଦୁପାଟଣା ଡିପିସି କାର୍ଯ୍ୟାଳୟ ପରିସରରେ କେତେକ ହାତଗଣତି ଚାଷୀ ଓ ବ୍ୟବସାୟୀଙ୍କୁ ନେଇ ସଚେତନତା ସଭା ତଥା ଭୋଜିଭାତର ଆୟୋଜନ କରାଯାଇଥିଲା । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ୫୦ରୁ ଉର୍ଦ୍ଧ ଚାଷୀ ସଭାସ୍ଥଳରେ ବକେୟା ଟଙ୍କା ପ୍ରଦାନ ନିମନ୍ତେ ଅଡି ବସିଥିଲେ । ଏହି ଘଟଣାକୁ ନେଇ ବିଭାଗୀୟ ଅଧିକାରୀମାନେ ଅଡୁଆ ପରିସ୍ଥିତିର ସମ୍ମୁଖିନ ହୋଇଥିଲେ । ଏପରିକି ଚାଷୀମାନେ ବିଭାଗୀୟ ଅଧିକାରୀଙ୍କୁ ବକେୟା ପ୍ରାପ୍ୟ ମାଗିବା ସହ ଗାଳିଗୁଲଜ କରିବାକୁ ପଛାଇ ନଥିଲେ । ତେବେ ଚାଷୀଙ୍କ ବକେୟା ଝୋଟ ବାବଦରେ କମ୍ପାନୀ ଉପରେ ପ୍ରାୟ ୮୦ ଲକ୍ଷରୁ ଉର୍ଦ୍ଧ ଟଙ୍କା ପଡିରହିଥିବା ଚାଷୀ ମହଲରେ ଅଭିଯୋଗ ହୋଇଛି । ଚାଷୀମାନେ ଏହି ଟଙ୍କା ପାଇବା ନିମନ୍ତେ କମ୍ପାନୀ କାର୍ଯ୍ୟାଳୟକୁ ବାରମ୍ବାର ଦୌଡି ଦୌଡି ନିରାଶ ହେଉଥିଲେ । ତେବେ ବିଭାଗୀୟ ଅଧିକାରୀ ବିଭିନ୍ନ ଆଳ ଦେଖାଇ ଚାଷୀଙ୍କ ବକେୟା ପ୍ରାପ୍ୟ ପ୍ରଦାନ କରୁନଥିଲେ । ଅପରପକ୍ଷରେ ଜଣେ ବିଭାଗୀୟ ଅଧିକାରୀ ଚାଷୀଙ୍କ ଏହି ଟଙ୍କାକୁ ଚଲୁକରି କମ୍ପାନୀ ଛାଡି ପଳାଇ ଯାଇଥିବା ବିଭାଗୀୟ ଅଧିକାରୀ ସଫେଇ ଦେବା ସହ ମାସକ ମଧ୍ୟରେ ଏହି ବିବାଦର ସମାଧାନ କରାଯିବ ଓ ଚାଷୀଙ୍କ ବକେୟା ପ୍ରାପ୍ୟ ପ୍ରଦାନ କରାଯିବା ବୋଲି ନିର୍ଭର ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଶାନ୍ତ ହୋଇଥିଲେ । ତେବେ ଏହି କାର୍ଯ୍ୟାଳୟରେ ଚାଷୀଙ୍କୁ ଶୋଷଣ କରି ବ୍ୟାପକ ଅର୍ଥ ତୋଷାରପାତ କରାଯାଇଥିବା ଅଭିଯୋଗ ହୋଇଛି । ବିଭାଗୀୟ ଅଧିକାରୀ ଅଭିଯୋଗର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦୃଢ଼ ଦାବି ହୋଇଛି ।

## ସମବାୟ ବ୍ୟାଙ୍କରୁ ଋଣ ପାଉନାହାନ୍ତି ବଡ଼ ଚାଷୀ, ତେଜୁଛି ଅସନ୍ତୋଷ




ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଚାଷୀମାନେ କୃଷି ଋଣ ପାଇବାରୁ ବଞ୍ଚିତ ହେଉଥିବା ବେଳେ ନୂଆ ପୁରୁଣାରେ ଚାଲିଛି ବ୍ୟାଙ୍କ । ବହୁ ବଡ଼ ଚାଷୀ ସରକାରଙ୍କ କୃଷି ଋଣ ଯୋଜନାରୁ ବାଦ୍ ପଡୁଛନ୍ତି । ବାରମ୍ବାର ଋଣ ପାଇଁ ଆବେଦନ କରୁଥିଲେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ନୂତନ ଋଣ ନ ଦେଇ ଦୀର୍ଘଦିନ ହେବ ଋଣ ସୁଝି ନଥିବା ବ୍ୟକ୍ତିଙ୍କ ନୂଆ ପୁରୁଣା କାର୍ଯ୍ୟ ଚଳାଇଛନ୍ତି । ଯାହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଥିବା ବେଳେ ପୁରୀ-ନିମାପଡ଼ା ସମ୍ମିଳିତ ସମବାୟ ବ୍ୟାଙ୍କ ପ୍ରତି ଚାଷୀଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି । ସୂଚନା ଅନୁଯାୟୀ, ନିମାପଡ଼ା ହାଟ ବଜାରରେ ଅବସ୍ଥିତ ପୁରୀ-ନିମାପଡ଼ା ସମ୍ମିଳିତ ସମବାୟ ବ୍ୟାଙ୍କରେ ନୂତନ ଚାଷୀଙ୍କୁ କୃଷି ଋଣ ମିଳୁ ନାହିଁ । ଦୀର୍ଘବର୍ଷ ହେବ ଋଣ ଖିଲାପ କରିଥିବା ଚାଷୀଙ୍କ ନୂଆ ପୁରୁଣା କରାଯାଇ କାର୍ଯ୍ୟ ଚାଲୁଛି । ଏହି ବ୍ୟାଙ୍କରେ ଦୀର୍ଘଦିନ ହେବ ଦୁର୍ନୀତି ବଢ଼ିଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନାହିଁ । ଅନେକ ଚାଷୀ ଶାଖା ପରିଚାଳକଙ୍କୁ ଭେଟି ନୂତନ ଋଣ ପାଇଁ ଆବେଦନ କରିଥିଲେ ମଧ୍ୟ ସେଥିପ୍ରତି ଶାଖା ପରିଚାଳକ ଦୃଷ୍ଟି ଦେଉନାହାନ୍ତି । ଏହି ସମବାୟ ବ୍ୟାଙ୍କ ଅଧିନରେ ଲକ୍ଷ ଲକ୍ଷ ଚାଷୀ ରହିଥିଲେ ମଧ୍ୟ ଏକ ପରିବାର ପିଛା ଏକାଧିକ ବ୍ୟକ୍ତିଙ୍କୁ ଚାଷୀ ସଜା ଯାଇ ଋଣ ପ୍ରଦାନ କରାଯାଇଛି । ଗୋଟିଏ ଜମି ପଟାରେ ତିନି ଭାଇ ମଧ୍ୟ ଋଣ ପାଉଛନ୍ତି । ଦୀର୍ଘଦିନ ହେବ ବ୍ୟାଙ୍କରେ ଜମା ଖାତା ଖୋଲି ଋଣ ପାଇଁ ଅନାଇ ବସିଥିଲେ ମଧ୍ୟ ଏଥିପ୍ରତି ବ୍ୟାଙ୍କ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନାହାନ୍ତି । କ'ଣ ପାଇଁ ଏପରି ବୋଲି ଚାଷୀମାନେ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି । ସରକାର ଚାଷୀଙ୍କୁ ସମସ୍ତ ସହାୟତା ଯୋଗାଇ ଦେଉଥିଲେ ମଧ୍ୟ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଆମ ପ୍ରତିନିଧି ବ୍ୟାଙ୍କ ଶାଖା ପରିଚାଳକଙ୍କ ପ୍ରତିକ୍ରିୟା ନେବାରେ ଆମ୍ଭେ କିଛି କରିପାରିବୁ ନାହିଁ, ବିଭିନ୍ନ ପଞ୍ଚାୟତରେ ଥିବା ଶାଖା ଯାହା କରିବ । ତେଣୁଁ ସେବା ସମବାୟ ସମିତିରେ ଚଞ୍ଚକତା ହୋଇଥିବା ଦୀର୍ଘଦିନ ହେବ ଅଭିଯୋଗ ହେଉଥିଲେ ମଧ୍ୟ ଏହି ଅଭିଯୋଗ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ କିମ୍ବା ଏହାର ତଦନ୍ତ କରାଯାଉ ନାହିଁ ।

## ୧୪ ମାସ ହେଲା ଯୁବକ ନିଖୋଜ

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ ଫତେପୁର ଗ୍ରାମର ବିମ୍ବାଧର ଜେନା (୩୫) ନାମକ ଜଣେ ଯୁବକ ୧୪ମାସ ହେଲା ନିଖୋଜ ହୋଇଛନ୍ତି । ନିଖୋଜ ବିମ୍ବାଧରର କୌଣସି ପତ୍ତା ମିଳି ପାରୁନଥିବାରୁ ପରିବାର ଲୋକଙ୍କ ମଧ୍ୟରେ ଦୁଶ୍ଚିନ୍ତା ଘାରିଛି । ଏ ସମ୍ପର୍କରେ ନିଖୋଜ ଯୁବକ ବିମ୍ବାଧରଙ୍କର ବାପା ବାଇଧର ଜେନା ଥାନାରେ ଦ୍ୱାରସ୍ଥ ହୋଇ ପୁଅର ସନ୍ଧାନ ପାଇଁ ନିବେଦନ କରିଥିଲେ । ମାତ୍ର ପୁଲିସ ପକ୍ଷରୁ କୌଣସି ସନ୍ଧାନ ନମିଳିବାରୁ ପୁଣି ବିମ୍ବାଧରର ବାପା ବାଇଧର ଥାନାରେ ଦ୍ୱାରସ୍ତ ହୋଇଥିବା ଜଣାଯାଇଛି । ଗତ ୨୦୨୪ ମଇ ମାସ ୧୬ ତାରିଖରେ ବିମ୍ବାଧର ଘରୁ କୁଆଡ଼େ ଚାଲି ଯାଇଥିଲେ । ପରିବାର ଲୋକ ବହୁ ଖୋଜା ଖୋଜି କରି ସନ୍ଧାନ ପାଇ ନଥିଲେ । ସେହିମାସ ୨୨ ତାରିଖରେ ଏନେଇ ବାଇଧର ଥାନାରେ ଲିଖିତ ଭାବେ ଜଣାଇଥିଲେ । ପୁଲିସ କୌଣସି ସନ୍ଧାନ ନପାଇବାରୁ ବାଇଧର ପୁଣି ଗୁରୁବାର ଥାନାରେ ଦ୍ୱାରସ୍ତ ହୋଇ ପୁଅର ସନ୍ଧାନ ନେବାକୁ ନିବେଦନ କରିଥିବା ଜଣାପଡ଼ିଛି ।

## ଦୁର୍ଘଟଣାରେ ରୋଷେୟାଙ୍କ ମୃତ୍ୟୁ

ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ପିପିଏଲ ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଯାଇଛି । ମୃତ ବ୍ୟକ୍ତିଜଣକ ହେଲେ ପାରାଦୀପ ଏମ୍ପାୟାର୍ସ ହୋଟେଲର ମୁଖ୍ୟ ରୋଷେୟା ନିତିନ ଚନ୍ଦ୍ର ପଟ୍ଟନାୟକ (୫୪) । ଘଟଣାରୁ ପ୍ରକାଶ ଯେ ପିପିଏଲ ଛକ ରାଜପଥରେ ନିତିନ ତାଙ୍କ ସ୍କୁଟି ଯୋଗେ ଯାଉଥିବା ବେଳେ ଏକ ଟ୍ରକ ଓଡି୨୯ସି-୫୬୧୫ ସହିତ ଧକ୍କା ହେବା ଯୋଗୁଁ ସେ ଗୁରୁତର ହୋଇ ଅଠରବାଙ୍କି ମେଡିକାଲରେ ଭର୍ତ୍ତି ହୋଇଥିଲେ । ସେଠାରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ତାଙ୍କ ଘର ଗଞ୍ଜାମ ଜିଲ୍ଲା ରାମନଗରରେ । ତେବେ ତାଙ୍କ ବିୟୋଗରେ ଏମ୍ପାୟାର୍ସ ହୋଟେଲର ସମସ୍ତ କର୍ମଚାରୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି ।

## ସିଆରପି ଦିଦିଙ୍କୁ ଅଶାଳୀନ ବ୍ୟବହାର ନେଇ ମାମଲା




ମହାକାଳପଡ଼ା(ଭାସ୍କର ନ୍ୟୁଜ): ମହାକାଳପଡା ବ୍ଲକ ତେରଗାଁ ଗ୍ରାମ ପଞ୍ଚାୟତ ଅଧୀନ ସୋବଳା ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା । ଯାହାକୁ ନେଇ ଥାନାର ଦ୍ୱାରସ୍ଥ ହେଇଛନ୍ତି ୧୨ ମହିଳା ଗ୍ରୁପର ସଦସ୍ୟ । ଘଟଣାରୁ ପ୍ରକାଶ ଗତ ୨ତାରିଖରେ ସିଆରପି ସୁଜାତା ମହାନ୍ତି ସରକାରୀ ଯୋଜନାରେ ଆସୁଥିବା ବିଭିନ୍ନ ଯୋଜନାର ସୁପରିଚାଳନା ନିମନ୍ତେ ୧୨ଗୋଟି ମହିଳା ଗ୍ରୁପ୍ର ମୁଖ୍ୟମାନଙ୍କ ସହିତ ସୁବଳା ଗ୍ରାମରେ ଥିବା ଗୋଶାଳା ନିକଟସ୍ଥ ଅଫିସରେ ବୈଠକ ବସିଥିଲା । ସେହି ଗ୍ରାମର ତୁଷାର କାନ୍ତ ରାଉତ ଅପରାହ୍ଣ ୩ଟା ସମୟରେ ବସିଥିବା ବୈଠକ ନିକଟରେ ପହଞ୍ଚି ଥିଲା । ବସିଥିବା ସଭାସ୍ଥଳରେ ହଠାତ୍ ପହଞ୍ଚି ଭିଡିଓ ଉତ୍ତୋଳନ କରୁଥିଲା । ଏସବୁ ଦେଖି ବସିଥିବା ମେମ୍ବରଙ୍କ ସହ ସିଆରପି ସୁଜାତା ମହାନ୍ତି ପ୍ରତିବାଦ କରିବାରୁ ସେ ସମସ୍ତ ମେମ୍ବରଙ୍କ ସହିତ ଶ୍ରୀମତୀ ମହାନ୍ତିଙ୍କୁ ବି ଅଭଦ୍ର ଭାଷାରେ ଗାଳି ଗୁଲଜ କରିଥିଲା । ଏମିତିବି ଶ୍ରୀମତୀ ମହାନ୍ତିଙ୍କୁ ମାରି ଦେବାକୁ ଧମକ ଦେଇଥିଲା । ଯାହା ଫଳରେ ଶ୍ରୀମତୀ ମହାନ୍ତିଙ୍କ ସହିତ ୧୨ ଗ୍ରୁପର୍ ବହୁ ସଂଖ୍ୟାର ମହିଳାମାନେ ମାର୍ଶାଘାଇ ଥାନର ଦ୍ୱରସ୍ତ ହୋଇ ତୁଷାରକାନ୍ତ ରାଉତଙ୍କ ନାମରେ ଅଭିଯୋଗ କରିବା ସହିତ ଆମକୁ ସଠିକ୍ ନ୍ୟାୟ ମିଳିବ ବୋଲି ଶ୍ରୀମତୀ ମହାନ୍ତି ସୁଚନା ଦେଇଛନ୍ତି ।

## ସରସ୍ୱତୀ ଶିଶୁ ମନ୍ଦିରରେ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା



ଭୁବନ(ଭାସ୍କର ନ୍ୟୁଜ): ଭୁବନ ବ୍ଲକ ଅନ୍ତର୍ଗତ ମାର୍ଥାପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାର୍ଥାପୁର ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅରୁଣ କୁମାର ସାମଲ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ବିଜ୍ଞାନ ମେଳାରେ ୨୨୫ ପ୍ରକଳ୍ପ ସ୍ଥାନ ପାଇଥିଲା । ଅନୁଷ୍ଠାନର ସଭାପତି ସୁଧାଂଶୁ ଶେଖର ପାତ୍ର, ସମ୍ପାଦକ ହୃଦାନନ୍ଦ ନନ୍ଦ ଶତପଥୀ, ମଠକରୋଗୋଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । ବିଦ୍ୟଳୟର ପ୍ରଧାନ ଆଚାର୍ଯ୍ୟ ଉଦୟନାଥ ସାହୁ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ ।

## ଡାବୁଗାଁ ଜି.କେ ଇଂଲିଶ ମିଡ଼ିୟମ୍ ସ୍କୁଲରେ ରାକ୍ଷୀ ପୂର୍ଣ୍ଣିମା ପାଳିତ



ଡାବୁଗାଁ(ଭାସ୍କର ନ୍ୟୁଜ): ଶୁକ୍ରବାର ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକରେ ଥିବା ଜି. କେ ଇଂଲିଶ ମିଡିୟମ୍ ସ୍କୁଲରେ ରାକ୍ଷୀ ପୁର୍ଣମା ଅତ୍ୟନ୍ତ ଧୁମଧାମର ସହିତ ପାଳନ କରାଯାଇଛି । ସ୍କୁଲଟି ଇଂଲିଶ ମିଡିୟମ ହୋଇଥିଲେ ମଧ୍ୟ ହିନ୍ଦୁ ପରମ୍ପରାରେ ଚାଲିଥିବା ଦେଖିବାକୁ ମିଳିଛି । ପୂର୍ବରୁ ସେହି ସ୍କୁଲରେ ରାମନବମୀ ପର୍ବ ମଧ୍ୟ ବହୁତ ସୁନ୍ଦର ଭାବେ ପାଳନ କରିଥିବା ଦେଖିବାକୁ ମିଳିଥିଲା । ଏହି ସ୍କୁଲର ଏମ. ଡି ତନୁଶ୍ରୀ ମହାନ୍ତିଙ୍କ କହିବା ଅନୁସାରେ ଏହି ସ୍କୁଲଟି ଇଂଲିଶ ମିଡିୟମ ହୋଇଥିଲେ ମଧ୍ୟ ଯେହେତୁ ଭାରତ ଏକ ହିନ୍ଦୁ ରାଷ୍ଟ୍ର, ତେଣୁ ସେମାନେ ସ୍କୁଲକୁ ସମ୍ପୂର୍ଣ୍ଣ ଭାବେ ହିନ୍ଦୁ ପରମ୍ପରା ବିଷୟରେ ଜ୍ଞାନ ଦେଉଛନ୍ତି । ପ୍ରାୟତଃ ଅନ୍ୟ ଇଂଲିଶ ମିଡିୟମ ସ୍କୁଲରେ ଏହା ଦେଖିବାକୁ ମିଳେନାହିଁ । ତନୁଶ୍ରୀ ମାଡାମଙ୍କ କହିବା ଅନୁଯାୟୀ ସେମାନେ ଆଗକୁ ଆସୁଥିବା ଜନ୍ମାଷ୍ଟମୀ ମଧ୍ୟ ସ୍କୁଲରେ ପାଳନ କରିବେ । ଭାରତକୁ ଏକ ହିନ୍ଦୁ ରାଷ୍ଟ୍ର କରିବା ଆମର ଲକ୍ଷ୍ୟ, ତେଣୁ ପିଲା ମାନଙ୍କୁ ହିନ୍ଦୁ ପର୍ବପର୍ବାଣି ବିଷୟରେ ଜ୍ଞାନ ଦେବା କଥା ସେ କହିଛନ୍ତି ।

## ସୋଲାର ଲାଇଟ୍‌ରେ ଝଲସିଲା ନୂଆବଜାର ରେଳ ଓଭରବ୍ରିଜ୍



ଜଳେଶ୍ୱର(ଭାସ୍କର ନ୍ୟୁଜ): ନୂଆ ବଜାର ରେଳ ଓଭରବ୍ରିଜ ଲୋକାର୍ପିତ ହେବାର ଦୀର୍ଘ ୧୬ ମାସ ପରେ ଗୁରୁବାର ସନ୍ଧ୍ୟାରେ ସୋଲାର ଲାଇଟ୍ ସଂଯୋଗରେ ଝଲସି ଉଠିଛି ଓ ଦୀର୍ଘଦିନ ଧରି ଉକ୍ତ ପୋଲ ଉପରେ ଘନ ଅନ୍ଧକାର ବିରାଜମାନ କରୁ ଥିବାରୁ ଅସାମାଜିକଙ୍କ ଆଡ୍ଡା ସ୍ଥଳ ପାଲଟିବା ସହିତ କ୍ରମାଗତ ଦୁର୍ଘଟଣା ଘଟୁଥିଲା । ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ଲଗାତର ଆନ୍ଦୋଳନ ଓ ନଗରପାଳ ପ୍ରତୀପ କୁମାର ପ୍ରଧାନ ଭିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଚିଠି ଲେଖି ଅନୁରୋଧ ସହିତ ଅନ୍ୟ କେତେକ ସଂଗଠନର ଦାବି ଫଳରେ ଦୁର୍ଗାପୂଜା ସମୟରେ ପୌର ପ୍ରଶାସନ ଅସ୍ଥାୟୀ ଆଲୋକିକରଣ କରି ସହରବାସୀଙ୍କ ଅସୁବିଧା ଦୂର କରିଥିଲେ । ପରବର୍ତ୍ତୀ ସମୟରେ ଏହା ଖୋଲି ନିଆଯାଇଥିଲା । ଯାହା ଫଳରେ ଜଳେଶ୍ୱର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବାରମ୍ବାର ଆନ୍ଦୋଳନ ଧମକ ଦିଆ ଯାଉଥିଲା । ପରିଣାମ ସ୍ୱରୂପ ପ୍ରଶାସନ ପକ୍ଷରୁ ଗୁରୁବାର ଆଲୋକ ସ୍ତମ୍ଭ ଲଗେଇବା ଆରମ୍ଭ ହୋଇଛି । ଏହି ବୃହତ୍ ରେଳ ପୋଲ ଉପରେ ମୋଟ ୯୬ଟି ସୌର ପେନାଲ ଆଲୋକ ସ୍ତମ୍ଭସ୍ଥାପନ ହେବାକୁ ଥିବାବେଳେ ନୂଆବଜାର ପଟରୁ ଆଲୋକ ସ୍ତମ୍ଭ ସ୍ଥାପନ ସରିଛି । ଆଲୋକ ବ୍ୟବସ୍ଥା ଶୁଭାରମ୍ଭର ସୂଚନା ପାଇ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ସଭ୍ୟମାନେ ଏକତ୍ରିତ ହୋଇଥିଲେ । ମଞ୍ଚର ସଭାପତି ଡକ୍ଟର ରମାକାନ୍ତ ଭଞ୍ଜ, ସମ୍ପାଦକ ଡକ୍ଟର ଲଳିତ ରଞ୍ଜନ ସେନାପତି, ଦିଲ୍ଲୀପ କୁମାର ଗିରି, ସୀତାଂଶୁ ସେନାପତି, ଭାସ୍କର ଚନ୍ଦ୍ର ମିଶ୍ର, କପିଳେଶ୍ୱର ମହାନ୍ତି, ଇଂ ଶ୍ରୀମନ୍ତ କୁମାର ଘୋଷ, ଖଗେନ୍ଦ୍ର ନାଥ ସାହୁ, ବିକାଶ ଧର, କ୍ଷେତ୍ର ମୋହନ ଗିରି, ଅବଦୁଲ୍ ସମତ୍, କାଳୀଚରଣ ପୁଷ୍ଟି, ବନମାଳୀ ଧଳ, ଅନନ୍ତ ଦତ୍ତ, ଜୀବନ ପରିଡ଼ା, ସିଦ୍ଧେଶ୍ୱର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ଓ ସେହିପରି ବିଜେପି ପକ୍ଷରୁ ନଗର ସଭାପତି କାଉନସିଲର ଶିବ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ କାଉନସିଲର ଚନ୍ଦନ କୁମାର ଦାସ, ଯୁବନେତା ରାଜେଶ କୁମାର ଖଟୁଆ, ତାପସ ପାଣିଗ୍ରାହୀ, ଦେବାଯାନୀ ଅଣ୍ଡିଆ, ମୁକ୍ତାରାଣୀ ପାଳ, ବିଶ୍ୱ ଭୂଷଣ ଦାସ, ଅଶ୍ୱନୀ କୁମାର ନାଥ, ସେକ ହସିରୁଦ୍ଦିନ ବକ୍ସ, ସୁମତୀ ରଣା ପ୍ରମୁଖ ଉପସ୍ଥିତ ହୋଇ ମିଠା ବାଣ୍ଟି ଖୁସି ମନାଇଥିଲେ ।

### ନିମାପଡ଼ାରେ ସମସ୍ୟା ସୃଷ୍ଟି କରୁଛନ୍ତି ବୁଲା ଗୋରୁଗାଈ

## ଜାଗ୍ରତ ଯୁବଶକ୍ତି ପକ୍ଷରୁ ଗୋଶାଳା ନିର୍ମାଣ ଦାବି



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ବୁଲା ଗୋରୁଗାଈ ଆତଙ୍କ ରଚିଥିବା ବେଳେ ଅନେକ ପଥଚାରୀ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ପଥର ଯାତ୍ରୀ ସାଜୁଥିବା ବେଳେ ଅନ୍ୟ କେତେକ ଗୁରୁତର ଭାବେ ଆହତ ହେଉଛନ୍ତି । ରାତ୍ର ସମୟରେ ଭାରିଯାନ ଚଳାଚଳ କରୁଥିବା ହେତୁ ଗୋରୁମାନେ ଦୁର୍ଘଟଣାର ଶିକାର ହେଉଛନ୍ତି । ଗତ ଗୁରୁବାର ରାତ୍ରରେ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଏକ ଷଣ୍ଢକୁ ହାଇୱା ଧକ୍କା ଦେବାରୁ ଷଣ୍ଢ ତଳେ ପଡ଼ି ଯାଇଥିବା ବେଳେ ତା' ଗୋଡ଼ରେ ହାଇୱା ଚକା ଚଢ଼ାଇ ପଳାଇଥିଲା । ଅନେକ ବ୍ୟକ୍ତି ଉଦ୍ଧାର କରି ପଶୁ ଚିକିତ୍ସାଧିକାରୀଙ୍କୁ ଡ଼କାଇ ଚିକିତ୍ସା କରାଇଥିଲେ । ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ବେଳେ ଏଥିପ୍ରତି ବିଜ୍ଞାପିତ ଅଞ୍ଚଳ ପରିଷଦ ଦୃଷ୍ଟି ନ ଦେବାରୁ ଦୁର୍ଘଟଣା ବୃଦ୍ଧି ପାଉଛି । ନିମାପଡ଼ାରେ କାଞ୍ଜିଆ ହୁଦା ମଧ୍ୟ ଦେଖିବାକୁ ମିଳୁ ନାହିଁ । ଏ ସଂପର୍କରେ ଜାଗ୍ରତ ଯୁବଶକ୍ତି ସଂଗଠନ ତରଫରୁ ନିମାପଡ଼ାରେ କାଞ୍ଜିଆହୁଦା ଓ ଗୋଶାଳା ନିର୍ମାଣ ଦାବି କରି ଏକ ଲିଖିତ ଅଭିଯୋଗ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଅଧକ୍ଷା ସସ୍ମିତା ସାହୁଙ୍କୁ ପ୍ରଦାନ କରିଛନ୍ତି । ସୂଚନା ଅନୁଯାୟୀ, ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ କୁଶଭଦ୍ରା ପୋଲରୁ ତଳଅଣ୍ଡିଆ, ଦୋଳବେଦୀରୁ ପାଟପୁର ନାଳବନ୍ଧ ରାସ୍ତା ଚାରିଆଡ଼େ ପଲ ପଲ ଗୋରୁ ରାସ୍ତା ଅବରୋଧ କରି ରହିବା ଦ୍ୱାରା ଦୁର୍ଘଟଣା ଘଟୁଛି । ବାରମ୍ବାର ପରିଷଦ ନିକଟରେ ଦାବି ହେଉଥିଲେ ମଧ୍ୟ ପରିଷଦ ଏହି ଦାବି ପ୍ରତି କର୍ଣ୍ଣପାତ ନ କରିବା ଏକ ପରିତାପର ବିଷୟ ବୋଲି ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ଜାଗ୍ରତ ଯୁବଶକ୍ତି ସଂଗଠନର ସଂଯୋଜକ ସମୀର ରଂଜନ ରାଉତରାୟ, ଆବାହକ ଆଦର୍ଶ ଦାଶ, ବିଶ୍ୱଜିତ ବେହେରା, ଅଭିଜିତ ମହାପାତ୍ର, ଦେବାଶିଷ ଦାଶ, ଦଣ୍ଡପାଣି ସାହୁ, ମହେଶ କୁମାର ସ୍ୱାଇଁ, ଗଙ୍ଗାଧର ଓଝା, ଅନୁକୂଳ ସ୍ୱାଇଁ ପ୍ରମୁଖ ଦାବି ପତ୍ର ପ୍ରଦାନ କରିଛନ୍ତି ।

## ବ୍ଲକ୍ ଓ ପଞ୍ଚାୟତରେ ଅର୍ଥ ସଙ୍କଟ, ଉନ୍ନତିମୂଳକ କାର୍ଯ୍ୟ ଠପ୍



ନିଆଳି(ଭାସ୍କର ନ୍ୟୁଜ): ଗତ କିଛିମାସ ହେବ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନ ଟଙ୍କା ବ୍ଲକ୍ ଓ ପଞ୍ଚାୟତକୁ ଆସିବାରେ ବିଳମ୍ବ ଯୋଗୁଁ ଉନ୍ନତି ମୂଳକ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଥିବା ଅଭିଯୋଗ ହୋଇଛି । କଟକ ଜିଲ୍ଲା ନିଆଳି ବ୍ଲକ୍ର ବିଭିନ୍ନ ପଞ୍ଚାୟତକୁ ୨୦୨୫ ଓ ୨୦୨୬ ମସିହା ପାଇଁ ଗ୍ରାମ୍ୟ ରାସ୍ତାଘାଟ, ସ୍କୁଲ ଗୃହ, ପୋଖରୀ, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ହରିଶ୍ଚନ୍ଦ୍ର ଯୋଜନା ଟଙ୍କା ଆସିବାରେ ବିଳମ୍ବ ହୋଇଥିବା ନେଇ ଅଭିଯୋଗ ହୋଇଛି । ଏପରିକି ବ୍ଲକ୍‌କୁ ପଞ୍ଚାୟତ ସମିତି ଟଙ୍କା ଏପର୍ଯ୍ୟନ୍ତ ଆସୁନଥିବା କାରଣରୁ ପଞ୍ଚାୟତ ସମିତି ମଧ୍ୟ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିପାରୁନଥିବା ସୂଚନା ମିଳିଛି । ୨୦୨୫ ମସିହା ଅଧାରୁ ଅଧିକ ହେଲାଣି ଏପର୍ଯ୍ୟନ୍ତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜିପିଟିପି ଟଙ୍କା ଏପର୍ଯ୍ୟନ୍ତ ଆସି ନଥିବା ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଅଭିଯୋଗ କରିଛନ୍ତି । ଫଳରେ ପଞ୍ଚାୟତର ବିଭିନ୍ନ ୱାର୍ଡରେ ସରକାରୀ କାର୍ଯ୍ୟ ଏକରକମ ଠପ୍ ହୋଇଯାଇଛି । ନିଆଳି ବ୍ଲକ୍ ବିଡ଼ିଓଙ୍କୁ ପଚାରିବାରୁ କୌଣସି ସଠିକି ଉତ୍ତର ଦେଉନାହାନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ବ୍ଲକ୍ ଓ ପଞ୍ଚାୟତକୁ ସରକାରୀ ଅନୁଦାନ ପ୍ରଦାନ ପାଇଁ ଦାବି ହୋଇଛି ।

### ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ
## ଅଭିଯୁକ୍ତ କୋର୍ଟଚାଲାଣ

ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ଥାନା ସାଦେଇପୁର ରାଉତନୂଆଗାଁ ଗ୍ରାମର ଜଣେ ମହିଳାଙ୍କୁ ଟେକିନେଇ ବଳାତ୍କାର ଉଦ୍ୟମ କରିବା ଘଟଣାରେ ପୋଲିସ ଅଭିଯୁକ୍ତ ସନ୍ତୋଷ ଦାସକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ସନ୍ତୋଷକୁ ଜେଲ ପଠାଇ ଦିଆଯାଇଛି । ବୁଧବାର ଅପରାହ୍ଣରେ ମହିଳା ଜଣଙ୍କ ନିକଟସ୍ଥ ନଦୀପଠାକୁ ଗାଈ ଆଣିବାକୁ ଯାଇଥିବା ବେଳେ ଅଭିଯୁକ୍ତ ସନ୍ତୋଷ ତାଙ୍କୁ ପଛପଟୁ ଜାବୁଡ଼ି ଧରି ବଣକୁ ଟେକିନେଇ ତଳେ ପକେଇ ବଳାତ୍କାର ଉଦ୍ୟମ କରିଥିବା ସମ୍ପର୍କରେ ସେ ଥାନାରେ ଅଭିଯୋଗ କରିଥିଲେ । ଏ ନେଇ ଥାନାରେ କେସ ନଂ ୧୭୦/୨୫ ରେ ମାମଲା ରୁଜୁ ହୋଇଥିଲା । ଗୁରୁବାର କଂଗ୍ରେସ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକ ଓ ପିସିସି ସଭ୍ୟ ଦେବପ୍ରସାଦ ନାୟକଙ୍କ ପରାମର୍ଶ କ୍ରମେ ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ ପୀଡିତାଙ୍କ ଘରକୁ ଜାଇ ତାଙ୍କୁ ଭେଟି ଆଲୋଚନା କରିଥିଲେ । ପରେ ରଘୁନାଥପୁର ଥାନାକୁ ଆସି ଥାନାଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ଅଭିଯୁକ୍ତକୁ ଗିରଫ କରିବା ପାଇଁ ଦାବି କରିଥିଲେ । ଯଦି ଅଭିଯୁକ୍ତକୁ ଶୀଘ୍ର ଗିରଫ କରାନଯାଏ ତାହାଲେ ବ୍ଲକ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ମଧ୍ୟ ଦିଆଯାଇଥିଲା । ଏନେଇ ପୋଲିସ ପକ୍ଷରୁ ବିଭିନ୍ନ ଆଡେ ଜାଲ ବିଛାଯାଇଥିଲା । ଅଭିଯୁକ୍ତ ଫେରାର ଉଦ୍ୟମ କରୁଥିବା ବେଳେ ପୋଲିସ ତାକୁ ବିରାଟକଟକ ରୋଡରେ ଧରିବାକୁ ସକ୍ଷମ ହୋଇଥିବା ଆଇଆଇସି ସୁଶାନ୍ତ ସେଠି ପ୍ରକାଶ କରିଛନ୍ତି ।

## ଜଳିଗଲା ଔଷଧ ଦୋକାନ, ମାଲିକ ଆହତ

କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ମେଡିକାଲ ଛକଠାରେ ଗତ କାଲି ରାତ୍ର ୯ ଘଟିକାରେ ବେହେରା ମେଡ଼ିସିନ ଷ୍ଟୋର ରେ ଅଗ୍ନିକାଣ୍ଡ ଘଟି ଦୋକାନଟି ସମ୍ପୂର୍ଣ୍ଣ ଜଳିଯିବା ସହିତ ଦୋକାନ ମାଲିକ ବିଷ୍ଣୁ ଚରଣ ବେହେରା ଆହତ ହୋଇ କାକଟପୁର ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି । ସେଠାରେ ଉପସ୍ଥିତ ପାଖ ଦୋକାନୀଙ୍କ କହିବା ଅନୁଯାୟୀ ବିଷ୍ଣୁ ଚରଣ ବେହେରା ଦୋକାନରେ ଧୂପ ଦେଇ ଘରକୁ ବାହାରୁଥିଲେ । ଗାଡ଼ିରେ ପକେଇବା ପାଇଁ ଆଣିଥିବା ପେଟ୍ରୋଲ ଦୋକାନରେ ଠିପି ଖୋଲିବା କ୍ଷଣି ହଠାତ ଏକ ପ୍ରଚଣ୍ଡ ଶବ୍ଦ କରି ଦୋକାନର ଚାରିଆଡେ ନିଆଁ ଲାଗିଗଲା । କାକଟପୁର ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗକୁ ଖବର ଦେଇ ଜଳୁଥିବା ନିଆଁ ଆୟତ୍ତ କରିଥିଲେ । ଗୁରୁତର ଆହତ ମାଲିକ ବିଷ୍ଣୁ ବେହେରାଙ୍କୁ ଚିକିତ୍ସା ପାଇଁ କାକଟପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସୂଚନା ମୁତାବକ ସେ ସାମୟିକ ସୁସ୍ଥ ଥିବା ଜଣାପଡିଛି ।

## ସାମ୍ବାଦିକଙ୍କୁ ରାକ୍ଷୀ ବାନ୍ଧିଲେ ପ୍ରଜାପିତା ବ୍ରହ୍ମକୁମାରୀ ସ୍ୱେଚ୍ଛାସେବୀ



ପାରାଦୀପ(ଭାସ୍କର ନ୍ୟୁଜ): ସମାଜରେ ଶାନ୍ତି, ଶୃଙ୍ଖଳା, ମୈତ୍ରୀ ଓ ଆଧାତ୍ମିକ ପରିବେଶ ସୃଷ୍ଟି ପାଇଁ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛନ୍ତି । ତେବେ ପ୍ରତ୍ୟେକ ବର୍ଷ ରାକ୍ଷୀ ପୂର୍ଣ୍ଣିମା ଅବସରରେ ସାମ୍ବାଦିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସମ୍ମାନ ଜଣାଇ ସେମାନଙ୍କୁ ରାକ୍ଷୀ ବାନ୍ଧିଥାନ୍ତି ବ୍ରହ୍ମକୁମାରୀ ଭଉଣୀମାନେ । ଏହି ରକ୍ଷାବନ୍ଧନ ପରିପ୍ରେକ୍ଷୀରେ ପାରାଦୀପର ମଧୁବନସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅପରାହ୍ଣରେ ଏକ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ମୁଖ୍ୟ ଭଉଣୀ ସୁମନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ ଓ ସ୍ୱାଗତ କରାଯାଇ ସେମାନଙ୍କୁ ରାକ୍ଷୀ ବନ୍ଧା ଯାଇଥିଲା । ଏହି ଅବସରରେ ଭଗ୍ନୀ ସୁମନ ସମାଜର ସୁରକ୍ଷା ନିମନ୍ତେ ସାମ୍ବାଦିକଙ୍କ ଭୂମିକା ଓ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଏଥିରେ ଆୟୋଜିତ ଧାର୍ମିକ ସଭାରେ ଭଉଣୀ ସୁମନଙ୍କ ସମେତ ବ୍ରହ୍ମକୁମାରୀ ଅନୁଷ୍ଠାନର ସଦସ୍ୟ ବିବେକାନନ୍ଦ ନାୟକ ଏବଂ ରାଜେଶ ରଞ୍ଜନ ଉପସ୍ଥିତ ରହି ଆମ୍ଭର ସହ ବିଚାର କରି ସମ୍ବାଦ ପରିବେଷଣ କରିବାକୁ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଉତ୍ସାହିତ କରିଥିଲେ ।

## ଦୁର୍ଘଟଣାରେ ଦମ୍ପତି ଗୁରୁତର

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ ଭଦ୍ରକ-ଚାନ୍ଦବାଲି ରାସ୍ତାର ତିହିଡ଼ି ପୁରୁଣା ହାଟ ସ୍ଥିତ ପୂର୍ଣ୍ଣଚନ୍ଦ୍ର ଆଇଟିଆଇ ଠାରେ ଏକ କାର୍ ବାଇକ୍‌କୁ ପଛରୁ ଧକ୍କା ଦେଇଥିଲା । ଫଳରେ ବାଇକ୍‌ରେ ଥିବା ମିର୍ଜାପୁର ଗ୍ରାମର ସୁଶାନ୍ତ କୁମାର ନାୟକ (୪୭) ଓ ପତ୍ନୀ ମିନତୀ ନାୟକ(୪୧) ଗୁରୁତର ଆହତ ହୋଇଥିଲେ । ସେମାନଙ୍କୁ ସ୍ଥାନୀୟ ଲୋକ ତହିଡ଼ି ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ । ସେଠାରେ ମିନତୀଙ୍କ ଅବସ୍ଥା ଗୁରତର ହେବାରୁ ତାଙ୍କୁ ଭଦ୍ରକ ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ପ୍ରକାଶ ଯେ, ଗତ ୪ତାରିଖ ରାତି ୮ଟାରେ ଦୋଳସାହିରୁ ଡାକ୍ତର ଦେଖାଇ ସୁଶାନ୍ତ ଓ ମିନତୀ ଓଡି୨୨ ଇ ୦୮୪୭ ନଂ ବାଇକ୍ ଯୋଗେ ଘରକୁ ଫେରୁଥିଲେ । ପୂର୍ଣ୍ଣଚନ୍ଦ୍ର ଆଇଟିଆଇ ନିକଟରେ ତାଙ୍କ ବାଇକ୍‌କୁ ଓଡି୦୨ ସିଏମ ୭୮୧୭ ନଂର ଏକ କାର୍ ପଛପଟୁ ଧକ୍କା ଦେଇଥିଲା । ଫଳରେ ଦମ୍ପତି ତଳେ ପଡ଼ି ଯାଇ ଗୁରୁତର ଆହତ ହୋଇଥିଲେ । ଏ ସମ୍ପର୍କରେ ତିହିଡ଼ି ଥାନାରେ ୨୬୮/୨୫ରେ ଏକ ମକଦ୍ଦମା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଜଣାପଡ଼ିଛି ।

## ରାୟଗଡ଼ା ଏସ୍‌ୟୁଜେ ସାମ୍ବାଦିକ ସଂଘର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ



ରାୟଗଡା(ଭାସ୍କର ନ୍ୟୁଜ): ଷ୍ଟେଟ ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ, ଓଡିଶା (ଏସୟୁଜେ)ରାୟଗଡା ଜିଲ୍ଲା ଶାଖାର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ-୨୦୨୫ ସ୍ଥାନୀୟ ଗାୟତ୍ରୀ ନଗର ସ୍ଥିତ ବରିଷ୍ଠ ନାଗରିକ କଲ୍ୟାଣ ସଂଘ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏସୟୁଜେ ରାୟଗଡ଼ା ଜିଲ୍ଲା ଶାଖା ସଭାପତି ଶିବ ନାରାୟଣ ଗଉଡଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରାଜ୍ୟ ସଂଘ କାର୍ଯ୍ୟକାରୀ ସଭାପତି କୀର୍ତ୍ତିଚନ୍ଦ୍ର ସାହୁ ବିଶେଷ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସୂଚନା ଓ ଲୋକ ସଂପର୍କ ବିଭାଗ ଉପନିର୍ଦ୍ଦେଶକ ତଥା ରାୟଗଡ଼ା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମହାରଣା ଯୋଗ ଦେଇଥିଲେ । ଜିଲ୍ଲା ଶାଖାର ସାଧାରଣ ସଂପାଦକ ସୁବାଷ ଚନ୍ଦ୍ର ସୂର୍ଯ୍ୟ ଜିଲ୍ଲା ସଂଘର କାର୍ଯ୍ୟ ପ୍ରଣାଳୀ, ନୀତି ନିର୍ଦ୍ଦେଶ ଓ ଆଗାମୀ କାର୍ଯ୍ୟସୂଚୀ ବିଷୟରେ ଆଲୋଚନା କରିବା ସହ ମଂଚ ସଂଯୋଜନା କରିଥିଲେ । ଏହି ଔପଚାରିକ ବୈଠକରେ ସଭାପତି ଶ୍ରୀ ଗଉଡ ସାମ୍ବାଦିକଙ୍କ ସମସ୍ୟା, ଅଧିକାର ସୁରକ୍ଷା, ପେଶାଗତ ମାନଦଣ୍ଡ ଓ ସାମ୍ପ୍ରତିକ ଘଟଣା ବିଷୟରେ ଆଲୋଚନା କରିଥିଲେ । ରାଜ୍ୟ ଏସୟୁଜେ ସଂଘ ଦ୍ୱାରା ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟାର ସମାଧାନ, ସୁରକ୍ଷା ଆଇନ ପ୍ରଣୟନ, ଭୁବନେଶ୍ୱରରେ ସାମ୍ବାଦିକ ଭବନ, ବୀମାରେ ବୃଦ୍ଧି, ମୃତ୍ୟୁକାଳନୀ ସହାୟତା, ପେନସନ ଲାଗୁ ଇତ୍ୟାଦି ଦାବିଗୁଡିକ ସରକାର ପୂରଣ କରିବା ଦିଗରେ ସଂଘର ଦାବି ପୂରଣର ସଫଳତା ଉପରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ଶ୍ରୀ ସାହୁ ଆଲୋକପାତ କରିବା ସହ ରାୟଗଡ଼ା ଜିଲ୍ଲାରେ ସଂଘକୁ ଆହୁରି ମଜବୁତ କରି ସଂଘର କାର୍ଯ୍ୟକ୍ରମ ପରିକଳ୍ପନା ସହ ନୂତନ ସଦସ୍ୟଭର୍ତ୍ତି, ଧନସଂଗ୍ରହ ଓ ପ୍ରଶିକ୍ଷଣ ଆଦି କାର୍ଯ୍ୟକ୍ରମ କରିବାକୁ ଆହ୍ୱାନ ଦେଇଥିଲେ । ବୈଠକରେ ଫୋନ ଯୋଗେ ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକର ଶୁଭକାମନା ଜଣାଇଥିଲେ । ସେହିପରି ମୁଖ୍ୟ ଅତିଥି ଡିଆଇପିଆରଓ ଶ୍ରୀ ପ୍ରଧାନ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସମସ୍ତ ଯୋଜନା, ସହାୟତା ସଂପର୍କରେ ଏବଂ ସମାଜରେ ସ୍ୱାଧୀନ, ସତ୍ୟନିଷ୍ଠ ଓ ଦାୟିତ୍ୱପୂର୍ଣ୍ଣ ସାମ୍ବାଦିକତାକୁ ସୁଦୃଢ଼ କରିବାରେ ଏଭଳି ବୈଠକର ଅସାଧାରଣ ଭୂମିକା ରହିଛି ବୋଲି ମତପ୍ରକାଶ କରିଥିଲେ । ବୈଠକରେ ସଂଘ ପକ୍ଷରୁ ଡିଆଇପିଆରଓ ଶ୍ରୀ ପ୍ରଧାନଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସର୍ବସମ୍ମତି କ୍ରମେ ସଂଘ ପକ୍ଷରୁ ପେଶାଗତ ଅଧିକାର ସୁରକ୍ଷା ପାଇଁ ସରକାରଙ୍କୁ ଅନୁରୋଧ ପତ୍ର ପ୍ରେରଣ କରିବା, ଆଗାମୀ ଦିନରେ ନିୟମିତ ବୈଠକ, ସାମ୍ବାଦିକଙ୍କ ବିଧି ସହାୟତା କୋଷ ଗଠନ କରାଯିବା ପାଇଁ ନିଷ୍ପତି ନିଆଯାଇଥିଲା । ବୈଠକରେ ସଂଘର ୩୦ରୁ ଉର୍ଦ୍ଧ ସଦସ୍ୟମାନେ ସକ୍ରିୟ ଭାବେ ଆଲୋଚନାରେ ଅଂଶ୍ରଗହଣ କରିଥିବା ବେଳେ ସାଧାରଣ ସଂପାଦକ ସୂର୍ଯ୍ୟ ଧନ୍ୟବାଦ ଜଣାଇ ବୈଠକ ସମାପନ କରିଥିଲେ ।



ସତ୍ୟବାଦୀ(ଭାସ୍କର ନ୍ୟୁଜ ): ପୁରୀ ଜିଲ୍ଲା ଅନ୍ତର୍ଗତ ସତ୍ୟବାଦୀ ବ୍ଲକ ଏକ ପୁଣ୍ୟ ଭୂମି ରୂପେ ପ୍ରସିଦ୍ଧ । ପ୍ରତିଦିନ ସାକ୍ଷୀଗୋପୀନାଥ ଦେବ ଙ୍କ ମନ୍ଦିରକୁ ଆସିଥାନ୍ତି ହଜାର ହଜାର ଭକ୍ତ ଶ୍ରଦ୍ଧାଳୁ । ଗତ ଏକବର୍ଷ ତଳେ ସତ୍ୟବାଦୀକୁ ଏନଏସି ଘୋଷଣା କରିଥିଲେ ସରକାର , ସତ୍ୟବାଦୀ ବ୍ଲକ ତରଫରୁ କେନ୍ଦ୍ର ସରକାରଙ୍କ ଅନୁଦାନ ରେ ସଂଗଠିତ ହୋଇଥିଲା ସ୍ୱଚ୍ଛ ଭାରତ ମିଶନ ଏବଂ ଆସିଥିଲା ଅଳିଆ ଗୋଟାଇବା ଗାଡି । କିନ୍ତୁ ଆଜି ସେ ଅଳିଆ ଗୋଟାଇବା ଗାଡି କୁଆଡେ ଗଲା ଏବଂ ସେଥିରେ ନିଯୁକ୍ତି ପାଇଥିବା ଲୋକ କୁଆଡେ ଗଲେ ତାହାକୁ ନେଇ ଏବେ ଚର୍ଚ୍ଚା ସୃଷ୍ଟି ହୋଇଛି । ସତ୍ୟବାଦୀ ବଜାର ମଝିରେ ଗଦା ହୋଇଛି କୁଢ଼ କୁଢ଼ ଅଳିଆ । ଡାକ୍ତରଖାନା ର ଚାରିପଟେ , ଓଭର ବ୍ରିଜ ତଳେ , ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଚେରୀ କଡ , ସାକ୍ଷୀଗୋପିନାଥଙ୍କ ମନ୍ଦିର ଚାରିପଟେ , ବାଳିକା ବିଦ୍ୟାଳୟ କଡ଼ରେ ମଧ ଦେଖିବାକୁ ମିଳୁଛି କୁଢ଼ କୁଢ଼ ଅଳିଆ। ସତ୍ୟବାଦୀ କୁ ଆସୁଥିବା ପର୍ଯ୍ୟଟକ ମାନେ ଏହି ପରିବେଶରେ ବୁଲି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ, ବିଦ୍ୟାଳୟ ର ଛାତ୍ରଛାତ୍ରୀମାନେ ମଧ ପ୍ରଭାବିତ ହେଉଛନ୍ତି । ଗୋଟେପଟେ ସ୍ୱଚ୍ଛ ଭାରତ ମିଶନ ନାମରେ ପ୍ରକଳ୍ପ କରାଯାଇ କାଗଜ ପତ୍ରରେ ସୀମିତ ରହୁଥିବାବେଳେ , ବାସ୍ତବିକ୍ ଚିତ୍ର ଅନ୍ୟ କିଛି କହୁଥିବା ଦେଖିବାକୁ ମିଳୁଛି । ଏବେ ଦେଖିବାକୁ ବାକି ରହିଲା କେବେ ପୁଣି କାର୍ଯ୍ୟକ୍ଷମ ହେଉଛି ସ୍ୱଚ୍ଛ ଭାରତ ମିଶନ ଓ ସଫା ହେଉଛି ସତ୍ୟବାଦୀ ।



## ସୁଙ୍ଗୁଡା ପଞ୍ଚାୟତରେ ଜଳୁନି ଷ୍ଟ୍ରିଟଲାଇଟ୍

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ଗ୍ରାମାଞ୍ଚଳରେ ଆଲୋକୀକରଣ ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦ କରୁଛନ୍ତି । ଏଥିପାଇଁ ଟେଣ୍ଡର ଜରିଆରେ ଠିକାସଂସ୍ଥା ମାଧ୍ୟମରେ ଗ୍ରାମର ଛକ ବଜାରରୁ ଆରମ୍ଭ କରି ସାହି ଗଳିରେ ଷ୍ଟ୍ରିଟ୍‌ଲାଇଟ୍ ଲଗାଯାଇଥିଲା । ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଲାଇଟ୍ ଅଚଳ ହୋଇପଡୁଛି । ଫଳରେ ଆଲୋକୀକରଣ ନାମରେ ଖର୍ଚ୍ଚ ହେଉଥିବା ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିଛି । ଏଭଳି ଘଟଣା ବଡଚଣା ବ୍ଲକ୍ ସୁଙ୍ଗୁଡା ପଞ୍ଚାୟତରେ ଦେଖିବାକୁ ମିଳୁଛି। ସୁଙ୍ଗୁଡା ପଞ୍ଚାୟତର ନରଣପୁର ମୁଣ୍ଡା ସାହି, ନିଷିମଳା,ଚଣ୍ଡିଖୋଲ ଛକ,ସୁଙ୍ଗୁଡା ରୋଡ଼ , ଖୋଷାଳିପୁର ମଂକଡ଼ିଆ ସାହି ଗ୍ରାମରେ ଗ୍ରାମାଞ୍ଚଳ ଆଲୋକୀକରଣ ଯୋଜନାରେ ଷ୍ଟ୍ରିଟ୍‌ଲାଇଟ୍ ଲାଗିଥିଲା । ଏହି ଅଞ୍ଚଳଗୁଡ଼ିକ ଜନଗହଳି ପୂର୍ଣ୍ଣ ହୋଇଥିବାରୁ ଷ୍ଟ୍ରିଟ୍‌ଲାଇଟ୍ ଲାଗିବା ଯୋଗୁ ଗ୍ରାମବାସୀ ଉପକୃତ ହୋଇଥିଲେ । ଏମିତିକି ଅନ୍ଧାରର ସୁଯୋଗ ନେଇ ଚୋର, ଲୁଟେରା ମାତିଥିବା ବେଳେ ସେମାନଙ୍କ ଉପଦ୍ରବ କମିଯାଇଥିଲା। ମାତ୍ର ଲାଗିଥିବା ଷ୍ଟ୍ରିଟ୍‌ଲାଇଟ୍‌ରୁ ୯୦ ପ୍ରତିଶତ ଲାଇଟ୍ ଅଚଳ ହୋଇପଡ଼ିଛି। ଲାଇଟ୍ ଗୁଡ଼ିକ



ଅଚଳ ହୋଇପଡ଼ିବାରୁ ପୁଣି ଗ୍ରାମାଞ୍ଚଳର ରାସ୍ତାଘାଟରେ ଅନ୍ଧାର ଘୋଟିଗଲା । ରକ୍ଷଣାବେକ୍ଷଣ ନକରିବାରୁ ଲାଇଟ୍ ଗୁଡ଼ିକ ଆଉ ଜଳିଲାନି। ଯାହାକୁ ନେଇ ସ୍ଥାନୀୟ ଲୋକ ଯେତେ ତେ ଅଭିଯୋଗ କରିଲେ ସୁଦ୍ଧା କେହି ଶୁଣିଲେନି। ଫଳରେ ପୂର୍ବଭଳି ଭଳି ଚୋର, ଲୁଟେରା ନିଜର ଅପରାଧିକ ସାମ୍ରାଜ୍ୟ ବିସ୍ତାର କରୁଥିବା ବେଳେ ଚଣ୍ଡିଖୋଲ ରୁ ଧାନମଣ୍ଡଳ ଯିବା ବାଟରେ ଲୁଟ ତରାଜ,ରାହାଜନୀ,ମହିଳା ମାନେ ଛୀନତାଇ ର ଶିକାର ହେଉଛନ୍ତି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ବଡ଼ବିଲ କାଶିଆ ଓ ଟେନ୍ସା ୟୁନିଟ ପକ୍ଷରୁ ଓପି ଜିନ୍ଦଲଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଜିନ୍ଦଲ ଷ୍ଟିଲ ଏହାର ପ୍ରତିଷ୍ଠାତା ବିଶିଷ୍ଟ ଶିଳ୍ପପତି ତଥା ଜିନ୍ଦଲ ପରିବାର ମଧ୍ୟରେ ବାଉଜୀ ଭାବେ ଲୋକପ୍ରିୟ ଓମପ୍ରକାଶ ଜିନ୍ଦଲଙ୍କ ୯୫ତମ ଜନ୍ମ ବାର୍ଷିକୀ ପାଳିତ ହୋଇଛି। ଏହି ଅବସରରେ ବଡ଼ବିଲ ପେଲେଟ ପ୍ଲାଣ୍ଟ, କାଶିଆ ଓ ଟେନସା ମାଇନ୍ସ ପକ୍ଷରୁ ବିଭିନ୍ନ ଆଧ୍ୟାତ୍ମିକ, ସାଂସ୍କୃତିକ ଓ କ୍ରୀଡ଼ା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବଡ଼ବିଲ ପେଲେଟ ପ୍ଲାଣ୍ଟ କାର୍ଯ୍ୟାଳୟ ପରିସରରେ ଓପି ଜିନ୍ଦଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହାପରେ ଟାଉନସିପ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। ଏଥିରେ ୟୁନିଟ ହେଡ୍ ପୁରୁଷୋତ୍ତମ ଏମ.ଡି. ଓ ଏଚଆର ଏଣ୍ଡ ଇଏସ ମୁଖ୍ୟ ବିପିନ ବିହାରୀ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀ, କର୍ମଚାରୀ ଓ ସେମାନଙ୍କ ପରିବାର ସାମିଲ ହୋଇଥିଲେ। ସନ୍ଧ୍ୟାରେ କମ୍ୟୁନିଟି ହଲରେ ଜିନ୍ଦଲନଗର ଲେଡିଜ କ୍ଲବ ପକ୍ଷରୁ



ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାଶିଆ ମାଇନ୍ସରେ ମଧ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଜନ୍ମବାର୍ଷିକୀ ପାଳିତ ହୋଇଛି। ଏହି ଅବସରରେ କର୍ମଚାରୀଙ୍କ ପକ୍ଷରୁ କଲୋନୀ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। ବିକେଟି କ୍ଲଷ୍ଟର ହେଡ୍ ଶ୍ରୀ ପ୍ରମୋଦ କୁମାର ପାତ୍ରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଓ ସେମାନଙ୍କ ପରିବାର ଏଥିରେ ସାମିଲ ହୋଇଥିଲେ। ଟେନ୍ସା ୟୁନିଟରେ ମଧ ଟାଉନସିପ ମନ୍ଦିରରେ ପୂଜାର୍ଚ୍ଚନା ସହ ଜନ୍ମ ବାର୍ଷିକୀ ପାଳିତ ହୋଇଥିଲା। ୟୁନିଟ ହେଡ୍ ଆର ଏସ ରଘୁବଂଶୀ, ଅନ୍ୟ କର୍ମଚାରୀ ଓ ସେମାନଙ୍କ ପରିବାର ଏଥିରେ ସାମିଲ ହୋଇଥିଲେ। ଟେନ୍ସା ସିଏସଆର ଟିମ ପକ୍ଷରୁ ଓପି ଜିନ୍ଦଲ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମାଞ୍ଚଳର ୧୯ଟି ଦଳ ଅଂଶଗ୍ରହଣ କରିଥିଲେ। ଟିମ ଶସ୍ୟକଳା ଓ ଟିମ ଜିରୋ ପଏଣ୍ଟ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକର ମାଧ୍ୟମରେ ଟିମ ଜିରୋ ପଏଣ୍ଟ ଟିମ ଶସ୍ୟକଳାକୁ ୪-୨ ଗୋଲରେ ହରାଇ ଚାମ୍ପିଅନ ହୋଇଥିଲା। ଆଖପାଖ ଅଞ୍ଚଳର ଶହଶହ ଲୋକ ଏହି ଟୁର୍ଣ୍ଣାମେଣ୍ଟ ଦେଖିବାକୁ ପହଞ୍ଚିଥିଲେ। ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବଣାଇ ଉପ ଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ଓ ସମ୍ମାନିତ ଅତିଥି ଭାବେ ବିକେଟି କ୍ଲଷ୍ଟର ହେଡ୍ ପ୍ରମୋଦ କୁମାର ପାତ୍ର, ଟେନ୍ସା ୟୁନିଟ ହେଡ୍ ଶ୍ରୀ ଆର ଏସ. ରଘୁବଂଶୀ ଓ ସିଏସଆର ହେଡ୍ ଭର୍ଜିଲ ଲାକ୍ରା ଉପସ୍ଥିତ ରହି ପୁରସ୍କାର ବିତରଣ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କୁରୁକ୍ଷେତ୍ର ସାଂସଦ ତଥା ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲ ମହାନ ଦୂରଦର୍ଶୀ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଉଲ୍ଲେଖ କରିଛନ୍ତି, "ବାଉଜୀ ଶ୍ରୀ ଓମପ୍ରକାଶ ଜିନ୍ଦଲଜୀ କେବଳ ଜଣେ ମହାନ ଶିଳ୍ପପତି ନ ଥିଲେ, ସେ ଥିଲେ ଜଣେ ବାସ୍ତବ କର୍ମଯୋଗୀ, ଜନସେବକ, ସାମାଜିକ ସଂସ୍କାରକ ଓ ଆତ୍ମନିର୍ଭର ଭାରତ ଗଠନର ଅଗ୍ରଦୂତ। ତାଙ୍କ ଚିନ୍ତା, ମୂଲ୍ୟବୋଧ, ନୀତି ଆମକୁ ଆଜି ବି ମାର୍ଗଦର୍ଶନ କରାଉଛି। ଆଜି ତାଙ୍କ ଜନ୍ମବାର୍ଷିକୀରେ ଆମେ ହୃଦୟରୁ ଶ୍ରଦ୍ଧାଞ୍ଜଳି ଜଣାଉଛୁ"। ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ, ପ୍ରଶ୍ନୋତ୍ତରୀ, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୋୟାବାଲିସ୍ଥିତ ଜିନ୍ଦଲ ସ୍କୁଲର ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ହେଡ୍ ଶ୍ରୀ ପ୍ରମୋଦ କୁମାର ପାତ୍ର ଓ ବଡ଼ବିଲ ୟୁନିଟ ହେଡ୍ ପୁରୁଷୋତ୍ତମ ଏମଡି. ୧୮ଜଣ ଅନ୍ତର୍ଜାତୀୟ ଉସୁ ଚାମ୍ପିଅନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାଶିଆ ୟୁନିଟ ପକ୍ଷରୁ ଆଦିବାସୀ ବିକାଶ ସମିତିର ଶତାଧିକ ଛାତ୍ରଛାତ୍ରୀଙ୍କୁ ପୋଷଣଯୁକ୍ତ ଖାଦ୍ୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ବିକେଟି ୟୁନିଟର ୟୁନିଟ ହେଡ୍, ଏଚଆର ମୁଖ୍ୟ ଓ ସିଏସଆର ମୁଖ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଷ୍ଟ ଅଫିସ୍‌ରେ ଲିଙ୍କ୍ ଫେଲ ହନ୍ତସନ୍ତ ଉପଭୋକ୍ତା

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ଅଗଷ୍ଟ ପହିଲାରୁ ମାଲକାନଗିରି ଜିଲ୍ଲାରେ ଥିବା ସମସ୍ତ ପୋଷ୍ଟ ଅଫିସରେ ଲାଗିଥିବା କମ୍ପ୍ୟୁଟର ସଫ୍ଟୱେର ଅଚଳ ହୋଇ ପଡିଛି। ଫଳରେ କୌଣସି ସେଭିଂ ଏକାଉଣ୍ଟ ଠାରୁ ଚିଠି ପତ୍ର ପ୍ରେରଣ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଠପ୍ ହୋଇଯାଇଛି। ଉପଭୋକ୍ତାମାନେ ଜିଲ୍ଲାରେ ଥିବା ସମସ୍ତ ପୋଷ୍ଟ ଅଫିସକୁ ଆସି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ତଥା ସଫ୍ଟୱେର ବ୍ଲକ୍ ଡାଉନ୍ ଥିବା ଶୁଣି ପ୍ରତି ଦିନ ଆସି ପୁଣି ଫେରିଯିବା ଆଦି ଅସୁବିଧା ସମ୍ମୁଖୀନ ହେଉଛନ୍ତି। ପ୍ରାୟ ଆଠ ଦିନ ହେଲା ଏପରି ଅଚଳ ଅବସ୍ଥା ଜାରି ରହିଛି। ପୋଷ୍ଟଲ କର୍ମଚାରୀମାନେ ହାତରେ ହାତ ଛନ୍ଦି ମୂକ ପାଷାଣ ଭଳି ନିରବ ଦ୍ରଷ୍ଟା ସାଜି ବସିଛନ୍ତି। ଲୋକମାନେ ପୋଷ୍ଟ ଅଫିସ କୁ ଧାଇଁ ଧାଇଁ ନୈରାଶ୍ୟଜନକ ଭାବେ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ କୌଣସି ବିକଳ୍ପ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ କରାଯାଇ ପାରୁ ନାହିଁ। ବର୍ତ୍ତମାନ ରକ୍ଷା ବନ୍ଧନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ ହେତୁ ଦୂର ଦୂରାନ୍ତରେ ରହୁଥିବା ଭାଇମାନଙ୍କୁ ଭଉଣୀମାନେ ରାକ୍ଷୀ ପୋଷ୍ଟ ଅଫିସ ମାଧ୍ୟମରେ ପ୍ରତି ବର୍ଷ ପ୍ରେରଣ କରିଥାନ୍ତି। କିନ୍ତୁ ଦୀର୍ଘ ଆଠ ଦିନ ହେଲା ପୋଷ୍ଟ ଅଫିସରେ ସଫ୍ଟୱେର ଡାଉନ୍ ଥିବାରୁ ଏଭଳି ପରିସ୍ଥିତି ଦେଖା ଦେଇଛି। କେନ୍ଦ୍ର ସରକାରଙ୍କ ଅଧୀନରେ ପୋଷ୍ଟ ଅଫିସ ରହି ଆସୁଥିବା ବେଳେ ସମଗ୍ର ଭାରତବର୍ଷରେ ନୂତନ ସଫ୍ଟୱେର ଡାଉନ୍ ଲୋଡ୍ ଯୋଗୁଁ ଏଭଳି ସମସ୍ୟା ଦେଖା ଦେଇଥିବା କୁହାଯାଇଛି। ଏଣୁ ସମସ୍ତ ସରକାରୀ ଓ ବେସରକାରୀ ଚିଠି ପତ୍ର ଆଦିନ ପ୍ରଦାନ, ପୋଷ୍ଟ ଅଫିସରେ ଟଙ୍କା ନେଣ ଦେଣ ଆଦି କାର୍ଯ୍ୟ ବାଧାପ୍ରା ହୋଇଛି।

## ସାମାଜିକ କଲ୍ୟାଣ ଯୋଜନା ସଚେତନତା କର୍ମଶାଳା

ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ଟିକର ପଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରା ଜଜ ପ୍ରତାପ କୁମାର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ସାମାଜିକ କଲ୍ୟାଣ ଯୋଜନା ସମ୍ପର୍କୀତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଶ୍ରଦ୍ଧାଞ୍ଜଳି ରାୟଙ୍କ ଅଧ୍ୟକ୍ଷତାରେ ଓ ପରିଚାଳନାରେ ଅନୁଷ୍ଠିତ କର୍ମଶାଳାରେ ବୌଦ୍ଧ ବିଡ଼ିଓ ଯୁଧିଷ୍ଠିର ମେହେର, ସରପଞ୍ଚ ଝରଣା ଯାନି, ପଞ୍ଚାୟତ ନିର୍ବାହୀ ଅଧିକାରୀ ହିମାଂଶୁ ଶେଖର ପ୍ରଧାନ ଯୋଗ ଦେଇଥିଲେ । ରାଜ୍ୟ ଓ କେନ୍ଦ୍ର ସରକାରଂକ ପକ୍ଷରୁ ପ୍ରଚଳିତ ବିଭିନ୍ନ ସାମାଜିକ କଲ୍ୟାଣ ଯୋଜନା ଓ ତାର ଲାଭ କିପରି ହିତାଧିକାରୀ ମାନେ ପାଇବେ ସେ ସମ୍ପର୍କରେ ସଚେତନତା କର୍ମଶାଳାରେ ସଚେତନ କରା ଯାଇଥିଲା ।

## ଥାଲାସେମିଆ ପୀଡ଼ିତ ଶିଶୁଙ୍କୁ ରକ୍ତ ଯୋଗାଇଲା କଳିଙ୍ଗ ଆବାସିକ ବିଦ୍ୟାଳୟ

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ କାଉପଡ଼ା ପଂଚାୟତ ଅନ୍ତର୍ଗତ ଥକେଇନେଉଳି ଗ୍ରାମର ମାନସିକ ଭିନ୍ନକ୍ଷମ ଗଗୁନି ସେଠୀଙ୍କ ଥାଲାସେମିଆରେ ପୀଡ଼ିତ ଶିଶୁପୁତ୍ର ସାଇରାମ (୧୦) ଓ ଝିଅ ରାଜନନ୍ଦିନୀ(୬)ଙ୍କ ଚିକିତ୍ସା ପାଇଁ ଆବଶ୍ୟକ ହେଉଥିବା ରକ୍ତ କଳିଙ୍ଗ ଆବାସିକ ବିଦ୍ୟାଳୟ ପକ୍ଷରୁ ସ୍ୱେଚ୍ଛାକୃତ ଭାବେ ପ୍ରଦାନ କରାଯାଇଛି। ଆର୍ଥିକ ଅନଟନରେ ରହିଥିବା ମାନସିକ ଭିନ୍ନକ୍ଷମ ଗଗୁନି ଓ ତାଙ୍କ ପରିବାରର କରୁଣ କାହାଣୀ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ଗ୍ରାମସ୍ଥ କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ୍ ମନୋଜ କୁମାର ପ୍ରଧାନ ଗଗୁନିଙ୍କ ପରିବାର ନିକଟରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ଥାଲାସେମିଆରେ ପୀଡ଼ିତ ଦୁଇ ଶିଶୁଙ୍କୁ ରକ୍ତ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀ ପ୍ରଧାନ ତାଙ୍କ ପ୍ରତିଶ୍ରୁତି ଅନୁଯାୟୀ ପ୍ରତି ମାସରେ ପୀଡ଼ିତ ଭାଇଭଉଣୀଙ୍କୁ ଆବଶ୍ୟକ ହେଉଥିବା ରକ୍ତ ଯୋଗାଇ ଆସୁଛନ୍ତି । ଆଜି କଟକ ମେଡ଼ିକାଲରେ ଉଭୟ ଭାଇଭଉଣୀ ରକ୍ତ ନେବା ପାଇଁ ଭର୍ତ୍ତି ହୋଇଥିବା ବେଳେ ଶ୍ରୀ ପ୍ରଧାନଙ୍କ ନିର୍ଦ୍ଦେଶରେ ହଷ୍ଟେଲ ସୁପରଭାଇଜର



ରଞ୍ଜନ କୁମାର ସେଠୀ କଟକ ମେଡ଼ିକାଲ୍ ଯାଇ ଉଭୟ ସାଇରାମ ଓ ରାଜନନ୍ଦିନୀଙ୍କୁ ଆବଶ୍ୟକ ହେଉଥିବା ରକ୍ତ ପ୍ରଦାନ କରିଥିଲେ । ଶ୍ରୀ ପ୍ରଧାନଙ୍କ ଏହି ମହନୀୟତା ପାଇଁ ତାଙ୍କୁ ଅଞ୍ଚଳବାସୀ ବେଶ ପ୍ରଶଂସା କରିଛନ୍ତି ।

## ଗାଁ ମୁହାଁ ହାତୀ ଫେରୁନାହାନ୍ତି: ଚିନ୍ତାରେ ଚାଷୀ

ରଣପୁର, (ଭାସ୍କର ନ୍ୟୁଜ୍) : ବନ ବିଭାଗ ଜଙ୍ଗଲରେ ହାତୀଙ୍କ ସୁରକ୍ଷା ସହ ଖାଦ୍ୟ ଓ ପାଣି ପାଇଁ କାମ୍ପା ଯୋଜନା କୋଟି କୋଟି ଟଙ୍କା ବ୍ୟୟ କଲେ କିନ୍ତୁ ହାତୀ ଜଙ୍ଗଲ ଛାଡି ଗାଁ ମୁହାଁ। ଜଙ୍ଗଲରେ ପୋଖରୀ ଖୋଳା, ଗଛ ଲଗା ଓ ଟ୍ରେଞ୍ଚ୍ ଖୋଳା ହେଲା କିନ୍ତୁ ଜଙ୍ଗଲରେ ହାତୀ ରହୁନାହାନ୍ତି। ବନବିଭାଗର କାମ୍ପା ଯୋଜନା ଫେଲ ପରେ କୃଷକଙ୍କ କ୍ଷୟ କ୍ଷତି ସହାୟତା ପାଇଁ ଅନୁକମ୍ପା ଆପ ଜରିଆରେ ଅଭିଯୋଗ ଗ୍ରହଣ କରାଗଲା। ଗତବର୍ଷ ବନବିଭାଗ କର୍ମଚାରୀ କ୍ଷେତ୍ର ପରିଦର୍ଶନ କରି କ୍ଷୟ କ୍ଷତି ଆକଳନ କଲେ କିନ୍ତୁ ଏଯାବତ କ୍ଷତି ପୁରଣ ସହାୟତା ଏଯାଏଁ ମିଳିଲାନି ବୋଲି ଅଭିଯୋଗ କରୁଛନ୍ତି ରଙ୍କ ଦେଉଳୀ ଗ୍ରାମ ପଞ୍ଚାୟତ ମାଳିସାହିର ଚାଷୀ ବାବୁଲି ଦଳ ବେହେରା। ଚଳିତବର୍ଷ ଜଙ୍ଗଲୀ ହାତୀ ରୁଆ ଧାନ



ଗଛ ଦଳି ଚକଟି ନଷ୍ଟ କରୁଛନ୍ତି। କୃଷକମାନେ ମୁଣ୍ଡରେ ହାତ ଦେଇ ବସିଥିବା ବେଳେ ଅଗଷ୍ଟ ୭ ତାରିଖ ରାତିରେ କେରଣ୍ଡାଟାଙ୍ଗି ଗ୍ରାମ ପଞ୍ଚାୟତ ଗୌରଚନ୍ଦ୍ରପୁର ରୁଆ ଧାନ ବିଲରେ ପଶି ଧାନ ଗଛ ଦଳି ଚକଟି ନଷ୍ଟ କରିଛନ୍ତି। କୃଷକମାନଙ୍କୁ ଏବେ ଜଙ୍ଗଲୀ ହାତୀ ଚିନ୍ତା। ଏହି ଅଞ୍ଚଳ ରଣପୁର ବନାଞ୍ଚଳ ଓ ଟାଙ୍ଗୀ ବନାଞ୍ଚଳ ସୀମା। ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଦେବାଶିଷ ଭୋଇ କୁହନ୍ତି ରଣପୁର ବନାଞ୍ଚଳ ବନ କର୍ମଚାରୀ ଆସିଥିଲେ। ସେ ଆମ ଠାରୁ ଅଧିକ କହିବେ ତାଙ୍କୁ ପଚାରନ୍ତୁ। ଗୋପାଳପୁର ବନପାଳ ଅବିନାଶ ଖୁଣ୍ଟିଆ କୁହନ୍ତି ଦୁଇଟି ହାତୀ ବୁଲୁଛନ୍ତି। ଗୋଟିଏ ହାତୀଠାରେ ଜିପିଏସ୍ କ୍ୟାମେରା ଲଗାଯାଇଛି। ହାତୀ ଏବେ ଧାନ ଜଙ୍ଗଲକୁ ଆସିଛନ୍ତି। ହାତୀ ସାଥି ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ଅପର ପକ୍ଷରେ ହାତୀଙ୍କୁ ଜଙ୍ଗଲକୁ ଫେରାଇନେବା ପାଇଁ ଜନସାଧାରଣ ଅନୁରୋଧ କରିଛନ୍ତି।

### ଜିଲ୍ଲାପରିଷଦ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

## ସମସ୍ତ ବିଡ଼ିଓଙ୍କୁ ହେଡ୍‌କ୍ୱାର୍ଟର ନ ଛାଡ଼ିବାକୁ ତାଗିଦ

ବୌଦ୍ଧ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଜିଲ୍ଲା ପରିଷଦ ଭବନ ଠାରେ ଜିଲ୍ଲା ପରିଷଦର ବିଭିନ୍ନ ଉନ୍ନୟନ କାମର ସମୀକ୍ଷା କରିଥିଲେ । ସମସ୍ତ ବିଡିଓଙ୍କୁ ନିଜ ନିଜ ର କାର୍ଯ୍ୟସ୍ଥଳୀରେ ରହି କାର୍ଯ୍ୟ କରିବା ପାଇଁ ତାଗିଦ କରିଥିଲେ। ଏଥି ସହିତ ସରକାର ଙ୍କ ବିଭିନ୍ନ ସ୍କିମ, ଅଙ୍ଗନବାଡି, ଏମଜିଏନଆରଇଜିଏ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ବନ ସୁରକ୍ଷା ସମିତି , ଅତିରିକ୍ତ ଶ୍ରେଣୀ ଗୃହ, ବିକଶିତ ଗ୍ରାମ, ବିକଶିତ ଓଡିଶା, ରୁରାଲ ହାଉସିଂ, ରୁରାଲ ୱାଟର ଏବଂ ସାନିଟେସନ, ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ସଂଯୋଗୀକରଣ ଆଦି ବିଷୟରେ ସମୀକ୍ଷା କରିଥିଲେ। ସମସ୍ତ ପ୍ରକଳ୍ପ କାମ ତ୍ୱରାନ୍ୱିତ କରି ଅଧା ପନ୍ତରିଆ କାମ ଗୁଡିକୁ ସାରିବା ପାଇଁ



ସମ୍ପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକ ରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ, ଜିଲ୍ଲା ପରିଷଦ ର ଅଧିକାରୀ ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ସନ୍ଥ କବି ଭୀମଭୋଇଙ୍କ ପୀଠରେ ନୂଆଖାଇ ପର୍ବ ପାଳିତ

ରେଢ଼ାଖୋଲ, (ଭାସ୍କର ନ୍ୟୁଜ୍) : ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ କନ୍ଧରା ଓ ମଧୁପୁର ସ୍ଥିତ ସନ୍ଥ କବି ଭୀମଭୋଇଙ୍କ ସ୍ମୃତିପୀଠ ଏବଂ ପ୍ରାପ୍ତି ପୀଠ ଠାରେ ଶ୍ରାବଣ



ପୂର୍ଣ୍ଣିମା ତିଥିରେ ପଶ୍ଚିମ ଓଡିଶାର ଅଗଣିତ ରେଢ଼ାଖୋଲ ମହିମା ଧର୍ମାବଲମ୍ବୀ ସାଧୁ ସନ୍ଥମାନେ ଆନନ୍ଦ ଉଲ୍ଲାସର ସହ ନୂଆଖାଇ ଉତ୍ସବ ପାଳନ କରିଛନ୍ତି । ଦୀର୍ଘ ୩୦ବର୍ଷ ହେଲା ସୂଚାରୁ ରୂପେ ହୋଇ ଆସୁଅଛି। ମଠାଧିଷ ବ୍ରହ୍ମ ଅବଧୂତ ଆନନ୍ଦ ଚନ୍ଦ୍ର ବାବାଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ଆୟୋଜନ ହୋଇଥିଲା।ପ୍ରାରମ୍ଭରେ ଗତ କାଲି ଶ୍ରାବଣ ଚତୁର୍ଦ୍ଦଶୀରୁ ଏହି ଉତ୍ସବ ଆରମ୍ଭ ହୋଇ ଥିଲା। ଅପରାହ୍ଣରେ ପ୍ରସାଦ ସେବନ ପରେ ରାତି ତମାମ ଅଖଣ୍ଡ ଧୁନିରେ ଘୃତାହୁତୀ ସହିତ ନାମ ଭଜନ ହୋଇଥିଲା। ଆଜି ବ୍ରହ୍ମ ମୁହୁର୍ତ୍ତ ରେ ରିତିନୀତି ଅନୁଯାଇ ନବାନ୍ନ,ଅନେକ ପ୍ରକାରର ମିଷ୍ଟାନ୍ନ ବ୍ୟଞ୍ଜନ,ଖିରି,ପିଠା ଆଦି ପ୍ରସ୍ତୁତ କରାଯାଇ ସ୍ମୃତିକୂପରେ ମହିମା ସ୍ୱାମୀଙ୍କଠାରେ ନବାନ୍ନ ଅର୍ପଣ କରିଥିଲେ। ଏହାପରେ ମହିମା ଧର୍ମର ସମସ୍ତ ଭକ୍ତ, ସନ୍ୟାସୀ ଓ ସାଧୁସନ୍ଥ ଏକତ୍ର ନବାନ୍ନ ଭକ୍ଷଣ କରିଥିଲେ। ଦୂର ଦୁରାନ୍ତରୁ ଅନେକ ସାଧୁସନ୍ଥଙ୍କ ସମାଗମ ହୋଇ ଥିବା ସହ ଓଡିଶାର ବିଭିନ୍ନ ଜିଲ୍ଲାରୁ ଅନେକ ମହିମା ଧର୍ମାବଲମ୍ବୀ ମହିଳା ଓ ପୁରୁଷ ଭକ୍ତମାନେ ଯୋଗ ଦେଇଥିଲେ ।ଏହି ନୂଆଁଖାଇ ପର୍ବରେ ବାବା ଗୋକୁଳାନନ୍ଦ ଦାସ,ବାବା ଶେଷଦେବ ଦାସ,ବାବା ମହେନ୍ଦ୍ର ତ୍ୟାଗୀ,ସଞ୍ଜୁ ମାତା,ମୀନା ମାତା ଓ କନ୍ଧରା ଗ୍ରାମ ବାସୀ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଦୁଇ ଆହତ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍) : ଲକ୍ଷ୍ମୀପୁର ବ୍ଲକ ସଦରରେ ଦିନକୁ ଦିନ ବାଇକ ଚାଳକଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଫଳରେ ଲକ୍ଷ୍ମୀପୁର ପୋଲିସ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ବାଇକ ଚାଳକ ପୁରା ବେଫିକର ହୋଇପଡିଛନ୍ତି। ପୋଲିସ କେବଳ ହେଲମେଣ୍ଟ ଚେକିଙ୍ଗ ଛାଡି ଦେଲେ ବାକି ବାଇକ ଚାଳକ ମାନଙ୍କ ଉପରେ ଲଗାମ ଲଗାଇବାରେ ବିଫଳ ହୋଇଛି। ଫଳରେ ସାଧାରଣ ଜନତା ବାଇକ ଚାଳକଙ୍କ ଦୌରାତ୍ମ୍ୟର ଶିକାର ହେବାକୁ ପଡୁଛି। ଆଜି ଲକ୍ଷ୍ମୀପୁର ବଜାର ମଝି ଦେଇ ଦ୍ରୁତ ଗତିରେ ଯାଉଥିବା ବାଇକ ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଯୁବକ ଜଣକ ସ୍ଥାନୀୟ କନ୍ଧ ସାହିର ପ୍ରେମା ମିଣିଆକା ବୋଲି ଜଣା ପଡିଛି। ଦୁର୍ଘଟଣା ଘଟିବା ପରେ ଯୁବକ ଜଣକ ରାସ୍ତା ମଝିରେ ପଡ଼ି ରହିଥିବା ବେଳେ ବଜାର ମଝିରେ ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା। ଏଥି ସହ ବାଇକ ଚାଳକଙ୍କ ଅଖି ଉପରେ ଆଘାତ ହୋଇଥିବା ବେଳେ ଦୁହିଁଙ୍କୁ କିଛି ଲୋକ ଏକ ଅଟୋ ଗାଡ଼ିରେ ନେଇ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ ।ଏହି ଘଟଣା ଲକ୍ଷ୍ମୀପୁର ପୋଲିସ ପାଇଁ ଏକ ଶିକ୍ଷା ହୋଇଥିବା ବେଳେ ଦୁର୍ଘଟଣାକୁ ରୋକିବାକୁ ହେଲେ ତୁରନ୍ତ ଦ୍ରୁତ ଗତିରେ ଚଳପ୍ରଚଳ କରୁଥିବା ବାଇକ ଚାଳକଙ୍କ ଉପରେ ପୋଲିସ ପ୍ରଶାସନ ଲଗାମ ଲଗାଇବାକୁ ସବୁ ମହଲରେ ଦାବି ହୋଇଛି। ଅପର ପଟେ ବଜାର ଉପରେ ଅନେକ ଯାନବାହାନ ନିୟମ ଭାଙ୍ଗି ମନଇଚ୍ଛା ସ୍ଥାନରେ ଅଟକି ରହୁଥିବା ବେଳେ ପୋଲିସ ପ୍ରଶାସନ କୌଣସି ଦୃଷ୍ଟି ଦେଉନି। ଯାହା ଫଳରେ ଦୁର୍ଘଟଣା ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ଆଜିର ଘଟଣା ମଧ ରାସ୍ତା କଡରେ ଅଟକି ରହିଥିବା ଏକ ବୁଲେରୋ ଗାଡ଼ି ପାଇଁ ଘଟିଥିବା ଆଲୋଚନା ହେଉଛି।

## ଜିଆଇଇଟି ବିଶ୍ୱବିଦ୍ୟାଳରେ ୨ ଦିନିଆ ଆଇଇଇଇ ଅନ୍ତର୍ଜାତୀୟ ସମ୍ମିଳନୀ




ଗୁଣୁପୁର (ଆ:ପ୍ର) ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ବିଭାଗର ଆନୁକୂଲ୍ୟରେ ସବୁଜ ସୂଚନା ଓ ଉଦୀୟମାନ ପ୍ରଯୁକ୍ତି ବିଦ୍ୟାର ପରବର୍ତ୍ତୀ ପିଢ଼ି ସମ୍ପର୍କୀୟ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍ଘାଟିତ ହୋଇଯାଇଛି। ଏହି ସମ୍ମିଳନୀକୁ ନୂଆଦିଲ୍ଲୀ ସ୍ଥିତ ଅନୁସନ୍ଧାନ ଜାତୀୟ ଗବେଷଣା ପ୍ରତିଷ୍ଠାନ ଓ ଆଇଇଇଇ ଭୁବନେଶ୍ୱର ବିଭାଗ ପକ୍ଷରୁ ପ୍ରାୟୋଜିତ କରିଛନ୍ତି। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଆଇଇଇଇର ଭାରତ ପରିଷଦ ଅଧ୍ୟକ୍ଷ ଡ ପ୍ରୀତି ବଜାଜ ଯୋଗ ଦେଇ ଆଇଇଇଇର ବିଭିନ୍ନ ଅନୁସନ୍ଧାନ ଭିତ୍ତିକ କାର୍ଯ୍ୟକ୍ରମ ବିଷୟରେ କହିବା ସହ ସ୍ଥାୟୀ ବିକାଶ ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନୀୟ ଅତିଥିଭାବେ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ପ୍ରଫେସର୍ ପି ଏସ ଅଭାଧନୀ ଯୋଗଦେଇ ଉଦୀୟମାନ ପ୍ରଯୁକ୍ତି ବିଦ୍ୟା ସମ୍ପର୍କରେ କହିବା ସହ ଇ - ଅପଚୟର କମାଇବା ପାଇଁ କହିଥିଲେ। ଆମେରିକାସ୍ଥିତ ଆର ଆଇ ଟି କୋଷଭର କମ୍ପୁଟର ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରଫେସର୍ ଦେବବ୍ରତ ସାମନ୍ତ ଯୋଗ ଦେଇ ସବୁଜ ସୂଚନା ର ପରବର୍ତ୍ତୀ ପୀଢ଼ି ସମ୍ପର୍କରେ କହିବା ସହ ବିଭିନ୍ନ ଅନୁସନ୍ଧାନ ମୂଳକ ଗବେଷଣା ପାଇଁ ପ୍ରେରଣା ଦେଇଥିଲା। ବିଶ୍ୱବିଦ୍ୟାଳୟର ମହା ନିର୍ଦ୍ଦେଶକ ଡ ଜଗଦୀଶ ପଣ୍ଡା ଯୋଗ ଦେଇ ସମ୍ମିଳନୀର ସଫଳତା ପାଇ ଶୁଭକାମନା ଜଣାଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ଡ ଏ ଭି ଏନ ଏଲ ଶର୍ମା ଯୋଗଦେଇ ପ୍ରଯୁକ୍ତି ବିଦ୍ୟା ସମ୍ବନ୍ଧୀୟ ଗବେଷଣା ବିଷୟରେ କହିଥିଲେ । କମ୍ପ୍ୟୁଟର ସାଇନ୍ସ ବିଭାଗର ଡେପୁଟି ଡିନ ଡ କେ ମୁରଲୀ ଗୋପାଳ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ମିଳନୀ ଆବାହକ ଡ ରାଘେବେନ୍ଦ୍ର କୁମାର ଧନ୍ୟବାଦ୍ ଅର୍ପଣ କରିଥିଲେ ।ଏହି ସମ୍ମିଳନୀରେ ଅନୁଷ୍ଠାନର ରେଜିଷ୍ଟ୍ରାର ଡ ଏନ ଭି ଜେ ରାଓ, ସମସ୍ତ ବିଭାଗର ଡିନ , ମୂଖ୍ୟ ,ଅଧାପକ,ଅଧାପିକା, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଦୁଇଦିନିଆ ଅର୍ନ୍ତଜାତୀୟ ସମ୍ମିଳନୀରେ ଦେଶ ତଥା ବିଦେଶରୁ ଅନେକ ଗବେଷକ , ପ୍ରଫେସର୍ ମୂଖ୍ୟ ବକ୍ତା ଭାବେ ଯୋଗଦେଇ ବିଭିନ୍ନ ସନ୍ଦର୍ଭ ପାଠ କରିବାର କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟା ସମୟରେ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

## ୯ ଜଣ ହାର୍ଡକୋର ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ନକ୍ସଲ ବିରୋଧୀ ଅପରେସନକୁ ମିଳିଛି ବଡ଼ ସଫଳତା। ବିଜାପୁରରେ ଏକା ସାଙ୍ଗରେ ଆତ୍ମସମର୍ପଣ କରିଛନ୍ତି ୯ ହାର୍ଡକୋର ଇନାମି ମାଓବାଦୀ। ସୂଚନା ଅନୁଯାୟୀ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ୯ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏହି ସମସ୍ତ ମାଓବାଦୀଙ୍କ ନାମରେ ମୋଟ ୨୪ ଲକ୍ଷ ଟଙ୍କାର ଇନାମ ଘୋଷଣା ହୋଇଥିଲା। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ମାଓବାଦୀଙ୍କ କମ୍ପାନୀ ନମ୍ବର୧ର ହାର୍ଡକୋର ମାଓବାଦୀ ବାସ୍କୋ ଆୟମ ରହିଛି । ତାଙ୍କ ନାମରେ ୮ ଲକ୍ଷ ଟଙ୍କା ଇନାମ ଘୋଷଣା ଥିଲା ଓ ସେହିଭଳି ଅନ୍ୟ ଦୁଇ ଏସିଏମ ମେମ୍ବର ବୁଦ୍ଧରାମ ପୋଟାମ ଓ ହିଡ଼ିଆ ଉପରେ ୫ ଲକ୍ଷ ଲେଖାଏଁ ଇନାମ ରାଶି ଘୋଷଣା କରାଯାଇଥିଲା। ଆତ୍ମସମର୍ପଣ କରିଥିବା ସମସ୍ତ ୯ ମାଓବାଦୀଙ୍କୁ ଛତିଶଗଡ଼ ସରକାରଙ୍କ ନୂଆ ଆତ୍ମସମର୍ପଣ ନୀତି ଅନୁଯାୟୀ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବେ ବୋଲି ବିଜାପୁର ଏସପି ସୂଚନା ଦେଇଛନ୍ତି ଓ ଦୀର୍ଘ ବର୍ଷ ଧରି ମାଓ ସଙ୍ଗଠନରେ ରହି ଏମାନେ ଅନେକ ବଡ ବଡ ହିଂସାକାଣ୍ଡରେ ଜଡିତ ଥିବା ବେଳେ ବର୍ତ୍ତମାନ ଯବାନଙ୍କ ମାଓ ଦମନ ଅପରେସନରୁ ବର୍ଷିବା ପାଇଁ ଓ ସରକାରଙ୍କ ଆତ୍ମସମର୍ପଣ ନୀତିରେ ଆକୃଷ୍ଟ ହୋଇ ଏମାନେ ମୁଖ୍ୟ ସ୍ରୋତରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି।

## ଛାତ୍ର ବିଜେଡି ପକ୍ଷରୁ ବିକ୍ଷୋଭ

ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ପରଜଙ୍ଗ ଥାନା ଅଧିକାରୀ ଧିରେନ କୁମାର ବେହେରାଙ୍କ ନିକଟରେ ନାରୀ ଅସୁରକ୍ଷିତ କୁନେଇ ଏକ ସ୍ମାରକପତ୍ର ପ୍ରଦାନ କରିଥିବା ଜଣାପଡିଛି। ପୂର୍ବତନ ବିଧାୟକ ଡାକ୍ତର ନୃସିଂହ ଚରଣ ସାହୁଙ୍କ ନେତୃତ୍ୱରେ ଶତାଧିକ ଯୁବ ଛାତ୍ର ଜନତା ଦଳର କର୍ମୀ ଏକତ୍ରିତ ହୋଇ ଡିହଡୋଳସ୍ଥିତ ଡ଼ ସାହୁଙ୍କ ବାସଭବନରୁ ଶୋଭାଯାତ୍ରାରେ ବାହାରି ପରଜଙ୍ଗ ବଜାରରେ ଥିବା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ମହେଶ୍ୱନ୍ଦ୍ର ସୁବାହୁସିଂହଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେଠାରୁ ଶୃଙ୍ଖଳାର ସହ ଡବଲ ଇଂଜିନ ସରକାରଙ୍କ ବିଫଳତା ଉପରେ ବିଭିର୍ଣ୍ଣ ନାରା ଦେଇ ଯାଇ ଥାନା ସମ୍ମୁଖରେ ଏକ ପଥପ୍ରାନ୍ତ ସଭାକରି ଥାନାକୁ ଯାଇ ଥାନା ଅଧିକାରୀ ଶ୍ରୀ ବେହେରାଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ। ତତସହିତ ଥାନାରେ



ଉପସ୍ଥିତ ଥିବା ଏସଡିପିଓ ରଜନୀକାନ୍ତ ସାମଲ ଓ ଥାନା ଅଧିକାରୀଙ୍କ ସହିତ ସ୍ୱଳ୍ପ ସମୟ ପାଇଁ ଡ଼ ସାହୁ ଓ ପ୍ରମୁଖ କାର୍ଯ୍ୟକର୍ତ୍ତା ମାନେ ଆଲୋଚନା କରିଥିଲେ। ଆୟୋଜିତ ପଥପ୍ରାନ୍ତ ସଭାରେ ଶିକ୍ଷାନୁଷ୍ଠାନର ଛାତ୍ରୀ ଓ ସାଧାରଣ ମହିଳା ଘରୁ ବାହାରିଲେ ବିପଦ ଏବଂ ନାରୀ ପ୍ରତି ନିର୍ଯାତନା, ଦୁଷ୍କର୍ମ ବୃଦ୍ଧିକୁ ନେଇ ସରକାର ଉପରେ ମୁଖ୍ୟ କାର୍ଯ୍ୟକର୍ତ୍ତା ମାନେ ଦୃଢ଼ ନିନ୍ଦା କରିଥିଲେ। ଆଇନୀଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ବେଳେ ସରକାର ଏହାକୁ ଦେଖି ମଧ୍ୟ ନିରବଦ୍ରଷ୍ଟା ସାଜିଛି ବୋଲି କହିଥିଲେ, ତେଣୁ ଏହାର ପ୍ରତିବାଦ ସ୍ୱରୂପ ବିଜୁ ଛାତ୍ର ଜନତାଦଳ ଆଜି ବିକ୍ଷୋଭ କରି ରାଜରାସ୍ତାକୁ ଓହ୍ଲାଇଛି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ସଭ୍ୟ ନିରାକାର ପ୍ରଧାନ, ସଭ୍ୟା ରୁନୁ ବର୍ମା, ପରଜଙ୍ଗ ସରପଞ୍ଚ ଗାୟତ୍ରୀ ମହାପାତ୍ର,ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ବରିଷ୍ଠ ନେତା ଭୂପେଶ ପ୍ରଧାନ, ନିର୍ମଳ ବାରିକ,ସମୀର ସାହୁ, କାଳନ୍ଦୀ ଜେନା, ବିମଳକୃଷ୍ଣ ସାହୁ, ଜିତେନ୍ଦ୍ର ବେହେରା, ସଲିଳ କୁମାର ବିକ୍ରମସିଂହ, ସର୍ବେଶ୍ୱର ବିଶ୍ୱାଳ, ଗଣେଶ୍ୱର ଦେହୁରୀଙ୍କ ସମେତ ଶତାଧିକ ଛାମୁଆ କାର୍ଯ୍ୟକର୍ତ୍ତା ଓ କଲେଜ ପିଲାମାନେ ଏଥିରେ ସାମିଲ ହୋଇଥିଲେ ।



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ମାଧ୍ୟମରେ ଚୌଦ୍ୱାରର ବିଭିନ୍ନ ୱାର୍ଡ଼ର ଉନ୍ନତି ନିମନ୍ତେ ବିଭିନ୍ନ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟବିଜେପି ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଚୌଦ୍ୱାର ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ୩୫ଦଫା ସମ୍ବଳିତ ଏହିଦାବିପତ୍ରରେ ଅତିଥି ଭବନ ନିର୍ମାଣ, ନୂଆ ଟାଉନ୍ ହଲ, ଶବଦାହ ଗୃହ, ଜଳାଶୟ ନବୀକରଣ, ଭେଣ୍ଡିଙ୍ଗ୍ ଜୋନ୍ ନିର୍ମାଣ, ସ୍ୱତନ୍ତ୍ର ଆମିଷ ମାର୍କେଟ୍, ବିଭିନ୍ନ ମନ୍ଦିରର ଉନ୍ନତିକରଣ, ଓମ୍‌ଫେଡ ପାର୍ଲର ସ୍ଥାପନ, ଗାଧୁଆ ତୁଠ ନିର୍ମାଣ, କାଞ୍ଜିଆହୁଦା ଓ ଗୋଶାଳା ନିର୍ମାଣପାଇଁ ଦାବି କରିଥିବା ବେଳେ ଚୌଦ୍ୱାରର ଅନ୍ୟାନ୍ୟ ୱାର୍ଡ଼ରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ଉଲ୍ଲେଖ ରହିଛି । କିନ୍ତୁ ଦୁଃଖର ବିଷୟ ୱାର୍ଡ଼ ନଂ.୭,୮,୧୧ ଓ ୧୨ଏହି ୪ଟି ୱାର୍ଡ଼ର ବାସିନ୍ଦାମାନେ ରାଜ୍ୟ ସରକାରଙ୍କର ଏକ ଚିଠି ପାଇଁ ମ୍ୟୁନିସିପାଲିଟିରମୌଳିକ ସୁବିଧାରୁ ବଞ୍ଚିତ ଥିବା ବେଳେ ଏହି ୱାର୍ଡ଼ବାସୀମାନଙ୍କ ପାଇଁ ମୋର୍ଚ୍ଚା ତରଫରୁକୌଣସି ଦାବି ରଖାଯାଇନାହିଁ । ଆଜିର ଏହି ଦାବିପତ୍ର ପ୍ରଦାନ ବେଳେ ଶ୍ରୀ ସ୍ୱାଇଁଙ୍କ ସହିତ ଅକ୍ଷୟ ଭୂୟାଁ, ତନ୍ମୟ ସାହୁ, କୀର୍ତ୍ତନ କୁମାର, ଧୀରେନ୍ କୁମାର ସିଂହ, ପ୍ରଶାନ୍ତ ସାହୁ ଓ ବିମଳନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



## 'ସୂର୍ଯ୍ୟାସ୍ତ'ର ମାସିକ ଆଲୋଚନାଚକ୍ର



ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଓଲାଶୁଣି ଠାରେ ସୂର୍ଯ୍ୟାସ୍ତ ଖବର କାଗଜର ମାସିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକ ଏକାଦଶୀ ସେଠୀଙ୍କ ପୌରହିତ୍ୟରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ଡଃ ଯଚିନ୍ଦ୍ର କୁମାର ରାଉତଙ୍କ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସୂର୍ଯ୍ୟାସ୍ତ ଖବରକାଗଜର ସମ୍ପାଦକ ବିବେକାନନ୍ଦ ରାଏ ମୁଖ୍ୟ ବକ୍ତା, କବି ରୁଦ୍ର ପ୍ରସନ୍ନ ସାମଲ ସମ୍ମାନିତ ଅତିଥି ସୂର୍ଯ୍ୟାସ୍ତର କଟକ ଜିଲ୍ଲା ପ୍ରତିନିଧି ନିବେଦିତା ସିଂହ, ଯାଜପୁର ଜିଲ୍ଲା ପ୍ରତିନିଧି କଳିଙ୍ଗ କେଶରୀ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଡଃ ଯଚିନ୍ଦ୍ର ରାଉତ କହିଲେ ଯେ ସୂର୍ଯ୍ୟାସ୍ତ ଖବର କାଗଜ ଓ ଡିଜିଟାଲ ମିଡିଆ ସାମ୍ପ୍ରତିକ ସମାଜର ଘଟଣାକୁ ସ୍ୱଳ୍ପ ସମୟ ମଧ୍ୟରେ ସଠିକ ଢଙ୍ଗରେ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇ ସମଗ୍ର ଓଡିଶାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି । ଆହୁରି ମଧ୍ୟ ଏହି ଅନୁଷ୍ଠାନ ସହ ଯୋଡି ହୋଇଥିବା ସମସ୍ତ ସଦସ୍ୟ ସେମାନଙ୍କର ଦାଇତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ବେଶ ସଚେତନ ଯାହାକି ଏହି ଖବର ସରବରାହ ସଂସ୍ଥାର ଉନ୍ନତି ପାଇଁ ସହାୟକ ହୋଇଛି । ମୁଖ୍ୟ ବକ୍ତା ତଥା ସୂର୍ଯ୍ୟାସ୍ତର ସମ୍ପାଦକ ବିବେକାନନ୍ଦ ରାଏ ଜଣେ ସାମ୍ବାଦିକ ଦେଶ ଜାତି ତଥା ସମାଜ ପାଇଁ ଉତ୍ସର୍ଗୀକୃତ ଯେଉଁଥିପାଇଁ ନିଜ ନିଜ ବ୍ୟକ୍ତିଗତ ଜୀବନକୁ ପଛରେ ପକାଇ ସମାଜର ସାଧାରଣ ବର୍ଗର ଲୋକଙ୍କ ସୁଖ ଦୁଃଖରେ ନିଜକୁ ସଦା ସର୍ବଦା ସାମିଲ କରିଥାଏ ବୋଲି ମତ ବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି କବି ରୁଦ୍ର ପ୍ରସନ୍ନ ସାମଲ ଯୋଗଦେଇ କହିଲେ ସାମାଜିକ ଗତିଶୀଳତାରେ ଖବର ସରବରାହ ସଂସ୍ଥାର ଦାଇତ୍ୱ ଆଜି ଦିନରେ ବେଶ ବଢିଯାଇଛି ଏପରି ସ୍ଥଳେ ସାମ୍ବାଦିକ ବନ୍ଧୁ ମାନେ ଏଭଳି ଏକ ମହତ ଉଦ୍ୟମରେ ଅଧିକରୁ ଅଧିକ ବ୍ରତି ହେବାପାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ସୂର୍ଯ୍ୟାସ୍ତ ଖବର କାଗଜର ତିନି ଜଣ ପାଠକ ତଥା ସମାଜସେବୀ ସର୍ବ ଅମରେନ୍ଦ୍ର ସିଂହ, ଅଧିବକ୍ତା ଆଲୋକ ଜେନା, ସଞ୍ଜୟ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯକ୍ରମ ପରିଚାଳନାରେ ସୂର୍ଯ୍ୟାସ୍ତ ପରିବାର ପକ୍ଷରୁ ବିଶ୍ୱପ୍ରକାଶ ଖୁଣ୍ଟିଆ, ପରମାନନ୍ଦ ଦାସ, ସତ୍ୟଜିତ ଦତ୍ତ, ଅନିଲ ବଳ, ଶୁଭେନ୍ଦୁ ସାମଲ, ଖଗେଶ୍ୱର ସାମଲ ପ୍ରଭାତ ସାହୁଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ସାମିଲ ହୋଇଥିଲେ । ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ବାଲିଚନ୍ଦ୍ରପୁର ପ୍ରେସକ୍ଲବର ସଭାପତି ଆଲୋକ ପ୍ରଧାନ ଓ ଧନ୍ୟବାଦ ଅର୍ପଣ କରିଥିଲେ ରଞ୍ଜିତ କୁମାର ସାହୁ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ବାଲିଚନ୍ଦ୍ରପୁର ଗଣ ମାଧ୍ୟମ ପ୍ରତିନିଧି ପ୍ରତାପ ସେନାପତି, ପ୍ରଫୁଲ୍ଲ କୁମାର ପଣ୍ଡା, ସିତାଂଶୁ ଶେଖର ସାହୁ ସତ୍ୟାନନ୍ଦ ମଲ୍ଲିକ, ନିବାରଣ ସାହୁ, ରମେଶ ସାହୁ ଉତ୍କଳ କେଶରୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ମହାପୁରୁଷ ଅରକ୍ଷିତ ଦାସଙ୍କ ଫୋଟୋଚିତ୍ରରେ ଫୁଲପୁଷ୍ପ ଓ ଦୀପ ପ୍ରଦାନ କରାଯାଇ ଆଲୋଚନା ଚକ୍ର ଓ ବନ୍ଧୁ ମିଳନ ଅତିଥି ମାନଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା ।

## ବିଭିନ୍ନ ସ୍ଥାନରେ ବିଜେଡିର ହରତାଳ

କାକଟପୁର (ଭାସ୍କର ନ୍ୟୁଜ୍):ବଳଙ୍ଗା ନାବାଳିକା ଛାତ୍ରୀ ମୃତ୍ୟୁକୁ ନେଇ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ ଦାବିରେ ଆଜି କାକଟପୁର ବିଜେଡି ପକ୍ଷରୁ ୬ ଘଣ୍ଟିଆ ହରତାଳ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି । ରାଜ୍ୟ ବିଜେଡି ପକ୍ଷରୁ ପୁରୀ ଜିଲ୍ଲାର ୬ ଘଣ୍ଟିଆ ହରତାଳ ପାଇଁ ନିର୍ଦ୍ଦେଶ କ୍ରମେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଓ ପୁରୀଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକଙ୍କ ଆହ୍ୱାନରେ ସକାଳ ୬ ଘଟିକା ସମୟରେ ବିଜେଡି କର୍ମୀ ମାନେ ଏକାଠି ହୋଇ ବଜାରର




ବିଭିନ୍ନ ଛକ ଜାଗା ମାନଙ୍କରେ ପିକେଟିଂ କରିଥିଲେ । ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର, ସମସ୍ତ ଯାନବାହାନ ସାଧାରଣ ଜନତାଙ୍କୁ ସହଯୋଗ କରିବାପାଇଁ ନିଜେ ବିଧାୟକ ଶ୍ରୀ ବେହେରା ହାତଯୋଡ଼ି ଅନୁରୋଧ କରୁଥିବା ଦେଖିବାକୁ ମିଳିଥିଲା । ଆଜିର ଏହି ବନ୍ଦକୁ କାକଟପୁର, କୁଣ୍ଢେଇ ହାଟର ସମସ୍ତ ବ୍ୟବସାୟୀ, ସାଧାରଣ ଲୋକମାନେ ସମର୍ଥନ କରିଥିବା ସହିତ ୬ଘଣ୍ଟା କାଳ ଛକ ବଜାର ଏକ ପ୍ରକାର ଶୂନଶାନ ହୋଇପଡିଥିବା ଦେଖିବାକୁ ମିଳିଥିଲା । ଏହି ବନ୍ଦ ପାଳନରେ କାକଟପୁର ସରପଞ୍ଚ ଅଭୟ ସେଠୀ, ବର୍ଷିଆନ ନେତା ପ୍ରାଣକୃଷ୍ଣ ମଲ୍ଲିକ, ଯୁବନେତା , ଶଙ୍କର ପ୍ରସାଦ ସାହୁ, ବିଶ୍ୱଜିତ ଦାଶ, ଦୀପକ ଶତପଥୀ, ଅମିତ ବିକ୍ରମ ଖୁଣ୍ଟିଆ, ମୁର୍ଶିଦ୍ ଅଲ୍ଲୀ ସାହା, ସୁକାନ୍ତ ନାୟକ, କଟକଣା ସରପଞ୍ଚ ଶେଖ ସିକନ୍ଦର, ସେକ୍ ମନି ରୁଦୀନ ଶିବଚରଣ ପାତ୍ର, ଲିଙ୍ଗରାଜ ଚାନ୍ଦଙ୍କ ରଂଜନ ନାୟକ, ରବି ନାୟକ, ବିପିନ ନାୟକ, ଶୁଭ୍ରଜିତ୍ ମଲ୍ଲ, ପ୍ରମୋଦ ଦାସ ପ୍ରମୁଖ ସତାଧିକ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ ।

କଣାସ(ଭାସ୍କର ନ୍ୟୁଜ୍): ବଳଙ୍ଗା ପିଡିତାକୁ ନ୍ୟାୟ ପ୍ରଦାନ ଦାବିରେ କଣାସ ବ୍ଲକରେ ବନ୍ଦ ପାଳନ ଦେଖିବାକୁ ମିଳିଥିଲା । ଯେତେବେଳେ ଜିଲ୍ଲା ବ୍ୟାପି ଶାନ୍ତି ପୂର୍ଣ୍ଣ ହରତାଳ ବିଜୁ ଜନତା ଦଳ ପକ୍ଷରୁ ଡ଼ାକରା ଦିଆଯାଇଥିଲା ସେହି ସମୟରେ କଣାସ ବ୍ଲକ ମଧ୍ୟ ଏହି ବନ୍ଦ୍ ହରତାଳରୁ ବାଦ୍ ପଡିନଥିବା ଦେଖିବାକୁ ମିଳିଥିଲା । କେବଳ ଅତ୍ୟାବଶ୍ୟକ ସେବାକୁ ଛାଡ଼ିଦେଲେ ଆଉ ସବୁ ବନ୍ଦ୍ ରହିଥିବା କଣାସ ବ୍ଲକର ଅନେକ ଜାଗାରେ ଦେଖିବାକୁ ମିଳିଥିଲା । ଅନ୍ୟପକ୍ଷେ ଦୋକାନ, ବଜାର, ବ୍ୟବସାୟ




ପ୍ରତିଷ୍ଠାନ, ବିଭିନ୍ନ କାର୍ଯ୍ୟାଳୟ, ଗାଡି ମୋଟର ଚଳାଚଳ ସଂପୂର୍ଣ୍ଣ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା । କଣାସ ବ୍ଲକ୍ ର ଗୋଲା ବଜାର , ବିଜିପୁର ବଜାର, ଜଙ୍କିଆ ଛକରେ ଏହି ହରତାଳ ଜୋରଦାର ଦେଖିବାକୁ ମିଳିଥିଲା ବନ୍ଦ୍ ପାଳନ କରିଥିଲେ । ଏଥିରେ ବିଜୁଜନତା ଦଳର ବହୁ ତୁଙ୍ଗ ନେତା ଯୋଗଦେବସହ ଦୋକନ୍ଦା ସରପଞ୍ଚ ଇଶ୍ୱର ହରିଚନ୍ଦନ, ବିଜୁ ଜନତା ଦଳକଣାସ ବ୍ଲକ୍‌ର ସହ ନିର୍ବାଚନ ଅଧିକାରୀ ରାଜେଶ ହରିଚନ୍ଦନ, ମାନସ ତ୍ରିପାଠୀଙ୍କ ସମେତ ଆହୁରି ଶତାଧିକ କର୍ମୀ ଯୋଗଦେଇ ଏହି ବନ୍ଦ୍ ଡାକରାକୁ ସଫଳ ରୂପାୟନ କରିଥିଲେ ।

ଗୋପ (ଭାସ୍କର ନ୍ୟୁଜ୍): ବଳଙ୍ଗା ପୀଡିତାକୁ ନ୍ୟାୟ ପ୍ରଦାନ ଓ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ପୁରୀ ଜିଲ୍ଲା ବିଜେଡି ପକ୍ଷରୁ ଦିଆଯାଇଥିବା ୬ ଘଣ୍ଟିଆ ବନ୍ଦ ଡାକରା ଗୋପରେ ସଫଳ ହୋଇଛି । ଆଜି ସକାଳୁ ବିଜେଡ଼ି ନେତା ପୂର୍ବତନ ଗୋପ ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ବିଜେଡିର ଶତାଧିକ କର୍ମୀ ଗୋପ ବଜାର ସମେତ ବେଗୁନିଆ, ନାଗପୁର, ମଦରଙ୍ଗ, କୁଶୁପୁର ଆଦି ବିଭିନ୍ନ ଛକ ବଜାର ବନ୍ଦ କରିବା ସହିତ ରଶି ଟାଣି ଗାଡି ମଟର ବନ୍ଦ କରିଥିଲେ । ଗୋପ ବଜାର ସମେତ ତାର ଆଖ ପାଖ ଅଞ୍ଚଳରେ ଥିବା ଦୋକାନ ବଜାର ଗୁଡିକ ସ୍ୱତପୂର୍ତ୍ତ ଭାବେ ବନ୍ଦ ରହିଥିଲା । ମଧ୍ୟାହ୍ନ ପ୍ରାୟ ୧୨ ଟା ସମୟରେ ପିପିଲି ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, କସ୍ତୁରୀ ବାଳ । ସ୍ୱାଇ, ସୁବ୍ରତ ଛାଟୋଇ, ଦିଲ୍ଲୀପ ନାୟକ, ସୁନିଲ ମହାନ୍ତି ଶତାଧିକ କର୍ମୀ ମାନଙ୍କ ସହ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ଆସି ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଏକ ପଥପ୍ରାନ୍ତ ସଭା ଗୋପ ମୁଖ୍ୟ ବଜାରରେ କରିବା ସହିତ ସରକାରଙ୍କ ଇସ୍ତଫା ପ୍ରଦାନ ଦାବୀ କରିବା ସହିତ ବିଭିନ୍ନ ସ୍ଲୋଗାନ ଦେଇଥିଲେ । ଏହି ଆନ୍ଦୋଳନରେ ଗୋପର ଯୁବନେତା ବିକ୍ରମ ନାୟକ, କୁନା ଦାସ, ଗଙ୍ଗାଧର ପାଇକରାୟ, ଧର୍ମେନ୍ଦ୍ର କୁମାର ସିଂ, ସୁଧାସୁ ମୋହନ ସେନପତି, ସେକ୍ ୟାକୁବ୍, ରମେଶ ଚନ୍ଦ୍ର ବାରିକ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ ।



## ପୁରାତନ ମନ୍ଦିରର ବିକାଶ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ବାଙ୍କୀ, (ଭାସ୍କର ନ୍ୟୁଜ୍): ବାଙ୍କୀ ନିର୍ବାଚନ ମଣ୍ଡଳୀରେ ଥିବା ବିଭିନ୍ନ ପୁରାତନ ମନ୍ଦିର ଜରାଜୀର୍ଣ୍ଣ ଓ ଅବହେଳିତ ହୋଇ ରହିଥିବା ଲକ୍ଷ କରି ତାହାର ଉନ୍ନତୀକରଣ ନିମନ୍ତେ ଆଜି ବାଙ୍କୀ ନିର୍ବାଚନ ମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ତୁଷାର କାନ୍ତ ଚକ୍ରବର୍ତ୍ତୀ ଏବଂ ବାରଙ୍ଗ ଜୋନ୍ ସାଂସଦ ପ୍ରତିନିଧି ଭୂପତି ଭୂଷଣ ପାଣି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନା ଥାଉ କି ବାଙ୍କୀର ବହୁ ପୁରାତନ କିର୍ତ୍ତିମାନ ଯାହାକି ତ୍ରିକୂଟ ଧାମ ଭାବେ ପରିଚିତ ଶ୍ରୀ ରାମନାଥ ଦେବ ଓ ଶ୍ରୀ ବୈଦ୍ୟନାଥ ପୀଠ ଏବଂ ବାରଙ୍ଗ ବ୍ଲକ ଦାଢ଼ା ପାଟଣା ପଞ୍ଚାୟତ ଅନ୍ତର୍ଗତ ମା ' କନକ ଦୁର୍ଗା ପୀଠ(ଶକ୍ତି ପୀଠ) ସମ୍ପୂର୍ଣ୍ଣ ଭାବେ ଅବହେଳିତ ଓ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ଓଡିଶା ସରକାର ୨୦୧୨ ମସିହା ଚିଠି ନଂ ୧୩୬୮୩ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ଧାମ ଗୁଡ଼ିକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପ୍ରଦାନ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ବିକାଶ ନ ହୋଇ ପରିବାରୁ ବହୁ ପର୍ଯ୍ୟଟକ ମାନେ ଆସି ନିରାଶ ହୋଇ ଫେରୁଛନ୍ତି । ଏହାର ବିକାଶ ନିମନ୍ତେ ପୂର୍ବରୁ ସ୍ଥାନୀୟ ଗ୍ରାମବାସୀ ପୂର୍ବ ସରକାରଙ୍କୁ ଜଣାଇଥିଲେ ମଧ୍ୟ କୌଣସି ଫଳପ୍ରଦ ହୋଇପାରି ନାହିଁ ବୋଲି ଉପ ମୁଖ୍ୟମନ୍ତ୍ରୀ ସହ ଆଲୋଚନା କରିଥିଲେ । ଏହାକୁ ଅନୁଧ୍ୟାନ କରି ଉକ୍ତ ୩ ଗୋଟି ପୁରାତନ ମନ୍ଦିରର ପୁନଃ ଉଦ୍ଧାର ଓ ବିକାଶ ନିମନ୍ତେ ୨ କୋଟି ଟଙ୍କା ମଞ୍ଜୁର କରିବେ ଏତଦ୍ ବ୍ୟତୀତ ବାଙ୍କୀ ନିର୍ବାଚନ ମଣ୍ଡଳୀରେ ଥିବା ବିଭିନ୍ନ ଶକ୍ତିପୀଠ ଓ ଐତିହାସିକ ପୀଠ, ମନ୍ଦିର, ଗୁମ୍ଫା ଆଦିର ଉନ୍ନତୀ କରଣ ଦିଗରେ ଦୃଷ୍ଟି ଆକର୍ଷଣ କରିବେ ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରତିଶ୍ରୁତି ଦେଇଛନ୍ତି ବୋଲି ବାଙ୍କୀ ଭାଜପା ବିଧାୟକ ପ୍ରାର୍ଥୀ ତୁଷାର କାନ୍ତ ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି ।

## ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ



କୁଜଙ୍ଗ (ଭାସ୍କର ନ୍ୟୁଜ୍) : ପ୍ରତିବର୍ଷ ଭଳି ଚଳିତବର୍ଷ ରାଜସ୍ୱ ଗ୍ରାମ୍ୟ ମାନ୍ୟତା ପୂର୍ତ୍ତି ଅବସରରେ ଏରସମା ତହସିଲ ଅଧିନ ଢ଼ିଙ୍କିଆ ପଞ୍ଚାୟତ ମାହାଳ ଗ୍ରାମ୍ୟ କମିଟି ପକ୍ଷରୁ ଚତୁର୍ଥ ବାର୍ଷିକ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ନାଟକ ଉତ୍ସବ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ଶୁଭ ଉଦ୍ଘାଟନ କରିବା ସହିତ କଳା, ସଂସ୍କୃତି, ପରମ୍ପରା ଗ୍ରାମାଞ୍ଚଳରେ ବଞ୍ଚି ରହିଥିବାରୁ ଆୟୋଜକ ମାନଙ୍କୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଢ଼ିଙ୍କିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ କିଶୋର କୁମାର ପରିଡ଼ା, ଡ଼ ତମିଲ ପ୍ରଧାନ, ସମାଜସେବୀ ଆଦିତ୍ୟ ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ । ଚାରିଦିନ ବ୍ୟାପି ଆୟୋଜିତ ମୁକ୍ତମଞ୍ଚ ନାଟକର ପ୍ରଥମ ରାତ୍ରୀରେ ଆରୀୟନ ଭୁବନେଶ୍ୱର ନାଟକ ସ୍ୱାମୀ ପାଇଁ ପଛେ ନର୍କକୁ ଯିବି ନାଟକ ପରିବେଷଣ କରିଥିଲା । ଦ୍ୱିତୀୟ ସଂଧ୍ୟାରେ ମା'ଭୈରବୀ କ୍ଲବ ପଟିଆଗଡ ଭୁବନେଶ୍ୱର ପ୍ରଥମ ପ୍ରେମ ସେ ଏମିତି କିଆଁ ନାଟକ ପରିବେଷଣ କରିଥିବା ବେଳେ ତୃତୀୟ ସଂଧ୍ୟାରେ ଆୟୋଜକ ଦଳ 'ହା କୃଷ୍ଣ ବୋଲି ଯାଉ ଜୀବନ' ନାଟକ ପରିବେଷଣ କରିଥିବା ବେଳେ ଶେଷ ସଂଧ୍ୟାରେ ନୂଆଗାଁ ବଜ୍ର ମହାକାଳୀ ନାଟ୍ୟ ପରିଷଦ ନୂଆଗାଁ ନାଟକ 'ସବୁ କିଣା ଏଠି ଲୁହ ମାଗଣା' ପରିବେଷଣ କରିଥିଲା । ବିଚାରକ ଭାବେ ହେମନ୍ତ ସ୍ୱାଇଁ, ଦୁର୍ଲ୍ଲଭ ରାଉତ ଉପସ୍ଥିତ ଥିଲେ । ଆଖ ପାଖ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଦର୍ଶକ ମନଭରି ଏହି ମୁକ୍ତ ମଞ୍ଚ ନାଟକକୁ ଉପଭୋଗ କରିଥିଲେ । ମାହାଳ ଗ୍ରାମ୍ୟ କମିଟିର ସଭାପତି ଅନିରୁଦ୍ଧ ପରିଡ଼ା ସଭାପତିତ୍ୱ କରିଥିଲା ବେଳେ ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ଭମର ସେଠି, କୈଳାଶ ନାୟକ, ବିଷ୍ଣୁ ନାୟକ, କୁଳମଣି ସାମଲ, ବସନ୍ତ ଜେନା, ମାନସ ଦଳାଇ, ପ୍ରେମାନନ୍ଦ ପରିଡା, ରଞ୍ଜନ ନାୟକ, ଧନୁ ଦଳାଇ, ରଞ୍ଜନ ବର୍ଦ୍ଧନ, ପ୍ରଭାତ ରାଉତ ପ୍ରମୁଖ ପରିଚାଳନା କରିଥିଲେ ।

## ଉଦୟଗିରି ବୁଦ୍ଧ ବାଟିକାରେ ଚାରାରୋପଣ କଲେ ବିଧାୟକ



ବାଲିଚନ୍ଦ୍ରପୁର (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବିଶ୍ୱ ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ଠାରେ ବୁଦ୍ଧ ମହୋତ୍ସବ ସମିତି ପକ୍ଷରୁ ଆଜି ଗୁରୁବାର ଉଦୟଗିରି ବୁଦ୍ଧ ବାଟିକା ଠାରେ ନିର୍ମାଣଧିନ ପାର୍କରେ ପ୍ରଥମ କରି ବଉଳ ଗଛ ଚାରା ରୋପଣ କରିଛନ୍ତି ବଡ଼ଚଣା ବିଧାୟକ ଅମର କୁମାର ନାୟକ । ଏହି ଅବସରରେ ଆୟୋଜିତ ତୋଶାଳିପ୍ଲାଜା କନପ୍ରେସନ ହଲ ଠାରେ ବୁଦ୍ଧ ମହୋତ୍ସବ ସମିତିର ଅଧ୍ୟକ୍ଷା ଗୁରୁମା ଅରୁନ୍ଧତୀ ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ବିଶ୍ୱ ମାନଚିତ୍ରରେ ଉଦୟଗିରିକୁ ସ୍ଥାନୀତ କରିବା ଓ ଆସନ୍ତା କିଛି ବର୍ଷ ମଧ୍ୟରେ ଉଦୟଗିରି କାୟାକଳ୍ପ ପରିବର୍ତ୍ତନ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି । ବଡ଼ଚଣାର ବିକାଶ ଧାରାରେ ସାମିଲ ହେବା ପାଇଁ ଜନସାଧାରଣଙ୍କ ସହଯୋଗ ଲୋଡ଼ିଥିଲେ । ଅନ୍ୟତମ ଅତିଥି ଭାବେ ବଡ଼ଚଣା ବିଡ଼ିଓ ରବୀନ୍ଦ୍ର କୁମାର ପ୍ରଧାନ ଓ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ ଯୋଗଦେଇ ବିଧାୟକ ଉଦୟଗିରି ବିକାଶ ଯେଉଁ ଲକ୍ଷ ରଖିଛନ୍ତି ପ୍ରଶାସନ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି ମତ ରଖିଥିଲେ । ବୁଦ୍ଧ ମହୋତ୍ସବ ସମିତିର ଆବାହକ ସାମ୍ବାଦିକ ମହେଶ୍ୱର ବଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଭ୍ୟ ଉତ୍ତମ କୁମାର ଦାସ ଧନ୍ୟବାଦ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଗୋପାଳପୁର ପଞ୍ଚାୟତ ଗ୍ରାମବାସୀ ଓ ସମିତିର କାର୍ଯ୍ୟକର୍ତ୍ତା ମାନେ ଯୋଗଦେଇ ସହାୟତା ପ୍ରଦାନ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନମେଳା

ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଟାଙ୍ଗୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଚର୍ତୁବିଂଶ ଜ୍ଞାନବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ମମତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାରେ ମୁଖ୍ୟଅତିଥି ଭାବେ ଜଳସମ୍ପଦ ବିଭାଗର ଯନ୍ତ୍ରୀ ରବିନ୍ଦ୍ର କୁମାର ସାମଲ ଯୋଗ ଦେବା ସହ ଭବିଷ୍ୟତରେ ଜଣେ ଭଲ ବୈଜ୍ଞାନିକ ହେବାକୁ ହେଲେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ଗତି କରିବାକୁ ପଡ଼ିବ ବୋଲି ଛାତ୍ରଛାତ୍ରୀମାନଙ୍କୁ କହିଥିଲେ । ପ୍ରାରମ୍ଭରେ ପ୍ରଧାନ ଆଚାର୍ଯ୍ୟ ଅରକ୍ଷିତ ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତଭାଷଣ ପ୍ରଦାନ କରିଥିବା ବେଳେ ମେଳାରେ ୯୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । କୃତି ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିବା ବେଳେ ବିଦ୍ୟୁତ୍‌ପ୍ରଭା ସ୍ୱାଇଁ, କଳ୍ପନା ମହାନ୍ତି, ସୁଶ୍ରୀ ସତ୍ୟପ୍ରିୟା ସାହୁ, ସସ୍ମିତା ସ୍ୱାଇଁ, ମଧୁସ୍ମିତା ନାୟକ, କଲ୍ୟାଣୀ ସାହୁ ଓ କାଳନ୍ଦୀ ଚରଣ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ନାରୀ ସୁରକ୍ଷା ନେଇ ସ୍ମାରକପତ୍ର

ବେତନଟୀ (ଭାସ୍କର ନ୍ୟୁଜ୍) : ନାରୀ ସୁରକ୍ଷା ନେଇ ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଛାତ୍ର ଓ ଯୁବ ବିଜେଡି ତରଫରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଗାଁଠୁ ସହର, ବେଳାଭୂମିରୁ କଲେଜ କ୍ୟାମ୍ପସ୍ ସବୁଠି ଛାତ୍ରୀ ଓ ମହିଳା ଅସୁରକ୍ଷିତ । ନିର୍ଯାତନା ଓ ଅପରାଧ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଛାତ୍ର ଓ ଯୁବ ବିଜେଡି ତତଫରୁ ବେତନଟୀ ଏସଡିପିଓ ମିନତି ବିଶ୍ୱାଳଙ୍କ ମାଧ୍ୟରେ ପୋଲିସ ଡିଜିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଜୁ ଛାତ୍ର ଜନତା ଦଳ ଜିଲ୍ଲା ସଭାପତି ସୁନିଲ୍ ନାୟକ, ଜିଲ୍ଲା ନେତୃବୃନ୍ଦ ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ନୂତନ ବ୍ଲକ ସଭାପତି ରାଜୀବ ସେନାପତି ,୩୬ ନମ୍ବର ଜିଲ୍ଲା ପରିଷଦ ଧାନୀ କିସ୍କୁ, ଯୁବ ସଂଗଠକ ଲଲାଟେନ୍ଦୁ ବେହେରା, ରାଜନ୍ ଦାସ, ଛାତ୍ରନେତା ମୋନିଶ ଗିରି, ଚିତ୍ତେଶ୍ୱର୍ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଜାତୀୟ ହସ୍ତତନ୍ତ ଦିବସ ପାଳିତ



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଚୌଦ୍ୱାର ବାଣିପଦା ପଞ୍ଚାୟତ ସ୍ଥିତ ଉତ୍କଳ ଇଣ୍ଟରନ୍ୟାସନାଲ ସ୍କୁଲରେ ଏହି ଦିବସକୁ ନିଆରା ଭାବେ ପାଳନ କରାଯାଇଛି । ହସ୍ତତନ୍ତ ସାମଗ୍ରୀକୁ ନେଇ ବିଦ୍ୟାଳୟରେ ଅନୁଷ୍ଠିତ ଏକ ପ୍ରଦର୍ଶନୀ ମେଳାରେ ଛାତ୍ରଛାତ୍ରୀମାନେ ନିଜ ଘରେ ବ୍ୟବହୃତ ହେଉଥିବା ହସ୍ତତନ୍ତ ଶାଢ଼ି, ସାଲ, କୁର୍ତ୍ତା, ପାଇଜାମା ଓ ଘରକରଣା ଜିନିଷକୁ ଆଣି ପ୍ରଦର୍ଶିତ କରାଇଥିଲେ । ଅନ୍ୟପକ୍ଷରେ ଛାତ୍ରୀମାନେ ହସ୍ତତନ୍ତର ଶାଢ଼ି ଓ ଡ୍ରେସ୍ ପିନ୍ଧି ଏକ ର୍‍ୟାମ୍ପ୍ ସୋ'ରେ ଭାଗ ନେଇଥିଲେ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ୍ୟ ଆଜି ସମସ୍ତେ ହସ୍ତତନ୍ତ ପୋଷାକ ପିନ୍ଧିଥିବାର ଦେଖିବାକୁ ମିଳିଥିଲା । ଆଜିର ଏହି କାର୍ଯ୍ୟକ୍ରମ ସ୍କୁଲର ପ୍ରତିଷ୍ଠାତା ଡଃ ଗଣେଶ ପ୍ରସାଦ ବେହେରାଙ୍କଦ୍ୱାରା ଉଦ୍‌ଘାଟନ କରାଯାଇଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## ଅଗ୍ନିକାଣ୍ଡରେ ୩୦ରୁ ଉର୍ଦ୍ଧ୍ୱ ଇଲେକ୍ଟ୍ରି ସ୍କୁଟି ପୋଡ଼ି ପାଉଁଶ

ଛତ୍ରପୁର(ଭାସ୍କର ନ୍ୟୁଜ୍): ଛତ୍ରପୁର ନିକଟ ୧୬ ନଂ ଜାତୀୟ ରାଜପଥ ଡାକ ଢ଼ାବା ସମ୍ମୁଖ ରେ ଠିଆ ହୋଇଥିବା ଇଲେକ୍ଟ୍ରି ସ୍କୁଟି ବୋଝେଇ ଟ୍ରକରେ ନିଆଁ ଲାଗି ଟ୍ରକରେ ଥିବା ୩୦ରୁ ଉର୍ଦ୍ଧ୍ୱ ସ୍କୁଟି ଜଳି ପୋଡ଼ି ପାଉଁଶ ହୋଇଯାଇଛି । ନୂଆଦିଲ୍ଲୀରୁ ଆନ୍ଧ୍ର ପ୍ରଦେଶର ସୋମପେଣ୍ଠା ଅଭିମୁଖେ ଯାଉଥିବା ସ୍କୁଟି ବୋଝେଇ ଟ୍ରକଟିକୁ ଛତ୍ରପୁର ଜାତୀୟ ରାଜପଥ ପାର୍ଶ୍ୱରେ ରଖି ଡ୍ରାଇଭର ଚା' ପିଇବାକୁ ଯାଇଥିବାବେଳେ ହଠାତ୍ ଗାଡି ଭିତରୁ ଧୂଆଁ ବାହାରିଥିଲା । ଏହା ଦେଖି ଡ୍ରାଇଭର ଅଖିଳେଶ ତିୱାରୀ ସଙ୍ଗେ ସଙ୍ଗେ ନିଜ ବୁଦ୍ଧି ଖଟାଇ ଟ୍ରକ୍‌ଟିକୁ ନିକଟ ସର୍ଭିସ୍ ସେଣ୍ଟର୍‌ରେ ଲଗେଇ ଥିଲେ ଏବଂ ନିଆଁକୁ ଆୟତ୍ତ କରିବା ପାଇ ପାଣି ସ୍ପ୍ରେ କରା ଯାଇଥିଲା । ଖବର ପାଇ ଛତ୍ରପୁର ଅଗ୍ନିଶମ ବାହୀନିର ଦୁଇଟି ଗ । ଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ସୁଦ୍ଧା ସ୍କୁଟି ଗୁଡ଼ିକ ସମ୍ପୂର୍ଣ୍ଣ ପୋଡ଼ି ପ । ଉଁ ଶ ହୋଇଯାଇଥିଲା । ପ୍ରାୟ ଏକ ଘଣ୍ଟା ସମୟ ପରେ ନିଆଁ ଲିଭିଥିଲା । ଘଟଣା ସ୍ଥଳରେ ଛତ୍ରପୁର ପୋଲିସ ପହଞ୍ଚି ଟ୍ରକ୍‌ରେ ଥିବା ଡ୍ରାଇଭରଙ୍କୁ ଉଦ୍ଧାର କରାଯାଇଥିଲା ବୋଲି ଛତ୍ରପୁର ପୋଲିସ୍ ପକ୍ଷରୁ କୁହାଯାଇଛି ।




## ସୁମନ୍ତ ହତ୍ୟାକାଣ୍ଡ ଘଟଣା:ଚାରି ଆସାମୀଙ୍କ ଗିରଫ କେବେ ?

ବାଙ୍କୀ /ରତାଗଡ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲାର ବାଙ୍କୀ ଥାନା ଅନ୍ତର୍ଗତ ରତାଗଡ଼ ଗୋବିନ୍ଦପୁର ଗ୍ରାମରେ ପୂର୍ବଶତ୍ରୁତାକୁ ନେଇ ଘଟିଛି ଜଘନ୍ୟ ହତ୍ୟାକାଣ୍ଡ । ପଞ୍ଚାନନ ଓ ସୁଷମାଙ୍କର ଏକ ମାତ୍ର ପୁତ୍ର ସନ୍ତାନ ସୁମନ୍ତ ମକର ସଂକ୍ରାନ୍ତି ଦିନ ସ୍ଥାନୀୟ ମା ବଡ ବନ୍ଧିଆଣିଙ୍କ ଯାତ୍ରା ଦେଖିବାକୁ ଯାଇଥିଲେ । ୩ରୁ ଚାରି ଦିନ ତଳେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା ।ଗ୍ରାମରେ ଶାନ୍ତି କମିଟି ବସାଇ ଉଭୟଙ୍କ ମଧ୍ୟରେ ଶାନ୍ତି ଫେରାଇବା ପାଇଁ ଚେଷ୍ଟା କରି ସମାଧାନ କରିଥିଲେ ମଧ୍ୟ ସେମାନଙ୍କ ମନରୁ ଭୁଲି ନଥିଲେ । ପ୍ରତିଶୋଧ ନେବା ପାଇଁ ପୂର୍ବ ରାତିରେ ଯୋଜନା କରି ସୁମନ୍ତ କୁ ଘରୁ ଡାକି ମଦ ପିଇବା ପାଇଁ ବାଧ୍ୟ କରିଥିଲେ । ସୁମନ୍ତ ତାଙ୍କ ଯୋଜନା ଜାଣିପାରି କୌଶଳ କ୍ରମେ ସେଠାରୁ ଖସି ଆସିଥିଲେ ।ଯାହା ଫଳରେ ମକର ସଂକ୍ରାନ୍ତି ଦିନ ଯୋଜନାବଦ୍ଧ ଭାବରେ ସୁମନ୍ତଙ୍କ ଫେରିବା ବାଟରେ ଅପେକ୍ଷା କରି ଛକି ବସିଥିଲେ । ସୁମନ୍ତ ଫେରିବା ମାତ୍ରେ ଚତୁରୀ ପୋଖରୀ ନିକଟରେ ସଂଘବଦ୍ଧ ହୋଇ ଆତର୍କିତ ଭାବେ ଆକ୍ରମଣ କରିଥିଲେ ।ସୁମନ୍ତ ଏକାକୀ ଥିବାରୁ ଆକ୍ରମଣକୁ ପ୍ରତିରୋଧ କରିପାରିନଥିଲେ । ସଂଘ ବଦ୍ଧ ଆକ୍ରମଣରେ ସୁମନ୍ତ ସେହିଠାରେ ଟଳି ପଡ଼ିଥିଲେ ।ସୁମନ୍ତର ମା' ୧୧ ଜଣଙ୍କ ନାମରେ ବାଙ୍କୀ ଥାନାରେ ଏତଲା ଦେଇଥିଲେ ।ସେଥିରୁ ୭ ଜଣଙ୍କୁ ବାଙ୍କୀ ଥାନା ଆଇଆଇସି ଗିରଫ କରିଥିଲେ । ୭ ମାସ ବିତିଯାଇଥିଲେ ମଧ୍ୟ ଅନ୍ୟ ଚାରି ଜଣ ଗିରଫ ନ ହୋଇ ବାହାରେ ବୁଲୁଛନ୍ତି । ସୁମନ୍ତଙ୍କ ପରିବାର ଲୋକ ଏବେ ବି ମଧ୍ୟ ଭୟଭୀତ ଅବସ୍ଥାରେ ଅଛନ୍ତି । ଏ ଖବର ପ୍ରସାରଣ ପରେ କେବେ କେଉଁ ଦିନ ବାଙ୍କୀ ଥାନା ଆଇଆଇସି ଚାରି ଜଣ ଆସାମୀକୁ ଗିରଫ କରି କଠୋରରୁ କଠୋର ଦଣ୍ଡ ଦେବେ ତାହାକୁ ସ୍ଥାନୀୟ ଜନସାଧାରଣ ଚାହିଁ ବସିଛନ୍ତି ।

## ରାଶିଫଳ

**ଶନିବାର, ୦୯ ଅଗଷ୍ଟ ୨୦୨୫**



**ମେଷ:** ଆପଣଙ୍କ ଦିନକୁ ଯତ୍ନର ସହିତ ବିତାନ୍ତୁ । ଆଜି କୈଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ । ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ । ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ ।



**ବୃଷ:** ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ । ଶରୀରରେ ଥକାପଣ ଏବଂ ଅଳସୁଆତା ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ । ଆଜି ଆପଣ ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ ।



**ମିଥୁନ:** ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ । ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ । ସ୍ୱାସ୍ଥ୍ୟ ଭଲ ହେବ । ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ । ଚାକିରିରେ ଲୋକଙ୍କୁ ଉପକୃତ କରିବେ ।



**କର୍କଟ:** ଆଜି ଆପଣଙ୍କର ଦିନ ଆନନ୍ଦ ଏବଂ ଭୋଗରେ ଅତିବାହିତ ହେବ । ବିପରୀତ ଲିଙ୍ଗର ଲୋକଙ୍କୁ ଭେଟିବେ । ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ । ଯାନ ଆନନ୍ଦ ପାଇବେ । ନୂତନ ପୋଷାକ କିଣିଲେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ ।



**ତୁଳା:** ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ । ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ । ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ । ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ । ଜମି ଓ ଘରର ଦଲିଲ ସୁବିଧାରେ ରଖନ୍ତୁ । ମହିଳା ଏବଂ ଜଳରୁ କ୍ଷତି ହେବାର ଭୟ ରହିବ । ଲୋକଙ୍କୁ ଅପମାନ ନ କରିବାକୁ ବିଶେଷ ଧ୍ୟାନ ଦିଅନ୍ତୁ ।



**କନ୍ୟା:** ଆଜି ଆପଣ ଅଧିକ କଳ୍ପନାକାରୀ ହେବେ । ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ । ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ । ଛାତ୍ରମାନେ ଅଭ୍ୟାସ କରିବା ପାଇଁ ଏହା ଏକ ଭଲ ସମୟ । ସାଙ୍ଗମାନଙ୍କ ସହିତ ମିଳନ ହେବ, ମହିଳା ବନ୍ଧୁମାନେ ଉପକୃତ ହେବେ ।



**ବିଛା:** ଆଜି ସାଧାରଣ ଲାଭର ଦିନ । ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ । ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ । ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ । ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ ।



**ସିଂହ:** ଆପଣଙ୍କ ଦିନ ଶୁଭ ହେବ । ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ । ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ । ଧନ ଲାଭର ସମ୍ଭାବନା । ବିଦେଶରୁ ଭଲ ଖବର ଆସିବ । ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ । ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିବ ।




**ଧନୁ:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି । ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ । ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ । ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ୍ୟ ହୋଇପାରେ । ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ ।




**ମକର:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ । ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ । ଆର୍ଥିକ ଲାଭ ହାସଲ ହେବ । ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି । ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ । ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ । ଆଜି ଆପଣଙ୍କର ଆଚରଣ ସ୍ୱାଭାବିକ ହେବ ।



**କୁମ୍ଭ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ । ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ । ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ । ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ । ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ । ପରିବାରରେ ଖୁସିର ପରିବେଶ ରହିବ ।



**ମୀନ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ । ଚାକିରୀ ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି । ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ । ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି । ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ । ପତ୍ନୀ ଏବଂ ପୁଅଙ୍କଠାରୁ ଆନନ୍ଦଙ୍କ ଖବର ଆସିବ ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ବୌଦ୍ଧ(ଭାସ୍କର ନ୍ୟୁଜ): ଜିଲ୍ଲାସ୍ତରୀୟ ମିଶନ ଏ-୧ ମେଧା ଚୟନ ପରୀକ୍ଷା ଜିଲ୍ଲାର ୮ଟି ପରୀକ୍ଷା କେନ୍ଦ୍ରରେ ସଫଳତାର ସହ ଆୟୋଜିତ ହୋଇ ଯାଇଛି । ଏହି ପରୀକ୍ଷା ପାଇଁ ଜିଲ୍ଲାର ୭୪ଟି ହାଇସ୍କୁଲର ଅନ୍ୟୂନ ୫ଟି ଲେଖାଏଁ ବୃତ୍ତି ଛାତ୍ରଛାତ୍ରୀଙ୍କୁ ନେଇ ମୋଟ ୪୩୫ ପରୀକ୍ଷାର୍ଥୀ ପ୍ରଥମ ଦିନ ଓଡିଆ, ଗଣିତ ଓ ସାମାଜିକ ବିଜ୍ଞାନ ବିଷୟରେ ପରୀକ୍ଷା ଦେଇଥିଲେ । ଏଥିପାଇଁ ପରୀକ୍ଷା କେନ୍ଦ୍ର ଅଧ୍ୟକ୍ଷ,ପରୀକ୍ଷା ନିରୀକ୍ଷକ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ନିଯୁକ୍ତି କରାଯାଇଥିଲା । ଶୁକ୍ରବାର ଇଂରାଜୀ, ବିଜ୍ଞାନ ଓ ତୃତୀୟ ଭାଷା (ହିନ୍ଦି, ସଂସ୍କୃତ ଓ ଧନ୍ଦାମୂଳକ) ପରୀକ୍ଷା ଅନୁଷ୍ଠିତ ହେଉଛି । ଜିଲ୍ଲା ଶିକ୍ଷା ଅଧିକାରୀ ମେମାଲତା ଦୁବେଙ୍କ ନେତୃତ୍ୱରେ ଜିଲ୍ଲାରେ ସରକାରୀ ଓ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଏ-୧ ଓ ଏ-୨ ସଂଖ୍ୟା ବୃଦ୍ଧି କରିବାକୁ ଏକ ଅଭିନବ ପ୍ରୟାସ 'ମିଶନ ଏ-୧' କାର୍ଯ୍ୟକ୍ରମ ଅନ୍ତର୍ଗତ ଉକ୍ତ ୪୩୫ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସର୍ବୋଚ୍ଚ ୧୦୦ ଜଣଙ୍କୁ ଚୟନ କରାଯାଇ ଜିଲ୍ଲାର ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ଅନଲାଇନ ତଥା ବିଭିନ୍ନ ଶିକ୍ଷା ଶିବିର ଆୟୋଜନ କରି ନିଃଶୁଳ୍କ କୋଚିଂ ପ୍ରଦାନ କରାଯିବାର ଯୋଜନା ରହିଛି । ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବୃନ୍ଦାମଣି ବାରିକ, ଜ୍ୟୋତିରଞ୍ଜନ ସାହୁ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ, ତିନୋଟି ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା, ଉପେନ୍ଦ୍ର ପ୍ରଧାନ ଓ ଅଶୋକ ରଂଜନ ମାଝି, ସମସ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ,ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଡୋଡୋଗାଲି ସଂଯୋଜକ ଶିବଶଙ୍କର ଶତପଥୀ ଓ ଜିଲ୍ଲାର ସାଧନ କର୍ମୀମାନଙ୍କ ଆନ୍ତରିକ ପ୍ରୟାସ ଓ ସମ୍ପୂର୍ଣ୍ଣ ସହଯୋଗରେ ଏହି ପିଲାମାନଙ୍କ ପାଇଁ ଆଗାମୀ ଦିନରେ ଅନେକଗୁଡିଏ ଉନ୍ନତି ମୂଳକ ପଦକ୍ଷେପ ଗ୍ରହଣ କରାଯିବାର ଯୋଜନା ରହିଛି ।



# ନୂତନ ଉପଜିଲ୍ଲାପାଳ ଅଭିଷେକ ଦିଲ୍ଲୀପଙ୍କ ଦାୟିତ୍ୱ ଗ୍ରହଣ



ଗୁଣପୁର(ଭାସ୍କର ନ୍ୟୁଜ): ଯୁବ ଭାରତୀୟ ପ୍ରଶାସନିକ ଅଧିକାରୀ ଅଭିଷେକ ଦିଲ୍ଲୀପ ଧୁଲାଇ ଗୁଣପୁର ଉପ ଜିଲ୍ଲାପାଳ ଭାବେ ଯୋଗଦାନ କରିଛନ୍ତି । ୨୦୨୩ ଯୁବ ଭାରତୀୟ ପ୍ରଶାସନିକ ଅଧିକାରୀ ତାଲିମ ଗ୍ରହଣ କରି ସେ ଗୁଣପୁରରେ ଯୋଗଦାନ କରିଛନ୍ତି । ପ୍ରକଳ୍ପ ପ୍ରଶାସକଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି ।ଏହି ଅବସରରେ ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ସହକାରୀ ଜିଲ୍ଲାପାଳ ବିପିନ ଚନ୍ଦ୍ର ନାୟକ, ଉପ ବିଭାଗୀୟ ଅଧିକାରୀ ମନୋରଞ୍ଜନ କାର୍ଜି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଅତିରିକ୍ତ ଯୋଗାଣ ଅଧିକାରୀ ଲଳିତ ମୋହନ ପଟ୍ଟନାୟକ,ଆରଏମସି ସଂପାଦକ ଜଳପତି କାର୍ଜି, ରାମନାଗୁଡା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ବରିଷ୍ଠ ଓ କନିଷ୍ଠ ରାଜସ୍ୱ ସହାୟକ ପ୍ରମୁଖ ସ୍ୱାଗତ ଜଣେଇଥିଲେ । ଏଥିସହ ଗୁଣୁପୁର ସାୟାଦିଙ୍କ ସହ ନୂତନ ଉପଜିଲ୍ଲାପାଳ ଏକ ସୌଜନ୍ୟମୂଳକ ସାକ୍ଷାତ ସମୟରେ ଗୁଣପୁର ଅଂଚଳର ବିଭିନ୍ନ ସମସ୍ୟା ସଂପର୍କ ରେ ପଚାରି ବୁଝିଥିଲେ । ଦୀର୍ଘଦିନ ହେଲା ଅସଂପୂର୍ଣ୍ଣ ଗୁଣପୁର ମିନିଷ୍ଟାଡିୟମର ଉନ୍ନତିକରଣ, ଦୀର୍ଘ ୪ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅଧାପରରିଆ ବାଇପାସ ରାସ୍ତା ନିର୍ମାଣ ସଂପୂର୍ଣ୍ଣ କରିବା ଦିଗରେ ତ୍ୱରିତ ପଦକ୍ଷେପ, ସହରରେ ଟ୍ରାଫିକ ବ୍ୟବସ୍ଥା ସୁଧାରିବା ପାଇଁ ପୋଲିସ ମୁତୟନ, ସହରର ମୁଖ୍ୟ ରାସ୍ତା ଗୁଡିକରେ ଗାଈଗୋରୁଙ୍କ ପ୍ରାଦୁର୍ଭାବ ଯୋଗୁ ଉପୁଜୁଥିବା ସମସ୍ୟାର ସମାଧାନ, ସହରରେ ବେଆଇନ ଭାବେ ଦଖଲରେ କବଜାରେ ଥିବା ଜଳଦାଦଦଳରେ ସରକାରୀ ଜମିକୁ ଉଦ୍ଧାର କରାଯାଇ ତାରବାଡ ଦେବା ଭଳି ବିଭିନ୍ନ ସମସ୍ୟାକୁ ନେଇ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲାପାଳଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ଦିଗରେ ପର୍ଯ୍ୟାୟକ୍ରମେ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେବାସହ ମିଳିମିଶି ସହରର ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ ସହଯୋଗ ପାଇଁ ଆହ୍ୱାନ ଦେଇଥିଲେ ।

# ୩ ପ୍ରଧାନମନ୍ତ୍ରୀ ଫସଲ ବୀମା ରଥ ଶୁଭାରମ୍ଭ

ବୌଦ୍ଧ (ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ୩ ଟି ପ୍ରଧାନମନ୍ତ୍ରୀ ଫସଲ ବୀମା ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପିଭି ରମଣ ରାଓ ଉପସ୍ଥିତ ଥିଲେ । ଉକ୍ତ ତିନି ରଥ ଜିଲ୍ଲାର ସମସ୍ତ ୩ ବ୍ଲକର ବିଭିନ୍ନ ଗ୍ରାମ ପରିକ୍ରମା କରି ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନାର ଲାଭ ଉପରେ ଚାଷୀମାନଙ୍କୁ ସଚେତନ କରାଇବ ବୋଲି ସୂଚନା ମିଳିଛି ।



## ■ ତେଲିବନ୍ଧ-ବାରପୁଡୁଗ ରାସ୍ତାରେ ଡକାୟତି ମାମଲା

# ୩ ଅଟକ

ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ବ୍ଲକ ଅନ୍ତର୍ଗତ ତେଲିବନ୍ଧ ବରପୁଡୁଗ ରାସ୍ତାର ତୁଳସୀପୁର ନର୍ସରୀ ନିକଟରେ ସୋମବାର ରାତି ପ୍ରାୟ ୧୧ ଟାରେ ଦୁର୍ବୃତ୍ତମାନେ ଏକ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରି ୮୫ ହଜାର ଟଙ୍କା ନେଇଥିବା ବୌଦ୍ଧ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି । ସୂଚନାମତେ ବୌଦ୍ଧ ବ୍ଲକ ମୁଣ୍ଡିପଦର ପଂଚାୟତ ଅନ୍ତର୍ଗତ କୁଲ୍ଡାଖାଲି ଗାଁର ରାଜ କିଶୋର ନାଏକ ବୌଦ୍ଧ ଥାନାରେ ପୋଲିସ ଭାବେ କାର୍ଯ୍ୟ କରନ୍ତି । ତେବେ ସେ ହରିୟାଣାରୁ ତାଲିମ ସାରି ଭୁବନେଶ୍ୱରରୁ ଘରକୁ ଆସୁଥିବା ବେଳେ ବୌଦ୍ଧରେ ଓହ୍ଲେଇ ଥିଲେ । ବୌଦ୍ଧରୁ ଭାଇ ରାକେଶ ସହିତ ନିଜ ଗାଁ କୁଲ୍ଡାଖାଲିକୁ ତେଲିବନ୍ଧ ବରପୁଡୁଗ ରାସ୍ତାରେ ଫେରୁଥିବା ବେଳେ ଛଅଜଣ ମୁଖାଧାରୀ ତୁଳସୀପୁର ନର୍ସରୀ ନିକଟରେ ତାଙ୍କୁ ଆକ୍ରମଣ କରିଥିଲେ । ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇ ସାନ ଭାଇ ରାକେଶ ଚେତା ଶୂନ୍ୟ ହୋଇ ପଡିଥିଲେ । ରାଜକିଶୋର ଦୁର୍ବୃତ୍ତଙ୍କୁ କାବୁ କରିବାକୁ ଚେଷ୍ଟା କରିବାରୁ ଦୁର୍ବୃତ୍ତ ମାନେ ଭାଲର ଛାତିରେ ମାରଣାସ୍ତ୍ର ଲଗେଇବାରୁ ରାଜ ନିରବ ରହିଥିଲେ ଏବଂ ତାଙ୍କ ମୋବାଇଲରୁ ଜବରଦସ୍ତ ୮୫ ହଜାର ଟଙ୍କା ଦିଲ୍ଲୀପ ଜଲତା ମୋବାଇଲଲକୁ ଟ୍ରାନ୍ସଫର କରିଥିଲେ । ଏବଂ ଉଭୟଙ୍କ ମୋବାଇଲ ନେଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ । ପୁଅଙ୍କ ଆସିବା ଡେରି ଯୋଗୁଁ ବାପା ମଧ୍ୟ ଫୋନ କରିବାରୁ ଉଭୟଙ୍କ ମୋବାଇଲ ସ୍ୱିଚ ଅଫ ଥିବାରୁ ବାପା ଚିନ୍ତାରେ ପଡିଯାଇଥିଲେ । ଦୁଇଭାଇ ବହୁ କଷ୍ଟରେ ଗାଁ ରେ ପହଞ୍ଚି ପୋଲିସକୁ ଫୋନ କରିଥିଲେ । ପୋଲିସ ପେଟ୍ରୋଲିଂ କରି ଫେରିଯାଇଥିଲେ । ମଙ୍ଗଳବାର ଏନେଇ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ । ବୌଦ୍ଧ ଆଦର୍ଶ ଥାନା ପୋଲିସ ମୋବାଇଲ ଟ୍ରାକିଙ୍ଗ କରି ତିନି ଜଣଙ୍କୁ ଅଟକ ରଖି ପଚରା ଉଚୁରା କରୁଥିବା ବେଳେ ଏହି ଡକାୟତି ଘଟଣାରେ ଏକ ଗ୍ୟାଙ୍ଗ କାମ କରୁଥିବା ସୂଚନା ପାଇ ଅନ୍ୟ ମାନଙ୍କୁ ଧରିବାକୁ ଚେଷ୍ଟା କରାଯାଉଛି । ଏହି ଘଟଣା ପରେ ଅଞ୍ଚଳର ଲୋକେ ରାତିରେ ଯିବାକୁ ଭୟ କରୁଛନ୍ତି । ଜହ୍ନାପଙ୍କ-ଖମାରିପଡା ଓ ତେଲିବନ୍ଧ - ବରପୁଡୁଗ ରାସ୍ତାରେ ପୋଲିସ ପାଟ୍ରୋଲିଙ୍ଗ ପାଇଁ ଦାବି ହେଉଛି ।

# ଶ୍ରମବିଭାଗ ପକ୍ଷରୁ ଚଢ଼ାଉ, ଜଣେ ଶିଶୁ ଶ୍ରମିକ ଉଦ୍ଧାର

ଉମରକୋଟ(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀଙ୍କ ଶିଶୁ ଶ୍ରମିକଙ୍କ ନିଯୋଜନ ବିରୁଦ୍ଧରେ ଶୁନ ସହନଶୀଳତା ନୀତିକୁ ଆଧାର କରି ନବରଙ୍ଗପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଓ ଶ୍ରମ କମିଶନର, ଅତିରିକ୍ତ ଜିଲ୍ଲାପାଳ ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କ ସହଯୋଗରେ ଶ୍ରମ ବିଭାଗ ପକ୍ଷରୁ ଜିଲ୍ଲା ସହକାରୀ ଶ୍ରମ ଅଧିକାରୀଙ୍କ ନେତୃତ୍ୱରେ ସିଭିଲ ସୋସାଇଟି ଶୋଭା ଓ ଆଭାର ସଦସ୍ୟ,ଉମରକୋଟ ପୋଲିସ ପକ୍ଷରୁ ନରେନ୍ଦ୍ର ଗୋଲାପଙ୍କ ଉପସ୍ଥିତିରେ ଉମରକୋଟ ସହରରେ ଥିବା କିଛି ବଡ଼ ବଡ଼ ଦୋକାନ ଓ ସପିଂ ମଲ ଉପରେ ଚଢାଉ କରାଯାଇଥିଲା । ଗୋଟିଏ ଦୋକାନରେ ଜଣେ ଶିଶୁ କାର୍ଯ୍ୟ କରୁଥିବାବେଳେ ଶ୍ରମ ବିଭାଗ ଉକ୍ତ ଶିଶୁଙ୍କୁ ଉଦ୍ଧାର କରି CWC ଙ୍କ ନିକଟରେ ଉପସ୍ଥାପନ ମଧ୍ୟ କରଯାଇଥିଲା । ଓଡ଼ିଶା ସରକାରଙ୍କ ଦୈନିକ ମଜୁରୀ ୪୫୨ ଟଙ୍କା ଥିବା ବେଳେ ଉମରକୋଟର ବହୁ ବଡ ବଡ ଦୋକାନ ମାନଙ୍କରେ ଦୈନିକ ୧୫୦ ରୁ ୩୦୦ ଟଙ୍କା ଦିଆଯାଉଛି । ସରକାରଙ୍କ ଦୈନିକ ୮ ଘଣ୍ଟା କାର୍ଯ୍ୟ ପାଇଁ ସମୟ ନିର୍ଘଣ୍ଟ କରିଥିବା ବେଳେ ଶ୍ରମିକ ମାନଙ୍କୁ ୧୨ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟ କରାଯାଇ ବୋନସ ଦିଆଯାଉନି । ଦୋକାନ ମାନଙ୍କରେ ମହିଳା ଓ ବଡ ବଡ ଝିଅ କାର୍ଯ୍ୟ କରୁଥିବ । ବେଳେ ସେମାନଙ୍କ ପାଇଁ କୌଣସି ସୁବିଧା ନ ଥିବା ଶ୍ରମ ବିଭାଗର ନଜରକୁ ଆସିଥିବା ସହକାରୀ ଶ୍ରମ ଅଧିକାରୀ ମାନସ ରଞ୍ଜନ ଖୋସ୍ଲା ସୂଚନା ପ୍ରଦାନ କରିଛନ୍ତି । ତେବେ ସେହି ସବୁ ଦୋକାନ ଗୁଡିକର ତାଲିକା ପ୍ରସ୍ତୁତ କରାଯାଇଛି ଆଗାମୀ ଦିନରେ ସେହି ଦୋକାନ ଗୁଡିକକୁ ନୋଟିସ ଦିଆଯିବ ବୋଲି ଶ୍ରମ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି ।ଆଜି ଶ୍ରମ ବିଭାଗ ରିଲାଏନ୍ସ ଟ୍ରେଣ୍ଡ ଓ କାଳିଆ ଷ୍ଟୋରକୁ ଯାଇ ତନ ତନ ତଦନ୍ତ କରିଥିଲେ ।

# 'ସରକାର ଆପଣଙ୍କ ପଥ ପ୍ରଦର୍ଶକ–ଆପଣଙ୍କ ଦଲିଲ, ଆପଣଙ୍କ ଅଧିକାର' ଶିବିର ଆୟୋଜିତ



ଚିତ୍ରକୋଣ୍ଡା(ଭାସ୍କର ନ୍ୟୁଜ୍): ଚିତ୍ରକୋଣ୍ଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମ ପଞ୍ଚାୟତ ପିଇଓ ସଞ୍ଜନା ମହାରଣା ଓ ପିରାମଲ ଫାଉଣ୍ଡେସନର ଗାନ୍ଧିବାଦୀ ବିଶାଳ କୁମାରଙ୍କର ସହଯୋଗରେ 'ସରକାର ଆପଣଙ୍କ ପଥ ପ୍ରଦର୍ଶକ – ଆପଣଙ୍କ ଦଲିଲ, ଆପଣଙ୍କ ଅଧିକାର' ଶିବିରର ଆୟୋଜନ କରାଯାଇଛି । ଏହି ଶିବିରର ଉଦ୍ଦେଶ୍ୟ ଥିଲା ଗ୍ରାମବାସୀଙ୍କୁ ଆବଶ୍ୟକୀୟ ଦଲିଲ ସେବା ଏବଂ ସରକାରୀ ଯୋଜନା ସହିତ ସଂଯୁକ୍ତ କରିବା । ଶିବିରରେ ନିଃଶୁଳ୍କ ଆଧାର କାର୍ଡ ସଂଶୋଧନ ଓ ନୂତନ ଆଧାର କାର୍ଡ ପ୍ରସ୍ତୁତି, ରାସନ କାର୍ଡ ଆବେଦନ ଓ ସଂଶୋଧନ, ଜାତି, ଆୟ ଓ ବାସିନ୍ଦା ପ୍ରମାଣପତ୍ର ପାଇଁ ଆବେଦନ, ପେନସନ ଯୋଜନା ପାଇଁ ଆବେଦନ ପରି ଗୁରୁତ୍ୱପୂର୍ଣ୍ଣ ସେବାଗୁଡ଼ିକୁ ନିଃଶୁଳ୍କ ଭାବରେ ଯୋଗାଇ ଦିଆଯାଇଛି । ଶିବିରରେ ବହୁ ସଂଖ୍ୟକ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ । ୧୫୦ରୁ ଉର୍ଦ୍ଧ୍ୱ ଗ୍ରାମର ବୃଦ୍ଧ, ଶିଶୁ, ମା' ମାନେ ଓ ଭଉଣୀମାନେ ଏହି ସୁବିଧାର ଲାଭ ନେଇଥିଲେ ଏବଂ ଏହାକୁ ଅତ୍ୟନ୍ତ ଉପଯୋଗୀ ବୋଲି ବ୍ୟାଖ୍ୟା କରିଥିଲେ । ଗାନ୍ଧୀବାଦୀ ଶ୍ରୀ ବିଶାଳ କୁମାର କହିଲେ, 'ଏହି ଶିବିରର ଉଦ୍ଦେଶ୍ୟ ହେଉଛି ଗ୍ରାମୀଣ ସମୁଦାୟକୁ ତାଙ୍କର ଦଲିଲ ସମ୍ବନ୍ଧୀୟ ସମସ୍ୟାର ସମାଧାନ ଏକ ସ୍ଥାନରେ ପ୍ରଦାନ କରିବା, ଯାହାଦ୍ୱାରା ସେମାନେ ସହଜରେ ବିଭିନ୍ନ ସରକାରୀ ଯୋଜନାର ଲାଭ ନେଇପାରିବେ ।'

# ଓଡ଼ିଆ ବକ୍ତୃତା ପ୍ରତିଯୋଗିତା



ବୌଦ୍ଧ(ଭାସ୍କର ନ୍ୟୁଜ୍): ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ, ବୌଦ୍ଧ ଠାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଉପଲକ୍ଷେ ନବମରୁ ଦଶମ ଶ୍ରେଣୀ ଉଚ୍ଚ ବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା, ଇଂରାଜୀ ବକ୍ତୃତା ଏବଂ ସଂସ୍କୃତ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ବକ୍ତୃତାରେ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ଆର୍ଯ୍ୟ ନାରାୟଣ ଦେବ-ପ୍ରଥମ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସ୍ୱାତୀ ସ୍ନେହା ଶାସିନୀ – ଦ୍ୱିତୀୟ, ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ସନତୃପ୍ତି ସାହୁ – ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଚାରକ ଭାବେ ସୁଶାନ୍ତ କୁମାର ମହାପାତ୍ର, ପ୍ରଧାନ ଶିକ୍ଷକ, କାମୀରା ଉପ୍ରା ବିଦ୍ୟାଳୟ , ରାଧାମୋହନ ମାହାଣା, ପ୍ରଧାନ ଶିକ୍ଷକ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଟୁଟୁସିଙ୍ଗା, ମଧୁମିତା ମିଶ୍ର, ସଭାପତି, ଓଡିଆ ଲେଖିକା ସଂସଦ, ବୌଦ୍ଧ ଜିଲ୍ଲା ଶାଖା ଯୋଗଦେଇ ବିଚାର କାର୍ଯ୍ୟ ତୁଲାଇଥିଲେ । ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ପି ଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ସନତୃପ୍ତି ସାହୁ – ପ୍ରଥମ, ଗୌଡ଼ିୟ ଶଙ୍କର ପବ୍ଲିକ ସ୍କୁଲର ଶ୍ରୀଜିତ ପାଣିଗ୍ରାହୀ – ଦ୍ୱିତୀୟ, ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ଆର୍ଯ୍ୟ ନାରାୟଣ ଦେବ – ତୃତୀୟ ସ୍ଥାନ ଅଧିକାର କରିଥିଲେ ଏବଂ ବିଚାରକ ଭାବେ ଟଙ୍କଧର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଦୁଃଖିଶ୍ୟାମ ବେହେରା, ଅବସରପ୍ରାପ୍ତ ଶିକ୍ଷକ, ବିଜୟ କୁମାର କ୍ଷେତୀ, ଏନସିସି, ଶିକ୍ଷକ ଯୋଗ ଦେଇ ବିଚାରକ କାର୍ଯ୍ୟ ତୁଲାଇଥିଲେ । ସଂସ୍କୃତ ବକ୍ତୃତାରେ ଅନସ୍ୱୟା ମହାକୁଳ – ପ୍ରଥମ, ପ୍ରୀତମ କୁମାର ମେହେର – ଦ୍ୱିତୀୟ ଏବଂ ଶ୍ରୀଜିତ ପାଣିଗ୍ରାହୀ – ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଚାରକ ଭାବରେ ମିତାଞ୍ଜଳୀ ଜେନା, ଶିକ୍ଷୟିତ୍ରୀ, ପୁରୁଣାକଟକ ଉଚ୍ଚ ବିଦ୍ୟାଳୟ, ସୁଶାନ୍ତ କୁମାର ପଣ୍ଡା, ସହକାରୀ ଶିକ୍ଷକ ଏବଂ ସନ୍ଧ୍ୟାରାଣୀ ମିଶ୍ର, ସହକାରୀ ଶିକ୍ଷୟିତ୍ରୀ, ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ, ବୌଦ୍ଧ ଯୋଗ ଦେଇ ବିଚାର କାର୍ଯ୍ୟ ତୁଲାଇ ଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏହି ପ୍ରତିଯୋଗିତା ଗୁଡିକୁ ଅନୁଧ୍ୟାନ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ, ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଏହି ପ୍ରତିଯୋଗିତାରେ ସହଯୋଗ କରିଥିଲେ ।

# 'କମାଲ କା କ୍ୟାମ୍ପ'ର ଉଦ୍‌ଯାପନୀ ଉତ୍ସବ



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲାର ଖଡ଼ିଆଳ ବ୍ଲକ ଅଧିନସ୍ଥ ଲାଞ୍ଜି ଗ୍ରାମପଞ୍ଚାୟତର ସଭାଗୃହ ଠାରେ ଗ୍ରୀଷ୍ମ କାଳୀନ କ୍ୟାମ୍ପ 'କମାଲ କ୍ୟାମ୍ପ' ର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସୂଚନାଯୋଗ୍ୟ ଯେ ଗ୍ରୀଷ୍ମକାଳୀନ ଛୁଟି ସମୟରେ ବିଦ୍ୟାଳୟ ବନ୍ଦ ଥିବା ହେତୁ ଛାତ୍ରଛାତ୍ରୀ ମାନେ ପାଠପଢା ଓ ପାଠ୍ୟ ପୁସ୍ତକ ଠାରୁ ଦୂରରେ ରହିଥାଆନ୍ତି । ଏହିସମୟରେ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ାଇବା ପାଇଁ ଓଡିଶା ଶ୍ରମଜୀବୀ ମଞ୍ଚ, ମହିଳା ଶ୍ରମଜୀବୀ ମଞ୍ଚ ଓଡିଶା ଓ ଆତ୍ମଶକ୍ତି ଟ୍ରଷ୍ଟ ଓ ପ୍ରଥମ ଫାଉଣ୍ଡେସନ ମିଳିତ ଉଦ୍ୟମରେ ନୂଆପଡା ଜିଲ୍ଲାର ୨୨୧ ଟି କେନ୍ଦ୍ରରେ ଚତୁର୍ଥ, ପଞ୍ଚମ ଓ ଷଷ୍ଠ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ପଠନ, ଲିଖନ ଓ ମୌଳିକ ଗଣିତ ଦକ୍ଷତାକୁ ମଜବୁତ କରାଯାଉଥିଲା । ଖଡ଼ିଆଳ ବ୍ଲକର ୧୬ଟି କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ସଫଳତାର ସହିତ ସ୍ୱେଚ୍ଛାସେବୀ ଭାଇ ଭଉଣୀ ମାନଙ୍କ ମାଧ୍ୟମରେ ସମ୍ପନ୍ନ ହୋଇଥିଲା । ଆଜିର ଏହି ଉଦଯାପନୀ ଉତ୍ସବ ଅବସରରେ ଆୟୋଜିତ ହୋଇଥିବା ସଭାରେ ମୁଖ୍ୟତିଥି ଭାବେ ଲାଞ୍ଜି ସରପଞ୍ଚ ଠାକୁର ସିଂ ମାଝୀ ଯୋଗଦାନ କରି ସ୍ୱେଚ୍ଛାସେବୀମାନଙ୍କର କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଶ୍ରମଜୀବୀ ବିକାଶ ମଞ୍ଚର ଏହିପରି କାମକୁ ଆଗାମୀ ଦିନରେ ମଧ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ନବୀନ କୁମାର ନାଏକ ସଭାପତି ଆମ୍ବା ଖଡ଼ିଆଳ ଯୋଗଦାନ କରି ଆଦିବାସୀ ବହୁଳ ନୂଆପଡା ଜିଲ୍ଲାରେ ଶିକ୍ଷାର ବିକାଶ ପାଇଁ ଗୁରୁତ୍ୱଆରୋପ କରିବା ସହିତ ଶ୍ରମଜୀବୀ ବିକାଶ ମଞ୍ଚର ଏହିପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଅନ୍ୟତମ ଅତିଥି ଓ ଆଲୋଚକ ଭାବରେ ସମାଜସେବୀ ଓ ଶିକ୍ଷାବିତ୍ ସୁଶାନ୍ତ ମାଝୀ ଓ ହୃଦାନନ୍ଦ ମାଝୀ ଯୋଗଦାନ କରି ଆଦିବାସୀ ଓ ଦଳିତ ତଥା ପଛୁଆ ବର୍ଗର ବିକାଶ ପାଇଁ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱଆରୋପ କରିଥିଲେ । ସଂଗଠନ ଓ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା 'କମାଲ କା କ୍ୟାମ୍ପ' ମାଧ୍ୟମରେ ପାଠ୍ୟ ପୁସ୍ତକ ସହିତ ଛାତ୍ରଛାତ୍ରୀମାନଙ୍କର ସମ୍ପର୍କକୁ ମଜବୁତ କରିବା ବିଷୟକୁ ପ୍ରଶଂସା କରିଥିଲେ । ଶିକ୍ଷା ପାଇଁ ମା' ଓ ବାପାମାନଙ୍କୁ ସଚେତନତା କରିବା ସହିତ ଶୀତ କାଳୀନ କ୍ୟାମ୍ପ ଓ ସକାଳ ସମୟରେ ପାଠପଢାକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଥିଲେ । ଅନ୍ୟତମ ଅତିଥି ଭାବରେ ବଲ୍ଲଭ ସିଂ ମାଝୀ ଓ ଭଜନ ଲାଲ ଜଗତ ଯୋଗଦାନ କରି ଖଡ଼ିଆଳ ଅଞ୍ଚଳରେ ପ୍ରାଥମିକ ଶିକ୍ଷାକୁ ମଜବୁତ କରିବା ପାଇଁ ଏପରି କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ । ଖଡ଼ିଆଳ ବ୍ଲକର ପ୍ରାୟ ୧୬ଜଣ ସ୍ୱେଚ୍ଛାସେବୀମାନଙ୍କର ଅବଦାନ ପାଇଁ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଓ ଅନ୍ୟାନ୍ୟ ଅତିଥି ବୃନ୍ଦ ସମ୍ମାନିତ କରିବା ସହିତ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଶ୍ରମଜୀବୀ ବିକାଶ ମଞ୍ଚର ବରିଷ୍ଠ କାର୍ଯ୍ୟକର୍ତ୍ତା ମଦନ ମୋହନ ଜଗତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ସଂଯୋଜକ ସରୋଜ କୁମାର ସୁନା ଯୋଗଦାନ କରି ନୂଆପଡା ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ବିଷୟ ଆଲୋଚନା କରିବା ସହିତ ସ୍ୱେଚ୍ଛାସେବୀ ଭାଇ ଭଉଣୀମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ବ୍ଲକ ସଂଯୋଜକ ଗୌତମ ସୁନାନୀ ଖଡ଼ିଆଳ ବ୍ଲକରେ ଏହି କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିବା ସହିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡୋଳାମଣି ଭୋଇ ଧନ୍ୟବାଦ ଜ୍ଞାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୂପେନ୍ଦ୍ର ସୁନାନୀ, ପୂର୍ଣ୍ଣାନନ୍ଦ ହରିଜନ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସହଯୋଗ କରିଥିଲେ ।

# ବିଦ୍ୟାଳୟ ହଷ୍ଟେଲରୁ ବିଷଧର ସାପ ଉଦ୍ଧାର



ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସରକାରୀ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ ହଷ୍ଟେଲରୁ ଦୁଇଟି ଭିନ୍ନ ପ୍ରଜାତିର ବିଷଧର ସାପ ଉଦ୍ଧାର ହୋଇଛି । ବୁଧବାର ରାତି ୧୦ ଟା ବେଳେ ଶୋଇବା ପାଇଁ ଯିବାବେଳେ କିଛି ଝିଅ ହଷ୍ଟେଲ ଭିତରେ ଏକ ୩ ଫୁଟ ଲମ୍ବର ନାଗ ସାପ ଦେଖି ଭୟଭୀତ ହୋଇ ଚିତ୍କାର କରି ଉଠିଥିଲେ । ଘଟଣା କଣ ଜାଣିବା ପାଇଁ ଶିକ୍ଷୟିତ୍ରୀ ମାନେ ସେଠିକି ଧାଇଁ ଆସି ପହଞ୍ଚିବା ବେଳକୁ, ହଷ୍ଟେଲ ମୁଖ୍ୟ ଫାଟକ ପାଖରେ ଅନ୍ୟ କିଛି ଝିଅ ଆଉ ଏକ ସାପ ଦେଖି ଚିତ୍କାର କରିଥିଲେ । ହଷ୍ଟେଲରେ ଭୟର ବାତାବରଣ ଖେଳି ଯାଇଥିଲା । ତେବେ ପିଲାଙ୍କ ସୌଭାଗ୍ୟକୁ ସ୍କୁଲ ରେ ନୂଆ କରି ଯୋଗ ଦେଇଥିବା ଶିକ୍ଷୟିତ୍ରୀ ସ୍ନେହାଶ୍ରୀ ସୋରେନ ଯିଏକି ଓଡ଼ିଶାରେ ସର୍ପ-ଶିକ୍ଷୟିତ୍ରୀ ଭାବରେ ପରିଚିତ । ସ୍ନେହାଶ୍ରୀ ଛାତ୍ରୀମାନଙ୍କୁ ଭୟଭୀତ ନ ହେବାକୁ ପରାମର୍ଶ ଦେବା ସହିତ ସାପ ଠାରୁ ଦୂରେଇ ଯିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଉ ନିଜ ରୁମ୍‌କୁ ଯାଇ ବ୍ୟାଗ୍ ଏବଂ ସ୍ନେକ୍ ହୁକ୍ ଆଣିବା ପାଇଁ କିମ୍ବା ଜୋତା ପିନ୍ଧିବା ପାଇଁ ମଧ୍ୟ ସମୟ ନଥିଲା । ସ୍ନେହାଶ୍ରୀ ପିଲା ମାନଙ୍କ ସୁରକ୍ଷା ପାଇଁ ନିଜ ସୁରକ୍ଷାକୁ ଭ୍ରୁକ୍ଷେପ ନକରି ସେମିତି ବିନା ସୁରକ୍ଷା ସରଞ୍ଜାମ ବିନା ଆଗେଇ ଯାଇଥିଲେ ସାପ ଉଦ୍ଧାର ପାଇଁ । ଦୁଇଜଣ ଝିଅ ଦଉଡ଼ି ଯାଇ ମଶାରୀ ବାଡ଼ରେ ଲାଗିଥିବା ବାଡି ଖୋଲି ସ୍ନେହାଶ୍ରିଙ୍କ ହାତକୁ ବଢେଇ ଦେଇଥିଲେ । ଆଉ ଜଣେ ଗୋଟେ ପ୍ଲାଷ୍ଟିକ ଡବା ଆଣି ସ୍ନେହାଶ୍ରୀଙ୍କୁ ଦେଇଥିଲେ । ପ୍ରଥମେ ହଷ୍ଟେଲ ଭିତରେ ପଶିଥିବା ନାଗ ସାପର ଲାଞ୍ଜକୁ ହାତରେ ଧରି ମଶାରୀ ବାଡ଼ି ସାହାଯ୍ୟରେ ଟେକି ପ୍ଲାଷ୍ଟିକ ଡବା ଭିତରେ ଭର୍ତ୍ତି କରି ଦେଇଥିଲେ । ଏକ ଛୁରୀ ସାହାଯ୍ୟରେ ଡବାରେ କିଛି କଣା କରି ସାରିବା ପରେ, ଡବାକୁ ସୁରକ୍ଷିତ ଭାବରେ ରଖି, ହଷ୍ଟେଲ ଫାଟକ ନିକଟକୁ ଧାଇଁ ଯାଇଥିଲେ । ସେଠି କିନ୍ତୁ ଯେଉଁ ସାପ ଥିଲା ତାହା ନାଗ ସାପ ଠାରୁ ମଧ୍ୟ ଅଧିକ ବିଷଧର, ଏକ ଚିତି ସାପ । କଳା ରଙ୍ଗର ଶରୀର ଉପରେ ଧଳା ଧଳା ରଙ୍ଗର ଗାର ପଡ଼ିଥିବା ଚିତି ସାପ ମାନେ ରାତ୍ରୀଚର ହୋଇଥିବାରୁ ସ୍ନେହାଶ୍ରୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିଥିଲା । ଚିତି ସାପଟିକୁ ଅତି ସତର୍କତାର ସହିତ ଅନ୍ୟ ଏକ ଡବାରେ ଭର୍ତ୍ତି କରିଥିଲେ ସ୍ନେହାଶ୍ରୀ । ତେବେ ଶୋଇବା ପର୍ଯ୍ୟନ୍ତ ନୂଆ ଦିଦିଙ୍କ ବୀରତ୍ୱ କାରନାମାକୁ ନେଇ ଛାତ୍ରୀ ମାନଙ୍କର ଭିତରେ ବେଶ୍ କିଛି ସମୟ ଆଲୋଚନା ଚାଲିଥିଲା । ସବୁ ଝିଅଙ୍କ ପାଇଁ ନୂଆ ଦିଦି କିନ୍ତୁ ହିରୋଇନ୍ ପାଲଟି ଯାଇଥିଲେ । ସାପ ଦୁଇଟିକୁ ଗୁରୁବାର ସକାଳେ ହଷ୍ଟେଲ ଠାରୁ ବେଶ୍ କିଛି ଦୂରରେ ନେଇ ଅନ୍ୟ ଏକ ପ୍ରାକୃତିକ ଆବାସ ସ୍ଥଳୀରେ ଛାଡ଼ି ଦେଇଥିଲେ ସ୍ନେହାଶ୍ରୀ । ସ୍କୁଲର ପ୍ରଧାନ ଶିକ୍ଷକ ମନୋଜ କୁମାର ଲଉଡ଼ିଆ ଏନେଇ କହିଛନ୍ତି 'ସ୍ନେହାଶ୍ରୀ ଆମ ସ୍କୁଲକୁ ବଦଳି ହୋଇ ଆସିବା ବେଳେ ମୁଁ ତାଙ୍କ ବିଷୟରେ ଅଳ୍ପେ ବହୁତେ ଶୁଣିଥିଲି । କିନ୍ତୁ ଏତେ ଶୀଘ୍ର ଯେ ସେ ଆମ ପିଲା ମାନଙ୍କ ପାଇଁ ତ୍ରାଣକର୍ତ୍ତା ପାଲଟି ଯିବେ, ସେଇଟା ମୋର ଧାରଣା ନଥିଲା । ମୁଁ ସ୍ନେହାଶ୍ରୀଙ୍କୁ ଧନ୍ୟବାଦ ଦେଉଛି । ସୂଚନାଯୋଗ୍ୟ ସ୍ନେହାଶ୍ରୀ ଇତି ଅବସରରେ ରାଜ୍ୟର ଅଗ୍ରଣୀ ସାପ ଉଦ୍ଧାରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ନେକ୍ ହେଲ୍ପ ଲାଇନର ସଦସ୍ୟତା ମଧ୍ୟ ଗ୍ରହଣ କରିଛନ୍ତି । ସ୍ନେକ୍ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି 'ସ୍ନେହାଶ୍ରୀ ଯେ କୌଣସି ସଂସ୍ଥା ପାଇଁ ଜଣେ ସମ୍ପତ୍ତି ହେବେ ସେଥିରେ ସନ୍ଦେହ ନାହିଁ ।

# ଜାତୀୟସ୍ତରୀୟ ତାଇକୋଣ୍ଡୋ ପ୍ରତିଯୋଗିତାରେ ଛାତ୍ରୀଙ୍କ ସଫଳତା




ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ୨ ଅଗଷ୍ଟରୁ ୬ ଅଗଷ୍ଟ ପର୍ଯ୍ୟନ୍ତ ବାଙ୍ଗାଲୋର ଠାରେ ରାଜ୍ୟ ସ୍ତରୀୟ ତାଇ କୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ଜାତୀୟ ତାଇ କୋଣ୍ଡୋ ପ୍ରତି ଯୋଗିତା କେନ୍ଦ୍ରୀୟ ବିଦ୍ୟାଳୟ ଦ୍ୱାରା ଆୟୋଜନ କରଯାଇଥିଲା । ଏଥିରେ ଭାରତର ବିଭିନ୍ନ ରାଜ୍ୟରୁ ବାଳିକା ଖେଳାଳୀ ଅଂଶଗ୍ରହଣ କରିଥିଲେ । ଗଜପତି ଜିଲ୍ଲାର ଜିଲ୍ଲା ଟାଇକୋଣ୍ଡୋ ଅନୁଷ୍ଠାନରୁ ମୋଟ ୨ ଜଣ ପ୍ରତିଯୋଗୀ (ବାଳିକା) ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ ସୁବର୍ଣ୍ଣା ସାହୁ କାଂସ୍ୟ ପଦକ ହାସଲ କରି ଗଜପତି ଜିଲ୍ଲାର ସମ୍ମାନ ରଖିଛନ୍ତି । ଯାହାକୁ ନେଇ ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି ।

# ନୂତନ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା





ବୌଦ୍ଧ(ଭାସ୍କର ନ୍ୟୁଜ୍):ନୂତନ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ବିଭୂତି ଭୂଷଣ ନାୟକ, IAS ଏବଂ ଉପ ଜିଲ୍ଲାପାଳ ତଥା SDM ବିନୟ କୁମାର ଭୋଇଙ୍କୁ ବୌଦ୍ଧ ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ ରାଷ୍ଟ୍ରୀୟ ସମାନତା ଅଧିକାର ପରିଷଦ (RSAP) ବୌଦ୍ଧ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରାଯାଇଥିଲା । ସଂଗଠନର ସଭାପତି ପ୍ରଦୀପ କୁମାର ମହାନନ୍ଦଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ୧୪ ଜଣିଆ ପ୍ରତିନିଧି ମଣ୍ଡଳୀ ଦଳିତ ଆଦିବାସୀ ସମାଜର ମୌଳିକ ଅଧିକାର, ସାମ୍ବିଧାନିକ ଅଧିକାର, ସାମାଜିକ ଅଧିକାର, ମାନବିକ ଅଧିକାର , ଗୁଣାତ୍ମକ ଶିକ୍ଷା, ସର୍ବୋପରି ଦଳିତ, ଆଦିବାସୀଙ୍କ ଘର ଡିହ ପଟ୍ଟା, ବାସହୀନ ସହିତ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସବୁବର୍ଗର ଲୋକଙ୍କ ଆନ୍ତରିକ ସହଯୋଗ କ୍ରମେ ଜିଲ୍ଲାର ସାମୂହିକ ବିକାଶ ସମ୍ଭବପର ବୋଲି ଜିଲ୍ଲାପାଳ ମତପୋଷଣ କରିଥିଲେ । ତତ୍ ସହ ଉପଜିଲ୍ଲାପାଳ ମଧ୍ୟ ଆପଣମାନଙ୍କ ଆନ୍ତରିକ ସହଯୋଗ କ୍ରମେ ଜିଲ୍ଲାର ସାମୂହିକ ବିକାଶ ସମ୍ଭବପର ବୋଲି ମତବ୍ୟକ୍ତ କରିଥିଲେ । ଏହି ପ୍ରତିନିଧି ମଣ୍ଡଳୀରେ ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ଉପଦେଷ୍ଟା ବୈଦ୍ୟନାଥ ମହାନନ୍ଦିଆ, ସାଧାରଣ ସମ୍ପାଦକ ନବୀନ କୁମାର ଭାଏନା, ସହ ସାଧାରଣ ସମ୍ପାଦକ ଟିଂକ ବେହେରା, କୋଷାଧ୍ୟକ୍ଷ ମନୋଜ ମହାନନ୍ଦିଆ, ସଦସ୍ୟ ସୁଧାଂଶୁ କହଁର, ରାଜେନ୍ଦ୍ର ବେହେରା,ଡାକ୍ତରୀ ବେହେରା, କୃପାସିନ୍ଧୁ ବେହେରା, ଶିବ ବେହେରା, ଚନ୍ଦନ ପାତ୍ର, ଗୌତମ କୁମ୍ଭାର, ରଘୁନାଥ କହଁର, ପ୍ରିୟବ୍ରତ କହଁର ପ୍ରମୁଖ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଶୁକ୍ରବାର ଦିନ୧୦ ଘଣ୍ଟା ସମୟ ରେ ଜିଲ୍ଲା ଶିକ୍ଷକ ଓ କଲେଜର ମିଳିତ ସମନ୍ୱୟ ସଂଘର ସଭାପତି ପି.ମିନକେତନ ରାଓ,ଚିତରଜଂନ ପଣ୍ଡା ସେକ୍ରେଟେରୀ ଓ ପ୍ରଶାନ୍ତ କୁମାର ପଣ୍ଡାଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ସ୍କୁଲ ଓ କଲେଜର କର୍ମଚାରୀ ମାନେ ୫ ଦଫା ଦାବି ନେଇ ଧାରଣା ବସିଛନ୍ତି । ଏହି କନଭେନସନରେ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଜନପ୍ରତିନିଧି ଶିକ୍ଷାବିତ୍ ଅଂଶ ଗ୍ରହଣ କରିଥିଲେ । ଏମାନଙ୍କ ମୁଖ୍ୟ ଦାବି ହେଲା ଯେ କନଭେନସନରେ ମୁଖ୍ୟତଃ ଅନୁଦାନରୁ ବଞ୍ଚିତ ବିଦ୍ୟାଳୟମାନଙ୍କୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ କର୍ମଚାରୀମାନଙ୍କୁ ପେନସନ ପ୍ରଦାନ, ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ କଲେଜକୁ ସରକାରୀକରଣ, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କୁ ବରିଷ୍ଠତା ପ୍ରଦାନ, ପ୍ରତ୍ୟେକ ବର୍ଗର ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଛାତ୍ର ଛାତ୍ରୀମାନଙ୍କ ପାଇଁ ସମାନ ସୁବିଧା ସୁଯୋଗ ପ୍ରଦାନ ଏବଂ ଅବସର ବୟସ ସୀମାକୁ ୬୦ ବର୍ଷରୁ ୬୨ ବର୍ଷକୁ ବୃଦ୍ଧି ଏଭଳି ଅନେକ ସମସ୍ୟା ଉପସ୍ଥାପନ କରିବା ସହିତ ପେନସନ ଲାଗୁ କରିବା ଭଳି ବିଭିନ୍ନ ପ୍ରକାରର ସମସ୍ୟା ରହିଛି ।ଜିଲ୍ଲାପାଳଙ୍କୁ ଭେଟି ନିଜର ସମସ୍ୟା ଅବଗତ କରାଇବା ଓ ଅଗଷ୍ଟ ୧୬ ତାରିଖ ଦାବୀ ଦିବସରେ ଭୁବନେଶ୍ୱର ପିଏମଜୀ ଛକରେ ଜିଲ୍ଲାରୁ ବହୁ ସଂଖ୍ୟାରେ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେବା ପାଇଁ ନିବେଦନ କରିଥିଲେ । ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି ।

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର






ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡରେ ମାଓବାଦୀଙ୍କ ଦ୍ୱାରା ସହିଦ ସପ୍ତାହ ପାଳନ କରିବାର ଏକ ଭିଡିଓ ସଙ୍ଗଠନ ପକ୍ଷରୁ ଜାରି କରାଯାଇଛି। ବିଗତ କିଛି ଦିନ ମଧ୍ୟରେ ମାଓ ସଂଗଠନ " ଅପରେସନ କାଗାର"ରେ ଅନେକ କ୍ଷୟକ୍ଷତି ସହିବା ପରେ ସଂଗଠନକୁ ସୁଦୃଢ ତଥା ନିଜର ଉପସ୍ଥିତି ଜାହିର କରିବା ପାଇଁ ଏହି ସହିଦ ସପ୍ତାହ ପାଳନର ଭିଡିଓ ଜାରି କରିଥିବା ବେଳେ ସଙ୍ଗଠନ ପକ୍ଷରୁ ଶୋଭାଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଥିବା ଦେଖିବାକୁ ମିଳିଛି। ବସ୍ତର ଡିଭିଜନର ବିଭିନ୍ନ ଜଙ୍ଗଲ ଏବଂ ଗାଁ ଗାଁରେ ସହିଦ ସପ୍ତାହ ପାଳନ କରାଯାଉଥିବା ସୂଚନା ମିଳୁଛି। ଭିଡିଓରେ ମାଓ ସଂଗଠନର ସଦସ୍ୟମାନେ ପାରମ୍ପରିକ ବାଦ୍ୟର ତାଳେ ତାଳେ ନୃତ୍ୟ କରୁଥିବା ବେଳେ ବହୁ ସଂଖ୍ୟାରେ ସ୍ଥାନୀୟ ଗ୍ରାମବାସୀଙ୍କ ଉପସ୍ଥିତି ମଧ ଦେଖିବାକୁ ମିଳିଛି। ମାଓବାଦୀଙ୍କ ବରିଷ୍ଠ ନେତା ବାସବରାଜୁ ଓ ତାଙ୍କ ସହଯୋଗୀ ମାନଙ୍କ ପାଇଁ ଏକ ନୂତନ ସ୍ମାରକ ସ୍ତମ୍ଭ ନିର୍ମାଣ କରିଥିବା ମଧ ଜଣାପଡିଛି। ସେହିପରି ମାଓ ବ୍ୟାନ ?ରେ "କେନ୍ଦ୍ରୀୟ କମିଟି ସଦସ୍ୟ ଚଳପତି ଓ ଗୌତମ ଅମର ରହନ୍ତୁ", "ଅମରଶହୀଦଙ୍କ ତ୍ୟାଗକୁ ଉଚ୍ଚରେ ରଖିବା", "ଶହୀଦଙ୍କ ତ୍ୟାଗ ବ୍ୟର୍ଥ ହେବନାହିଁ", ଏବଂ "ଅପରେସନ କାଗର୍ ଦମନକୁ ଆମେ ପରାସ୍ତ କରିବୁ" ପରି ସ୍ଲୋଗାନ୍ ? ଲେଖାଯାଇଛି ।

## ବୈଷୟିକ ଶିକ୍ଷାକୁ ଗୁଣାତ୍ମକ, ସର୍ବବ୍ୟାପୀ ଏବଂ ସର୍ବସ୍ପର୍ଶୀ କରିବ: ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର (ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ଶିକ୍ଷା ଦୃଶ୍ୟପଟ୍ଟରେ ବୈପ୍ଲବିକ ପରିବର୍ତ୍ତନ ଆଣିବା ଦିଗରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟରେ ଜାତୀୟ ଶିକ୍ଷା ନୀତି ସହ ସମନ୍ୱୟ ରଖି ୧୭୫ ଇଞ୍ଜିନିୟରିଂ ପ୍ରତିଷ୍ଠାନ ଏବଂ ୧୦୦ ପଲିଟେକନିକକୁ ନେଇ ଗଠିତ ୨୭୫ଟି ବୈଷୟିକ ପ୍ରତିଷ୍ଠାନରେ 'ବୈଷୟିକ ଶିକ୍ଷାରେ ବହୁବିଧ ଶିକ୍ଷା ଏବଂ ଗବେଷଣା ଉନ୍ନତି' (ମେରିଟ୍) ଯୋଜନା କାର୍ଯ୍ୟକାରୀ କରିବା ପ୍ରସ୍ତାବକୁ ଅନୁମୋଦନ ମିଳିଛି, ଯାହା ସ୍ୱାଗତଯୋଗ୍ୟ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ରାକ୍ଷୀ ପୂର୍ଣ୍ଣିମାର ପୂର୍ବ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କର ଛାତ୍ରଛାତ୍ରୀ ଏବଂ ଶିକ୍ଷା ସମୁଦାୟକୁ ଉପହାର । ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବୈଷୟିକ ଶିକ୍ଷାକୁ ଗୁଣାତ୍ମକ, ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଏବଂ ଶାସନକୁ ଉନ୍ନତ କରିବା ମେରିଟ୍ ଯୋଜନାର ଉଦ୍ଦେଶ୍ୟ । ଏହି 'କେନ୍ଦ୍ରୀୟ କ୍ଷେତ୍ର ଯୋଜନା'କୁ କାର୍ଯ୍ୟକାରୀ କରିବା ପାଇଁ ୨୦୨୫-୨୬ ରୁ ୨୦୨୯-୩୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୪୨୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ୪୨୦୦ କୋଟି ଟଙ୍କା ମଧ୍ୟରୁ ବିଶ୍ୱ ବ୍ୟାଙ୍କରୁ ଋଣ ଭାବରେ ୨୧୦୦ କୋଟି ଟଙ୍କା ସହାୟତା ମିଳିବ । ଏହି ଯୋଜନା ଅଧୀନରେ ପ୍ରାୟ ୨୭୫ଟି ସରକାରୀ/ ସରକାରୀ ସହାୟତା ପ୍ରାପ୍ତ ବୈଷୟିକ ପ୍ରତିଷ୍ଠାନକୁ ଚୟନ ଏବଂ ସମର୍ଥନ କରାଯିବାର ଆଶା କରାଯାଉଛି । ଏଥିରେ ମନୋନୀତ ଜାତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଏନଆଇଟି), ରାଜ୍ୟ ଇଞ୍ଜିନିୟରିଂ ପ୍ରତିଷ୍ଠାନ, ପଲିଟେକନିକ୍ ଏବଂ ଆଫିଲିଏଟିଂ ବୈଷୟିକ ବିଶ୍ୱବିଦ୍ୟାଳୟ (ଏଟିୟୁ) ସାମିଲ ହେବ। ଏହା ବ୍ୟତୀତ, ବୈଷୟିକ ଶିକ୍ଷା କ୍ଷେତ୍ର ପରିଚାଳନା କରୁଥିବା ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ବିଭାଗଗୁଡ଼ିକୁ ମଧ୍ୟ ମେରିଟ୍ ଯୋଜନା ମାଧ୍ୟମରେ ସହାୟତା ଦିଆଯିବ। ଏହା ବ୍ୟତୀତ ପ୍ରାୟ ୭.୫ ଲକ୍ଷ ଛାତ୍ରଛାତ୍ରୀ ଏହି ଯୋଜନାରୁ ଉପକୃତ ହେବେ । ବୈଷୟିକ ଶିକ୍ଷାରେ ବହୁବିଧ ଶିକ୍ଷା ଏବଂ ଗବେଷଣା ଉନ୍ନତିରେ ଆମ ଯୁବପିଢ଼ିଙ୍କୁ ଏକବିଂଶ ଶତାବ୍ଦୀର ବୈଷୟିକ ଶିକ୍ଷା ପ୍ରଦାନ କରିବା ଦିଗରେ ଆଉ ଏକ ପଦକ୍ଷେପ । ମେରିଟ୍ ଆମର ବୈଷୟିକ ଶିକ୍ଷାକୁ ଭବିଷ୍ୟତ ଆଧାରିତ କରାଇବା ସହ ସର୍ବବ୍ୟାପୀ ଏବଂ ନବସୃଜନକୁ ଆଗେଇ ନେବ। ବହୁବିଧ ଶିକ୍ଷା, ପାଠ୍ୟକ୍ରମ ଏବଂ ଶିକ୍ଷା ସଂସ୍କାର, ଡିଜିଟାଲାଇଜେସନ୍ ଏବଂ ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସ ମାଧ୍ୟମରେ ବୈଷୟିକ ଶିକ୍ଷାର ସାମଗ୍ରିକ ଗୁଣବତ୍ତା ବୃଦ୍ଧି କରିବ । ସମାନତା ଏବଂ ଉପଲବ୍ଧିରେ ଅସନ୍ତୁଳନକୁ ଦୂର କରିବ । ଗବେଷଣା, ନବସୃଜନ ଏବଂ ଉଦ୍ୟମିତା ଦୃଶ୍ୟପଟ୍ଟକୁ ଆହୁରି ସୁଦୃଢ଼ କରିବ । ସାଂସ୍ଥାଗତ ସୁଶାସନକୁ ମଜବୁତ କରିବ । ରୋଜଗାର କ୍ଷମତାକୁ ଉନ୍ନତ କରିବା ସହ ୭.୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିବ । ଏହାବ୍ୟତୀତ ସେହିପରି କେନ୍ଦ୍ର କ୍ୟାବିନେଟ ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମୟୁୱାଇ)ର ହିତାଧିକାରୀମାନଙ୍କ ପାଇଁ ନିର୍ଦ୍ଧାରିତ ଲକ୍ଷ୍ୟ ଅନୁସାରେ ୧୨,୦୦୦ କୋଟି ଟଙ୍କା ସବସିଡି ଜାରି ରଖିବାକୁ ମଞ୍ଜୁର ଦେଇଛି । ସାରା ଦେଶରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୦.୩୩ କୋଟି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ହିତାଧିକାରୀ ଅଛନ୍ତି । ଏହା ଦ୍ୱାରା ଗରିବ ପରିବାର ଶସ୍ତାରେ ଏଲପିଜି ସିଲିଣ୍ଡର ପାଇପାରିବେ । ଅପରପକ୍ଷରେ କେନ୍ଦ୍ର ସରକାର ସୁଲଭ ମୂଲ୍ୟରେ ଏଲପିଜି ସିଲିଣ୍ଡର ଯୋଗାଇ ଦେବାକୁ ସରକାରୀ କ୍ଷେତ୍ରର ତୈଳ ବିପଣନ କମ୍ପାନିଗୁଡ଼ିକ ପାଇଁ ୩୦ ହଜାର କୋଟି ଟଙ୍କାର ସବସିଡି ଘୋଷଣା କରିବା ନିଷ୍ପତିକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଛନ୍ତି ।

## ବନ୍ୟା ଓ ଲଗାଣ ବର୍ଷାରେ ବୁଡ଼ିଲା ଚାଷ ଜମି

ଆଳି, (ଭାସ୍କର ନ୍ୟୁଜ):କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ବ୍ରାହ୍ମଣୀ ଓ ଖରସ୍ରୋତାର ଶାଖା କାଣୀ ନଦୀ କୂଳବର୍ତ୍ତୀ ପଞ୍ଚାୟତର ଚାଷ ଜମିରେ ଲଗାଣ ବର୍ଷା ଓ ଦୁଇ ଦୁଇ ଥର ବନ୍ୟା ଆସିବା ଫଳରେ ଚାଷୀଙ୍କ ନିଦ ହଜାଇ ଦେଇଛି । ଏହି ପଞ୍ଚାୟତ ଗୁଡିକ ର ଆଳି ନଦୀ ସୁରକ୍ଷା ବଳୟ ବନ୍ଧ ତଥା ଆଳି ରିଂ ବନ୍ଧର ବାହାରେ ଥିବା ଗାଁ ନରେନ୍ଦ୍ରପୁରପୁର, ମାଣିକପାଟଣା, ଦଶିପୁର, ସାହୁପଡ଼ା, ତଅଁଳାଡିହା, ଜାମୁଦଣ୍ଡା, ପତ୍ରପୁର ଆଦି ଗ୍ରାମର ଚାଷ ଜମି ବନ୍ୟା ଜଳରେ ପ୍ରଭାବିତ ହୋଇଅଛି । ସେହିପରି ରିଂ ବନ୍ଧର ଭିତରେ ଥିବା ବଡାମ୍ବିଳା ପଞ୍ଚାୟତର ବେତା, ବଡାମ୍ବିଳା ନୂଆଗାଁ, କଳଦିଆ, ବାଲିଅଡା ସମେତ ଅଟାଳ ପଞ୍ଚାୟତ ର ଧନେଶ୍ୱରପୁର, ଅଟାଳ, କେନାଙ୍ଗ, ଖନ୍ଦୋଳ, କୁଣ୍ଡିଲୋ, ପୁରିଲୋ, କୋଚିଳା । ସେହିପରି ବାଳକାଟୀ ପଞ୍ଚାୟତ ର ସାନଆଙ୍କୋ, ବଡଆଙ୍କୋ, ରାଣୀପୋଖରୀ ଆଦି ଗ୍ରାମ ଗୁଡିକ ର ଦୁର୍ବଳ ରିଂ ବନ୍ଧ ଓ ବିପର୍ଯ୍ୟସ୍ତ କଲଭର୍ଟ ଦେଇ ନଦୀକୂଳ ବର୍ତ୍ତୀ ଅଞ୍ଚଳରେ ବନ୍ୟାପାଣି ପଶିଯିବାରୁ ଶହ ଶହ ହେକ୍ଟର ଚାଷ ଜମି ଏବେ ଜଳମଗ୍ନ । ସେଥିରେ ଦୀର୍ଘଦିନ ଧରି ହେଉଥିବା ଲଘୁଚାପ ଜନିତ ଲଗାଣ ବର୍ଷା ରେ ବିଲରେ ବର୍ଷା ପାଣି ଜମି ରହିଛି । ପ୍ରାୟ ୨୦ ଦିନ ହେଲା ଜମିରୁ ପାଣି ଛାଡୁନଥିବାରୁ ଚାଷୀଙ୍କ ଚିନ୍ତା ବଢିଯାଇଛି । ପାଣିରେ ବୁଡ଼ି ଧାନ ତଳି ପଚି ଯାଇଥିବା ରୁଆ ହୋଇଥିବା ଧାନ ବନ୍ୟା ଜଳରେ ଭାସି ଯାଇଥିବା ବେଳେ ଅସହାୟ ଚାଷୀ ଭାଗ୍ୟକୁ ନିନ୍ଦି ଛଟପଟ ହେଉଛି । ରେଙ୍ଗାଲି ଡ୍ୟାମରୁ ବନ୍ୟାଜଳ ନିଷ୍କାସନ ପରେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକର ନଦୀକୂଳବର୍ତ୍ତୀ ଅଞ୍ଚଳରେ ବିସ୍ତୀର୍ଣ୍ଣ ଜଳରାଶିର ଚଦର ତଳେ ଘୋଡେଇ ହୋଇଛି ଚାଷ ଜମି । ବର୍ଷକର ଆହାର ଚାଷୀଙ୍କ ଆଖିଆଗରେ ନଷ୍ଟ ହେଉଛି । ଚାଷ କାର୍ଯ୍ୟ ଆରମ୍ଭ ସମୟରେ ବନ୍ୟା ସବୁ ବିଗାଡ଼ି ଦେଇଛି । ଫସଲ କ୍ଷତି ସହ ଗୃହପାଳିତ ପଶୁଙ୍କ ଖାଦ୍ୟ ଯୋଗାଇବା ଚାଷୀଙ୍କ ଦୁଃଖକୁ ଦୁଇଗୁଣ ବଢ଼ାଇଦେଇଛି । ୨୦ ଦିନ ଧରି ଚାଷ ଜମିରୁ ପାଣି ନିଷ୍କାସନ ନହେବାରୁ ଏହି ଅଞ୍ଚଳ ଗୁଡିକ ରେ ଶହ ଶହ ଏକରରୁ ଅଧିକ ଜମିରେ ଧାନ ଫସଲ ଧୋଇଯାଇଛି । ଏପଟେ ଚାଷୀର ଚାଷ ଜମିରେ କୌଣସି ପ୍ରଶାସନ ଅଧିକାରୀ ପହଁଚି ନାହାନ୍ତି ବୋଲି ଚାଷୀ ଅରୁଣ କୁମାର ମହାନ୍ତି, ହରେକୃଷ୍ଣ ବିଶ୍ୱାଳ, କରୁଣାକର ପାଢ଼ୀ, ବିଜୟକୁମାର ରାଉତ, କାହ୍ନୁ ଚାରଣ ବଳ, ଅଜୟ ପାଢ଼ୀ, ଦୁର୍ଯ୍ୟୋଧନ ମଲିକ, ପ୍ରତାପ ବିଶ୍ୱାଳ, ଉପେନ୍ଦ୍ର ନାଥ, ପ୍ରକାଶ ରାଉତ, ଶ୍ରୀକାନ୍ତ ରାଉତ, ରଞ୍ଜନ କୁମାର ପାତ୍ର, ପ୍ରଶାନ୍ତ ପାଢ଼ୀ, ସଂଗ୍ରାମ ପାତ୍ର, ଅର୍ଜୁନ ପାଢ଼ୀ, ଗଗନ ପାତ୍ର, ଅଜାମ୍ବର ପାତ୍ର ଓ ବୈଷ୍ଣବ ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି ।

## କୁଳପତି ଓ ସଚିବଙ୍କୁ ୟୁଜିସିର ଚିଠି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅଗଷ୍ଟରେ ପାଳନ ହେବ ଆଣ୍ଟି ରାଗିଙ୍ଗ ଦିବସ । ଏନେଇ ସମସ୍ତ ବିଶ୍ୱ ବିଦ୍ୟାଳୟ କୁଳପତି ଓ ସଚିବଙ୍କୁ ୟୁଜିସିର ଚିଠି। ଏହା ସହ ଆଣ୍ଟି ରାଗିଙ୍ଗ ସପ୍ତାହ ପାଳନ କରିବାକୁ ନୋଟିସ ଜାରି ହୋଇଛି। ଏହା ସହ ସମସ୍ତ ମହାବିଦ୍ୟାଳୟର ଅଧକ୍ଷ ମାନଙ୍କୁ ମଧ ଚିଠି ଜାରି ହୋଇଛି। ଅଗଷ୍ଟ ମାସ ୧୨ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ପାଳନ ଆଣ୍ଟି ରାଗିଙ୍ଗ ସପ୍ତାହ। କଲେଜ ଓ ବିଶ୍ୱ ବିଦ୍ୟାଳୟରେ ଆଣ୍ଟି ରାଗିଙ୍ଗ ଉପରେ ପିଲାଙ୍କୁ ସଚେତନ କରାଇବା ସହ କର୍ତ୍ତୃପକ୍ଷ କରିବେ ବିଭିନ୍ନ କାର୍ଯ୍ୟକ୍ରମ। ପୋଷ୍ଟର ମେକିଙ୍ଗ, ପ୍ରବନ୍ଧ ଲିଖନ, କୁଇଜ ପ୍ରତିଯୋଗିତା, ଫଟୋଗ୍ରାଫି ପ୍ରତିଯୋଗିତାରେ ଏହି ଭଳି ଥିମ ବେସଡ୍ କାର୍ଯ୍ୟକ୍ରମ କରାଇବେ। ନିଜ ଶିକ୍ଷାନୁଷ୍ଠାନର୍ ସୋସିଆଲ ମିଡିଆରେ ସାଇଟରେ ଏ ସବୁ ଫଟୋ, ଭିଡିଓ ଅପଲୋଡ଼ କରାଯିବ।

## ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା ଏବଂ ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା ଏବଂ ବିକାଶ କାର୍ଯ୍ୟକ୍ରମ ଶୁକ୍ରବାର ପୂର୍ବାହ୍ନରେ ମିଳିତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ ବାଙ୍ଗାଲୋରର ବେସିକ ନିଡସ ଇଣ୍ଡିଆ ଏବଂ ସ୍ୱାସ୍ଥ୍ୟ ବିଭାଗ ମିଳିତ ପ୍ରୟାସରେ ଅନୁଷ୍ଠିତ ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ରୂପେ ଏହି ସମ୍ମିଳନୀ ରେ ଯୋଗ ଦେଇ ମନୁଷ୍ୟ ଅଧିକ ଦିନ ଧରି ମାନସିକ ଚାପରେ ରହିଲେ ତାହା ମାନସିକ ଅସୁସ୍ଥତା ଆଡକୁ ଗତି କରିଥାଏ। ଏହାର ସଠିକ୍ ପରିଚାଳନା କରିବାକୁ ହେଲେ ଚାପରେ ରହୁଥିବା ସମୟରେ ବ୍ୟବହାରରେ ସକରାତ୍ମକ ଚିନ୍ତା ଆଣିବାକୁ ହେବ ବୋଲି କହିଥିଲେ । ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ବିଷୟରେ ଲୋକଙ୍କୁ ସଚେତନ କରିବା ସହ ମାନସିକ ବିକାର, ଛୋଟ ପିଲାଙ୍କ ମାନସିକ ଚାପକୁ କିପରି ନିୟନ୍ତ୍ରଣ କରିହେବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ବଲାଙ୍ଗିର, ବରଗଡ, ଅନୁଗୁଳ, ସୁବର୍ଣ୍ଣପୁର ଏବଂ କନ୍ଧମାଳ ଜିଲ୍ଲାରୁ ଆସିଥିବା ମାନସିକ ରୋଗ ଏବଂ ମାନସିକ ବିଷାଦରୁ ମୁକ୍ତ ହୋଇଥିବା ବ୍ୟକ୍ତିବିଶେଷ ଏ ବାବଦରେ ବୁଝାଇବା ସହ ସେଥିରୁ ମୁକୁଳିବା ପାଇଁ ନିଜର ଚିନ୍ତାଧାରାକୁ ସକାରାତ୍ମକ କରିବା ଏବଂ ମନଭିତରକୁ ପ୍ରବେଶ କରୁଥିବା ନକାରାତ୍ମକ ଚିନ୍ତାଧାରାକୁ ଦୂରେଇ ମାନସିକ ଚାପରୁ ମୁକୁଳିବାର ଉପାୟ ମାନ ପ୍ରଦାନ କରଯାଇଥିଲା । ଏହି ବୈଠକରେ ସ୍ୱତନ୍ତ୍ର ସଚିବ ଡା.ଜିତେନ୍ଦ୍ର ମୋହନ ବେବୋର୍ଥା, ଅବସରପ୍ରାପ୍ତ ଆଇଏଏସ ବ୍ରତାତି ହରିଚନ୍ଦନ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ୧୫ ଫୁଟର ଅଜଗର ଉଦ୍ଧାର



ବଡ଼ଚଣା (ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକର ଧାନ ମଣ୍ଡଳ ପଞ୍ଚାୟତ ଦେଇ ଯାଇଥିବା ଓଡ଼ିଶାର ସବୁଠୁ ବଡ଼ ହାଇ ଲେବୁଲ କେନାଲରେ ଶୁକ୍ରବାର ସକାଳ ୧୦ଟାରେ ଅଜଗର ସାପ ଛେଳି ଧରିଥିବା ସ୍ଥାନୀୟ ଲୋକମାନେ ଦେଖି ଚଣ୍ଡୀଖୋଲ ବନ ବିଭାଗ ଜଣାଇଥିଲେ। ବନବିଭାଗ ତରଫରୁ ବନପାଳ କୃଷ୍ଣ ଚନ୍ଦ୍ର ଟୁଡୁଙ୍କ ନିର୍ଦ୍ଦେଶକ୍ରମେ ବନ ବିଭାଗ ଟିମ୍ ଦୀର୍ଘ ୧୦ ଘଣ୍ଟା କଷ୍ଟ ପରେ ବିଳମ୍ବିତ ରାତ୍ରିରେ ପାଣି ବାହାରିଲା ପରେ ଅଜଗର ସାପକୁ ଧରି ତେଲିଗଡ ପାହାଡ଼ରେ ଛାଡ଼ିଥିବା ଜଣାପଡିଛି। ଏହି ସାପଟି ଖାଦ୍ୟ ଅଭାବରୁ ମହାବିନାୟକ ଜଙ୍ଗଲ ରୁ ପଡାଇ ଆସିଛି। ଏହି ଉଦ୍ଧାର କାର୍ଯ୍ୟରେ ଭାସ୍କର ଚନ୍ଦ୍ର ରାଉତ ବନରକ୍ଷୀ,ୟାସିନ୍ ଆଜମ୍ ଖାଁ, ମନୋଜ ଜେନା, କାଳନ୍ଦୀ ଧଳ,ବିଜୟ ବାରିକ ପ୍ରମୁଖ ସହଯୋଗ ରେ ଉଦ୍ଧାର କାର୍ଯ୍ୟ ହୋଇ ଥିଲା।

## ଅନୁବାଦ କାର୍ଯ୍ୟକ୍ରମ ଓ ଏବଂ କଳା ପ୍ରଦର୍ଶନ

କଟକ(ଭାସ୍କର ନ୍ୟୁଜ୍): ପ୍ରକାଶନ ସଂସ୍ଥା ଆଦିତ୍ୟ ଭାରତ ଓ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନ ଦାରା ଗପ, ଚିତ୍ର ଓ ଅନୁବାଦର କାର୍ଯ୍ୟକ୍ରମ ରୂପକ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନ, କଟକ ଠାରେ ଆୟୋଜିତ ହୋଇଯାଇଛି। କଥାକାର, ଅନୁବାଦକ ଓ ଚିତ୍ରଶିଳ୍ପୀମାନଙ୍କୁ ନେଇ ଆୟୋଜିତ ଏହି ନିଆରା କାର୍ଯ୍ୟକ୍ରମରେ ରାଜ୍ୟର ୧୦ ଜଣ ଜଣାଶୁଣା କଥାକାର, ୧୦ ଜଣ ଚିତ୍ରଶିଳ୍ପୀ ଓ ୧୦ ଜଣ ଅନୁବାଦକ ଯୋଗଦେଇ ନିଜ ଲେଖାର ଆଲୋଚନା, ଅନୁବାଦ ଏବଂ କଳାର ପ୍ରଦର୍ଶନ କରିଥିଲେ। ଆଦିତ୍ୟ ଭାରତର ନିର୍ଦ୍ଦେଶକ ଦେବାଶିଷ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରାରମ୍ଭିକ ଅଧିବେଶନରେ ବରିଷ୍ଠ କବି ଅମରେଶ ପଟନାୟକ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ଏପରି କାର୍ଯ୍ୟକ୍ରମ ସାହିତ୍ୟରେ ଅଭିନବ ସର୍ଜନାକୁ ଉତ୍ସାହିତ କରିବ ଏବଂ ନୂଆପିଢ଼ୀକୁ ସାହିତ୍ୟ ଆଡକୁ ଆକର୍ଷିତ କରିବ ବୋଲି ମୁଖ୍ୟ ଅତିଥି ଶିକ୍ଷାବିତ ତପନ କୁମାର ପଣ୍ଡା ପ୍ରକାଶ କରିଥିଲେ। ଚିତ୍ରଶିଳ୍ପୀ ରବି ନାରାୟଣ ରଥ ଏହାକୁ ସାହିତ୍ୟ ଓ ଚିତ୍ରକଳାର ମହାସଂଗମର ଆଦ୍ୟଭାଷ ରୂପେ ବର୍ଣ୍ଣନା କରିଥିଲେ। ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନର ମୁଖ୍ୟ ସତ୍ୟ ନାରାୟଣ ପଣ୍ଡା ଅନୁବାଦ ଅଧିକ ହେଲେ ଆମ ସାହିତ୍ୟ ଆଗକୁ ଯିବ ଓ ସର୍ବଭାରତୀୟ ସ୍ତରରେ ଆଦୃତ ହେବ ବୋଲି କହିଥିଲେ ।

## ଭୋଟର ତାଲିକାରେ ଯୋଗ୍ୟ ନାଗରିକଙ୍କୁ ବାଦ୍ ନ କରିବାକୁ ଦାବି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ଓଡ଼ିଶା ରାଜ୍ୟ କମିଟିର ଏକ ପ୍ରତିନିଧି ଦଳ ଶୁକ୍ରବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ନିର୍ବାଚନୀ ତାଲିକା ସଂପର୍କରେ ଗୁରୁତ୍ୱପୂର୍ଣ୍ଣ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଭୋଟର ତାଲିକାର 'ସ୍ୱତନ୍ତ୍ର ଗଭୀର ପୁନଃ ନିରୀକ୍ଷଣ' ପ୍ରକ୍ରିୟା ସମ୍ପର୍କରେ ସି.ପି.ଆଇ.(ଏମ୍) ଚିନ୍ତା ପ୍ରକାଶ କରି ବିଭିନ୍ନ ଦାବି ଉଠାଇଛି । ସିପିଆଇ(ଏମ୍) ମୁଖ୍ୟତଃ ଦାବି କରିଛି ଯେ, ଯେଉଁମାନେ ଯୋଗ୍ୟ ଭୋଟର, ସେମାନେ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ଉଚିତ୍ । କୌଣସି ଯୋଗ୍ୟ ନାଗରିକଙ୍କୁ ତାଲିକାରୁ ବାଦ୍ ଦେବା ଚେଷ୍ଟା ଗ୍ରହଣୀୟ ନୁହେଁ । ସେହିପରି, ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟତା ଓ ଆବଶ୍ୟକ କାଗଜପତ୍ର/ ଡ଼କ୍ୟୁମେଣ୍ଟ ସମ୍ପର୍କିତ ମାନଦଣ୍ଡ ଗୁଡ଼ିକୁ ଅତି ସରଳ କରାଯିବା ପାଇଁ ସିପିଆଇ(ଏମ୍) ଦାବି କରିଛି । ଏହି ପ୍ରତିନିଧି ଦଳରେ ସିପିଆଇ(ଏମ୍) ରାଜ୍ୟ ସଂପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ରାଜ୍ୟ ସଂପାଦକମଣ୍ଡଳୀ ସଦସ୍ୟ ଦୁଷ୍ମନ୍ତ କୁମାର ଦାସ, ଯମେଶ୍ୱର ସାମନ୍ତରାୟ ଏବଂ ବଦ୍ରି ନାରାୟଣ ଦାଶ ପ୍ରମୁଖ ନେତୃବୃନ୍ଦ ଯାଇଥିଲେ ।

## ଅକ୍ଟୋବର ୨୨ରୁ ୩୦ ପର୍ଯ୍ୟନ୍ତ ଅଗ୍ନିବୀର ନିଯୁକ୍ତି ରାଲି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା କାର୍ଯ୍ୟାଳୟ ଓସ୍ୱାନ୍ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଆସନ୍ତା ଅକ୍ଟୋବର ମାସ ୨୨ ରୁ ୩୦ ତାରିଖରେ ଅଗ୍ନିବୀର ଅଧୀନ ସୈନ୍ୟ ବାହିନୀରେ ନିଯୁକ୍ତି ନିମନ୍ତେ ଶାରୀରିକ ଓମେଡିକାଲ ପରୀକ୍ଷା ଅନୁଷ୍ଠିତ ହେବ । ଯେଉଁ ପ୍ରତିଯୋଗୀ ମାନେ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ସେହି ଯୁବକ ମାନେ କେବଳ ଉକ୍ତ ରାଲିରେ ଯୋଗଦେଇ ପାରିବେ । ପ୍ରତିଯୋଗୀ ମାନଙ୍କର ଦୌଡ଼ ପରୀକ୍ଷା, ଶାରୀରିକ ପରୀକ୍ଷା ଏବଂ ପରେ ମେଡିକାଲ ପରୀକ୍ଷା କରାଯିବ । ଏହି ପରୀକ୍ଷା ସୈନ୍ୟ ବାହିନୀ ନିଯୁକ୍ତି ପରୀକ୍ଷା ଆର୍ମି ରିକ୍ରୁଟ୍ମେଣ୍ଟ କାର୍ଯ୍ୟାଳୟ କଟକ କରାଇବେ । ଏଥିପାଇଁ କୌଣସି ଲାଞ୍ଚ ବା କାହା ପ୍ରରୋଚନାରେ ନିଯୁକ୍ତି ମିଳେ ନାହିଁ ବୋଲି ଆଜି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ପ୍ରକାଶ କରିବା ସହ କର୍ଣ୍ଣେଲ ପ୍ରସନ୍ନ, ଆର୍ମି ରୀକ୍ୟୁକମେଣ୍ଟ ଅଫିସ୍ ନିର୍ଦ୍ଦେଶକ, କଟକ ପ୍ରକାଶ କରିଛନ୍ତି ।

**AFFIDAVIT**

By virtue of an affidavit sworn before the Executive Magistrate, Kabisuryanagar, dated: 07.08.2025, I Anasuya Barada, Address: Village-Deogaon, PO-Budhamba, PS-Kabisuryanagar, Dist-Ganjam, Odisha, PIN-761104, declare that I have changed my name from anuchhaya Swain to Anasuya Barada. Henceforth, I shall be known as Anasuya Barada for all purposes.

**Sd/- Anasuya Barada**

**AFFIDAVIT**

By virtue of an affidavit sworn before the Executive Magistrate, Aul, Kendrapara, dated: 07.08.2025, I Pradeep Sahoo, Address: At- Tulasi Sasan, PO- Nial, PS- Aul, Dist- Kendrapara, Odisha, PIN-754219, declare that I have changed my name from Pradipta Kumar Sahoo to Pradeep Sahoo. Henceforth, I shall be known as Pradeep Sahoo for all purposes.

**Sd/- Pradeep Sahoo**

**AFFIDAVIT**

By virtue of an affidavit sworn before the Executive magistrate Tentulikhunti Dtd : 07/ 08.2025 I , Hema chalan 23 yrs W/O Nityananda chalan D/O durjyadhan nayak AT- padeiguda po-patraput PS-tentulikhunti Dist-nabarangpur ,declare that I have changed my sarname from hema nayak to hema chalan ,hema chalan and hema nayak being one and same person .this affidavit is required to be produce before the concerned bank Authorty for necessary action .

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 02.08.2025, I Nidhi Harijan, S/o- Budu Harijan, Vill- Daleiguda, Po- Sindhiguda, Ps-Nabarangpur, Dist-Nabarangpur, Odisha, declare that. I have changed my minor Daughter's name from DURAPUTA HARIJAN to SABITA HARIJAN. Henceforth she shall be known as SABITA HARIJAN for all purposes.

**Sd/- Nidhi Harijan**

Sd/- Basanta Kumar Maharana

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ସନ୍ଦେହ ବଢାଉଛି...

ନାମରେ ମିଛ ବ୍ଲାକମେଲ ଅଭିଯୋଗ କରୁଛନ୍ତି । ଘଟଣାସ୍ଥଳରେ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ସାଇଣ୍ଟିଫିକ ଟିମ୍ ଓ ଫରେନସିକ୍ ଟିମ୍ ତଦନ୍ତ ଚଳାଇଛନ୍ତି। ସେମାନେ ପୀଡ଼ିତାଙ୍କ ବାପା-ମାଆଙ୍କୁ ପଚରାଉଚୁରା କରିଛନ୍ତି। ଅନ୍ୟପକ୍ଷରେ ମୃତ ଛାତ୍ରୀଙ୍କ ପରିବାରର ଅଭିଯୋଗ ଆଧାରରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଏଏସ୍‌ଆଇଙ୍କୁ ବଦଳି କରାଯାଇଛି।

### ଗରମ, ଗୁଳୁଗୁଳିରେ...

ଜଳୀୟବାଷ୍ପ ଅଧିକ ରହିଥିବାରୁ ଗରମ ସହ ଗୁଳୁଗୁଳି ଅନୁଭୂତ ହେଉଛି। ରାଜ୍ୟରେ ଗତ ଦେଢ ସପ୍ତାହ ହେବ ବର୍ଷା କମ୍ ରହିଛି। ଜୁନ୍ ପହିଲାରୁ ବର୍ତ୍ତମାନ ସୁଦ୍ଧା ହାରାହାରି ୬୩୪ ମିମି ବର୍ଷା ରେକର୍ଡ ହୋଇଛି। ଏହାକୁ ସ୍ୱାଭାବିକ ବୋଲି କୁହାଯାଉଛି। ତେବେ ୯ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରେକର୍ଡ ହୋଇଛି। ପୁରୀରେ ୪୩ ପ୍ରତିଶତ, ଗଜପତିରେ ୩୯ ପ୍ରତିଶତ, ରାୟଗଡ଼ାରେ ୩୨ ପ୍ରତିଶତ, ଗଞ୍ଜାମ ଓ କଳାହାଣ୍ଡିରେ ୩୧ ପ୍ରତିଶତ, ଖୋର୍ଦ୍ଧାରେ ୨୬ ପ୍ରତିଶତ, ବଲାଙ୍ଗୀର ଓ ନବରଙ୍ଗପୁରରେ ୨୩ ପ୍ରତିଶତ, ନୂଆପଡ଼ାରେ ୨୧ ପ୍ରତିଶତ କମ୍ ବର୍ଷା ହୋଇଛି। ତେବେ ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବୌଦ୍ଧରେ ବର୍ଷା ଅଧିକ ଥିବା ରେକର୍ଡ ହୋଇଛି।

### ୧୧ରେ ଆଗତ ହେବ...

ବିଧେୟକ ଉପରେ ଅଧିକ ବିଚାରବିମର୍ଶ କରିବା ପାଇଁ ସଂସଦର ସ୍ଥାୟୀ ସମିତିକୁ ପଠାଯାଇଥିଲା। ନୂତନ ଆୟକର ବିଲ୍-୨୦୨୬ ଏପ୍ରିଲ ୧ରେ ଲାଗୁ ହେବା ନେଇ ମଧ୍ୟ ଆଶା କରାଯାଉଥିଲା। ଲୋକସଭାରେ ଆଗତ ହୋଇଥିବା ଆୟକର ବିଲ୍‌ରେ ସାଧାରଣ ଲୋକଙ୍କ ପାଇଁ ଆୟକର ସହ ଜଡ଼ିତ ନିୟମକୁ ଅଧିକ ଏବଂ ସୁଲଭ କରାଯାଇଛି ବୋଲି ସରକାର ସେତେବେଳେ କହିଥିଲେ। ନୂଆ ବିଲ୍‌ରେ ମୋଟ ୫୩୬ଟି ଧାରା ପ୍ରସ୍ତାବିତ କରାଯାଇଥିଲା। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫେବୃଆରୀ ୧ରେ ବଜେଟ୍ ଉପସ୍ଥାପନ ବେଳେ ନୂଆ ଆୟକର ଆଇନ ଆସିବା ନେଇ ଘୋଷଣା କରିଥିଲେ। ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ନୂଆ ବିଲ୍‌ର ଉଦ୍ଦେଶ୍ୟ କଠିନ ଶବ୍ଦ ଓ ଆବଶ୍ୟକ ନଥିବା ଆଇନକୁ ହଟାଇ ଛୋଟ ଓ ସରଳ କରିବା। ବିଲ୍‌ରେ ମୋଟ ୬୨୨ ପୃଷ୍ଠା ରହିବ ବୋଲି ଜଣାପଡ଼ିଥିଲା। ଏଥିରେ ୫୩୬ଟି ଧାରା, ୨୩ଟି ଚାପ୍ଟର ଏବଂ ୧୬ଟି ଅନୁସୂଚୀକୁ ସାମିଲ କରାଯାଇଥିଲା। ବର୍ତ୍ତମାନ ପ୍ରଚଳିତ ଆୟକର ବିଲ୍ ୧୯୬୧ରେ ୨୯୮ ଧାରା, ୨୩ ଚାପ୍ଟର ଓ ୧୪ ଅନୁସୂଚୀ ରହିଛି। ଆୟକର ବିଲ୍ ୧୯୬୧ରେ ମୋଟ ୮୮୦ ପୃଷ୍ଠା ଥିବା ସୂଚନା ଦିଆଯାଇଛି।

### ଦ୍ୱିପାକ୍ଷିକ କାର୍ଯ୍ୟସୂଚୀ...

ହୋଇଥିବା ଏହି ଆଲୋଚନା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛି ଯେ ଭାରତ ନିଜର ସ୍ୱାଧୀନ ବୈଦେଶିକ ନୀତି ଏବଂ ରୁଷ ସହିତ ଗଭୀର ରଣନୀତିକ ସଂପର୍କ ବଜାୟ ରଖିବାକୁ ପ୍ରତିବଦ୍ଧ। ରୁଷ ତୈଳ କ୍ରୟ ଉପରେ ଭାରତ ବିରୁଦ୍ଧରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିବା ପାଇଁ ଟ୍ରମ୍ପଙ୍କ ଘୋଷଣା ସତ୍ତ୍ୱେ ଏହି ଆଲୋଚନାରେ ଉଭୟ ନେତା ଭାରତ-ରୁଷ ସଂପର୍କକୁ ଆହୁରି ମଜବୁତ କରିବା ଏବଂ ବାଣିଜ୍ୟ, ପ୍ରତିରକ୍ଷା ଓ ଶାନ୍ତି କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ପୁଟିନଙ୍କୁ ଭାରତ ଗସ୍ତ ପାଇଁ ନିମନ୍ତ୍ରଣ କରିଥିଲେ ଏବଂ ୟୁକ୍ରେନ ପ୍ରସଙ୍ଗରେ ଶାନ୍ତି ଓ ଆଲୋଚନା ସପକ୍ଷରେ ଭାରତର ଦୃଷ୍ଟିକୋଣକୁ ଦୋହରାଇଥିଲେ। ଏହାମଧ୍ୟ ସ୍ପଷ୍ଟ କରିଥିଲେ ଯେ ଭାରତ ଟ୍ରମ୍ପଙ୍କ ଚାପରେ ନ ପଡ଼ି ନିଜର ରଣନୀତିକ ସଂପର୍କ ଏବଂ ବିଶ୍ୱ ସହଭାଗିତାକୁ ପ୍ରାଥମିକତା ଦେବ। ଏହି ଆଲୋଚନା ପୂର୍ବରୁ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଗୁରୁବାର କ୍ରେମଲିନରେ ପୁଟିନଙ୍କୁ ଭେଟିଥିଲେ। ଏହି ସମୟରେ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗ ଉପରେ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ମୋଦୀ ବ୍ରାଜିଲର ରାଷ୍ଟ୍ରପତିଙ୍କ ସହ କଥା ହୋଇ ବାଣିଜ୍ୟ, ଶକ୍ତି, ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା ଓ ସ୍ୱାସ୍ଥ୍ୟ ଇତ୍ୟାଦି କ୍ଷେତ୍ରରେ ଦ୍ୱିପାକ୍ଷିକ ସଂପର୍କକୁ ମଜବୁତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

### ପୂର୍ବାଞ୍ଚଳ ବିକାଶ...

ରିକଭରି ପାଇଁ ୩ଟି ସାର୍ବଜନିକ କ୍ଷେତ୍ରର ତୈଳ ବିପଣନ କମ୍ପାନୀଙ୍କୁ ୩୦ ହଜାର କୋଟି ଟଙ୍କାର ସରକାରୀ ସାହାଯ୍ୟକୁ ଅନୁମୋଦନ ଦେଇଛନ୍ତି। ଏହି ସାର୍ବଜନିକ କ୍ଷେତ୍ରର କମ୍ପାନୀଗୁଡ଼ିକ ଇଣ୍ଡିଆନ ଅଏଲ କର୍ପୋରେସନ, ଭାରତ ପେଟ୍ରୋଲିୟମ କର୍ପୋରେସନ ଓ ହିନ୍ଦୁସ୍ତାନ ପେଟ୍ରୋଲିୟମ କମ୍ପାନୀ ରହିଛନ୍ତି। ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଦ୍ୱାରା ତୈଳ କମ୍ପାନୀଗୁଡ଼ିକ ମଧ୍ୟରେ ଏହି କ୍ଷତିପୂରଣ ବଣ୍ଟନ କରାଯିବ। ୧୨ଟି କିସ୍ତିରେ ଏହା ପ୍ରଦାନ କରାଯିବ। ଉପଭୋକ୍ତାଙ୍କ ଉପରେ ମୂଲ୍ୟ ପରିବର୍ତ୍ତନର ବୋଝ ନ ଲଗାଇବା ପାଇଁ ତୈଳ କମ୍ପାନୀଗୁଡ଼ିକୁ କ୍ଷତି ସହିବାକୁ ପଡ଼ିଛି। ଅନ୍ୟପକ୍ଷରେ ଏଲପିଜି ଦର ସ୍ଥିର ରଖିବା ପାଇଁ ବୈଠକରେ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଏଥିସହ ବୈଷୟିକ ଶିକ୍ଷା ପ୍ରତିଷ୍ଠାନର ଭିତ୍ତିଭୂମି ଉନ୍ନତ କରିବା ପାଇଁ ୪ହଜାର ୨ଶହ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ଯୁବପିଢିଙ୍କୁ ଉତ୍ତମ ତାଲିମ ଓ ନିଯୁକ୍ତି ସୁଯୋଗ ପ୍ରଦାନ କରିବ। ଏହାବ୍ୟତୀତ ଆସାମ ଏବଂ ତ୍ରିପୁରା ପାଇଁ ୪୨୫୦ କୋଟିର ଏକ ସ୍ୱତନ୍ତ୍ର ବିକାଶ ପ୍ୟାକେଜ ମଧ୍ୟ ମଞ୍ଜୁର କରାଯାଇଛି। ମାରକନମ-ପୁଡୁଚେରୀ ମଧ୍ୟରେ ୪ ଲେନ୍ ରାସ୍ତା ପାଇଁ ମଧ୍ୟ ୨୧୫୭ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି।

## ୭୮ତମ ଜନ୍ମବାର୍ଷିକୀ ସମାରୋହ
## ପ୍ରତିଟି ଓଡ଼ିଆଙ୍କ ପାଇଁ 'ପ୍ରଜାତନ୍ତ୍ର' ପ୍ରେରଣାର ଉତ୍ସ: ବାଚସ୍ପତି



କଟକ(ଭାସ୍କର ନ୍ୟୁଜ୍): 'ପ୍ରଜାତନ୍ତ୍ର'ର ୭୮ତମ ଜନ୍ମବାର୍ଷିକୀ ଉତ୍ସବ ବିଷୁବ ମଣ୍ଡପରେ ପାଳିତ ହୋଇଯାଇଛି । ଆୟୋଜିତ ସମାରୋହରେ ସ୍ୱାଗତ ଅଭିଭାଷଣ ରଖି 'ପ୍ରଜାତନ୍ତ୍ର' ପ୍ରଚାରସମିତିର ଅଧ୍ୟକ୍ଷ ତଥା ସମ୍ପାଦକ ଭର୍ତ୍ତୃହରି ମହତାବ କହିଥିଲେ, ୭୯ ବର୍ଷରେ ପଦାର୍ପଣ କରିଛି 'ପ୍ରଜାତନ୍ତ୍ର'। ୧୯୪୭ ଅଗଷ୍ଟ ୮ରେ ଏହାର ପ୍ରକାଶନକୁ ଆମେ ବାର୍ଷିକ ଉତ୍ସବ ଭାବେ ପାଳନ କରିଆସୁଛୁ। ମୁଖ୍ୟଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଉତ୍ସବକୁ ଉଦ୍‌ଘାଟନ କରି ଅଭିଭାଷଣରେ ସ୍ୱାଧୀନତା ସଂଗ୍ରାମ ସମୟରେ ମହିଳା ସଶକ୍ତୀକରଣର ଯେଉଁ ଧ୍ୱଜା ଉଡ଼ିଥିଲା ସେଥିରେ 'ପ୍ରଜାତନ୍ତ୍ର'ର ପ୍ରତିଷ୍ଠାତା ଡକ୍ଟର ମହତାବଙ୍କ ଧର୍ମପତ୍ନୀ ସୁଭଦ୍ରା ମହତାବଙ୍କ ଭୂମିକା ତଥା ଅବଦାନ ଅନସ୍ୱୀକାର୍ଯ୍ୟ ବୋଲି କହିଥିଲେ। ପ୍ରତିଟି ଓଡ଼ିଆଙ୍କ ପାଇଁ ପ୍ରଜାତନ୍ତ୍ର ପ୍ରେରଣାର ଉତ୍ସ। ବୋଲି ମୁଖ୍ୟଅତିଥି ଶ୍ରୀମତୀ ପାଢ଼ୀ ମତବ୍ୟକ୍ତ କରିଥିଲେ। ଏଥିରେ ସଭାପତିତ୍ୱ କରି ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଡକ୍ଟର ମହତାବଙ୍କ ସଂସ୍ପର୍ଶରେ ଆସିଥିବା ପ୍ରତିଟି ବ୍ୟକ୍ତିବିଶେଷ ଏକ ଅଜଣା ଅନୁଭବ ଓ ଅଭିଜ୍ଞତା ନେଇ ଫେରୁଥିଲେ ବୋଲି କହିଥିଲେ। ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ଲୋକରଞ୍ଜନ ମହତାବ ମଞ୍ଚାସୀନ ଥିଲେ। ଏହି ଅବସରରେ ଡକ୍ଟର ମହତାବଙ୍କ ଆତ୍ମଜୀବନୀ 'ସାଧନାର ପଥେ'ର ଇଂରାଜୀ ଅନୁବାଦ ଏବଂ 'ଗାଁ ମଜଲିସ'ର ଦ୍ୱାଦଶ ଖଣ୍ଡକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବାର୍ତ୍ତା ସମ୍ପାଦକ ଜ୍ଞାନରଞ୍ଜନ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ତ୍ରିରଙ୍ଗା ଯାତ୍ରା ପାଇଁ ବିଜେପିର ପ୍ରସ୍ତୁତି ବୈଠକ



କଣ୍ଟାପଡ଼ା (ଭାସ୍କର ନ୍ୟୁଜ): ଭାରତୀୟ ଜନତା ପାର୍ଟି କଣ୍ଟାପଡା ମଣ୍ଡଳ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅଡସପୁର ସ୍ଥିତ ଅର୍ଣ୍ଣପୂର୍ଣ୍ଣା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଭାତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଭାରୀ ସରୋଜ କୁମାର ସ୍ୱାଇଁ ଯୋଗ ଦେଇ ତ୍ରିରଙ୍ଗା ଯାତ୍ରା ଉଦ୍ଦେଶ୍ୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସଂଜୟ ରାଉତରାୟ ନିର୍ମଳ କୁମାର ସାହୁ, ବରିଷ୍ଠ ବିଜେପି ନେତା ଆଲୋକ କୁମାର ବରାଳ ସମେତ ମଣ୍ଡଳ କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେଇଥିଲେ। ଏହି ଯାତ୍ରା ଆସନ୍ତା ୧୨ ତାରିଖ ବରାହୀପୁର ଫୁଟବଲ ପଡିଆରୁ ବାହାରି ବିଭିନ୍ନ ପଞ୍ଚାୟତ ବୁଲିବାର କାର୍ଯ୍ୟକ୍ରମ ରହିଛି।

**OFFICE OF THE COLLECTOR, KANDHAMAL, PHULBANI.**
**(ST & SC Development Section)**
e_mail : dwo.kandhamal@gmail.com

V-07

Notification No **4184** /SSD/XVI-01/2025 Date **08.08.2025**

**Walk-in-Interview**
**Hiring of Guest Teachers for ST & SC Dev. M&BCW Deptt. Schools in Kandhamal District**

Applications in prescribed format are invited from the deserving candidates from native of Odisha for hiring as **Guest Teachers** against existing vacancies in ST & SC Dev. M&BCW Deptt. run Educational institutions in Kandhamal District.

The detailed Notification, selection criteria & Application Format may be obtained from Office Notice Board of District Welfare Office, Kandhamal and Kandhamal District Website www.kandhamal.odisha.gov.in. The last date of receipt of application in the office of the District Welfare Office, Kandhamal is **25.08.2025** by Regd. Post / Speed Post only.

**Sd/- District Welfare Officer, Kandhamal, Phulbani.**

OIPR 19337/11/0002/2526



ବେଜିଂ: ଆମେରିକା ସହିତ ଶୁଳ୍କ ବିବାଦ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଗାମୀ ବେଜିଂ ଗସ୍ତ ନେଇ ଆନନ୍ଦ ପ୍ରକାଶ କରିଛି ଚୀନ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ସମ୍ଭାବ୍ୟ ଗସ୍ତକୁ ଚୀନ୍ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଉନ୍ନତ ଏବଂ ମଜବୁତ କରିବା ଦିଗରେ ଏକ ସକାରାତ୍ମକ ପଦକ୍ଷେପ ବୋଲି କହିଛି। ଚଳିତ ମାସ ଶେଷରେ ଅନୁଷ୍ଠିତ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ (ଏସସିଓ) ତିଆନଜିନ୍ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ଭାବ୍ୟ ଗସ୍ତକୁ ଶୁକ୍ରବାର ଚୀନ୍ ବୈଦେଶିକ ମନ୍ତ୍ରାଳୟ ସ୍ୱାଗତ କରିଛି। ଯଦି ପ୍ରଧାନମନ୍ତ୍ରୀ ମୋଦୀ ଚୀନ୍ ଗସ୍ତ କରନ୍ତି, ତେବେ ଏହା ସାତ ବର୍ଷର ବ୍ୟବଧାନ ପରେ ତାଙ୍କର ପ୍ରଥମ ଗସ୍ତ ହେବ। କୁହାଯାଉଛି ଯେ ପ୍ରଧାନମନ୍ତ୍ରୀ ମୋଦୀ ଚଳିତ ମାସ ଶେଷରେ ଏସସିଓ ବାର୍ଷିକ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ଚୀନ୍ ଗସ୍ତ କରିପାରନ୍ତି। ତଥାପି, ସରକାର ଏପର୍ଯ୍ୟନ୍ତ ଏହାକୁ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରିନାହାଁନ୍ତି। ଚୀନ୍ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ଗୁଓ ଜିଆକୁନ୍ କହିଛନ୍ତି ଯେ ଚୀନ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏସସିଓ ତିଆନଜିନ୍ ଶିଖର ସମ୍ମିଳନୀ ପାଇଁ ସ୍ୱାଗତ କରୁଛି।

## ପୁନୌରା ଧାମ ମନ୍ଦିର ବିକାଶ କାର୍ଯ୍ୟର ଭୂମି ପୂଜା କଲେ ଶାହ



ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଶୁକ୍ରବାର ବିହାରର ସୀତାମଢ଼ୀ ଜିଲ୍ଲାରେ ମାତା ସୀତାଙ୍କ ଜନ୍ମସ୍ଥାନ ପୁନୌରା ଧାମ ମନ୍ଦିର ଏବଂ ପରିସରର ବ୍ୟାପକ ବିକାଶ ପାଇଁ ଭୂମି ପୂଜନ କରିଛନ୍ତି। ଶ୍ରୀ ଅମିତ ଶାହ ମଧ୍ୟ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସୀତାମଢ଼ୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଅମୃତ ଭାରତ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଆଜି ମାତା ଜାନକୀଙ୍କ ଜନ୍ମସ୍ଥାନ ପୁନୌରା ଧାମ ମନ୍ଦିର ପରିସରର ବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କେବଳ ସୀତାମଢ଼ୀ, ମିଥିଳା ଏବଂ ବିହାର ପାଇଁ ନୁହେଁ, ବରଂ ସମଗ୍ର ଦେଶ ତଥା ବିଶ୍ୱ ପାଇଁ ଏକ ଅତ୍ୟନ୍ତ ଶୁଭ ଅବସର। ପ୍ରାୟ ୮୯୦ କୋଟି ଟଙ୍କା ବ୍ୟୟରେ ପୁନୌରା ଧାମରେ ୬୮ ଏକରରୁ ଅଧିକ ଅଞ୍ଚଳରେ ଶକ୍ତିସ୍ୱରୂପ ଜଗଜ୍ଜନନୀ ମାତା ଜାନକୀଙ୍କ ଭବ୍ୟ ମନ୍ଦିର ନିର୍ମାଣ କରାଯିବ। ଏଥିମଧ୍ୟରୁ ୧୩୭ କୋଟି ଟଙ୍କା ମାତା ସୀତାଙ୍କ ବର୍ତ୍ତମାନର ମନ୍ଦିରର ନବୀକରଣ ପାଇଁ ଖର୍ଚ୍ଚ କରାଯିବ ଏବଂ ୭୨୮ କୋଟି ଟଙ୍କା 'ପରିକ୍ରମା ପଥ' ଏବଂ ଅନ୍ୟାନ୍ୟ ଢାଞ୍ଚା ପାଇଁ ଖର୍ଚ୍ଚ କରାଯିବ ବୋଲି ସେ କହିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ଯେ ଆଜି ସୀତାମଢ଼ୀ-ଦିଲ୍ଲୀ ଅମୃତ ଭାରତ ଟ୍ରେନ୍ ମଧ୍ୟ ଆରମ୍ଭ ହୋଇଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ପୂର୍ବରୁ ବିହାରରେ ରେଳବାଇର ବିକାଶ ପାଇଁ ପ୍ରତିବର୍ଷ ୧୧୩୨ କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲା, କିନ୍ତୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ବିହାରରେ ରେଳବାଇ ପାଇଁ ୧୦,୦୬୬ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଶ୍ରୀ ଅମିତ ଶାହ କହିଥିଲେ ଯେ ବିରୋଧୀ ଦଳଗୁଡ଼ିକ ମିଥିଳା ଅଞ୍ଚଳର ବିକାଶ ପାଇଁ ମାଫିଆମାନଙ୍କୁ ସୁରକ୍ଷା ପ୍ରଦାନ କରୁଥିବା ଗୁଣ୍ଡାମୀ, ଅପହରଣ ଏବଂ ଅର୍ଥ ବଦଳରେ ଅପରାଧୀଙ୍କୁ ମୁକ୍ତ କରାଇବା ବ୍ୟତୀତ ଆଉ କିଛି କରିନାହାଁନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ଜୀ ତାଙ୍କ ଗତ ୬ଟି ଗସ୍ତରେ ବିହାରର ବିକାଶ ପାଇଁ ୮୩ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି।

## ଓଢଣୀ ଚିରି ମୁଖ୍ୟମନ୍ତ୍ରୀଙ୍କୁ ବାନ୍ଧିଲେ ରାକ୍ଷୀ



ଦେରାଦୁନ: ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାର ଧରାଲି ଅଞ୍ଚଳ ଏବେ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ନିଜେ ଗ୍ରାଉଣ୍ଡ ଜିରୋରେ ରହି ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି। ଗୁଜୁରାଟର ଜଣେ ମହିଳା ଯାତ୍ରୀ ଗଙ୍ଗୋତ୍ରୀରେ ଫସି ରହିଥିଲେ। ଯେତେବେଳେ ତାଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଗଲା ସେ ତାଙ୍କ ଓଢଣୀର ଏକ ଅଂଶ ଚିରି ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମିଙ୍କ ହାତରେ ରାକ୍ଷୀ ଭଳି ବାନ୍ଧିଥିଲେ। ଏହି ସମୟରେ ସେ ବହୁତ ଭାବପ୍ରବଣ ଦେଖାଯାଉଥିଲେ ଏବଂ ମୁଖ୍ୟମନ୍ତ୍ରୀ ଧାମିଙ୍କୁ ଧନ୍ୟବାଦ ଜଣାଇଥିଲେ। ସୂଚନାଥାଉକି, ୫ ଅଗଷ୍ଟରେ ଉତ୍ତରକାଶୀର ଧରାଲିରେ ଏକ ବିପର୍ଯ୍ୟୟ ଘଟିଥିଲା। ଏହି ସମୟରେ ରାସ୍ତା ବନ୍ଦ ହେବା ଯୋଗୁଁ ବିଭିନ୍ନ ରାଜ୍ୟର ଶହ ଶହ ଯାତ୍ରୀ ଗଙ୍ଗୋତ୍ରୀ ଏବଂ ନିକଟବର୍ତ୍ତୀ ଅଞ୍ଚଳରେ ଫସି ରହିଥିଲେ। ସେମାନଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି କହିଥିଲେ ଯେ, ଧରାଲିରେ ହଠାତ୍ ବନ୍ୟା ଆସିବାରୁ ସମଗ୍ର ସହର ବିପର୍ଯ୍ୟୟର ଶିକାର ହୋଇଛି। ଅନେକ ରାସ୍ତା, ସେତୁ, କୋଠା, ହୋଟେଲ, ହୋମଷ୍ଟେ ଏବଂ ଘର ନଷ୍ଟ ହୋଇଯାଇଛି। ଲୋକମାନେ କଷ୍ଟ ଭୋଗୁଛନ୍ତି। ବିପର୍ଯ୍ୟୟ ଯୋଗୁଁ କୃଷି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଧାମି ଲୋକମାନଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ସରକାର ଖୁବ୍ ଶୀଘ୍ର ସବୁକିଛି ବ୍ୟବସ୍ଥା କରିବେ। ବିଦ୍ୟୁତ୍ ସେବା କ୍ଷତିଗ୍ରସ୍ତ ହୋଇଛି, ଏହାକୁ ଯଥାଶୀଘ୍ର ପୁନଃସ୍ଥାପିତ କରିବା ପାଇଁ ପ୍ରୟାସ ଜାରି ରହିଛି। ମୋବାଇଲ୍ ସେବା ପୁନଃସ୍ଥାପିତ ହୋଇଛି। ଗଙ୍ଗନାନୀ ସମେତ ଅନେକ ସ୍ଥାନରେ ରାସ୍ତା କ୍ଷତିଗ୍ରସ୍ତ ହୋଇଛି। ଏଠାକୁ ଆସିଥିବା ୫୦୦ ପର୍ଯ୍ୟଟକଙ୍କ ମଧ୍ୟରୁ ୪୦୦ ଜଣଙ୍କୁ ହେଲିକପ୍ଟର ସାହାଯ୍ୟରେ ଉଦ୍ଧାର କରାଯାଇଛି।

## 'ମନ୍ କି ବାତ୍'ରୁ ୩୪.୧୩ କୋଟି ଟଙ୍କାରୁ ଅଧିକ ରାଜସ୍ୱ ଆୟ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ସାରା ଦେଶରେ ଘଟୁଥିବା ସକାରାତ୍ମକ ପରିବର୍ତ୍ତନକୁ ପ୍ରଦର୍ଶିତ କରିବା ଏବଂ ଭାରତର ବିକାଶ ଯାତ୍ରାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ଲାଗି ନାଗରିକମାନଙ୍କୁ ଉତ୍ସାହିତ କରିବା ପାଇଁ ଏକ ଅନନ୍ୟ ମଞ୍ଚ ଭାବେ କାର୍ଯ୍ୟ କରିଆସୁଛି। ଏହି ମାସିକ ରେଡିଓ ଏପିସୋଡ୍ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ନବସୃଜନ ଏବଂ ସମାଜ ସେବା ଭଳି କ୍ଷେତ୍ରରେ ପ୍ରଭାବଶାଳୀ କାର୍ଯ୍ୟ କରୁଥିବା ଭାରତୀୟଙ୍କ ପ୍ରେରଣାଦାୟୀ କାହାଣୀ ସେୟାର କରନ୍ତି। ସେ ଯୁବକ, କୃଷକ, ମହିଳା, କାରିଗର, ଉଦ୍ୟୋଗୀ, କ୍ରୀଡ଼ାବିତ୍ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ତୃଣମୂଳ ସ୍ତରର ପଦକ୍ଷେପ ଏବଂ ସାମୂହିକ ନେତୃତ୍ୱାଧୀନ ପ୍ରୟାସ ଉପରେ ଆଲୋକପାତ କରିଥିଲେ। ଏହି କାହାଣୀଗୁଡ଼ିକ ପ୍ରାୟତଃ ଦୁର୍ଗମ ଏବଂ ବିବିଧ ଅଞ୍ଚଳରୁ ଆସିଥାଏ, ଯାହା ରାଷ୍ଟ୍ରର ସମୃଦ୍ଧ ଏବଂ ସମାବେଶୀ ଭାବନାକୁ ପ୍ରତିଫଳିତ କରିଥାଏ। 'ମନ୍ କି ବାତ୍' ମଧ୍ୟ ଦେଶର ମାଇଲଖୁଣ୍ଟ ଏବଂ ଉତ୍ସବଗୁଡ଼ିକୁ ଆଲୋକିତ କରେ ଏବଂ ନାୟକମାନଙ୍କ ଅବଦାନ ପ୍ରତି ଧ୍ୟାନ ଆକର୍ଷଣ କରିଥାଏ। 'ମନ୍ କି ବାତ୍' କାର୍ଯ୍ୟକ୍ରମ ଆକାଶବାଣୀ ଦ୍ୱାରା ପ୍ରସ୍ତୁତ ହେଉଛି, ଯେଉଁଥିରେ କୌଣସି ଅତିରିକ୍ତ ଖର୍ଚ୍ଚ ନକରି ବିଦ୍ୟମାନ ଆଭ୍ୟନ୍ତରୀଣ ସମ୍ବଳର ଲାଭ ଉଠାଯାଉଛି ଏବଂ ଏହା ଆରମ୍ଭ ହେବା ଦିନଠାରୁ ୩୪.୧୩ କୋଟି ଟଙ୍କାର ରାଜସ୍ୱ ଅର୍ଜନ କରିଛି। ଦର୍ଶକଙ୍କ ଏକ ବଡ଼ ଅଂଶ ଆକାଶବାଣୀ (ଅଲ ଇଣ୍ଡିଆ ରେଡିଓ) ରେ କାର୍ଯ୍ୟକ୍ରମ ଶୁଣିଥାନ୍ତି, ଯାହା ଏହାର ଜାତୀୟ ଏବଂ ଆଞ୍ଚଳିକ ନେଟୱାର୍କରେ ସିଧାସଳଖ ପ୍ରସାରଣ କରେ। ସ୍ଥାନୀୟ ଭାଷା ଦର୍ଶକଙ୍କ ନିକଟରେ ପହଞ୍ଚିବା ପାଇଁ ଆଞ୍ଚଳିକ ଭାଷା ସଂସ୍କରଣ ମଧ୍ୟ ପ୍ରସାରିତ ହୁଏ। ଏଥି ସହିତ, ଏହି କାର୍ଯ୍ୟକ୍ରମ ଦୂରଦର୍ଶନର ବିଭିନ୍ନ ଜାତୀୟ ଏବଂ ଆଞ୍ଚଳିକ ଭାଷା ଚ୍ୟାନେଲରେ ପ୍ରସାରିତ ହୋଇଥାଏ। ଦୂରଦର୍ଶନ ଚ୍ୟାନେଲଗୁଡ଼ିକ ବ୍ୟତୀତ, ଡିଡି ଫ୍ରି ଡିଶ୍ ୪୮ଟି ଆକାଶବାଣୀ ରେଡିଓ ଚ୍ୟାନେଲ ଏବଂ ୯୨ଟି ଘରୋଇ ଟେଲିଭିଜନ ଚ୍ୟାନେଲ ପ୍ରଦାନ କରିଥାଏ, ଯାହା ଗ୍ରାମୀଣ ଏବଂ ଦୁର୍ଗମ ଅଞ୍ଚଳ ସମେତ ସାରା ଦେଶର ଦର୍ଶକଙ୍କ ପାଇଁ ଏହି କାର୍ଯ୍ୟକ୍ରମକୁ ସୁଗମ କରିଥାଏ। 'ମନ୍ କି ବାତ୍' ର ଡିଜିଟାଲ ଫର୍ମାଟ ଦର୍ଶକଙ୍କ ସହ ଯୋଗଦେବାକୁ ଅଧିକ ସକ୍ଷମ କରି, ସାମୂହିକ ପ୍ରତିଫଳନ ଏବଂ ଆଲୋଚନା ଦ୍ୱାରା ଦର୍ଶକଙ୍କ ଯୋଗଦାନକୁ ବୃଦ୍ଧି କରିଥାଏ। ଫେସବୁକ୍, ଟ୍ୱିଟର/ଏକ୍ସ ଏବଂ ଇନଷ୍ଟାଗ୍ରାମ ସମେତ ସୋସିଆଲ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ଭାରତ ଏବଂ ବିଶ୍ୱବ୍ୟାପୀ ଦର୍ଶକଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ବ୍ୟାପକ ଭାବେ ଉପଭୋଗ କରାଯାଏ। ନିୟମିତ ଶୁଣିବା ଏବଂ ଦେଖିବା ସହିତ, ନାଗରିକମାନେ ମାଇଗଭ ପୋର୍ଟାଲ୍ ମାଧ୍ୟମରେ କାର୍ଯ୍ୟକ୍ରମ ପାଇଁ ପରାମର୍ଶ ଦାଖଲ କରି, ପ୍ରଧାନମନ୍ତ୍ରୀଙ୍କୁ ଚିଠି କିମ୍ବା ଇମେଲ୍ ଲେଖି ଏବଂ ଭଏସ୍ ମେସେଜ୍ ରେକର୍ଡ କରି ସକ୍ରିୟ ଭାବରେ ଅଂଶଗ୍ରହଣ କରନ୍ତି। ସୂଚନା ଓ ପ୍ରସାରଣ ଏବଂ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍ ମୁରୁଗାନ ଆଜି ରାଜ୍ୟସଭାରେ ଏହି ସୂଚନା ପ୍ରଦାନ କରିଛନ୍ତି।

## ନିଷ୍ଠାର ସହ କାର୍ଯ୍ୟ କଲେ ସକରାତ୍ମକ ଫଳ ମିଳିଥାଏ : ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ କହିଛନ୍ତି ଯେ, ନିଷ୍ଠାର ସହିତ କାର୍ଯ୍ୟ କଲେ ସକରାତ୍ମକ ଫଳ ପ୍ରାପ୍ତି ହୋଇଥାଏ। ଯେଉଁମାନେ ଜନତାଙ୍କ ସେବା ବିନା ସ୍ୱାର୍ଥରେ କରିଥାନ୍ତି ସେମାନଙ୍କୁ ଭଗବାନଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ। ଶୁକ୍ରବାର ମହାନଦୀ ଭବନରେ ଆୟୋଜିତ ମୁଖ୍ୟମନ୍ତ୍ରୀ ସୁଶାସନ ସମ୍ବାଦ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ସାଏ କହିଥିଲେ। ଆଇଆଇଏମ୍ ରାୟପୁରରେ ଅଧ୍ୟୟନରତ ମୁଖ୍ୟମନ୍ତ୍ରୀ ସୁଶାସନ ଫେଲୋସିପ୍ ବିଦ୍ୟାର୍ଥୀଙ୍କୁ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ଛତିଶଗଡ ଦେଶର ୧ନମ୍ବର ରାଜ୍ୟ। ଯେଉଁଠାରେ ଲୋକମାନଙ୍କୁ ସଂପୂର୍ଣ୍ଣ ସୁଶାସନ ପ୍ରଦାନ କରାଯାଉଛି। ସବୁ ସରକାରୀ କାର୍ଯ୍ୟାଳୟରେ ଇ-ଅଫିସ ପ୍ରଣାଳି ଲାଗୁ ହୋଇଛି। ଯେଉଁଥିରେ ସମସ୍ତ କାର୍ଯ୍ୟକ୍ରମ ଡିଜିଟାଲ ମାଧ୍ୟମରେ କରାଯାଉଛି। ଏହାଫଳରେ ଶାସନର ପ୍ରଣାଳୀ ପାରଦର୍ଶୀ ହୋଇପାରିବା ସହ ସରକାରୀ ଅଧିକାରୀଲୋକଙ୍କୁ ଠକିବାର ରାସ୍ତା ବନ୍ଦ ହୋଇଯାଇଛି। ସେ କହିଛନ୍ତି ସୁଶାସନ ଦେଲେ ଲୋକଙ୍କୁ ପ୍ରକୃତ ଲାଭ ମିଳିଥାଏ। କେବଳ ଛତିଶଗଡରେ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରି ସେଗୁଡିକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଉଦ୍ୟମ ଅବ୍ୟାହତ ରଖିଛନ୍ତି। ଏହି ଅବସରରେ ସେ ଆରଙ୍ଗର ହର୍ଷବର୍ଦ୍ଧନ, ବିଳାସପୁର ମନୁପାଣ୍ଡେଙ୍କୁ ମୁଖ୍ୟମନ୍ତ୍ରୀ ଫେଲୋସିପ୍ ପ୍ରଦାନ କରିଥିଲେ। ସେ କହିଥିଲେ ଛତିଶଗଡ ଏକ ସଂପର୍ଣ୍ଣ ରାଜ୍ୟ ଯେଉଁଠି ଲୁହା, ଟିଣ, ଲିଥିୟମ୍, ବକ୍ସାଇଟ, ସୁନା ଏବଂ ହୀରାର ଭଣ୍ଡାର ରହିଛି। ରାଜ୍ୟର ୮୪% ଜମିରେ ଏସବୁ ଆଚ୍ଛାଦିତ ହୋଇଛି। ଫଳରେ ସେଗୁଡିକ ଉତ୍ତୋଳନ କରାଯାଇ ରାଜ୍ୟକୁ ଅର୍ଥନୀତିରେ ସମୃଦ୍ଧ ସହ ବହୁବିଧ ଲଘୁ ବନଜାତ ସାମଗ୍ରୀ ମଧ୍ୟ ରାଜ୍ୟର ଆର୍ଥିକ ସମସ୍ୟା ପୂରଣ କରିବାରେ ସହାୟତା ହେଉଛି ବୋଲି ସେ କହିଥିଲେ।

## ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଉପଭୋକ୍ତାଙ୍କ ପାଇଁ ଜାରି ରହିବ ସବ୍‌ସିଡି ସୁବିଧା



ନୂଆଦିଲ୍ଲୀ: ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀଙ୍କ ପାଇଁ ସବସିଡି ସୁବିଧା ଜାରି ରହିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୈଠକରେ ଶୁକ୍ରବାର ଏହି ପ୍ରସ୍ତାବକୁ ମଞ୍ଜୁର କରାଯାଇଛି। ଏହି ଯୋଜନାରେ ହିତାଧିକାରୀଙ୍କୁ ୧୪.୨ କିଲୋଗ୍ରାମ ସିଲିଣ୍ଡର ପିଛା ୩୦୦ ଟଙ୍କାର ସବସିଡି ପ୍ରଦାନ କରାଯାଇଥାଏ। ଜଣେ ହିତାଧିକାରୀ ବାର୍ଷିକ ୯ଟି ସିଲିଣ୍ଡର ପର୍ଯ୍ୟନ୍ତ ଏହି ସବସିଡି ପାଇପାରିବେ। ସାରା ଦେଶରେ ଗରିବ ପରିବାରର ମହିଳାମାନଙ୍କୁ ମାଗଣା ଏଲପିଜି ସଂଯୋଗ ଦେବାର ଲକ୍ଷ୍ୟ ନେଇ ୨୦୧୬ ମଇ ମାସରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମୟୁୱାଇ)ର ଶୁଭାରମ୍ଭ କରାଯାଇଥିଲା। ଜୁଲାଇ ପହିଲା ୨୦୨୫ ସୁଦ୍ଧା ଏହି ଯୋଜନାର ମୋଟ୍ ୧୦.୩୩ କୋଟି ହିତାଧିକାରୀ ରହିଛନ୍ତି। ସମସ୍ତ ପିଏମୟୁୱାଇ ହିତାଧିକାରୀ ମାନେ ମାଗଣା ଏଲପିଜି ସଂଯୋଗ ପାଇଥା'ନ୍ତି। ଏଥିରେ ସିଲିଣ୍ଡରର ସୁରକ୍ଷା ଜମାରାଶି, ପ୍ରେସର ରେଗୁଲେଟର, ସୁରକ୍ଷା ହୋସ୍, ଘରୋଇ ଗ୍ୟାସ୍ ଉପଭୋକ୍ତା କାର୍ଡ ପୁସ୍ତିକା ଏବଂ ସଂଯୋଗ ଶୁଳ୍କ ଅନ୍ତର୍ଭୁକ୍ତ। ଉଜ୍ଜ୍ୱଳା ୨.୦ର ବର୍ତ୍ତମାନର ପଦ୍ଧତି ଅନୁଯାୟୀ, ସମସ୍ତ ହିତାଧିକାରୀଙ୍କୁ ପ୍ରଥମ ରିଫିଲ୍ ଏବଂ ଚୁଲା ମଧ୍ୟ ମାଗଣାରେ ପ୍ରଦାନ କରାଯାଏ। ପିଏମୟୁୱାଇ ହିତାଧିକାରୀ ମାନଙ୍କୁ ଏଲପିଜି ସଂଯୋଗ କିମ୍ବା ପ୍ରଥମ ରିଫିଲ୍ କିମ୍ବା ଚୁଲା ପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ଏଗୁଡ଼ିକର ଖର୍ଚ୍ଚ ଭାରତ ସରକାର/ତୈଳ ବିପଣନ କମ୍ପାନୀ ଦ୍ୱାରା ବହନ କରାଯାଏ। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଉପଭୋକ୍ତାଙ୍କ ପାଇଁ ଲକ୍ଷ୍ୟବଦ୍ଧ ସବସିଡି ସୁବିଧା: ଭାରତ ଏହାର ପ୍ରାୟ ୬୦% ଏଲପିଜି ଆବଶ୍ୟକତା ଆମଦାନୀରୁ ଭରଣା କରିଥାଏ। ଉଜ୍ଜ୍ୱଳା ଯୋଜନାର ହିତାଧିକାରୀଙ୍କୁ ସୁରକ୍ଷା ଦେବା, ସେମାନଙ୍କୁ ସୁଲଭ ଦରରେ ଏଲପିଜି ଯୋଗାଇ ଦେବା ଏବଂ ନିରନ୍ତର ଏଲପିଜି ବ୍ୟବହାର ସୁନିଶ୍ଚିତ କରିବା ଲାଗି ସରକାର ୨୦୨୨ ମଇରେ ଉଜ୍ଜ୍ୱଳା ଉପଭୋକ୍ତାମାନଙ୍କୁ ପ୍ରତି ୧୪.୨ କିଲୋଗ୍ରାମ ସିଲିଣ୍ଡର ପିଛା ୨୦୦ ଟଙ୍କାର ଲକ୍ଷ୍ୟବଦ୍ଧ ସବସିଡି ଆରମ୍ଭ କରିଥିଲେ। ଅକ୍ଟୋବର ୨୦୨୩ରେ, ସରକାର ୧୨ ରିଫିଲ ପର୍ଯ୍ୟନ୍ତ ପ୍ରତି ୧୪.୨ କିଲୋଗ୍ରାମ ସିଲିଣ୍ଡର ପାଇଁ ଲକ୍ଷ୍ୟବଦ୍ଧ ସବସିଡିକୁ ୩୦୦ ଟଙ୍କାକୁ ବୃଦ୍ଧି କରିଥିଲେ। ଉଜ୍ଜ୍ୱଳା ହିତାଧିକାରୀଙ୍କ ଦ୍ୱାରା ଏଲପିଜି ଉପଯୋଗ ବୃଦ୍ଧି ପାଇଛି। ୨୦୧୯-୨୦ରେ ପିଏମୟୁଆଇ ଉପଭୋକ୍ତାମାନେ ହାରାହାରି ୩ଟି ରିଫିଲ୍ କରୁଥିବା ବେଳେ ୨୦୨୨-୨୩ରେ ଏହା ୩.୬୮ ଏବଂ ୨୦୨୪-୨୫ରେ ଏହା ୪.୪୭ ରିଫିଲକୁ ବୃଦ୍ଧି ପାଇଛି ।

# ବାଣିଜ୍ୟ

ନୂଆଦିଲ୍ଲୀ: ଭାରତର ଅନ୍ୟତମ ଦ୍ରୁତ-ବିକଶିତ ୟୁପିଆଇ-ଫାଷ୍ଟ ପ୍ଲାଟଫର୍ମ, ସୁପର ଡଟ୍ ମନି ପକ୍ଷରୁ ଶୁକ୍ରବାର 'ଫ୍ଲାଇଟ୍ସ'ର ଶୁଭାରମ୍ଭ କରାଯାଇଛି । ଏହା ଜେନ ଜି ଭ୍ରମଣକାରୀଙ୍କ ପାଇଁ ପ୍ରାଥମିକ ଭାବେ ନିର୍ମାଣ କରାଯାଇଥିବା ଏକ ପୁନଃପରିକଳ୍ପିତ, ରିୱାର୍ଡସ-ଫାଷ୍ଟ ଫ୍ଲାଇଟ ବୁକିଂ ଅଭିଜ୍ଞତା। କ୍ଲିଅରଟ୍ରିପ ଦ୍ୱାରା ପରିଚାଳିତ ଏହି ନୂଆ ଫିଚର ଉପଭୋକ୍ତାଙ୍କୁ ୟୁପିଆଇ ମାଧ୍ୟମରେ ସହଜରେ ଘରୋଇ ଫ୍ଲାଇଟ ବୁକ୍ କରିବା ପାଇଁ ସକ୍ଷମ କରୁଥିବା ବେଳେ ଅନ୍ୟାନ୍ୟ ଅଫର ସହିତ ୫%ର ସ୍ୱତନ୍ତ୍ର ଲାଭ ପ୍ରଦାନ କରୁଛି। ଏ ସମ୍ପର୍କରେ ସୁପର ଡଟ ମନିର ପ୍ରତିଷ୍ଠାତା ଓ ସିଇଓ ପ୍ରକାଶ, ସିକାରିଆ କହିଛନ୍ତି, 'ଫ୍ଲାଇଟସ' ସହିତ ଆମେ ୟୁପିଆଇରେ ଟ୍ରାଭେଲ ବୁକିଙ୍ଗଗୁଡିକ ପାଇଁ ସିଧାସଳଖ ମୂଲ୍ୟକୁ ସ୍ଥାପିତ କରିଛୁ। ସେହିପରି କ୍ଲିୟରଟ୍ରିପର ମୁଖ୍ୟ ବ୍ୟବସାୟ ଓ ବିକାଶ ଅଧିକାର. ମରୀ ସିଂଘଲ କହିଛନ୍ତି, 'କ୍ଲିଅରଟ୍ରିପରେ ଆମେ ଫ୍ଲାଇଟ ବୁକ୍ କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ପେମେଂଟର ଏକ ପସନ୍ଦର ମାଧ୍ୟମ ଭାବେ ୟୁପିଆଇ ଗ୍ରହଣୀୟତା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧିକୁ ପରିଲକ୍ଷିତ କରୁଛୁ। ଏହି ଶୁଭାରମ୍ଭ ୟୁପିଆଇର କ୍ଷମତାକୁ ପୁନଃବ୍ୟାଖ୍ୟା କରିବା ପାଇଁ ସୁପର ଡଟ ମନିର ଲକ୍ଷ୍ୟକୁ ଆଗକୁ ବଢାଇଛି। ଫ୍ଲାଇଟ୍ସ ସହିତ ସୁପର୍ ଡଟ ମନି ୟୁପିଆଇକୁ ଏକ ସାଧାରଣ ଟ୍ରାନ୍ସକ୍ସନ ଟୁଲ୍‌ରୁ ଅର୍ଥପୂର୍ଣ୍ଣ, ଉଚ୍ଚ ମୂଲ୍ୟର ବାଣିଜ୍ୟ ପାଇଁ ଏକ ପ୍ଲାଟଫର୍ମରେ ପରିଣତ କରିଥିବା ଏକ ଟ୍ରାଏଲବ୍ଲେଜର ଭାବେ ନିଜର ସ୍ଥିତିକୁ ସୁଦୃଢ କରିଛି।

## ମାଲାବାର ଗୋଲ୍ଡ ସହିଦ ନଗର ଷ୍ଟୋରରେ 'ସ୍ୱତନ୍ତ୍ର ବ୍ରାଣ୍ଡେଡ୍ ଅଳଙ୍କାର' ପ୍ରଦର୍ଶନୀ



MALABAR GOLD & DIAMONDS

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମାଲାବାର ଗୋଲ୍ଡ ଏବଂ ଡାଇମଣ୍ଡସ୍, ଭୁବନେଶ୍ୱର ଶୋରୁମ୍ 'ସ୍ୱତନ୍ତ୍ର ବ୍ରାଣ୍ଡେଡ୍ ଅଳଙ୍କାର ଶୋ' ଉପସ୍ଥାପନ କରୁଛି, ଯାହା ସୁନା, ଖଣି ହୀରା, ଅନ୍‌କଟ ହୀରା ଏବଂ ମୂଲ୍ୟବାନ ରତ୍ନ ଅଳଙ୍କାରର ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଏବଂ ବିକ୍ରୟ ଆରମ୍ଭ କରିଛି । କାଳଜୟୀ ସୌନ୍ଦର୍ଯ୍ୟ ଥିବା ବୈଶିଷ୍ଟ୍ୟଯୁକ୍ତ ଅଳଙ୍କାରଗୁଡ଼ିକ ହେଉଛି ମାଷ୍ଟର କାରିଗରଙ୍କ ସୃଷ୍ଟି। ଏହି ଅଳଙ୍କାରଗୁଡ଼ିକ ସେମାନଙ୍କର ବିଶେଷଜ୍ଞତା ଏବଂ ଚତୁରତା ଦକ୍ଷତାର ଉଜ୍ଜ୍ୱଳ ଉଦାହରଣ। ଏହି ପ୍ରଦର୍ଶନୀକୁ ମୁଖ୍ୟଅତିଥି ଡକ୍ଟର ସାଇ ପ୍ରସନ୍ନ ବେହେରା, ଗ୍ରାଣ୍ଡ ଆନ୍ତର୍ଜାତୀୟ ୨୦୨୩-୨୪ ଏବଂ ମାଲାବାର ସୁନା ଏବଂ ଡାଇମଣ୍ଡସ୍ ପରିଚାଳନା ଦଳ, ବିଶିଷ୍ଟ ଅତିଥି ଏବଂ ଶୁଭେଚ୍ଛୁଙ୍କ ଉପସ୍ଥିତିରେ ଉଦଘାଟନ କରିଛନ୍ତି। ଏହି ପ୍ରଦର୍ଶନୀ ରୁବି, ଏମେରାଲ୍ଡ, ଅନ୍‌କଟ ହୀରା ଅଳଙ୍କାର ଏବଂ ଡାଇମଣ୍ଡସ୍ ଅଳଙ୍କାର ପ୍ରଦାନ କରେ। ଏହି ଶୋ' ୮ ଅଗଷ୍ଟରୁ ୧୭ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ କେବଳ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍, ସହିଦ ନଗର, ଭୁବନେଶ୍ୱର ଶୋ'ରୁମ୍‌ରେ ଅନୁଷ୍ଠିତ ହେବ। ୧୭ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ବୈଧ ସ୍ୱତନ୍ତ୍ର ଉତ୍ସବ ଅଫରଗୁଡ଼ିକର ମଜା ନିଅନ୍ତୁ । ସମସ୍ତ ସୁନା, ଅନ୍‌କଟ୍ ଏବଂ ରତ୍ନପଥର ଅଳଙ୍କାର ଉତ୍ପାଦନ ଚାର୍ଜ ଉପରେ ଫ୍ଲାଟ୍ ୩୦% ରିହାତି ଉପଲବ୍ଧ ହୋଇଛି । ସେହିପରି ହୀରା ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ରିହାତି ରହିଛି ।

## ସେମିକଣ୍ଡକ୍ଟର ପ୍ଲାଣ୍ଟ ନିମନ୍ତେ ସହାୟତା ମଞ୍ଜୁର

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗ ଓଡ଼ିଶା ସରକାର ଆରଆଇଆର ପାୱାର ଇଲେକ୍‌ଟ୍ରୋନିକ୍ସ ଲିମିଟେଡ୍ ନିମନ୍ତେ ଓଡ଼ିଶାରେ ଏହାର ସିଲିକନ କାର୍ବାଇଡ ସେମିକଣ୍ଡକ୍ଟର ଉତ୍ପାଦନ ସୁବିଧା ନିମନ୍ତେ ପ୍ରଥମ ପର୍ଯ୍ୟାୟ ଆର୍ଥିକ ସହାୟତା ମଞ୍ଜୁର କରିଛନ୍ତି। ଓଡ଼ିଶାରେ କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର (ଓକାକ୍) ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗ ଓଡ଼ିଶା ସରକାରଙ୍କ ନୋଡ଼ାଲ ଏଜେନ୍ସି ଭାବରେଏହି ଆର୍ଥିକ ସହାୟତାର ବୁଝାମଣା ପତ୍ରର ମଞ୍ଜୁର ନିମନ୍ତେ ସୂଚିତ ହେବା ସଙ୍ଗେସଙ୍ଗେ କମ୍ପାନୀର ପ୍ରୋ-ରାଟା ପୁଞ୍ଜି ମୂଲ୍ୟହ୍ରାସର ବିତରଣ ପାଇଁ ମଧ୍ୟ ଅନୁମୋଦିତ ହୋଇଛି। ଷ୍ଟେଟ-ଲେବୁଲ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ କମିଟି (ଏସଏଲଏସଡ଼ବ୍ଲୁସିସି) ଦ୍ୱାରାଏହି ପ୍ରକଳ୍ପ ଅନୁମୋଦିତ ହେବା ସହିତ ରାଜ୍ୟ କ୍ୟାବିନେଟ ଏହାର ଶେଷ ଆର୍ଥିକ ବର୍ଷରେଏହି ପ୍ରକଳ୍ପ ନିମନ୍ତେ ଉଭୟ ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ସମୁଦାୟ ୬୧୮ କୋଟି ଟଙ୍କାର ମଞ୍ଜୁର ପ୍ରଦାନ କରିଥିଲେ। 'ରାଜ୍ୟରେ ଏଭଳି ଧରଣର ପ୍ରଥମ ଏସଆଇସି ସେମିକଣ୍ଡକ୍ଟର ସୁବିଧାକୁ ଜୀବନ୍ତ କରିବା ଲକ୍ଷ୍ୟନେଇ ଓଡ଼ିଶା ସରକାରଙ୍କ ରହିଥିବା ଆଗୁଆ ଚିନ୍ତାଧାରାକୁ ତଥା ଏ ସମ୍ପର୍କିତ ସମସ୍ତ ସହଯୋଗ ନିମନ୍ତେ ଆମେ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛୁ। ଏଭଳି ଏକ ସମର୍ଥନ ଆମକୁ ରାଜ୍ୟରେ ଏହି ଆଧୁନିକତମ ଜ୍ଞାନକୌଶଳର ଉପସ୍ଥାପନ ସହିତ ଉନ୍ନତମାନର ଉତ୍ପାଦନ ସକ୍ଷମତାକୁ ଆହୁରି ଅଧିକ ସଶକ୍ତ କରିପାରିବ। ଏଭଳି ଏକ ବିକଶିତ ଦୃଢ଼ଭିତ୍ତିଭୂମି ଯେଉଁସବୁ ଦିଗରେ ରାଜ୍ୟକୁ ଆହୁରି ଆଗକୁ ନେଇ ପାରିବ ସେହି ମଧ୍ୟରେ ରହିଛି ନୂତନତ୍ୱ, ନିଯୁକ୍ତିସୃଷ୍ଟି, ବୈଦ୍ୟୁତିକ ଯାନ ନିମନ୍ତେ ଶକ୍ତି ସଂରକ୍ଷଣର ଉପାୟ, ନବୀକରଣତା, ପାୱାର ଇଲେକ୍‌ଟ୍ରୋନିକ୍ସ ଏବଂ ସମଗ୍ର ଭାରତରେ ଶିଳ୍ପ ସ୍ୱୟଂଚଳିତ, ମତବ୍ୟକ୍ତ କରି କହିଛନ୍ତି, ଡ଼କ୍ଟର ହରର୍ଷାଦ ମେହେତା, ଅଧ୍ୟକ୍ଷ ଏବଂ ନିର୍ଦ୍ଦେଶକ, ଆରଆଇଆର ପାଓ୍ୱାର ଇଲେକ୍‌ଟ୍ରୋନିକ୍ସ ଲିମିଟେଡ଼।

## ୨.୪୧ କୋଟି ସହାୟତା ଦେଲା ଏମ୍‌ସିଏଲ୍

ସମ୍ବଲପୁର (ଭାସ୍କର ନ୍ୟୁଜ୍) : ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ଝାରସୁଗୁଡା ଜିଲ୍ଲା ପ୍ରଶାସନ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରି ଜନସ୍ୱାସ୍ଥ୍ୟ ଏବଂ ସମାଜ କଲ୍ୟାଣ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଛି ଯାହା ଦ୍ୱାରା ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ଯୋଗାଇବା ପାଇଁ । ଏମ୍‌ସିଏଲ୍ ଯୋଗାଇବ। ଆଇନୁଲ ହୁଡା, ଡେପୁଟି ମ୍ୟାନେଜର ଏବଂ ଶ୍ରୀ ମହେଶ ମୋହନ ପଣ୍ଡା, ମୁଖ୍ୟ ଜିଲ୍ଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ, ଝାରସୁଗୁଡା ମଧ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏମସିଏଲ, ଏହାର ସାମାଜିକ ଦାୟିତ୍ୱର ଏକ ଅଂଶ ଭାବରେ, ଜନ କଲ୍ୟାଣକାରୀ ପଦକ୍ଷେପ



ଏହାର ସିଏସ୍ଆର୍ ପଦକ୍ଷେପ ଅଧୀନରେ, ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅଧୀନରେ ଝାରସୁଗୁଡା ଜିଲ୍ଲାର ଯକ୍ଷ୍ମା ରୋଗୀ ଏବଂ ସେମାନଙ୍କ ପରିବାରକୁ ପ୍ରତି ମାସରେ ୨,୪୪୦ ପୁଷ୍ଟିକର ଟୋକେଇ ମାଧ୍ୟମରେ ସମ୍ପ୍ରଦାୟର ସାମଗ୍ରିକ ବିକାଶ ଏବଂ କଲ୍ୟାଣ ପାଇଁ ନିରନ୍ତର ପ୍ରୟାସ କରୁଛି ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ଝାରସୁଗୁଡା ଜିଲ୍ଲା ପ୍ରଶାସନ ଦ୍ୱାରା ପ୍ରଦାନ କରାଯାଇଥିବା ସମର୍ଥନକୁ ପ୍ରଶଂସା କରୁଛି।

## ଜେନେରାଲି ଗ୍ରୁପ୍ ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ନୂତନ ବ୍ରାଣ୍ଡ ପରିଚୟ ଘୋଷଣା

ନୂଆଦିଲ୍ଲୀ : ଜେନେରାଲି ଗ୍ରୁପ୍ ଏବଂ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆଜି ନିଜର ଜୀବନ ଏବଂ ସାଧାରଣ ବୀମା ଯୁଗ୍ମ ଉଦ୍ୟୋଗ - ଜେନେରାଲି ସେଣ୍ଟ୍ରାଲ୍ ପାଇଁ ଏକ ନୂତନ ବ୍ରାଣ୍ଡ ପରିଚୟ ଘୋଷଣା କରିଛନ୍ତି। ଏହି ନୂତନ ବ୍ରାଣ୍ଡନାମ - ଜେନେରାଲି ସେଣ୍ଟ୍ରାଲ ଲାଇଫ୍ ଇନସ୍ୟୁରାନ୍ସ ଏବଂ ଜେନେରାଲି ସେଣ୍ଟ୍ରାଲ ଇନସ୍ୟୁରାନ୍ସ - ଜେନେରାଲି ଗ୍ରୁପର ବିଶ୍ୱସ୍ତରୀୟ ବିଶେଷଜ୍ଞତା ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ବିଶ୍ୱସନୀୟ ଐତିହ୍ୟକୁ ଏକାଠି କରିଛି। ଜେନେରାଲି ସେଣ୍ଟ୍ରାଲ ଲାଇଫ୍ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡର ଏମଡି ଏବଂ ସିଇଓ ଆଲୋକ ରୁଙ୍ଗଟା କହିଛନ୍ତି ଯେ 'ଆମର ନୂତନ ବ୍ରାଣ୍ଡ ପରିଚୟ ସହିତ, ଜେନେରାଲି ସେଣ୍ଟ୍ରାଲ ଲାଇଫ୍ ଇନସ୍ୟୁରାନ୍ସ ଭବିଷ୍ୟତ ପାଇଁ ପ୍ରସ୍ତୁତ, ଗ୍ରାହକ-ପ୍ରଥମ ଜୀବନ ବୀମାକର୍ତ୍ତା ହେବାର ଯାତ୍ରାରେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହିତ ଆମର ରଣନୈତିକ ଭାଗିଦାରୀ ଭାରତରେ ସୁରକ୍ଷା ଏବଂ ବୀମାର ଦୃଶ୍ୟକୁ ନୂତନ ରୂପ ଦେବା ପାଇଁ ପରିବର୍ତ୍ତନଶୀଳ ସମ୍ଭାବନାଖୋଲିଛି । ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଗଭୀର ବିଶ୍ୱାସ ଏବଂ ୪,୫୦୦ରୁ ଅଧିକ ଶାଖାର ବିସ୍ତୃତ ନେଟୱାର୍କ ସହିତ ୫୦ରୁ ଅଧିକ ଦେଶରେ ଜେନେରାଲି ଗ୍ରୁପର ବୈଶ୍ୱିକ ଐତିହ୍ୟ ଏବଂ ବୀମା ଦକ୍ଷତାକୁ ମିଶାଇ ଆମେ ଜୀବନ ବୀମାର ଉପଲବ୍ଧତାକୁ ପୂର୍ବ ଭଳି ଗଣତାନ୍ତ୍ରିକ କରିବାକୁ ପ୍ରସ୍ତୁତ ଅଛୁ ।

## ଟିପିଡବ୍ଲୁଓଡିଏଲ୍ ପକ୍ଷରୁ 'ବିଦ୍ୟୁତ୍ ବିଲ୍ ସଂଶୋଧନ ଶିବିର'

ବୁର୍ଲା (ଭାସ୍କର ନ୍ୟୁଜ୍): ଟିପିୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ଏହାର ସମସ୍ତ ଡିଭିଜନ, ସବ-ଡିଭିଜନ ଏବଂ ସେକ୍ସନ୍ କାର୍ଯ୍ୟାଳୟରେ ଚଳିତ ଅଗଷ୍ଟ ମାସ ୧୧ ରୁ ୧୩ ତାରିଖ ପର୍ଯ୍ୟନ୍ତ 'ବିଦ୍ୟୁତ ବିଲ୍ ସଂଶୋଧନ ଶିବିର' ଆୟୋଜନ କରାଯାଉଅଛି। ଏହି ଶିବିରର ଲକ୍ଷ୍ୟ ଗ୍ରାହକ ସନ୍ତୁଷ୍ଟିକୁ ବୃଦ୍ଧି କରିବା, ବିଲିଂ ପ୍ରକ୍ରିୟାରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ଏବଂ ବିଲ୍ ପେମେଣ୍ଟ ପ୍ରକ୍ରିୟାକୁ ସହଜ କରିବା। ସୂଚନାଥାଉ କି, ଏହି ମେଗା ଶିବିର ଟିପିଡବ୍ଲୁଓଡିଏଲର ସମସ୍ତ ସେକ୍ସନ, ସବ-ଡିଭିଜନ୍ ଏବଂ ଡିଭିଜନ୍ ଅଫିସମାନଙ୍କରେ ଆୟୋଜିତ ହେବ । ଯେଉଁଠାରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ଉପଖଣ୍ଡ ଅଧିକାରୀଏବଂ ସେକ୍ସନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଶିବିରଗୁଡ଼ିକ ସକ୍ରିୟ ଭାବରେ ପରିଚାଳିତ କରାଯିବ । ଏହି ଶିବିରଗୁଡ଼ିକ ଏକ ସିଙ୍ଗଲ-ୱିଣ୍ଡୋ ସୁବିଧା ପ୍ରଦାନ କରିବ, ଯେଉଁଠାରେ ଗ୍ରାହକମାନେ ବିଲିଂ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକୁ ଘଟଣାସ୍ଥଳରେ ସମାଧାନ କରିପାରିବେ । ସେହିପରି ସେମାନଙ୍କର ମାସିକ ବିଲ୍ ପେମେଣ୍ଟ ସୁବିଧାଜନକ ଭାବରେ କରିପାରିବେ। ପ୍ରକାଶଥାଉ କି, ଏହି ମେଗା ବିଲ୍ ସଂଶୋଧନ ଶିବିର କମ୍ପାନୀ ପକ୍ଷରୁ ଦ୍ୱିତୀୟଥର ପାଇଁ ଆୟୋଜନ କରାଯାଉଅଛି । ପ୍ରଥମ ପର୍ଯ୍ୟାୟରେ ଏହି ମେଗା ଶିବିର ଗତ ଜୁଲାଇ ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଯାହାର ଫଳାଫଳ ଖୁବ୍ ଉତ୍ସାହଜନକ ରହିଥିଲା । ଏହି ତିନି ଦିନିଆ ଅଭିଯାନରେ ଟିପିଡବ୍ଲୁଓଡିଏଲର ସମଗ୍ର ବିତରଣ ଅଧିକୃତ ଅଞ୍ଚଳରୁ ମୋଟ୍ ୪,୦୦୨ ଜଣ ବିଦ୍ୟୁତ୍ ଉପଭୋକ୍ତା ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ୧,୨୩୪ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲ୍ ତୁରନ୍ତ ସମାଧାନ କରାଯାଇଥିଲା, ଯାହା ଗ୍ରାହକଙ୍କୁ ତୁରନ୍ତ ଆଶ୍ୱସ୍ତି ପ୍ରଦାନ କରିଥିଲା । ଏଥି ସହିତ ୨,୭୬୮ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କର ବିଲ୍ ସମ୍ବନ୍ଧୀୟ ପ୍ରଶ୍ନର ତଦନ୍ତ କରିବା ପରେ ସେମାନଙ୍କ ବିଲରେ ଥିବା ତ୍ରୁଟିକୁ ସମାଧାନ କରାଯାଇଥିଲା । ଯାହା ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଶ୍ୱାସ ଓ ସ୍ୱଚ୍ଛତାକୁ ଆହୁରି ସୁଦୃଢ଼ କରିଥିଲା। ଏହି ପଦକ୍ଷେପ ବିଷୟରେ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ପ୍ରକାଶ କରିଛନ୍ତି, 'ଆମର ଲକ୍ଷ୍ୟ ହେଉଛି ବିଲ୍ ପେମେଣ୍ଟ ପ୍ରକ୍ରିୟାକୁ ସହଜ କରିବା ସହିତ ଗ୍ରାହକଙ୍କ ପ୍ରଶ୍ନର ଶୀଘ୍ର ଏବଂ ସ୍ୱଚ୍ଛ ସମାଧାନ ପ୍ରଦାନ କରିବା।

## ସ୍କୋଡା ଅଟୋ ଇଣ୍ଡିଆ ପକ୍ଷରୁ ନୂଆ ଟଚ୍ ପଏଣ୍ଟ ଉଦ୍‌ଘାଟିତ



ନୂଆଦିଲ୍ଲୀ: 'ଗ୍ରାହକ ପ୍ରଥମ' ନୀତିକୁ ଆଧାର କରି ସ୍କୋଡା ଅଟୋ ଇଣ୍ଡିଆ ନିଜର ନେଟୱାର୍କ ବିସ୍ତାରକୁ ଜୋରଦାର କରିଛି । ଶୁକ୍ରବାର ଭୁବନେଶ୍ୱରର ପଟିଆ ଅଞ୍ଚଳରେ ଦୁଇଟି ନୂଆ ଟଚ୍ ପଏଣ୍ଟର ଉଦ୍‌ଘାଟନ କରିଛି। ଏହି ଦୁଇଟି ସେଲ୍ସ ଏବଂ ସର୍ଭିସ୍ ସେଣ୍ଟର 'ଏମ୍ପୋରିଓ ଆଲ୍ଲିଡ୍ସ ପ୍ରାଇଭେଟ ଲିମିଟେଡ଼' ଦ୍ୱାରା ଚଳାଚଳିତ ହେବ । ଏହି ନୂତନ ପ୍ରତିଷ୍ଠାନ ସହିତ, ଓଡ଼ିଶାରେ ସ୍କୋଡା ଅଟୋ ଇଣ୍ଡିଆର ମୋଟ ଛଅଟି ଟଚ୍ ପଏଣ୍ଟ ସେଣ୍ଟର ହୋଇଛି ଓ ଭୁବନେଶ୍ୱରରେ ଏହା ତୃତୀୟ । ଏହି ପଦକ୍ଷେପ, ପୂର୍ବ ଭାରତରେ ସ୍କୋଡା ଅଟୋ ଇଣ୍ଡିଆର ନେଟୱାର୍କ ବିସ୍ତାରକୁ ଆଗକୁ ନେଇଛି । ୪୨୫୦ ବର୍ଗଫୁଟ ଅଞ୍ଚଳରେ ୬ଟି ଗାଡ଼ି ପ୍ରଦର୍ଶନ ପାଇଁ ନିର୍ଦ୍ଧାରିତ ସ୍ଥାନ ସହିତ ସର୍ଭିସ୍ ଏବଂ ସ୍ପେୟାର୍ସ ପାଇଁ ଅତ୍ୟାଧୁନିକ ଡିଜାଇନ୍ ଅନୁଯାୟୀ ନିର୍ମାଣ ହୋଇଛି ଏହି ଟଚ୍ ପଏଣ୍ଟ ସେଣ୍ଟର। ଏହି ଉଦ୍‌ଘାଟନ ସମୟରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ଅଶିଷ ଗୁପ୍ତା କହିଥିଲେ ଯେ, 'ଭୁବନେଶ୍ୱର ଓ ଓଡ଼ିଶା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର। ଏହି ନୂତନ ଟଚ୍ ପଏଣ୍ଟ ସେଣ୍ଟର ଆମ ଦେଶବ୍ୟାପୀ ନେଟୱାର୍କ ବିକାଶର ଏକ ପ୍ରମାଣ । ଏହା ଗ୍ରାହକଙ୍କୁ ଉତ୍କୃଷ୍ଟ ସେଲ୍ସ ଓ ଆଫ୍ଟରସେଲ୍ସ ଅନୁଭବ ଦେବା ଆମର ପ୍ରତିବଦ୍ଧତାକୁ ପ୍ରମାଣିତ କରିବ'। ଏମ୍ପୋରିଓ ଆଲ୍ଲିଡ୍ସ ପ୍ରାଇଭେଟ ଲିମିଟେଡ଼ର ଡିଲର୍ ପ୍ରିନ୍ସିପାଲ୍, ଅବିନାଶ ସାମଲ କହିଥିଲେ ଯେ, 'ସ୍କୋଡା ଗୁଣବତ୍ତା, ଗ୍ରାହକ ସେବା ପାଇଁ ପରିଚିତ। ଭୁବନେଶ୍ୱରରେ ଏହି ନୂଆ ସୁବିଧା ସହ ଆମେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ପାଇଁ ଗର୍ବିତ । ଆଗାମୀ ଦିନରେ ଆଉ ଅଧିକ ଓ ଉନ୍ନତ ଗ୍ରାହକ ସେବା ଦେବା ପାଇଁ ଆମେ ସର୍ବଦା ପ୍ରତିବଦ୍ଧ।' ସ୍କୋଡା ଅଟୋ ଇଣ୍ଡିଆର କୁସାକ, ସ୍ଲାଭିଆ, କୋଡିଅକ ଓ ଇନିଆକ ପରି ଲୋକପ୍ରିୟ ଗାଡି ଏଠାରେ ଉପଲବ୍ଧ । ଗ୍ରାହକମାନେ ଅନେକ ଆଫ୍ଟରସେଲ୍ସ ପ୍ରୋଗ୍ରାମ୍ - ସୁପର କେୟାର, ଏକ୍ସଟେଣ୍ଡେଡ୍ ୱାରାଣ୍ଟି, ଭାଲ୍ୟୁ ସର୍ଭିସ୍ ପ୍ଲାନ୍ ପରି ସୁବିଧା ଉପଭୋଗ କରିପାରିବେ। ଏବେ ସ୍କୋଡା ଅଟୋ ଇଣ୍ଡିଆର ୩୦୦ରୁ ଅଧିକ ଟଚ୍ ପଏଣ୍ଟ ୧୭୬ଟି ସହରରେ ବ୍ୟାପିଛି, ଯାହା ଦେଶରେ ଗ୍ରାହକ ସମ୍ପର୍କ ବୃଦ୍ଧିରେ ମୂଳ ଭୂମିକା ଗ୍ରହଣ କରିଛି। ଏହି ଅବସରରେ ସ୍କୋଡାର ବ୍ରାଣ୍ଡ ନିର୍ଦ୍ଦେଶକ ଆଶିଷ ଗୁପ୍ତା, ଡିଲର ପ୍ରିନ୍ସିପାଲ୍ ଅବିନାଶ ସାମଲ ଓ ବର୍ଷା ପ୍ରିୟଦର୍ଶିନୀ ସ୍ୱାଇଁ, ଅଧ୍ୟକ୍ଷ ଗଙ୍ଗାଧର ସାମଲଙ୍କ ସହ ସ୍କୋଡା ସ୍କୋଡା ଅଟୋ ଇଣ୍ଡିଆର ଅନୀଲା, ପ୍ରଦୀପ କେମ୍ପାନ୍ନା, ବିଜୁ, ସୁଦୀପ ପୁରୀ ଓ ମିଥିନ ପ୍ରତିନିଧି ରୂପେ ଯୋଗ ଦେଇଥିଲେ ।



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଟିମର ପୂର୍ବତନ ଅଧିନାୟକ ବିରାଟ କୋହଲି ଦୀର୍ଘ ଦିନ ଧରି କ୍ରିକେଟରୁ ଦୂରେଇ ରହିବାପରେ ଏବେ ଅଭ୍ୟାସ ଆରମ୍ଭ କରି ଦେଇଛନ୍ତି । ତାଙ୍କର ଏହି ଅଭ୍ୟାସ କରୁଥିବା ଫଟୋ ଏବେ ସାମ୍ନାକୁ ଆସିଛି । ଗୁଜରାଟ ଟାଇଟାନ୍ସର ସହକାରୀ କୋଚ ନଇମ ଅମୀନଙ୍କ ସହ ଇନଡୋର ନେଟ୍ସରେ ଅଭ୍ୟାସ କରୁଥିଲେ । ଚଳିତ ବର୍ଷ ଅକ୍ଟୋବରରେ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜକୁ ଆଖି ଆଗରେ ରଖି ଅଭ୍ୟାସ କରୁଛନ୍ତି । ସେ ସୋସିଆଲ ମିଡିଆରେ ଅଭ୍ୟାସ ଫଟୋ ଶେୟାର କରିବା ସହ ହିଟରେ ସହଯୋଗ କରିଥିବାରୁ ଧନ୍ୟବାଦ ଭାଇ ଲେଖିଛନ୍ତି । କୋହଲି ବେଶ ଫିଟ ଥିବା ଜଣାପଡୁଛି । ଟେଷ୍ଟ ଏବଂ ଆନ୍ତର୍ଜାତୀୟ ଟି୨୦ରୁ କୋହଲି ଏବଂ ରୋହିତ ଶର୍ମା ଅବସର ଘୋଷଣା କରି ସାରିଥିବା ବେଳେ ଏବେ ଉଭୟ କେବଳ ଦିନିକିଆ କ୍ରିକେଟ ଖେଳିବା ଜାରୀ ରଖିଛନ୍ତି । ବାଂଲାଦେଶ ବିପକ୍ଷ ସିରିଜରେ ସେ ଖେଳିବା ଆଶା ରଖିଥିଲେ ମଧ୍ୟ ଏହା ବାତିଲ ହୋଇଯିବାରୁ ସେ ଏଥିରୁ ବଂଚିତ ହୋଇଥିଲେ । ଆଇପିଏଲ ଫାଇନାଲ ପରେ ସେ ଆଉ କୌଣସି ମ୍ୟାଚ ଖେଳି ନାହାନ୍ତି । ୨୦୨୪ରେ କୋହଲି ଏବଂ ରୋହିତଙ୍କ ପ୍ରଦର୍ଶନ ବଳରେ ଭାରତ ଟି୨୦ ବିଶ୍ୱକପରେ ଚାମ୍ପିୟନ ହୋଇଥିଲା । ଏହା ପରେ ରୋହିତ ଏବଂ କୋହଲି ଏହି ଫର୍ମାଟକୁ ଅଲବିଦା କହିଥିଲେ । ୨୦୨୭ ଦିନିକିଆ ବିଶ୍ୱକପ ପୂର୍ବରୁ ଭାରତ ଯଥାକ୍ରମେ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ବିପକ୍ଷରେ ମ୍ୟାଚ ଖେଳିବ ।

## ସିଏବି ସଭାପତି ହେବେ ସୌରଭ ଗାଙ୍ଗୁଲି



କୋଲକାତା: ବିସିସିଆଇ ସଭାପତି ପଦ ଛାଡ଼ିବାର ୩ ବର୍ଷ ପରେ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ପୁଣିଥରେ କ୍ରିକେଟ୍ ପ୍ରଶାସନ କ୍ଷେତ୍ରକୁ ଫେରିବେ । ବେଙ୍ଗଲ କ୍ରିକେଟ୍ ସଂଘ (ସିଏବି)ର ଆଗାମୀ ନିର୍ବାଚନରେ ୫୨ ବର୍ଷୀୟ ଗାଙ୍ଗୁଲି ସଭାପତି ପଦ ଲାଗି ନାମାଙ୍କନ ପତ୍ର ଦାଖଲ କରିବାକୁ ଯୋଜନା କରୁଛନ୍ତି । ଗାଙ୍ଗୁଲି ୨୦୧୯ ପର୍ଯ୍ୟନ୍ତ ସିଏବିର ସଭାପତି ରହିଥିଲେ । ୨୦୧୪ରେ ଜଗମୋହନ ଡାଲମିଆଙ୍କ ଦେହାନ୍ତ ପରେ ସେ ଏହି ରାଜ୍ୟ କ୍ରିକେଟ୍ ବୋର୍ଡର ସମ୍ପାଦକ ପଦ ବି ସମ୍ଭାଳିଥିଲେ । ୨୦୧୯ରେ ସେ ବିସିସିଆଇର ସଭାପତି ଭାବେ ନିର୍ଦ୍ଵନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ଜୟ ଶାହ ସମ୍ପାଦକ ହୋଇଥିଲେ । ଗୋଟିଏ ବର୍ଷ ବିସିସିଆଇ ସଭାପତି ଅଳଙ୍କୃତ କରିବା ପରେ ସେ ୧୯୮୩ ବିଶ୍ୱବିଜେତା ଦଳର ସଦସ୍ୟ ରୋଜର ବିନ୍ନିଙ୍କୁ ଏହି ପଦ ଛାଡ଼ି ଦେଇଥିଲେ । ସଂପ୍ରତି ସିଏବିର ସଭାପତି ରହିଛନ୍ତି ସୌରଭଙ୍କ ବଡ଼ ଭାଇ ସ୍ନେହାଶିଷ ଗାଙ୍ଗୁଲି । ତାଙ୍କ ୬ ବର୍ଷ ପୂରଣ ହୋଇଥିବାରୁ କୁଲିଂ ପିରିୟଡ୍ ପାଇଁ ସେ ଆଉ ଏହି ନିର୍ବାଚନରେ ଭାଗ ନେଇପାରିବେନି । ତେଣୁ ସିଏବି ସୌରଭ ଏହି ପଦ ଲାଗି ନିର୍ବାଚନ ଲଢ଼ିବେ ବୋଲି ଜଣାପଡ଼ିଛି ।

### ୫୧ତମ ଜାତୀୟ କନିଷ୍ଠ ସନ୍ତରଣ ପ୍ରତିଯୋଗିତା

## ସାଇ ସ୍ୱରୂପଙ୍କୁ ଆଉ ଏକ ସ୍ୱର୍ଣ୍ଣ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଅହମଦାବାଦରେ ଆୟୋଜିତ ୫୧ତମ ଜାତୀୟ କନିଷ୍ଠ ସନ୍ତରଣ ପ୍ରତିଯୋଗିତାରେ ଓଡ଼ିଶାର ଯୁବ ସନ୍ତରଣକାରୀ ସାଇ ସ୍ୱରୂପ ସ୍ୱାଇଁ ଚମତ୍କାର ପ୍ରଦର୍ଶନ କରି ୩ (୨ ସ୍ୱର୍ଣ୍ଣ, ୧ କାଂସ୍ୟ) ପଦକ ଜିତି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ଓଡ଼ିଶାର ପ୍ରଥମ ପୁରୁଷ ସନ୍ତରଣକାରୀ ଭାବେ ବୁଧବାର ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଜିତିବାର ଗୌରବ ଅର୍ଜନ କରିଥିବା ଏହି ବିସ୍ମୟ ବାଳକ ଗୁରୁବାର ଶେଷ ଦିନରେ ଆଉ ଗୋଟିଏ ସ୍ୱର୍ଣ୍ଣ ପାଇଛନ୍ତି । ପୂର୍ବରୁ ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ଏବଂ ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ କାଂସ୍ୟ ଜିତିଥିବା ସାଇସ୍ୱରୂପ ଗୁରୁବାର ବାଳକ ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍-୨ରେ ସ୍ୱର୍ଣ୍ଣ ଜିତିଛନ୍ତି । ଫାଇନାଲ୍ ରେସ୍‌କୁ ସେ ୧ ମିନିଟ୍ ୧୦.୬୧ ସେକେଣ୍ଡରେ ଶେଷ କରି ଏହି ପଦକ ପାଇଥିଲେ । କର୍ଣ୍ଣାଟକର ରିୟାଂଶ କାଣ୍ଡି ଏବଂ କେରଳର ଅଭିଜିତ ପି ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ଜିତିଥିଲେ । ସାଇସ୍ୱରୂପଙ୍କ ଏହି ୩ ପଦକ ବଳରେ ଓଡ଼ିଶା ଅଷ୍ଟମ ସ୍ଥାନରେ ଅଭିଯାନ ଶେଷ କରିଛି । ଓଡ଼ିଶା କ୍ରୀଡ଼ା ଇତିହାସରେ ଦ୍ୱିତୀୟ ପୁରୁଷ ଭାବେ ସାଇ ସ୍ୱରୂପ ସନ୍ତରଣରୁ ଜାତୀୟ ପଦକ ଜିତିଛନ୍ତି । ପ୍ରଥମ ଓ ଶେଷ ପଦକଟି ୧୯୯୦ରେ ରଙ୍କନିଧି ସେଠ କାଂସ୍ୟ ପଦକ ଜିତିଥିଲେ । ଜେଏସ୍‌ଡବ୍ଲ୍ୟୁର ଇନ୍‌ସ୍ପାୟାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟସରେ ଯୁର୍ବେଶ ଦୁବେ ଏବଂ ଡଗଲାସ୍ ଇଗରଙ୍କଠାରୁ ପ୍ରଶିକ୍ଷଣ ନେଇ ସାଇ ସାଇ ସ୍ୱରୂପ ଏତେ ସଫଳତା ପାଇଥିବାରୁ ତାଙ୍କୁ ଉଭୟ ଅଭିନନ୍ଦନ ଜଣାଇଛନ୍ତି ।

## ସବୁ ଶିକ୍ଷାନୁଷ୍ଠାନ ଅଧକ୍ଷଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚିଠି

### କଲେଜରୁ ଚୟନ ହେବେ କ୍ରୀଡ଼ା ପ୍ରତିଭା

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): କଲେଜରୁ କ୍ରୀଡ଼ା ପ୍ରତିଭା ଖୋଜିବେ ସରକାର । ଯୁକ୍ତ ଦୁଇ କଲେଜରେ କ୍ରୀଡ଼ା ପ୍ରତିଯୋଗିତା କରିବେ ରାଜ୍ୟ ସରକାର । ରାଜ୍ୟର ସମସ୍ତ ଯୁକ୍ତ ଦୁଇ କଲେଜରେ ହେବ କ୍ରୀଡ଼ା ପ୍ରତିଯୋଗିତା । ଏନେଇ ସମସ୍ତ ଶିକ୍ଷାନୁଷ୍ଠାନର ଅଧକ୍ଷମାନଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚିଠି କରାଯାଇଛି । ୧୯ ବର୍ଷରୁ କମ୍ ବୟସର ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜନ ହେବ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା । କବାଡ଼ି, ଖୋ ଖୋ, ଫୁଟବଲ, ହକି ଭଳି ୩୫ଟି ପ୍ରତିଯୋଗିତା କାର୍ଯ୍ୟକ୍ରମ ଆୟୋଜନ ପାଇଁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି । ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ୩ ମାସ ଧରି ଚାଲିବ ଏହି କ୍ରୀଡ଼ା ପ୍ରତିଯୋଗିତା ।

## ବିଏଫ୍ଆଇ ଅଧିକାରୀଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ



ମୁମ୍ବାଇ: ଟୋକିଓ ଅଲିମ୍ପିକ୍ସ କାଂସ୍ୟ ପଦକ ବିଜୟିନୀ ଲଭ୍‌ଲିନା ବଡ଼ଗୋହାଁଇ ଭାରତୀୟ ବକ୍ସିଂ ମହାସଂଘର କାର୍ଯ୍ୟକାରୀ ନିର୍ଦ୍ଦେଶକ କର୍ଣ୍ଣେଲ ଅରୁଣ ମଲ୍ଲିକଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆଣିଛନ୍ତି । ଜୁଲାଇ ୮ରେ ହୋଇଥିବା ଏକ ଜୁମ୍ ମିଟିଂ ଅବସରରେ ଶ୍ରୀ ମଲ୍ଲିକ ତାଙ୍କୁ ସମସ୍ତଙ୍କ ସାମ୍ନାରେ ଲଜ୍ଜିତ କରିବା ସହ ଆଦୌ ପାଟି ନକରି ଚୁପ୍ ରହିବାକୁ ଚଢ଼ା ଗଳାରେ ତାଗିଦ କରିବା ସହ ମୁଣ୍ଡ ତଳକୁ କରି ଆମେ ଯାହା କରୁଛୁ, ତାକୁ ମାନିବାକୁ କହିଥିଲେ ବୋଲି ଲଭ୍‌ଲିନା ଏକ ଅଭିଯୋଗପତ୍ରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ, ଭାରତୀୟ କ୍ରୀଡ଼ା ପ୍ରାଧିକରଣର ମହାନିର୍ଦ୍ଦେଶକ, ଭାରତୀୟ ଅଲିମ୍ପିକ୍ସ ସଂଘକୁ ଜଣାଇଛନ୍ତି । ବ୍ୟକ୍ତିଗତ ପ୍ରଶିକ୍ଷକଙ୍କୁ ଜାତୀୟ ପ୍ରଶିକ୍ଷଣ ଶିବିରରେ ସାମିଲ ହେବାର ସୁଯୋଗ ଦେବା ଲାଗି ଅନୁରୋଧ କରି ପରେ ଶ୍ରୀ ମଲ୍ଲିକ ଏଭଳି ଅଶାଳୀନ ବ୍ୟବହାର କରିଥିଲେ ବୋଲି ଲଭ୍‌ଲିନା ଉଲ୍ଲେଖ କରିଛନ୍ତି । ଅଭିଯୋଗ ପାଇବା ପରେ ସାଇ ପକ୍ଷରୁ ଏହାର ଅନୁଷ୍ଠାନିକ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ରିପୋର୍ଟ ଆସିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ସୂଚନା ଦିଆଯାଇଛି ।

# ସିଏସ୍‌କେ ଛାଡ଼ିବେ ଅଶ୍ୱିନ୍ !



ନୂଆଦିଲ୍ଲୀ: ଆଇପିଏଲ୍ ୨୦୨୬ ପାଇଁ ସବୁ ଫ୍ରାଞ୍ଚାଇଜ୍ ଏବେଠୁ ପ୍ରସ୍ତୁତି ଆରମ୍ଭ କରିଦେଲେଣି । ଖେଳାଳିମାନେ ବି ଫ୍ରାଞ୍ଚାଇଜ ଆଗରେ ନିଜର ଇଚ୍ଛା ରଖିବା ଆରମ୍ଭ କଲେଣି । କିଛି ଫ୍ରାଞ୍ଚାଇଜ ଖେଳାଳିଙ୍କୁ ଟ୍ରେଡ୍ ନକରି ରଖିବା ପାଇଁ ଚାହୁଁଥିବା ବେଳେ ଅନ୍ୟ କିଛି ଖେଳାଳି ରିଲିଜ୍ କରିବାକୁ ଚାହୁଁଛନ୍ତି । ଏହାରି ଭିତରେ ଅଶ୍ୱିନଙ୍କୁ ନେଇ ଏକ ବଡ଼ ଖବର ସାମନାକୁ ଆସୁଛି । ଅଶ୍ୱିନ ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ଖେଳିବାକୁ ଚାହୁଁ ନାହାନ୍ତି । ଦଳରୁ ଅଲଗା ହେବାକୁ ଆବେଦନ କରିଥିବା ନେଇ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି । ଚେନ୍ନାଇ ସୁପର କିଙ୍ଗ୍ସ ମ୍ୟାନେଜମେଣ୍ଟ ତାଙ୍କୁ ମୁକ୍ତ କରନ୍ତୁ ବୋଲି ସେ ଚାହୁଁଛନ୍ତି । ଯଦି ଆର୍ ଅଶ୍ୱିନଙ୍କୁ ରିଲିଜ୍ କରାଯାଏ, ତେବେ ସେ ଆଇପିଏଲ ୨୦୨୬ ନିଲାମକୁ ଯିବେ । ତେବେ ଅଶ୍ୱିନଙ୍କ ଏହି ନିଷ୍ପତ୍ତି ପଛର କାରଣ କ'ଣ ତାହା ଏକ ବଡ଼ ପ୍ରଶ୍ନ । ଅଶ୍ୱିନ ଚେନ୍ନାଇ ପାଇଁ ଖେଳିବାକୁ କାହିଁକି ଚାହୁଁ ନାହାନ୍ତି ତାହାର କାରଣ ଜଣା ନାହିଁ, କିନ୍ତୁ ଦାବି କରାଯାଉଛି ଯେ ବାମହାତୀ ଅଭିଜ୍ଞ ସ୍ପିନର ଏବେ ନିଲାମକୁ ଯିବାକୁ ଚାହୁଁଛନ୍ତି । ଅଶ୍ୱିନ ୧୦ ବର୍ଷ ପରେ ଚେନ୍ନାଇ ଦଳକୁ ଫେରିଥିଲେ । ଆଇପିଏଲ୍ ୨୦୨୫ ନିଲାମରେ, ଅଶ୍ୱିନଙ୍କୁ ଚେନ୍ନାଇ ସୁପର କିଙ୍ଗସ ୯.୭୫ କୋଟି ଟଙ୍କାରେ କିଣିଥିଲା, କିନ୍ତୁ ଟୁର୍ଣ୍ଣାମେଣ୍ଟରେ ଏହି ଅଫ୍-ସ୍ପିନର ପ୍ରଦର୍ଶନ ସେତେଟା ପ୍ରଭାବୀ ନଥିଲା । ଆଇପିଏଲ୍ ୨୦୨୫ ଅଶ୍ୱିନଙ୍କ ପାଇଁ ନିରାଶଜନକ ଥିଲା । ଟିମ୍ ପାଇଁ ସେ କେବଳ ୯ଟି ମ୍ୟାଚ୍ ଖେଳି ୭ଟି ୱିକେଟ୍ ନେଇପାରିଥିଲେ । ବଡ଼ କଥା ହେଉଛି ଅଶ୍ୱିନଙ୍କ ଇକୋନୋମି ରେଟ୍ ପ୍ରତି ଓଭରରେ ୯.୧୩ ରନ୍ ଥିଲା । ଅଶ୍ୱିନ ୧୮୬ ବଲ୍‌ରେ ୨୮୩ ରନ୍ ଦେଇଥିଲେ । ଅନ୍ୟପଟେ ବ୍ୟାଟିଂରେ ୯ଟି ମ୍ୟାଚ୍‌ରେ କେବଳ ୩୩ ରନ୍ କରିଥିଲେ । ଅଶ୍ୱିନ୍ ଚେନ୍ନାଇ ଛାଡିବା ନେଇ ଜୋରଦାର ଚର୍ଚ୍ଚା ଚାଲିଛି । ମୋଟ ଉପରେ ଦେଖିବାକୁ ଗଲେ ଆଇପିଏଲରେ ଅଶ୍ୱିନଙ୍କ ପ୍ରଦର୍ଶନ ଚମତ୍କାର ରହିଛି । ୨୨୧ ମ୍ୟାଚ୍‌ରେ ସେ ୧୮୭ ୱିକେଟ୍ ନେଇଛନ୍ତି । ଅଶ୍ୱିନଙ୍କ ଇକୋନୋମି ରେଟ୍ ୭.୨୦ ଯାହା ଯେକୌଣସି ସ୍ପିନର ତୁଳନାରେ ଭଲ ।

# ୨ କ୍ରିକେଟରଙ୍କ ବିରୋଧରେ ବଳାତ୍କାର ଅଭିଯୋଗ









ନୂଆଦିଲ୍ଲୀ: ଭାରତ ଏବଂ ପାକିସ୍ତାନର ଦୁଇ ଜଣ ଯୁବ କ୍ରିକେଟରଙ୍କ ଉପରେ ବଳାତ୍କାରର ଅଭିଯୋଗ ହୋଇଛି । ଏହି କ୍ରିକେଟରଙ୍କ ମଧ୍ୟରୁ ଜଣଙ୍କୁ ଜେଲ ଯିବାକୁ ପଡିଛି । କିନ୍ତୁ ପରେ ଖେଳାଳିଙ୍କୁ ଜାମିନ ମିଳିଛି । ସେହିପରି ଅନ୍ୟ କ୍ରିକେଟରଙ୍କୁ ମଧ୍ୟ ଜେଲ ଯିବାକୁ ପଡିପାରେ । ଯେଉଁଥିରେ ଭାରତୀୟ କ୍ରିକେଟରଙ୍କ ନାମ ଯଶ ଦୟାଲ ଏବଂ ପାକିସ୍ତାନୀ କ୍ରିକେଟରଙ୍କ ନାମ ହାଇଦର ଅଲି । ଜଣେ ମହିଳା ପାକିସ୍ତାନର ଯୁବ ଷ୍ଟାର ବ୍ୟାଟସମ୍ୟାନ ହାଇଦର ଅଲିଙ୍କ ଉପରେ ବଳାତ୍କାର ଏବଂ ଆକ୍ରମଣର ଅଭିଯୋଗ ଆଣିଛନ୍ତି । ୨୪ ବର୍ଷୀୟ ହାଇଦର ଅଲି ପାକିସ୍ତାନ-ଏ ଦଳ ସହିତ ଇଂଲଣ୍ଡ ଗସ୍ତରେ ଯାଇଛନ୍ତି । ଇଂଲଣ୍ଡରେ ତାଙ୍କୁ ଗ୍ରେଟର ମାଞ୍ଚେଷ୍ଟର ପୋଲିସ ଗିରଫ କରିଛି । କିନ୍ତୁ ପରେ ତାଙ୍କୁ ଜାମିନ ମିଳିଛି । ମହିଳାଙ୍କ ବୟସ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ, କିନ୍ତୁ ଯଦି ମହିଳାଙ୍କ ବୟସ ୧୬ ବର୍ଷ କିମ୍ବା ତା'ଠାରୁ କମ ହୁଏ, ତେବେ ହାଇଦର ଅଲି ଗଭୀର ସମସ୍ୟାରେ ପଡ଼ିପାରନ୍ତି । ରିପୋର୍ଟ ଅନୁଯାୟୀ, ଇଂଲଣ୍ଡରେ ବଳାତ୍କାର ପାଇଁ ଦୋଷୀ ବ୍ୟକ୍ତିଙ୍କୁ ୪ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ ଦଣ୍ଡ ଦିଆଯାଇପାରେ । ବର୍ତ୍ତମାନ, ପିସିବି ହାଇଦର ଅଲିଙ୍କୁ ନିଲମ୍ବିତ କରିଛି । ଆଇପିଏଲରେ ଆରସିବି ପାଇଁ ଖେଳୁଥିବା ଉତ୍ତର ପ୍ରଦେଶର ଦ୍ରୁତ ବୋଲର ଯଶ ଦୟାଲଙ୍କ ବିରୁଦ୍ଧରେ ମଧ୍ୟ ବଳାତ୍କାର ଅଭିଯୋଗ ଆସିଛି । ଯଶ ଦୟାଲ ଏପର୍ଯ୍ୟନ୍ତ ଅନ୍ତର୍ଜାତୀୟ କ୍ରିକେଟରେ ପାଦ ଦେଇନାହାଁନ୍ତି, କିନ୍ତୁ ସେ ତିନି ବର୍ଷ ଧରି ଆଇପିଏଲରେ ଚମତ୍କାର ପ୍ରଦର୍ଶନ କରୁଛନ୍ତି । ନିକଟରେ ଯଶ ଦୟାଲଙ୍କୁ ରାଜସ୍ଥାନ ହାଇକୋର୍ଟରୁ ଝଟକା ଲାଗିଛି । ରାଜସ୍ଥାନ ହାଇକୋର୍ଟ ଯଶ ଦୟାଲଙ୍କ ଗିରଫଦାରୀକୁ ରୋକିବାକୁ ମନା କରିଦେଇଛି । ଏପରି ପରିସ୍ଥିତିରେ ତାଙ୍କୁ ଜେଲ ମଧ୍ୟ ଯିବାକୁ ପଡ଼ିପାରେ । ବର୍ତ୍ତମାନ, ଯଶ ଦୟାଲଙ୍କ ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୨ ରେ ରାଜସ୍ଥାନ ହାଇକୋର୍ଟରେ ହେବ । ପୂର୍ବରୁ ୟୁପିର ଗାଜିଆବାଦରେ ମଧ୍ୟ ଯଶ ଦୟାଲଙ୍କ ବିରୁଦ୍ଧରେ ଏକ ଏଫଆଇଆର ରୁଜୁ ହୋଇଥିଲା । କିନ୍ତୁ, ସେତେବେଳେ ତାଙ୍କୁ ଗିରଫ କରାଯାଇ ନଥିଲା ।


## କ୍ଷମା ମାଗିଲେ କ୍ରିସ୍ ୱୋକ୍ସ

ନୂଆଦିଲ୍ଲୀ: ଗତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଏକ ଘଟଣାକୁ ନେଇ ରିଷଭ ପନ୍ତଙ୍କୁ ଇଂଲଣ୍ଡ ଅଲରାଉଣ୍ଡର କ୍ରିସ ୱୋକ୍ସ କ୍ଷମା ମାଗିଛନ୍ତି । ପଞ୍ଚମ ଟେଷ୍ଟରେ ୱୋକ୍ସ ଆହତ ହୋଇଥିଲେ । ଫିଲ୍ଡିଂ ବେଳେ ତାଙ୍କ ବାମ କାନ୍ଧ ଭାଙ୍ଗି ଯାଇଥିଲା । ତଥାପି ସେ ଅନ୍ତିମ ଦିବସରେ ବ୍ୟାଟିଂ କରିବାକୁ ଓହ୍ଲାଇଥିଲେ । ମାତ୍ର ସେ ବ୍ୟାଟିଂ କରିବାକୁ ସୁଯୋଗ ପାଇବା ପୂର୍ବରୁ ଇଂଲଣ୍ଡ ଅଲ୍ ଆଉଟ୍ ହୋଇଯାଇଥିଲା । ଏଥିପାଇଁ ତାଙ୍କୁ ବହୁ ପ୍ରଶଂସା କରାଯାଇଥିଲା । ପୂର୍ବ ମ୍ୟାଚ୍‌ରେ (ଚତୁର୍ଥ ଟେଷ୍ଟ) ଆହତ ହୋଇଥିବା ପନ୍ତ ସୋସିଆଲ ମିଡ଼ିଆରେ ୱୋକ୍ସଙ୍କ ଫଟୋ ସହ ସାଲ୍ୟୁଟ୍ ଇମୋଜି ଅପଲୋଡ କରିଥିଲେ । ଏହା ଦେଖିବା ପରେ ୱୋକ୍ସ ତାଙ୍କୁ ଧନ୍ୟବାଦ ଜଣାଇଥିଲେ । ଜବାବରେ ପନ୍ତ ତାଙ୍କ ନିକଟକୁ ଏକ ଭଏସ ମେସେଜ ପଠାଇଥିଲେ । ସେ କହିଥିଲେ, 'ଆଶା କରୁଛି ତୁମେ ଖୁବ୍ ଶୀଘ୍ର ଫିଟ୍ ହେବ ଓ ଆମେ ପୁଣି ଥରେ ଗ୍ରାଉଣ୍ଡ ଭିତରେ ସାମ୍ନା ସାମ୍ନି ହେବା ।' ପନ୍ତଙ୍କ ମେସେଜ ୱୋକ୍ସଙ୍କ ମନୋବଳ ବଢ଼ାଇ ଦେଇଥିଲା । ପରେ ୱୋକ୍ସ ମଧ୍ୟ ତାଙ୍କୁ କ୍ଷମା ମାଗିଥିଲେ । କାରଣ ଚତୁର୍ଥ ଟେଷ୍ଟରେ ୱୋକ୍ସଙ୍କ ବଲ୍‌ରେ ହିଁ ପନ୍ତ ଆହତ ହୋଇଥିଲେ ।

## ଭାରତର ପ୍ରଥମ ବିଶ୍ୱ ଆଥ୍ଲେଟିକ୍ସ ଗ୍ଲୋବାଲ୍ ମିଟ୍ ଆୟୋଜନ କରି ଇତିହାସ ରଚିବ ଓଡ଼ିଶା

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ବିଶ୍ୱ ଆଥଲେଟିକ୍ସ ଏବଂ ଭାରତୀୟ ଆଥଲେଟିକ୍ସ ଫେଡେରେସନର ସହଯୋଗରେ ପ୍ରତିଷ୍ଠିତ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ, ୧୦ ଅଗଷ୍ଟ ୨୦୨୫ରେ ଭୁବନେଶ୍ୱରର ପ୍ରତିଷ୍ଠିତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଇଭେଣ୍ଟ ୧୯ଟି ଦେଶରୁ ୨୦୦ ରୁ ଅଧିକ ଅଭିଜିତ ଖେଳାଳିଙ୍କୁ ଏକାଠି କରିବ, ଯାହା ଓଡ଼ିଶାକୁ ଅନ୍ତର୍ଜାତୀୟ ଆଥଲେଟିକ୍ସର କେନ୍ଦ୍ରସ୍ଥଳରେ ପରିଣତ କରିବ । ବର୍ଷ ବର୍ଷ ଧରି, ରାଜ୍ୟ ବିଶ୍ୱସ୍ତରୀୟ କ୍ରୀଡା ଭିତ୍ତିଭୂମି, ଆଥଲେଟ ବିକାଶ ଏବଂ ଅନ୍ତର୍ଜାତୀୟ ସହଯୋଗରେ ବହୁ ପରିମାଣରେ ନିବେଶ କରିଛି ଯାହା ଖେଳାଳି, ଫେଡେରେସନ ଏବଂ ବିଶ୍ୱ ପର୍ଯ୍ୟବେକ୍ଷକଙ୍କଠାରୁ ପ୍ରଶଂସା ଅର୍ଜନ କରିଛି । ଭାରତ, ଗ୍ରେଟ୍ ବ୍ରିଟେନ୍, ପର୍ତ୍ତୁଗାଲ୍, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଇରାକ୍, ଇରାନ୍, କୋରିଆ, ମାଲେସିଆ, ଫିଲିପାଇନ୍ସ, ସୋମାଲିଆ, ଶ୍ରୀଲଙ୍କା, ନେପାଳ, ଭୁଟାନ, ଆଲଜେରିଆ, ତୁର୍କମେନିସ୍ତାନ ଏବଂ ଅନ୍ୟାନ୍ୟ ଦେଶର ଖେଳାଳି ଏବଂ ଅଧିକାରୀମାନେ ଏହି ଗସ୍ତ ପାଇଁ ଭୁବନେଶ୍ୱରରେ ଏକତ୍ରିତ ହେବେ । ଏହି ପ୍ରତିଯୋଗିତା ଭାରତୀୟ ଖେଳାଳିମାନଙ୍କୁ କେବଳ ଘରେ ବିଶ୍ୱସ୍ତରୀୟ ପ୍ରତିଭାଙ୍କ ବିରୁଦ୍ଧରେ ପ୍ରତିଦ୍ୱନ୍ଦ୍ୱିତା କରିବାର ସୁଯୋଗ ଦେବ ନାହିଁ ବରଂ ଆଗାମୀ ଅନ୍ତର୍ଜାତୀୟ ଚାମ୍ପିଅନସିପ୍ ପାଇଁ ଏକ ଯୋଗ୍ୟତା ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ, ଯାହା ଏହାର ରଣନୈତିକ ଗୁରୁତ୍ୱକୁ ଆହୁରି ବୃଦ୍ଧି କରିବ । ଏହି ଐତିହାସିକ ସ୍ଥାନକୁ ଓଡ଼ିଶାର ଯାତ୍ରା ୨୦୧୭ ମସିହାରେ ଆରମ୍ଭ ହୋଇଥିଲା । ଏହି ପରିବର୍ତ୍ତନର କେନ୍ଦ୍ରରେ କଳିଙ୍ଗ ଷ୍ଟାଡିୟମ ରହିଛି, ଯାହା ନିରନ୍ତର ଅନ୍ତର୍ଜାତୀୟ ମାନଦଣ୍ଡକୁ ଉନ୍ନତ କରାଯାଇଛି । ଓଇଇର-ପ୍ରମାଣିତ ସିନ୍ଥେଟିକ୍ ଟ୍ରାକ୍, ଅନ୍ତର୍ଜାତୀୟ ଗ୍ରେଡ୍ ସୁବିଧା ଏବଂ ଖେଳାଳି-କୈନ୍ଦ୍ରିକ ସୁବିଧା ସହିତ, ଏହା ଭାରତର ଆଥଲେଟିକ୍ସ ବିପ୍ଳବର ସ୍ନାୟୁ କେନ୍ଦ୍ର ପାଲଟିଛି । ଭୁବନେଶ୍ୱର ବାହାରେ, ରାଜ୍ୟ ଜିଲ୍ଲା ଏବଂ ବ୍ଲକ-ସ୍ତରୀୟ ଆଥଲେଟିକ୍ ଷ୍ଟାଡିୟମରେ ମଧ୍ୟ ନିବେଶ କରିଛି, ଯାହା ନିଶ୍ଚିତ କରେ ଯେ ତୃଣମୂଳ ସ୍ତରର ପ୍ରତିଭା ଘର ପାଖରେ ତାଲିମ ନେଇପାରିବେ । ଓଡ଼ିଶାର ସଫଳତା ଭିତ୍ତିଭୂମିଠାରୁ ବହୁ ଦୂରରେ ବ୍ୟାପିଛି । ଏହାର ଆଥଲେଟ୍-ପ୍ରଥମ ମଡେଲ୍ ଉଚ୍ଚ ପ୍ରଦର୍ଶନ କେନ୍ଦ୍ରଗୁଡ଼ିକ ଠାରୁ ଆରମ୍ଭ କରି ଆଦିବାସୀ ଏବଂ ଗ୍ରାମାଞ୍ଚଳରେ କଞ୍ଚା ପ୍ରତିଭା ଆବିଷ୍କାର କରୁଥିବା ତୃଣମୂଳ ସ୍କାଉଟିଂ ପର୍ଯ୍ୟନ୍ତ ଏକ ସାମଗ୍ରିକ ଆଭିମୁଖ୍ୟ ସୁନିଶ୍ଚିତ କରେ । ଅନେକ ଯୁବପିଢ଼ିଙ୍କ ପାଇଁ, ଏକ ସିନ୍ଥେଟିକ୍ ଟ୍ରାକ୍ ଉପରେ ପାଦ ଦେବା ଏକ ଦୂର ସ୍ୱପ୍ନ ଥିଲା; ଆଜି, ସେମାନେ ଜାତୀୟ ପଦକ ବିଜେତା ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗୀ । ରାଜ୍ୟ ଏହାର ଆଥଲେଟମାନଙ୍କୁ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ, ଆର୍ଥିକ ସହାୟତା, ପୁଷ୍ଟିକର କାର୍ଯ୍ୟକ୍ରମ ଏବଂ ପଦକ ବିଜେତାଙ୍କ ପାଇଁ ସରକାରୀ ଚାକିରି ସୁରକ୍ଷିତ କରିବା ସହିତ ସମର୍ଥନ କରେ, ଯାହା କ୍ରୀଡାକୁ ଏକ ସ୍ଥାୟୀ କ୍ୟାରିଅର ପଥ କରିଥାଏ । ଓଡ଼ିଶା ସରକାରଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ, କ୍ରୀଡା ଯୁବ ସମ୍ପର୍କ ଏବଂ ବିଶ୍ୱ ପ୍ରସାରର ଏକ ପ୍ରମୁଖ ବାହକ ପାଲଟିଛି । କ୍ରୀଡା ଏବଂ ଯୁବ ସେବା ବିଭାଗ ଜିଲ୍ଲାଗୁଡ଼ିକରେ ତୃଣମୂଳ ସ୍ତରର କ୍ରୀଡା ଇକୋସିଷ୍ଟମ ନିର୍ମାଣ ଏବଂ କ୍ରୀଡା ପ୍ରତିଭାକୁ ପୋଷଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ବିଶ୍ୱ ଆଥଲେଟିକ୍ସ ବ୍ୟାନର ତଳେ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଆୟୋଜନ କରିବା କେବଳ ଏହି ପ୍ରୟାସ ପାଇଁ ପୁରସ୍କାର ନୁହେଁ ବରଂ ଓଡ଼ିଶାର ବିଶ୍ୱସନୀୟତା ଏବଂ ପ୍ରତିବଦ୍ଧତାର ସ୍ୱୀକୃତି ମଧ୍ୟ । ପ୍ରଥମ ଥର ପାଇଁ ଓଡ଼ିଶାରେ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଆୟୋଜନ କରିବା ଅତ୍ୟନ୍ତ ଗର୍ବର ବିଷୟ । ଆମେ ଏହାକୁ ସଫଳତାର ସହିତ ଆୟୋଜନ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ, ଓଡ଼ିଶାର କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀସୂରଜ କହିଛନ୍ତି ।

## ସେଭିଲା ଷ୍ଟାଡିୟମ ଭଙ୍ଗାରୁଜା ଘଟଣା: ୪ ଗିରଫ



ସେଭିଲ: ଗତ ମେ' ମାସରେ ସେଲ୍ଟା ଭିଗୋଠାରୁ ପରାଜୟ ପରେ ସେଭିଲା କ୍ଲବର ଟ୍ରେନିଂ ଗ୍ରାଉଣ୍ଡରେ ହୋଇଥିବା ଭଙ୍ଗାରୁଜା ଘଟଣା ଲାଗି ଶୁକ୍ରବାର ୪ ଜଣଙ୍କୁ ଗିରଫ କରାଯାଇଛି । ମ୍ୟାଚ୍‌ରେ ପରାଜୟ ଯୋଗୁ ଖେଳାଳିମାନେ ସୁରକ୍ଷାଜନିତ କାରଣରୁ ପୂରା ରାତି କମ୍ପ୍ଲେକ୍ସରେ ରହିଥିଲେ । ପ୍ରଶଂସକଙ୍କ ଏକ ବଡ଼ ଗୋଷ୍ଠୀ ଜୋସ ରାମନ ସିସନେରସ ପାଲାସିଓସ ଟ୍ରେନିଂ ଗ୍ରାଉଣ୍ଡ ମଧ୍ୟକୁ ଧଶେଇ ପଶିଥିଲେ । ମୁହଁ ଘୋଡ଼ାଇ ରଖିଥିବା ଅନେକ ପ୍ରଶଂସକ କାର ପ୍ରବେଶ ପଥରେ ଥିବା ଗେଟ୍‌କୁ ଭାଙ୍ଗିବା ପରେ ଗ୍ରାଉଣ୍ଡ ଭିତରେ ଭଙ୍ଗାରୁଜା କରିଥିଲେ । ଏହି ଘଟଣାକୁ କ୍ଲବ ପକ୍ଷରୁ ନିନ୍ଦା କରାଯିବା ସହ ଏହାକୁ ସଂଗଠିତ ଭଙ୍ଗାରୁଜା କୁହାଯାଇଥିଲା । ଗତ ସିଜନରେ ଅଳ୍ପକେ ରିଲେଗଶନରୁ ବର୍ତ୍ତିଥିବା ସେଭିଲା ୨-୩ ଗୋଲରେ ଭିଗୋଠାରୁ ପରାଜିତ ହେବା ପରେ ହିଂସାକାଣ୍ଡ ତେଜି ଥିଲା । ସ୍ପାନିଶ ଖବରକାଗଜ ମାର୍କାରେ ପ୍ରକାଶ ପାଇଥିବା ରିପୋର୍ଟ ମୁତାବକ, ଷ୍ଟାଡିୟମ ଭଙ୍ଗାରୁଜା ଘଟଣାର ତଦନ୍ତ ଚାଲିଛି ଏବଂ ୪ ଜଣଙ୍କୁ ଗିରଫ କରାଯାଇଛି । ହେଲେ ରିପୋର୍ଟରେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ପରିଚୟ କିମ୍ବା ଶୁଣାଣି ତାରିଖ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ ।

# ରୋହିତଙ୍କ କଥା ରଖିଲେ ଜୈସୱାଲ





ମୁମ୍ବାଇ: ସମୟ ଥିଲା ଯେତେବେଳେ ଯଶସ୍ୱୀ ଜୈସୱାଲ ଟିମ୍ ଛାଡିବା ପାଇଁ ନିଜକୁ ପ୍ରସ୍ତୁତ କରିଦେଇଥିଲେ । କିନ୍ତୁ ତା'ପୂର୍ବରୁ ବୁଝାଇଥିଲେ ହିଟ୍‌ମ୍ୟାନ୍ ରୋହିତ ଶର୍ମା । ଏବେ ତୁମ ପାଖରେ ବହୁତ ସମୟ ଅଛି, ଏଭଳି ଟିମ୍‌କୁ ଛାଡିବା ଉଚିତ୍ ନୁହେଁ । ଏହି ପଦକ କଥା ପରେ ବଦଳିଯାଇଥିଲା ଯଶସ୍ୱୀ ଜୈସୱାଲ୍‌ଙ୍କ ନିଷ୍ପତ୍ତି । ଆଉ ମୁମ୍ବାଇ ରଣଜୀ ଟିମ୍ ଛାଡିବାକୁ ନେଇଥିବା ନିଷ୍ପତ୍ତି ବଦଳାଇଥିବା ନେଇ ମୁମ୍ବାଇ କ୍ରିକେଟ୍ ଆସୋସିଏସନର ଅଧ୍ୟକ୍ଷ ଆଜିଙ୍କ୍ୟ ନାଏକ ଏହି ସୂଚନା ଦେଇଛନ୍ତି । କିଛି ଦିନ ତଳେ ଯଶସ୍ୱୀ ଜୈସୱାଲ୍ ମୁମ୍ବାଇ ରଣଜୀ ଟିମ୍ ଛାଡ଼ି ଅନ୍ୟ ରାଜ୍ୟ ପାଇଁ ଖେଳିବାକୁ ନିଷ୍ପତ୍ତି ନେଇଥିଲେ । ଏପିରିକି ସେ ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍‌କୁ ଏନ୍‌ଓସି ପତ୍ର ମଧ୍ୟ ମାଗିଥିଲେ । ଆପତତଃ ଯଶସ୍ୱୀ ଜୈସୱାଲ୍ ମୁମ୍ବାଇ ରଣଜୀ ଟିମ୍ ଛାଡିବାକୁ ଫାଇନାଲ ହୋଇସାରିଥିଲା । ହେଲେ ଏବେ ଏହି ନିଷ୍ପତ୍ତିରେ ଆସିଲା ୟୁ-ଟର୍ଣ୍ଣ । ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍‌ର ଅଧ୍ୟକ୍ଷଙ୍କ ମତରେ, ରୋହିତ ଶର୍ମା ନିକଟରେ ଯଶସ୍ୱୀ ଜୈସୱାଲ୍‌ଙ୍କ ସହ କଥା ହୋଇଥିଲେ । ଆଉ କହିଥିଲେ କି, ଏବେ ତୁମେ ଯୁବ ଅଛ । ମୁମ୍ବାଇ ପରି ରଣଜୀ ଟିମ୍‌କୁ କେବେ ଛାଡନାହିଁ । ମୁମ୍ବାଇ ଏପରି ଏକ ଟିମ୍, ଯିଏକି ୪୨ ଟି ଟ୍ରଫି ଜିତିଛି । ମୁମ୍ବାଇ ଏକ ଭଲ ଟିମ୍ । ଏଠାରେ ଖେଳ ଜାରି ରଖିଲେ, ତୁମେ ଆଗକୁ ବହୁତ କିଛି ଶିଖିବାକୁ ମିଳିବ । ମୁମ୍ବାଇ ରଣଜୀ ଟିମ୍ ଏପରି ଏକ ଦଳ ଯିଏକି ସବୁବେଳେ ଯୁବ ଓ ଦକ୍ଷ ଖେଳାଳିଙ୍କୁ ଶିଖିବାରେ ସୁଯୋଗ ଦିଏ । ସୂଚନାଯୋଗ୍ୟ ଯେ, ନିକଟରେ ଯଶସ୍ୱୀ ଜୈସ୍ୱାଲ୍ ଇଂଲଣ୍ଡ ଗସ୍ତରେ ଯାଇଥିଲେ । ସେଠାରେ ଏକ ମ୍ୟାଚ୍‌ରେ ସେ ଶତକ ହାସଲ କରିଥିଲେ । ଜୈସ୍ୱାଲ୍ ନିଜ ଶତକକୁ ରୋହିତ ଶର୍ମାଙ୍କୁ ସମର୍ପିତ କରିଥିଲେ । ସିରିଜ୍‌ରେ ଶେଷ ମ୍ୟାଚ୍‌ରେ ରୋହିତ ଶର୍ମା ପଡିଆରେ ଉପସ୍ଥିତ ରହିଥିଲେ । ଟିମ୍ ଇଣ୍ଡିଆକୁ ଚିୟର ଅପ୍ ପାଇଁ ଓଭାଲ ଗ୍ରାଉଣ୍ଡରେ ଥିଲେ ରୋହିତ ଶର୍ମା ।


**झारखण्ड सरकार, कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमण्डल, चतरा**

ई–अल्पकालीन् पुनर्निविदा आमंत्रण सूचना
ई–अल्पकालीन् पुनर्निविदा संख्या– 25/RI/2025-26/RWD/CHATRA
दिनांक– 07.08.2025

कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, चतरा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र. सं. | आईडेन्टिफिकेशन संख्या/पैकेज संख्या | कार्य का नाम | प्राक्कलित राशि | | कार्य समाप्ति की अवधि | टेण्डर कॉल सं. |
|---|---|---|---|---|---|---|
| | | | अंक में (लाख) | अक्षर में | | |
| 1 | RWD/ CHATRA/154/ 2024-25 | रूगुद आर.ई.ओ. रोड से खनगड्डा तक पथ निर्माण कार्य (लं.–2.060 कि.मी.)। | 241.555 | दो करोड़ एकतालीस लाख पचपन हजार पाँच सौ मात्र | 12 माह | द्वितीय |

2. वेबसाईट में निविदा प्रकाशन की तिथि :– 12.08.2025
3. ई–निविदा प्राप्ति की अंतिम तिथि एवं समय :– 26.08.2025 अपराह्न 5.00 बजे तक।
4. ई–निविदा खोलने की तिथि एवं समय :– 28.08.2025 अपराह्न 3.30 बजे।
5. ई–निविदा आमंत्रित करनेवाले पदाधिकारी का नाम एवं पता :– कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, चतरा, द्वितीय तल, विकास भवन, चतरा।
6. ई–निविदा प्रकोष्ठ का दूरभाष संख्या :– 06541-296208

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग,
कार्य प्रमण्डल, चतरा।

PR.NO.359189 Rural Work Department(25-26):D



**कार्यपालक अभियन्ता का कार्यालय**
**ग्रामीण कार्य विभाग, कार्य प्रमण्डल, कोडरमा**

अल्प कालीन ई–पुर्ननिविदा आमंत्रण सूचना

ई–निविदा संख्या:- 05(RI)/2025-26/RWD/EE/KODERMA    दिनांक :-07.08.2025

कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, कोडरमा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टीफिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की अवधि | टेन्डर कॉल |
|---|---|---|---|---|---|---|
| | | | अंक में | अक्षर में | | |
| 1. | RWD/ KODERMA /01/2025-26 | प्रखण्ड जयनगर में गड़गी से कटीया तक पथ निर्माण कार्य (लं0–2.000 कि0मी0) | 2,15,71,800/- | दो करोड़ पन्द्रह लाख एकहतर हजार आठ सौ रू0 मात्र। | 09 (नौ) माह | द्वितीय |

1. वेबसाईट में निविदा प्रकाशन की तिथि:–11.08.2025
2. ई–निविदा प्राप्ति की अंतिम तिथि एवं समय:–26.08.2025 अपराह्न 5.00 बजे तक।
3. निविदा खोलने की तिथि एवं समय:–28.08.2025 अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, कोडरमा झारखण्ड, पिन– 825410
5. ई–निविदा प्रकोष्ठ का दूरभाष सं0– 8709561933/06534-297102
6. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
7. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
8. निविदा शुल्क एवं अग्रधन की राशि का ई–शुल्क भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

ह0/–
कार्यपालक अभियन्ता,
ग्रामीण कार्य विभाग, कार्य प्रमण्डल, कोडरमा

PR 359202 Rural Work Department(25-26)#D



**Government of Jharkhand**
**Directorate of Food and Consumer Affairs**
**JSFC Bhawan Kadru, Ranchi**

Letter No. - 1285    **Corrigendum**    Dated: 07-08-2025

Following modifications is being made in GeM Bid No. - GEM/2025/B/6469634 Dated 23-07-2025 (PR No. 358159) for Selection of Aadhaar enabled 4G e-PoS Manufacturer/ System Integrator for FPS Upgradation / Automation across Jharkhand State

| Sl No. | Clause No. | Existing | Amendment / Modification |
|---|---|---|---|
| 1 | 4.3 | Basic infrastructure to be provided by Manufacturer/ System Integrator at each FPS would comprise an e-PoS device with reliable mobile internet connectivity through the best telecom internet service providers (4G) along with 1 additional charger. | Basic infrastructure to be provided by Manufacturer/System Integrator at each FPS would comprise an e-PoS device with reliable mobile internet connectivity through the best telecom internet service providers (4G). |
| 2 | Annexure V | - | We also certify that we are not blacklisted/terminated by Central Government/Any State Government/ PSU/Banks in India in last three years. |
| 3 | 7.3.(a) | The bid document must be accompanied with the Earnest Money Deposit of Rs. 3,56,00,000/- (Rupees Three Crore Fifty Six Lakhs only) in form of Bank Guarantee (BG) with validity period of 180 days. | The bid document must be accompanied with the Earnest Money Deposit of Rs. 3,56,00,000/- (Rupees Three Crore Fifty Six Lakhs only) in form of Bank Guarantee (BG) with validity period of 180 days as per the enclosed format in **Annex. XXI of RFP.** |
| 4 | Extension of Time for Bid Submission | 13/08/2025 upto 07:00 p.m. | 18-08-2025 upto 07:00 p.m. |

All other terms and conditions of RFP (ATC) shall remain same.

For detail please visit GeM Portal and Department Website (https://www.jharkhand.gov.in/food).

Sd/-
Director
Directorate of Food and Consumer Affairs, Jharkhand

PR 359196 Directorate of Food and Consumer Affairs(25-26)#D



ବର୍ତ୍ତମାନ ସମୟରେ ମଧୁମେହ ଓ ଓଜନ ବୃଦ୍ଧି ଅଧିକାଂଶ ଲୋକଙ୍କ କ୍ଷେତ୍ରରେ ଦେଖାଯାଉଛି । ଏହି ସମସ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ମେଡିସିନ ଅପେକ୍ଷା ଜୀବନଶୈଳୀରେ ପରିବର୍ତ୍ତନ ଏବଂ କେତେକ ଖାଦ୍ୟ କଟକଣା ସର୍ବୋତ୍ତମ ବିକଳ୍ପ । ତେବେ ଆଜିର ଆଲେଖ୍ୟରେ ଆମେ ଏପରି ଏକ ଫୁଲର ମଞ୍ଜି ବାବଦରେ ଆଲୋଚନା କରିବା, ଯାହା ମଧୁମେହ ସମେତ ଓଜନକୁ ମଧ୍ୟ ନିୟନ୍ତ୍ରଣ କରିବାରେ ସହାୟକ ହୋଇପାରିବ... । ଅଳସୀ ଫୁଲର ମଞ୍ଜି ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ଅତ୍ୟନ୍ତ ପ୍ରଭାବଶାଳୀ । ଏଥିରେ ପ୍ରଚୁର ପରିମାଣର ଫାଇବର ଥାଏ, ଯାହା ହଜମ ପ୍ରକ୍ରିୟାକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ଅଧିକ ଫାଇବର କାରଣରୁ ଅଳସୀ ମଞ୍ଜିଗୁଡ଼ିକ କମ୍ ଗ୍ଲାଇସେମିକ୍ ଖାଦ୍ୟ ଭାବରେ ବିବେଚନା କରାଯାଏ । ଏହାର ଅର୍ଥ, ସେଗୁଡ଼ିକ ଖାଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ବୃଦ୍ଧି ପାଇବ ନାହିଁ ଏବଂ ରକ୍ତରେ ଶର୍କରା ନିୟନ୍ତ୍ରଣ ରହିବ । ଅଳସୀ ମଞ୍ଜି ମଧୁମେହ ରୋଗୀଙ୍କୁ ଥକ୍କାପଣରୁ ମଧ୍ୟ ମୁକ୍ତି ଦେଇଥାଏ । ମଧୁମେହ ରୋଗୀମାନେ ଖାଦ୍ୟରେ ଅଳସୀ ମଞ୍ଜିକୁ କାଢ଼ା ଆକାରରେ ସାମିଲ କରିପାରିବେ । ଏହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ଏହା ବ୍ୟତୀତ ଓଜନ, ରକ୍ତଚାପ, ଥାଇରଏଡ୍ ଏବଂ ପେଟ ସମ୍ବନ୍ଧୀୟ ଅନେକ ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ ଅଳସୀ ମଞ୍ଜି । ପ୍ରଥମେ ଦୁଇ କପ୍ ପାଣିରେ ୨ ଚାମଚ ଅଳସୀ ମଞ୍ଜି ମିଶାନ୍ତୁ । ଏହା ପରେ ପ୍ୟାନରେ କିଛି ପାଣି ଗରମ କରି ସେଥିରେ ଭିଜା ହୋଇଥିବା ମଞ୍ଜି ପକାଇ କିଛି ସମୟ ଫୁଟାନ୍ତୁ । ଭଲ ଭାବେ ଫୁଟି ଯିବା ପରେ ଏହି ପାଣିକୁ ଛାଣି ପିଅନ୍ତୁ ।



## ଭାଇଙ୍କ ବ୍ୟତୀତ ଆଉ କାହାକୁ ରାକ୍ଷୀ ଦିଆଯାଏ ଜାଣିନିଅନ୍ତୁ...

***ଭାଇ ଭଉଣୀଙ୍କ ଅତୁଟ ସଂପର୍କ ଓ ପ୍ରେମର ପ୍ରତୀକ ରାକ୍ଷୀ ପୂର୍ଣ୍ଣିମା କାହିଁ କେଉଁ କାଳରୁ ଚାଲି ଆସୁଛି । ହିନ୍ଦୁ ଶାସ୍ତ୍ର ଅନୁସାରେ, ପ୍ରତି ବର୍ଷ ଶ୍ରାବଣ ମାସର ପୂର୍ଣ୍ଣିମାରେ ରାକ୍ଷୀ ପର୍ବ ପାଳନ କରାଯାଏ ।***

- ମାନ୍ୟତା ରହିଛି ଯେ, ରାକ୍ଷୀ ପୂର୍ଣ୍ଣିମା ଦିନ ଭଉଣୀଙ୍କୁ ପ୍ରଥମେ ଶ୍ରୀଗଣେଷଙ୍କୁ ରାକ୍ଷୀ ବାନ୍ଧିବା ଉଚିତ । ସେହିଭଳି ରାକ୍ଷୀ ଦିନ ହନୁମାନଙ୍କୁ ମଧ୍ୟ ରାକ୍ଷୀ ବାନ୍ଧିବା ଶୁଭ ବୋଲି ଧରାଯାଏ ।
- ହନୁମାନଙ୍କୁ ରାକ୍ଷୀ ବାନ୍ଧିଲେ ଭାଇ ଭଉଣୀଙ୍କ ମଧ୍ୟରେ ଥିବା ତିକ୍ତତା ଦୂର ହୋଇଥାଏ ବା ଶାନ୍ତ ପଡିଥାଏ । ଅନ୍ୟପଟେ ଗଣେଷଙ୍କୁ ରାକ୍ଷୀ ବାନ୍ଧିବା ଦ୍ୱାରା ଭାଇ ଭଉଣୀଙ୍କ ସଂପର୍କରେ ଭଲ ପାଇବା, ସ୍ନେହ ପ୍ରେମ ବଢିଥାଏ ।
- ଏହାସହିତ କୁହାଯାଏ କି କଳିଯୁଗ ଦେବତା ଶ୍ରୀଗଣେଷ ଓ ହନୁମାନଙ୍କୁ ରାକ୍ଷୀ ବାନ୍ଧିଲେ ଶୁଭ ଫଳ ମିଳିଥାଏ । ଆପଣ ମନ୍ଦିର ଯାଇ ଦୁଇ ଠାକୁରଙ୍କୁ ରାକ୍ଷୀ ବାନ୍ଧିପାରିବେ । ଆଉ ଯଦି ନ ଯାଇପାରୁଛନ୍ତି ତେବେ ଘରେ ହିଁ ଠାକୁରଙ୍କ ନିକଟରେ ରାକ୍ଷୀ ଅର୍ପଣ କରିପାରିବେ ।
- ରାକ୍ଷୀ ପୂର୍ଣ୍ଣିମା ଦିନ ହନୁମାନଙ୍କୁ ରାକ୍ଷୀ ବାନ୍ଧିବା ପାଇଁ ସେହି ଦିନ ବ୍ରହ୍ମ ମୂହୁର୍ତ୍ତରୁ ସ୍ନାନ ସାରି ହନୁମାନଙ୍କ କୌଣସି ମନ୍ଦିରକୁ ଯାଆନ୍ତୁ ଓ ତାଙ୍କୁ ସିନ୍ଦୂର, ନାଲି ଚନ୍ଦନ, ନାଲି ଫୁଲ ଓ ଚାଉଳ ଅର୍ପଣ କରନ୍ତୁ । ଏହା ପରେ ହନୁମାନଙ୍କ ମନ୍ତ୍ରପାଠ କରି ରାକ୍ଷୀ ସୂତ୍ର ଅର୍ପଣ କରନ୍ତୁ । ପରେ ଦୀପ ଲଗାଇ ଫଳ ଭୋଗ କରନ୍ତୁ । ଏହାସହିତ ମନ୍ଦିର ପ୍ରାଙ୍ଗଣରେ ବସି ହନୁମାନ ଚାଳିଶା ପାଠ ମନେ ମନେ ପାଠ କରନ୍ତୁ ।
- କୁହାଯାଏ ହନୁମାନଙ୍କୁ ରାକ୍ଷୀ ଅର୍ପଣ କଲେ ସମସ୍ତ ମନୋକାମନା ପୂର୍ଣ୍ଣ ହୋଇଥାଏ ଓ ସମସ୍ତ ସମସ୍ୟା ଦୂର ହୋଇଥାଏ ।
- ଯଦି ଗଣେଷ ଭଗବାନଙ୍କ କଥା କହିବା, ତେବେ ବିଶ୍ୱାସ ରହିଛି ଯେ, ଭଗବାନ ଶିବ ଓ ପାର୍ବତୀ ସଂପୂର୍ଣ୍ଣ ବିଶ୍ୱର ମାତା ପିତା ଭାବରେ ପୂଜା ପାଉଥିବାରୁ ତାଙ୍କ ପୁତ୍ର ଶ୍ରୀଗଣେଷଙ୍କୁ ଭାଇର ସମ୍ମାନ ଦିଆଯାଏ ।
- ଏହି ମାନ୍ୟତାକୁ ଅନୁସରଣ କରି ଆଜି ସମଗ୍ର ଦୁନିଆରେ ଭଉଣୀ ଭାଇ ଗଣେଷ ଭଗବାନଙ୍କୁ ରାକ୍ଷୀ ଅର୍ପଣ କରିଥାଏ ।




## ପୁରାଣରେ ରାକ୍ଷୀ ପୂର୍ଣ୍ଣିମାର ବିଭିନ୍ନ କାହାଣୀ

ଓଡ଼ିଶାର ଲୋକ ସଂସ୍କୃତି ତଥା ଜଗନ୍ନାଥ ସଂସ୍କୃତିର ଏକ ନିଛକ ନିଦର୍ଶନ ରୂପେ ଅଗଣିତ ଭାଇ ଭଉଣୀଙ୍କର ପବିତ୍ର ସମ୍ପର୍କର ପର୍ବ ଭାବେ ପାଳିତ ହୁଏ ରାକ୍ଷୀ ପୂର୍ଣ୍ଣିମା । ଏହା ପଛରେ ଏକ ପୌରାଣିକ କିମ୍ବଦନ୍ତୀ ରହିଛି । ଏହିଦିନ ପ୍ରଭୁ ଗୋପପୁରର ନନ୍ଦ ରାଜାଙ୍କ ଉଆସରେ ଛାଡ଼ିଥିଲେ । ସେହିଠାରେ ଜନ୍ମ ନିଅନ୍ତି ଧବଳ ରୂପ ଧାରୀ ଦେବ ସଂକର୍ଷଣ, ଯାହାକୁ ବଳରାମ ବା ବଳଭଦ୍ର କୁହାଯାଏ । ତାଙ୍କର ଆୟୁଧ ରୂପେ ଲଙ୍ଗଳକୁ ଧାରଣ କରନ୍ତି । କୃଷ୍ଣ ପୁତ୍ର ଦୁର୍ଯ୍ୟୋଧନଙ୍କର କନ୍ୟାଙ୍କୁ ଅପହରଣ ଘଟଣା । ପୁରାଣରେ ଅସୁର ରାଜାବଳିଠାରୁ ମୋଗଲ ସମ୍ରାଟ ହୁମାୟୁନଙ୍କ ଯାଏଁ ରକ୍ଷାବନ୍ଧନ ଭଉଣୀର ସମ୍ମାନ ରକ୍ଷା କରିଆସିଛି । ଅସୁର ସମ୍ରାଟ ବଳି ଭଗବାନ ବିଷ୍ଣୁଙ୍କର ଜଣେ ବଡ ଭକ୍ତ ଥିଲେ, ତାଙ୍କ ଉପରେ କୈଣସି ବିପଦ ଆସୁ



ଜଗନ୍ନାଥଙ୍କ ଅଗ୍ରଜ ବଳଭଦ୍ରଙ୍କର ଜନ୍ମ ଦିବସ । ଶ୍ରାବଣ ମାହାତ୍ମ୍ୟ, ଶିବଙ୍କର ଜଳଲାଗି ଭଳି ଶ୍ରାବଣ ପୂର୍ଣ୍ଣମୀରେ ପାଳିତ ହୁଏ ରାକ୍ଷୀ ପୂର୍ଣ୍ଣମୀ । ପ୍ରଭୁ ବଳରାମଙ୍କ ହସ୍ତରେ ଥିବା ଲଙ୍ଗଳ, ଯାହା କୃଷି କାର୍ଯ୍ୟରେ ବ୍ୟବହୃତ ହୋଇଥାଏ, ତାହା ଯୁଗଦ୍ରଷ୍ଟା ଭଗବାନ ବଳଦେବଙ୍କର ଆୟୁଧ ରୂପେ ପୁରାଣରେ ବର୍ଣ୍ଣିତ ଅଛି । ପ୍ରଭୁ ବଳଭଦ୍ର, ମାତା ଦେବକୀଙ୍କ ସପ୍ତମ ଗର୍ଭରୁ ଉଭେଇ ଯାଇଥିଲେ ଏବଂ ଏହି ଗର୍ଭକୁ ଦେବର୍ଷି ନାରଦ ରୋହିଣୀଙ୍କ ଗର୍ଭରେ ସ୍ଥାପନ କରିଥିଲେ । କାରଣ, ଦେବତାମାନଙ୍କ କଥା ଅନୁସାରେ କଂସ ଭୟରେ ବସୁଦେବଙ୍କର ପତ୍ନୀ ରୋହିଣୀଙ୍କୁ ଗାଈ ରୂପରେ କରିବା ବେଳେ ମହାକୋପୀ ତଥା ପ୍ରବଳ ପରାକ୍ରମୀ ବଳରାମ ନିଜର ଆୟୁଧ ଲଙ୍ଗଳରେ ନାଶ କରିବା ପାଇଁ ଧମକ ଦେଇଥିଲେ । ତାହା ବ୍ୟତୀତ ପ୍ରଦ୍ୟୁମ୍ନ ଜନ୍ମର କିଛି ଦିନ ପରେ ସମ୍ବରାସୁର ଦ୍ୱାରା ଅପହୃତ ହୋଇଥିବାରୁ କ୍ରୋଧିତ ବଳଭଦ୍ର ଯମୁନା ନଦୀକୁ ଲଙ୍ଗଳ ଗାରରେ ତାଡ଼ି ଶୁଖାଇବା ଉଦ୍ଦେଶ୍ୟରେ ବଳ ପ୍ରୟୋଗ କରନ୍ତେ, କୃଷ୍ଣଙ୍କ ସାନ୍ତ୍ୱନାରେ ଶାନ୍ତ ହୋଇଥିଲେ, ଯାହା ଆଜି ବି ଦିଲ୍ଲୀ ଠାରେ ବଳରାମଙ୍କର ଲଙ୍ଗଳ ଗାର ଟାଣିଥିବାର ନମୂନା କିମ୍ବଦନ୍ତୀ ଥିବାର ବହୁ କାବ୍ୟରେ ବର୍ଣ୍ଣିତ ଅଛି । ତେବେ, ପୁରାଣ ଓ ଇତିହାସରେ ରହିଛି ରକ୍ଷାବନ୍ଧନର ଅନେକ ଏହା ବିଷ୍ଣୁ ଚାହୁଁ ନ ଥିଲେ । ତେଣୁ ବଳି ଉପରେ ବିପଦ ଥିବା ଜାଣି ବିଷ୍ଣୁ ବୈକୁଣ୍ଠ ତ୍ୟାଗକରି ବଳିର ରାଜପ୍ରାସାଦରେ ଅବସ୍ଥାନ କଲେ । ତେଣେ ମହାଲକ୍ଷ୍ମୀ ଏହା ଚାହୁଁ ନଥିଲେ । ସେ ଚାହୁଁ ଥିଲେ ବିଷ୍ଣୁ ତାଙ୍କ ସହ ବୈକୁଣ୍ଠରେ ଅବସ୍ଥାନ କରନ୍ତୁ । ଏହାର ଏକ ଉପାୟ ଚିନ୍ତାକରି ଲକ୍ଷ୍ମୀ ବ୍ରାହ୍ମଣୀ ବେଶରେ ବଳିକୁ ଭେଟିଲେ । ଶ୍ରାବଣ ପୂର୍ଣ୍ଣମୀରେ ସେ ବଳି ହାତରେ ରାକ୍ଷୀ ବାନ୍ଧି ଦେଇଥିଲେ । ଏହାପରେ ଜଣେ ଭାଇ ହିସାବରେ ଲକ୍ଷ୍ମୀଙ୍କ କଥା ବୁଝିବା ବଳିଙ୍କର କର୍ତ୍ତବ୍ୟ ଥିଲା । ଲକ୍ଷ୍ମୀ କଣ ଚାହୁଛନ୍ତି ଜାଣିବାପରେ ସେ ବିଷ୍ଣୁଙ୍କୁ ବୈକୁଣ୍ଠରେ ରହିବାକୁ ଅନୁରୋଧ କରିଥିଲେ ।



## ରାକ୍ଷୀ ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ହୋଇଥାଏ ସ୍ୱତନ୍ତ୍ର ନୀତିକାନ୍ତି

ପବିତ୍ର ରାକ୍ଷୀ ପୂର୍ଣ୍ଣମା ଦିନରେ ମଧ୍ୟ ଶ୍ରୀମନ୍ଦିରରେ ବଡ଼ ଠାକୁର ଶ୍ରୀବଳଭଦ୍ର ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୁଜରେ ସ୍ୱତନ୍ତ୍ର ଭାବେ ରାକ୍ଷୀ ଲାଗି ହୋଇଥାଏ । ଗହ୍ମା ପୂର୍ଣ୍ଣମା ଅବସରରେ ପ୍ରଭୁ ବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କୁ ରାକ୍ଷୀ ଲାଗି କରନ୍ତି । ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କ ବେନିଭୁଜରେ ସୁନା ଲାଗିଥିବା ପାଟରାକ୍ଷୀ ଓ ଗୁଆରମାଳ ପୁଷ୍ପାଳକ ସେବକମାନେ ଲାଗି କରନ୍ତି । ପାଟରା ବିଶୋଇ ସେବକ ଜଗନ୍ନାଥ ପାତ୍ରଙ୍କ ଘରେ ରାଖୀ ପ୍ରସ୍ତୁତି ହୋଇଥାଏ । ଚିତାଲାଗି ଅମାବାସ୍ୟା ପରଠାରୁ ଆରମ୍ଭ ହୋଇଥିବା ପାଟରାଖୀ ପ୍ରସ୍ତୁତି ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବାସୁଙ୍ଗାପାଟ ସୂତା ଓ ଅନ୍ୟ ଆନୁଷଙ୍ଗିକ ସାମଗ୍ରୀ ଯୋଗାଇ ଦିଆଯାଏ । ଉଲ୍ଲେଖଯୋଗ୍ୟ ଯେ ନାଳି, ନେଳି, ବାଇଗଣୀ ଓ ହଳଦିଆ ରଙ୍ଗର ପାଟସୂତାକୁ ନରମ କରାଯାଇ ରାଖୀ ପ୍ରସ୍ତୁତ କରାଯାଇଥାଏ । ପ୍ରଭୁ ବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କ ପାଇଁ ୪ଟି ରାଖୀ ପ୍ରସ୍ତୁତ ହୋଇଥିଲା । ସେହିପରି ୫୪ଟି ଗୁଆରେ ଗୋଟିଏ ମାଳ ପ୍ରସ୍ତୁତ କରାଯାଏ । ଏହିମାଳ ପ୍ରସ୍ତୁତ ହୋଇଥାଏ ୪ଟି ରଙ୍ଗରେ । ଶ୍ରୀଜଗନ୍ନାଥଙ୍କୁ ହଳଦିଆ ଓ ନାଲି ଗୁଆରମାଳ ଏବଂ ପ୍ରଭୁ ବଳଭଦ୍ରଙ୍କୁ ନେଳି ଓ ବାଇଗଣୀ ରଙ୍ଗର ଗୁଆରମାଳ ଲାଗି ହୋଇଥାଏ । ସୋମବାର ରାକ୍ଷୀ ପୂର୍ଣ୍ଣମୀ ଦିନ ବଳଭଦ୍ରଙ୍କ ଜନ୍ମ । ଗହ୍ମା ପୂର୍ଣ୍ଣମୀ ପୂର୍ବାହ୍ନରେ ଶ୍ରୀମନ୍ଦିରରୁ ଡାକରା ଆସିବା ପରେ ପାଟରା ସେବକ ରାକ୍ଷୀ ଓ ଗୁଆମାଳକୁ ଡାଟରେ ଧରି ଶ୍ରୀମନ୍ଦିରକୁ କରାଯାଏ । ଭୋଗ ମଣ୍ଡପ ଶେଷହେବା ପରେ ମବାଡରେ ମଇଲମ କରାଯାଏ । ପୂଜାପଣ୍ଡା, ପତି ଓ ମୁଦିରସ୍ତ ମବାଡ଼ରେ ସର୍ବାଙ୍ଗ ଲାଗି ହୋଇଥାଏ ।

## ରାକ୍ଷୀ ପୂର୍ଣ୍ଣିମାରେ ଉପହାରରେ ଦିଅନ୍ତୁ ନାହିଁ ଏହି ୫ଟି ଜିନିଷ..

***ରାକ୍ଷୀ ପୂର୍ଣ୍ଣିମାର ଖୁବ୍ ମହତ୍ତ୍ୱ ରହିଛି । ଶ୍ରାବଣ ମାସର ପୂର୍ଣ୍ଣିମାରେ ରାକ୍ଷୀ ପୂର୍ଣ୍ଣିମା ପାଳନ କରାଯାଏ ।ଏହି ପର୍ବ ଭାଇ ଭଉଣୀଙ୍କ ପ୍ରେମର ପ୍ରତୀକ । ଏହି ଦିନ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧି ଥାଏ । ଭାଇ ଭଉଣୀର ରକ୍ଷା କରିବାକୁ ସଂକଳ୍ପ କରିବା ସହ କିଛି ଉପହାର ମଧ୍ୟ ଦେଇଥାଏ । ଚଳିତ ବର୍ଷ ୧୯ ଅଗଷ୍ଟରେ ରାକ୍ଷୀ ପୂର୍ଣ୍ଣିମା । ତେବେ ଏହି ଦିନ ଭଉଣୀକୁ ଉପହାରରେ କେଉଁ କେଉଁ ଜିନିଷ ଦେବା ଉଚିତ୍ ନୁହେଁ..***

**ଚମଡାରେ ତିଆରି ଜିନିଷ:** ବଜାରରେ ଚମଡାରେ ତିଆରି ଅନେକ ସୁନ୍ଦର ସୁନ୍ଦର ଜିନିଷ ରହିଛି । ମାତ୍ର ଏହି ଦିନ ଭଉଣୀଙ୍କୁ ଚମଡାରେ ପ୍ରସ୍ତୁତ କୌଣସି ଜିନିଷ ଉପହାରରେ ଦିଅନ୍ତୁ ନାହିଁ । ଏହା ଶନିଦେବଙ୍କ ସହ ସମ୍ବନ୍ଧିତ ବୋଲି କୁହାଯାଏ । ଏହାକୁ ଉପହାର ଦେଲେ ଜୀବନରେ ସମସ୍ୟା ଦେଖାଦେଇଥାଏ ।

**କଳା ରଙ୍ଗର ଜିନିଷ:** ଏହି ଦିନ କଳା ରଙ୍ଗର ଜିନିଷ ଉପହାରରେ ଦିଅନ୍ତୁ ନାହିଁ । ଏହାର ନକାରାତ୍ମକ ପ୍ରଭାବ ପଡିଥାଏ । ଭଉଣୀକୁ କଳା ରଙ୍ଗର ପୋଷାକ ମଧ୍ୟ ଉପହାରରେ ଦିଅନ୍ତୁ ନାହିଁ ।

**ଜୋତା-ଚପଲ:** ଜୋତା ଚପଲର ସମ୍ବନ୍ଧ ମଧ୍ୟ ଶନି ଦେବଙ୍କ ସହ ରହିଛି । ତେଣୁ ଭଉଣୀକୁ ଉପହାରରେ କଦାପି ଜୋତାଚପଲ ଦିଅନ୍ତୁ ନାହିଁ । ଏହାଦ୍ୱାରା ଜୀବନରେ ଅନେକ ସମସ୍ୟା ଦେଖାଦେଇଥାଏ ।

**ଘଣ୍ଟା:** ବଜାରରେ ବିଭିନ୍ନ ପ୍ରକାର ଘଣ୍ଟା ସହ ସ୍ମାର୍ଟ ଘଣ୍ଟା ମଧ୍ୟ ଉପଲବ୍ଧ । ଘଣ୍ଟା ମନୁଷ୍ୟର ଭଲ ଓ ଖରାପ ସମୟ ସହ ଜଡ଼ିତ । ତେଣୁ ଭୁଲରେ ଘଣ୍ଟା ଉପହାରରେ ଦିଅନ୍ତୁ ନାହିଁ ।

ହିନ୍ଦୁ ଧର୍ମରେ ଧାରୁଆ ଜିନିଷକୁ ଉପହାର ଦେବା ଅଶୁଭ ବୋଲି କୁହାଯାଇଛି । ଧାରୁଆ ଜିନିଷ ଉପହାରରେ ଦେବା ଦ୍ୱାରା ସମ୍ପର୍କ ଉପରେ ନକାରାତ୍ମକ ପ୍ରଭାବ ପଡିଥାଏ ।

## ଆଜି ଅଗଷ୍ଟ କ୍ରାନ୍ତି ଦିବସ



ଆଜି ଅଗଷ୍ଟ ୯ ତାରିଖ । ଆଜିର ଦିନକୁ ସମଗ୍ର ଭାରତବର୍ଷରେ 'କ୍ରାନ୍ତି ଦିବସ' ଭାବେ ପାଳନ କରାଯାଏ । ଇଂରେଜମାନଙ୍କ ବିରୋଧରେ ଭାରତର ଶେଷ ଲଢ଼େଇ ଥିଲା ଭାରତ ଛାଡ଼ ଆନ୍ଦୋଳନ । ଦେଶ ମାତୃକାଙ୍କୁ ସ୍ୱାଧୀନ କରିବା ପାଇଁ ୧୯୪୨ ମସିହା ଅଗଷ୍ଟ ୯ ତାରିଖରେ ମହାତ୍ମା ଗାନ୍ଧୀ ଭାରତ ଛାଡ଼ ଆନ୍ଦୋଳନର ଡାକରା ଦେଇଥିଲେ । ସେ ଦିନ ମହାତ୍ମା ଗାନ୍ଧୀଙ୍କ 'ଭାରତ ଛାଡ଼' ଆହ୍ୱାନ ଓ 'କର ବା ମର' ମନ୍ତ୍ରରେ ସାରା ଦେଶ ଯେମିତି ଦୀକ୍ଷିତ ହୋଇଯାଇଥିଲା । ପ୍ରତ୍ୟେକ ଭାରତୀୟଙ୍କ ହୃଦୟକୁ ଅନୁପ୍ରାଣିତ କରିଥିଲା ଏହି ଡାକ । ସାରା ଭାରତରେ ବ୍ରିଟିଶ ଶାସନ ବିରୋଧୀ ଆନ୍ଦୋଳନ ନିଆଁ ଚରି ଯାଇଥିଲା । ଅଗଷ୍ଟ ୮ ତାରିଖରେ ବମ୍ବେରେ ଅନୁଷ୍ଠିତ ସର୍ବଭାରତୀୟ କଂଗ୍ରେସ କମିଟି ବୈଠକର ନିଷ୍ପତ୍ତି ଅନୁସାରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା । ସେଇ ଦିନରୁ ହିଁ ଭାରତର ସ୍ୱାଧୀନତା ପାଇଁ ପନ୍ଥ ବା ପଥ ପ୍ରସ୍ତୁତ ହୋଇଯାଇଥିଲା । ସେହି ଐତିହାସିକ ଗୋୱାଲିଆ ଟ୍ୟାଙ୍କ ମଇଦାନ ତା ପର ଠାରୁ 'ଅଗଷ୍ଟ କ୍ରାନ୍ତି ମଇଦାନ' ଭାବେ ପରିଚିତ ହେଲା । ଦେଶବାସୀଙ୍କୁ ମହାତ୍ମାଙ୍କ ଐତିହାସିକ ଆହ୍ୱାନ ଥିଲା କର ବା ମର । ଆବାଳ - ବୃଦ୍ଧ - ବନିତା ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଆନ୍ଦୋଳନରେ ସାମିଲ ହୋଇଥିଲେ । ଆନ୍ଦୋଳନକୁ ଦମନ କରିବା ପାଇଁ ଇଂରେଜ ସରକାର କଂଗ୍ରେସକୁ ନିଷିଦ୍ଧ କରିଥିଲେ । ବହୁ ସଂଗ୍ରାମୀ ନେତାଙ୍କୁ ଗିରଫ କରାଯାଇଥିଲା । ଉତ୍ତର ପ୍ରଦେଶ, ବିହାର, ବେଙ୍ଗଲ, ବମ୍ବେ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତମଲୁକ, ସାତାରା, ଧାରୱାଡ଼, ବାଲେଶ୍ୱର, ତାଳଚେର ଆଦି ସ୍ଥାନରେ ଏହି ଆନ୍ଦୋଳନର ପ୍ରଭାବ ଅଧିକ ଅନୁଭୂତ ହୋଇଥିଲା । ଇଂରେଜ ସରକାର ବିରୋଧରେ ଉତ୍କ୍ଷିପ୍ତ ଲୋକେ ସବୁଠି ବିକ୍ଷୋଭ ଓ ହରତାଳ କରିଥିଲେ । ରେଳ ଷ୍ଟେସନ, ପୁଲିସ ଷ୍ଟେସନ, କୋର୍ଟ କଚେରୀ ଆଦିରେ ବ୍ୟାପକ ଭଙ୍ଗାରୁଜା ହୋଇଥିଲା । ଟେଲିଗ୍ରାଫ ଓ ରେଳ ଧାରଣ ଉପୁଡ଼ାଯାଇଥିଲା । ଶେଷରେ ବ୍ରିଟିସ ସରକାର ଆନ୍ଦୋଳନକୁ ଦମନ କରିବା ପାଇଁ ସେନା ବାହିନୀକୁ ଆଦେଶ ଦେଇଥିଲେ । ସଂଗ୍ରାମୀଙ୍କ ଉପରେ ଆଖିବୁଜା ଗୁଳି ଚାଳନା ଓ ଲାଠି ପ୍ରହାର ହୋଇଥିଲା । ବୃଦ୍ଧ ଓ ଶିଶୁମାନେ ବି ଏଥିରୁ ବାଦ ପଡ଼ିନଥିଲେ । ଶତାଧିକ ନିରୀହ ଲୋକ ପ୍ରାଣ ହରାଇଥିଲେ । ସେହି ବର୍ଷ ଡିସେମ୍ବର ମାସ ସୁଦ୍ଧା ଷାଠିଏ ହଜାରରୁ ଅଧିକ ଲୋକଙ୍କୁ ଜେଲରେ ଭର୍ତ୍ତି କରାଯାଇଥିଲା । ଏହି ଆନ୍ଦୋଳନ ବ୍ରିଟିସ ସରକାରକୁ ମୂଳରୁ ଅଗ ପର୍ଯ୍ୟନ୍ତ ଦୋହଲାଇ ଦେଇଥିଲା । ଫଳରେ ଭାରତ ଛାଡ଼ିବା ପାଇଁ ଫିରଙ୍ଗୀ ସରକାର ଚିନ୍ତା କରିଥିଲା । ମହାତ୍ମାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଭାରତ ଛାଡ଼ ଆନ୍ଦୋଳନ ଆମ ଦେଶର ସ୍ୱାଧୀନତା ଇତିହାସରେ ଏକ ଅଲିଭା ଅଧ୍ୟାୟ ହୋଇରହିଛି ।

## ଦେଶର ଦ୍ୱିତୀୟ ଧନୀ ଅଭିନେତ୍ରୀ ଐଶ୍ୱର୍ଯ୍ୟା

ଦେଶର ଦ୍ୱିତୀୟ ଧନୀ ଅଭିନେତ୍ରୀ ଐଶ୍ୱର୍ଯ୍ୟା, ୯୦୦ କୋଟିରେ ପହଞ୍ଚିଲା ସମ୍ପତ୍ତି ଐଶ୍ୱର୍ଯ୍ୟା ରାୟ ବଚ୍ଚନ ମନୋରଞ୍ଜନ ଜଗତର ସବୁଠୁ ପରିଚିତ ନାଁ । ତାଙ୍କର ଉପଲବ୍ଧି, ବିଳାସପୂର୍ଣ୍ଣ ଜୀବନଶୈଳୀ ଓ ନେଟ୍ ସମ୍ପତ୍ତିକୁ ନେଇ ଏକ ରିପୋର୍ଟ ସବୁରି ଧ୍ୟାନ ଆକର୍ଷଣ କରିଛି । ସିୟାସତ୍‌ର ରିପୋର୍ଟ ଅନୁସାରେ, ଐଶ୍ୱର୍ଯ୍ୟା ଭାରତର ୨ୟ ସବୁଠୁ ଧନୀ ଅଭିନେତ୍ରୀ । ତାଙ୍କର ନେଟ୍ ସମ୍ପତ୍ତି ୯୦୦ କୋଟି ଟଙ୍କାକୁ ବୃଦ୍ଧି ହୋଇଛି । ଜୁହି ଚାୱଲା ୨୦୨୪ ମସିହାରେ ଭାରତର ସବୁଠାରୁ ଧନୀ ଅଭିନେତ୍ରୀ ହୋଇଥିଲେ । ଗତ ବର୍ଷର ହୁରୁନ୍ ରିଚ୍ ଲିଷ୍ଟ ଅନୁଯାୟୀ, 'ୟେସ୍ ବସ୍' ଅଭିନେତ୍ରୀଙ୍କ ସମ୍ପତ୍ତି ୪୬୦୦ କୋଟି । ଏହି ତାଲିକାରେ ଐଶ୍ୱର୍ଯ୍ୟା ରାୟ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ଏହି ତାଲିକାରେ ପ୍ରିୟଙ୍କା ଚୋପ୍ରା, ଆଲିଆ ଭଟ୍ଟ ଏବଂ ଦୀପିକା ପାଦୁକୋନ ମଧ୍ୟ ଅଛନ୍ତି । ପରଦାରେ ଦମ୍‌ଦାର ପ୍ରଦର୍ଶନ ପାଇଁ ପରିଚିତ ଐଶ୍ୱର୍ଯ୍ୟା ବଲିଉଡ୍‌ର ଅନ୍ୟତମ ସବୁଠୁ ମହଙ୍ଗା ଅଭିନେତ୍ରୀ । ଗୋଟିଏ ଫିଲ୍ମ ପିଛା ସେ ପ୍ରାୟ ୧୦ କୋଟି ଟଙ୍କା ପାରିଶ୍ରମିକ ଚାର୍ଜ କରନ୍ତି । ଅଭିନୟ ସହିତ ଲୋକପ୍ରିୟ ଓ ମହଙ୍ଗା ଭାରତୀୟ ଓ ଅନ୍ତର୍ଜାତୀୟ ବ୍ରାଣ୍ଡଗୁଡ଼ିକର ବିଜ୍ଞାପନରୁ ସେ ୬-୭ କୋଟି ଟଙ୍କା ଆୟ କରନ୍ତି । ବିଜ୍ଞାପନରେ ତାଙ୍କର ଉପସ୍ଥିତି ବିଶ୍ୱସ୍ତରରେ ତାଙ୍କ ଲୋକପ୍ରିୟତାକୁ ବଜାୟ ରଖିବାରେ ସାହାଯ୍ୟ କରିଛି । ଅଭିନୟ ଓ ବିଜ୍ଞାପନ ସହିତ ଐଶ୍ୱର୍ଯ୍ୟା ବ୍ୟବସାୟ ଜଗତରେ ମଧ୍ୟ ଏଣ୍ଟ୍ରି କରିଛନ୍ତି । ତାଙ୍କୁ ବଲିଉଡ୍‌ର ସବୁଠୁ ସଫଳ ମହିଳା ଉଦ୍ୟୋଗୀ ଭାବେ ବିବେଚନା କରାଯାଉଛି । ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ଐଶ୍ୱର୍ଯ୍ୟା ଅନେକ ବିଳାସପୂର୍ଣ୍ଣ ସମ୍ପତ୍ତିର ମାଲିକ । ବର୍ତ୍ତମାନ ସେ ମୁମ୍ବାଇର ବାନ୍ଦ୍ରା ସ୍ଥିତ ୫୦ କୋଟିର ଭବ୍ୟ ବଙ୍ଗଳାରେ ରହୁଛନ୍ତି । ଦୁବାଇର ଜୁମିରା ଗଲ୍ଫ ଇଷ୍ଟେଟ୍ସରେ ଥିବା ସାନ୍‌ଚୁଆରୀ ଫଲ୍ସରେ ତାଙ୍କର ଏକ ସୁନ୍ଦର ଭିଲ୍ଲା ରହିଛି, ଯାହା ତାଙ୍କର ବିଳାସପୂର୍ଣ୍ଣ ଜୀବନଶୈଳୀକୁ ଦର୍ଶାଉଛି ।



## ରକ୍ଷାବନ୍ଧନ ଥାଳିରେ ରଖନ୍ତୁ ଏହି ୫ ଜିନିଷ ଚମକିବ ଭାଇଙ୍କ ଭାଗ୍ୟ



***ଭାଇ ଏବଂ ଭଉଣୀଙ୍କ ମଧ୍ୟରେ ଅତୁଟ ବନ୍ଧନର ପ୍ରତୀକ ରାକ୍ଷୀ ପୂର୍ଣ୍ଣିମା । ଏହି ଦିନ, ଭଉଣୀମାନେ ସେମାନଙ୍କ ଭାଇର ଦୀର୍ଘ ଜୀବନ, ସୁରକ୍ଷା ଏବଂ ଖୁସି ପାଇଁ ପ୍ରାର୍ଥନା କରନ୍ତି । କିନ୍ତୁ ରକ୍ଷାବନ୍ଧନ ଥାଳିରେ ଏହି ୫ ଟି ଜିନିଷ ରଖିଲେ ଚମକେ ଭାଇଙ୍କ ଭାଗ୍ୟ । ତେବେ ଜାଣିନିଅନ୍ତୁ...***

- **କୁମକୁମ ବା ରୋଲି:** ଯେକୌଣସି ଶୁଭ କାର୍ଯ୍ୟରେ, ପାତ୍ରରେ କୁମକୁମ ବା ରୋଲି ରଖିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ରାଖୀରେ, ସର୍ବପ୍ରଥମେ, କୁମକୁମ ବା ରୋଲି ସହିତ କପାଳରେ ତିଳକ ଲଗାଯାଏ । ଏହାକୁ ଦୀର୍ଘ ଜୀବନ ଏବଂ ବିଜୟର ପ୍ରତୀକ ମଧ୍ୟ ବିବେଚନା କରାଯାଏ ।
- **ଅକ୍ଷତ:** ରାକ୍ଷୀ ପାତ୍ରରେ ଅକ୍ଷତ ବହୁତ ଗୁରୁତ୍ୱପୂର୍ଣ୍ଣ । ଅକ୍ଷତ ଅର୍ଥ ଗୋଟା ଧଳା ଚାଉଳ ବା ଅରୁଆ ଚାଉଳ । ଅକ୍ଷତକୁ ଶୁଭ ବୋଲି ବିବେଚନା କରାଯାଏ । ଯେକୌଣସି ପୂଜାରେ ଅକ୍ଷତକୁ ସାମିଲ କରିବା ଆବଶ୍ୟକ । ତିଳକ ପରେ, ଭାଇର କପାଳରେ ଅକ୍ଷତ ଲଗାଯାଏ । ପାତ୍ରରେ କିଛି ଚାଉଳ କିମ୍ବା ଅକ୍ଷତ ରଖନ୍ତୁ ।
- **ଦୀପ:** ରାକ୍ଷୀ ପାତ୍ରରେ ଦୀପର ବହୁତ ଗୁରୁତ୍ୱ ଅଛି । କୁହାଯାଏ ଯେ ରାଖୀ ବାନ୍ଧିବା ପରେ ଭାଇର ଆରତୀ କରିବା ଦ୍ୱାରା ଭାଇ ଉପରେ ଖରାପ ନଜର ପଡ଼ି ନଥାଏ । ତେଣୁ, ପାତ୍ରରେ ଆରତୀ କିମ୍ବା ଦୀପକ ରଖନ୍ତୁ ।
- **ମିଠା:** ରାକ୍ଷୀ ପାତ୍ରରେ ମିଠାର ବହୁତ ଗୁରୁତ୍ୱ ଅଛି । ରାକ୍ଷୀ ବାନ୍ଧିବା ପରେ ଭାଇ ଭଉଣୀ ପରସ୍ପରକୁ ମିଠା ଖୁଆଇଥାନ୍ତି । ମିଠା ସେମାନଙ୍କ ସମ୍ପର୍କରେ ମଧୁରତା ଆଣିଥାଏ । ତେଣୁ, ରକ୍ଷାବନ୍ଧନ ଥାଳି ସଜାଇବା ସମୟରେ, ଏଥିରେ ମିଠା ମଧ୍ୟ ରଖିବା ଉଚିତ ।
- **ନଡ଼ିଆ:** ରାକ୍ଷୀ ଥାଳିରେ ନଡ଼ିଆର ବହୁତ ଗୁରୁତ୍ୱ ଅଛି । କିଛି ସ୍ଥାନରେ, ରକ୍ଷାବନ୍ଧନରେ ପୂଜା ଥାଳିରେ ତିଳକ ଲଗାଇବା ପରେ, ଭଉଣୀ ତାଙ୍କ ଭାଇକୁ ନଡ଼ିଆ ଦିଅନ୍ତି । ଏହାକୁ ଶ୍ରୀଫଳ ମଧ୍ୟ କୁହାଯାଏ । ଏହାକୁ ଦେବୀ ଲକ୍ଷ୍ମୀଙ୍କ ଫଳ ବୋଲି ବିବେଚନା କରାଯାଏ । ବିଶ୍ୱାସ କରାଯାଏ ଯେ ଭାଇକୁ ଏହା ଦେବା ଦ୍ୱାରା ତାଙ୍କର ଉନ୍ନତିର ପଥ ଖୋଲିଯାଏ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ): ଆସନ୍ତା କାଲି ଜୟପୁରଠାରେ ସୁଭଦ୍ରା ଯୋଜନାର କିସ୍ତି ବଣ୍ଟନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆସୁଥିବା ପୂର୍ବରୁ ଶୁକ୍ରବାର ଖଣି ମନ୍ତ୍ରୀ ବିଭୂତି ଜେନା କୋରାପୁଟ ଗସ୍ତରେ ଆସି କିଛି ସମୟ ଧରି ଲକ୍ଷ୍ମୀପୁର ଥରେ ଅଟକି ଥିଲେ। ଏନେଇ ଲକ୍ଷ୍ମୀପୁର ବ୍ଲକ ସଭାପତି ଅଜୟ ଖରାଙ୍କ ନେତୃତ୍ୱରେ ବିଜେପି ଦଳୀୟ କର୍ମୀଙ୍କ ତରଫରୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରି ମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ପୂର୍ବତନ ବିଧାୟକ କୈଳାଶ କୁଲେସିକା, ମନୋଜ ସାହୁ, ଦେବ ଖରା, ବାମଦେବ ତୁରୁକ, ମଣ୍ଟୁ ହିଆଲ, ବାବୁଲା ମହାରଣା, ଉଦୟ ହିକକାଙ୍କ ସମେତ ବହୁ ସଂଖ୍ୟାରେ ବିଜେପି କର୍ମୀ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ଜାଣି କିଛି ଖଣି ପ୍ରଭାବିତ ଅଞ୍ଚଳ ବାସି ନିଜ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ଏନେଇ ମନ୍ତ୍ରୀ ଶ୍ରୀଯୁକ୍ତ ଜେନା ଲୋକଙ୍କ ଅଭିଯୋଗକୁ ନେଇ ସମାଧାନ ଦିଗରେ ଦୃଷ୍ଟି ଦିଆଯିବ ବୋଲି କହିଥିଲେ। ମନ୍ତ୍ରୀଙ୍କ ଗସ୍ତକୁ ଅଖି ଆଗରେ ରଖି ଲକ୍ଷ୍ମୀପୁର ପୋଲିସ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଘରୋଇ ଆମ୍ବୁଲାନ୍ସ କବ୍ଜାରେ ଆଳି ସ୍ୱାସ୍ଥ୍ୟକେନ୍ଦ୍ର



ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ର ଚତୁର୍ପାର୍ଶ୍ୱ ରେ ମାଳମାଳ ଛୋଟରୁ ବଡ଼ ଆମ୍ବୁଲାନ୍ସ ଛିଡା ହୋଇ ରହୁଥିବାର ଦେଖିବାକୁ ମିଳୁଛି । ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଳି, ରାଜକନିକା ଓ ରାଜନଗର ର ହଜାର ହଜାର ରୋଗୀ ନିର୍ଭରଶୀଳ ହେଉଥିବା ବେଳେ ଦୈନିକ ଶତାଧିକ ରୋଗୀ ଚିକିତ୍ସା ପାଇଁ ଏଠାକୁ ଆସିଥାନ୍ତି । କିନ୍ତୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ବିଶେଷଜ୍ଞ ଡାକ୍ତର ନ ଥିବା ଯୋଗୁଁ ଆସୁଥିବା ରୋଗୀ ମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା କଟକ ବଡ଼ ମେଡିକାଲ କୁ ପଠାଇ ଦିଆଯାଇଥାଏ । କିନ୍ତୁ ବଡ଼ ବିଡମ୍ବନାର ବିଷୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ରୋଗୀମାନଙ୍କୁ ମାଗଣାରେ ଉତ୍ତମ ଚିକିତ୍ସା ଯୋଗାଇବା ନିମନ୍ତେ ଜିଲ୍ଲା ଓ ରାଜ୍ୟସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ପାଇଁ ଆମ୍ବୁଲାନ୍ସର ବ୍ୟବସ୍ଥା ଥିବା ବେଳେ ଘରୋଇ ଆମ୍ବୁଲାନ୍ସର ଦଲାଲମାନେ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ରୋଗୀ ମାନଙ୍କୁ ନିଜ ଆମ୍ବୁଲାନ୍ସରେ ନେବା ପାଇଁ ପ୍ରବର୍ତ୍ତାଇବା ସହ ଅଧିକ ଟଙ୍କା ପାଇଁ ଜୁଲୁମ କରୁଥିବା ନେଇ ଅଭିଯୋଗ ହୋଇଛି । ବିଶେଷ କରି ଆଳି ଅଞ୍ଚଳର ଲୋକେ କୃଷି ଉପରେ ନିର୍ଭରଶୀଳ ହୋଇଥାନ୍ତି । ସେମାନେ ଉତ୍ତମ ଚିକିତ୍ସା ପାଇଁ ବେସରକାରୀ ବା ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ସମ୍ଭବପର ହୋଇନଥାନ୍ତି । ଫଳରେ ସେମାନେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଭରସା କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆସିଥାନ୍ତି । ସେମାନଙ୍କ ମଧ୍ୟରୁ ଯଦି କୌଣସି ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥାଏ ସେମାନେ ପ୍ରଥମେ ସରକାରୀ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥାନ୍ତି । କିନ୍ତୁ ସେମାନେ ସରକାରୀ ଆମ୍ବୁଲାନ୍ସକୁ ଅପେକ୍ଷା କରିଥିବା ବେଳେ ସରକାରୀ ଆମ୍ବୁଲାନ୍ସ ସବୁ ସମୟରେ ବିଭିନ୍ନ ପ୍ରକାରର ଆଳ ଦେଖାଇବା ସହ ଅନ୍ୟ ବ୍ଲକରୁ ଯାଉଥିବା କହି ବିଳମ୍ବ କରୁଥିବା ନେଇ ଅନେକ ସମୟରେ ଅଭିଯୋଗ ଆସିଥାଏ । ଏହି ବିଳମ୍ବର ସୁଯୋଗ ନେଇ ତତକ୍ଷଣାତ ଘରୋଇ ଆମ୍ବୁଲାନ୍ସର ଦଲାଲମାନେ ରୋଗୀଙ୍କ ସମ୍ପର୍କୀୟଙ୍କୁ ବୁଝାଇ ତାଙ୍କ ସହ ଯିବାକୁ ପ୍ରବର୍ତ୍ତାଇ ଥାନ୍ତି । ଶେଷରେ ଅସହାୟ ରୋଗୀ ନିରୁପାୟ ହୋଇ ସରକାରୀ ସୁବିଧା ନ ପାଇ ବାଧ୍ୟ ହୋଇ ଘରୋଇ ଆମ୍ବୁଲାନ୍ସରେ ଧାରକରଜ କରି ଯିବାକୁ ନିଷ୍ପତ୍ତି ନେଇଥାଏ । ଏଠି ପ୍ରଶ୍ନ ଉଠେ ସରକାରି ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଭିତରେ ଘରୋଇ ଆମ୍ବୁଲାନ୍ସ ରହିବାର ବ୍ୟବସ୍ଥା ନ ଥିବା ବେଳେ କେମିତି, କିପରି ଓ କାହା ସ୍ୱାର୍ଥରେ ଦିନ ରାତି ଏହି ଆମ୍ବୁଲାନ୍ସ ଗୁଡିକ ପରିସର ମଧ୍ୟରେ ଠିଆ ହୋଇ ରହୁଛି । ଅନେକ ସମୟରେ ସରକାରୀ ଗାଡି ଗୁଡ଼ିକ ଭିତରକୁ ପ୍ରବେଶ ସମୟରେ ଘରୋଇ ଆମ୍ବୁଲାନ୍ସଗୁଡ଼ିକ ରାସ୍ତାକୁ ମାଡ଼ି ବସିଥିବା ବେଳେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥାଏ । ଧୀରେ ଧୀରେ ଏହାକୁ ନେଇ ଜନ ଅସନ୍ତୋଷ ବଢ଼ିବାର ଦେଖିବାକୁ ମିଳୁଛି । ଏ ନେଇ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା ପ୍ରଣବ ଶୁକ୍ଳା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଏ ଘଟଣାକୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛି । ତାଙ୍କ ଠାରୁ ନିର୍ଦ୍ଦେଶ ଆସିବା ପରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ।

# ସରକାରୀ ରାସ୍ତା ମାପ ଚିହ୍ନଟ କଲେ ତହସିଲଦାର

## ୧୫ ଦିନ ଭିତରେ ରାସ୍ତା ନିର୍ମାଣ ପାଇଁ କଥା ଦେଲେ




ବୋଲଗଡ(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲା ବୋଲଗଡ଼ ତହସିଲ ଅନ୍ତର୍ଗତ ପିଚୁକୁଳି ରାଜସ୍ୱ ନୀରିକ୍ଷକଙ୍କ ଅଧୀନସ୍ଥ ରାସୋଳ ଗ୍ରାମରେ ଜବର ଦଖଲ ହୋଇଥିବା ସରକାରୀ ରାସ୍ତାକୁ ବୋଲଗଡ ତହସିଲଦାର ବିଜୟ କୁମାର ସେଠୀଙ୍କ ଦ୍ୱାରା ମାପ ଚିନ୍ହଟ ହୋଇଛି । ବୋଲଗଡ ତହସିଲଦାର ଶ୍ରୀ ସେଠୀଙ୍କ ନିର୍ଦ୍ଦେଶ କ୍ରମେ ପିଚୁକୁଳି ରାଜସ୍ୱଅଧିକାରୀ ଦେବ ଦତ୍ତ ବିଶ୍ୱାଳ, ସାନପଦର ଗ୍ରାମପଞ୍ଚାୟତ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସରକାରୀ ଅମିନ ପୂର୍ଣ୍ଣ ଚନ୍ଦ୍ର ସାହୁ, ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ଶ୍ରୀ ଶତପଥି ପୋଲିସ ଫୋର୍ସ ଆଣି ଶାନ୍ତି ଶୃଙ୍ଖଳା ରକ୍ଷା କରି ସରକାରୀ ମାପ ଚିହ୍ନଟ ବେଳେ ଉପସ୍ଥିତ ରହିଥିଲେ । ମାପ ଚିହ୍ନଟ ବେଳେ ଶାନ୍ତି ଶୃଙ୍ଖଳା ସହିତ ସରକାରୀ ରାସ୍ତାକୁ ମୁକ୍ତ ପାଇଁ ତହସିଲଦାର ଲୋକମାନଙ୍କୁ ବୁଝାଇ ଚୂନ ଦେଇ ମାପ ଚିହ୍ନଟ କରି ରାସୋଳ ଗ୍ରାମବାସୀଙ୍କୁ ରାସ୍ତା ଦେଖାଇଥିଲେ । ରାସୋଳ ଗ୍ରାମର ନାରାୟଣ ବଳିୟାରସିଂହଙ୍କ ଘରଠାରୁ ବାଉତି ମନ୍ଦିର ପର୍ଯ୍ୟନ୍ତ ରାସ୍ତା, ବୁଦ୍ଧିନାଥ ବେହେରାଙ୍କ ବାରିଠାରୁ ରାସୋଳ ବଡ଼ ସାହି ଛକ ପର୍ଯ୍ୟନ୍ତ ଓ ହରିହର ମହାପାତ୍ରଙ୍କ ବାରିଠାରୁ ଜେନା ଗାଡ଼ିଆ ପୋଖରୀ ପର୍ଯ୍ୟନ୍ତ ନିର୍ମାଣ ଖାତା ନମ୍ବର ୩୯୯ରେ ଥିବା ୭୫୬, ୩୬୯ ଓ ୭୫୧ ନମ୍ବର ପ୍ଲଟଗୁଡ଼ିକୁ ମାପ ଚିହ୍ନଟ କରାଯାଇଥିଲା । ତହସିଲଦାର ତଥା ଭାରପ୍ରାପ୍ତ ବିଡ଼ିଓ ବିଜୟ କୁମାର ସେଠୀ ରାସୋଳ ଗ୍ରାମବାସୀଙ୍କୁ କହିଥିଲେ ଯେ ଏହି ରାସ୍ତା ଆସନ୍ତା ଦୁଇ ସପ୍ତାହ ଭିତରେ ନିର୍ମାଣ କରାଯିବ । ରାସୋଳ ଗ୍ରାମରେ ଥିବା ସରକାରୀ ରାସ୍ତାକୁ ଚିହ୍ନଟ କରି ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇ ନୂତନ ରାସ୍ତା ନିର୍ମାଣ କରାଯିବାକୁ ତହସିଲଦାର ବିଜୟ କୁମାର ସେଠୀ କଥା ଦେଇ କଥା ରଖିଲେ । ଏହା ଦ୍ୱାରା ରାସୋଳ ଗ୍ରାମବାସୀଙ୍କ ମନରେ ଆନନ୍ଦର ଲହରୀ ଖେଳି ଯାଇଛ । ଓ ସମସ୍ତ ରାସୋଳ ଗ୍ରାମବାସୀ ଓ ଗ୍ରାମ ସମ୍ପାଦକ ଗଙ୍ଗାଧର ଦଳେଇ, ୱାର୍ଡ ସଭ୍ୟ ବାଳକୃଷ୍ଣ ସାହୁ ତହସିଲଦାରଙ୍କୁ ଧନ୍ୟବାଦ ଅର୍ପଣ କରିଅଛନ୍ତି ।

# ୫ ସେବା ସମବାୟ ସମିତି ପରିଦର୍ଶନ କଲେ ବିଜେପି କୃଷକ ମୋର୍ଚ୍ଚା ସଭାପତି

କେନ୍ଦୁଝର(ଭାସ୍କର ନ୍ୟୁଜ): ଓଡିଶାର ଚାଷୀ ଦରଦୀ ଲୋକପ୍ରିୟ ଯଶସ୍ୱୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଚାଷୀ ମାନଙ୍କର ଆୟକୁ ଦୁଇ ଗୁଣା କରିବା ସହିତ ଚାଷୀ ମାନଙ୍କୁ ସମୃଦ୍ଧ କରିବା ପାଇଁ ବ୍ୟାପକ କୃଷକ କଲ୍ୟାଣକାରୀ ଯୋଜନା କରିଛନ୍ତି। ଚଳିତ ଖରିଫ ଧାନ ସଂଗ୍ରହ ଅଭିଯାନକୁ ଶୃଙ୍ଖଳିତ କରିବା ପାଇଁ ଚାଷୀ ପଞ୍ଜି କରଣକୁ ସ୍ୱଚ୍ଛତାର ସହିତ କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଏହାର ସଫଳ ରୂପାୟନ ପାଇଁ ଆଜି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ସବଡିଭିଜନ ର ୫ଟି ସେବା ସମବାୟ ସମିତି ପରିଦର୍ଶନ କରିଛନ୍ତି ଓ ଚାଷୀ ମାନଙ୍କୁ ଭେଟି ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ଆନନ୍ଦପୁର ସବଡିଭିଜନର ବେଲବାହାଳି, ଖଲଣା, ବାଟୋ, ଶାଳଦେଇ, ଅଳତି ଓ ଗଡବାନ୍ଧଗୋଡା ପ୍ରଭୃତି ସେବା ସମବାୟ ସମିତିକୁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ସାହୁ ପରିଦର୍ଶନ କରିବା ସହିତ ଚାଷୀ ମାନଙ୍କ ସହିତ ଆଲୋଚନା ଖରିଫ୍ ଧାନ ସଂଗ୍ରହ ପାଇଁ ପଞ୍ଜିକରଣ ଠିକ ଠାକ ଭାବେ ଚାଲୁଛି କି ନାହିଁ ତାହାର ତଦାରଖ କରିଥିଲେ। ତତସହିତ ବିଭିନ୍ନ



ସମସ୍ୟା ବିଷୟରେ ଚାଷୀ ମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ଘସିପୁରା ବ୍ଲକ ସାଂସଦ ପ୍ରତିନିଧି ଶିବେନ୍ଦ୍ର କୁମାର ଚକ୍ର, ବିଜେପି ବରିଷ୍ଠ ନେତା ଅନାଦୀ ଚରଣ ସାହୁ, ପ୍ରାଣବନ୍ଧୁ ସାହୁ, ତୀର୍ଥବାସି ଯେନା, ପ୍ରମୋଦ କୁମାର ସାହୁ, ଚତୁର୍ଭୁଜ ମୁର୍ମୁ, ବିକାଶ ଚକ୍ର, ଶ୍ରୀଧର ମହାନ୍ତ, ଖଗେଶ୍ୱର ଜେନା, ମଳୟ ପଣ୍ଡା, ନରେନ୍ଦ୍ର ମଲ୍ଲିକ, ବାଇଧର ଜେନା, ସୁମନ୍ତ ତ୍ରିପାଠୀ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# ୫ କିଲୋରୁ ଊର୍ଦ୍ଧ୍ୱ ଓଜନର ହାତୀଦାନ୍ତ ଜବତ, ୫ ଗିରଫ



କେନ୍ଦୁଝର(ଭାସ୍କର ନ୍ୟୁଜ): ବନ୍ୟପ୍ରାଣୀ ଅପରାଧ ବିରୋଧରେ ଲଢ଼େଇରେ ଏକ ବଡ଼ ସଫଳତା ହାସଲ କରି, କେନ୍ଦୁଝର ବନ ବିଭାଗ ହାତୀ ଦାନ୍ତର ଅବୈଧ କାରବାର ଏବଂ ଚାଲାଣରେ ସମ୍ପୃକ୍ତ ପାଞ୍ଚ ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ସ୍ୱିନ ବା ସିମ୍ପ୍ଲିପଲ ୱାଇଲ୍ଡଲାଇଫ୍ ଇଣ୍ଟେଲିଜେନ୍ସ ନେଟୱାର୍କ ଅଥବା ବନ୍ୟଜନ୍ତୁ ସୁରକ୍ଷା ଗୁଇନ୍ଦା ବ୍ୟବସ୍ଥା ଦ୍ୱାରା ଗୁପ୍ତଚର ସୂଚନା ପ୍ରଦାନ କରାଯାଇଥିଲା। ଏହି ଅଭିଯାନର ଯୋଜନା ଏବଂ କାର୍ଯ୍ୟକାରୀତା କେନ୍ଦୁଝର ବନ ବିଭାଗ ଏବଂ ସ୍ୱିନ ଦ୍ୱାରା ମିଳିତ ଭାବରେ କରାଯାଇଥିଲା। କେନ୍ଦୁଝର ଡ଼ିଏଫଓ ଧନରାଜ ଏଚଡିଙ୍କ ମାର୍ଗଦର୍ଶନରେ କରାଯାଇଥିବା ଏହି ଅଭିଯାନ, ଅଞ୍ଚଳରେ ଶିକାର ଏବଂ ଅବୈଧ ବନ୍ୟପ୍ରାଣୀ ବାଣିଜ୍ୟ ରୋକିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇ ପ୍ରାପ୍ତ ବିଶ୍ୱସ୍ତ ଗୁଇନ୍ଦା ସୂଚନା ଆଧାରରେ, ଅଗଷ୍ଟ ୭ରେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇଥିଲା ଯେଉଁଥିରେ ଅନ୍ତର୍ଭୁକ୍ତ ଥିଲେ ସହକାରୀ ବନ ସଂରକ୍ଷକ ବା ଏସିଏଫ ସୁଦୀପ୍ତ ପଣ୍ଡା, ଭୂୟାଁ ଜୁଆଙ୍ଗ ପିଢ ରେଞ୍ଜ ଅଧିକାରୀ ନୟାକାନ୍ତ ସାହୁ, ବନପାଳ କାଳିନ୍ଦୀ ଚରଣ ସାମଲ, ଜ୍ୟୋତିର୍ମୟୀ ପଟ୍ଟନାୟକ, ସରୋଜ କୁମାର ପାତ୍ର, ବନରକ୍ଷୀ ସୁବ୍ରତ ପାତ୍ର, ମିତ୍ରଭାନୁ ନାଏକ, ଏବଂ ମିଲିରାଣୀ ଦାଶ। ଶୁଆକାଟିସ୍ଥିତ ରେଞ୍ଜ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରୁ ଜଣାପଡ଼ିଛି ଯେ ଭୂୟାଁ ଜୁଆଙ୍ଗ ପିଢ (ବିଜେପି) ରେଞ୍ଜର ଶୁଆକାଟି ସେକ୍ସନର ବାଂଶପାଳ ବିଟ୍ ଅନ୍ତର୍ଗତ ବାଲିବେଡା ଗ୍ରାମରେ ହାତୀ ଦାନ୍ତ ସମ୍ପର୍କିତ ଏକ କାରବାର ହେବାର ସୁରାକ ପାଇ ଅନୁସନ୍ଧାନକାରୀ ଦଳ ଏକ ସର୍ଚ୍ଚ ୱାରେଣ୍ଟ ବଳରେ ଏହି ସନ୍ଦିଗ୍ଧ ଲୋକଙ୍କୁ ଧରିଥିଲା। ଶୁକ୍ରବାର ସକାଳ ୧୦ଟାରେ ବନବିଭାଗ ନୟାକୋଟ ଥାନା ଅନ୍ତର୍ଗତ ବାଲିବେଡା ଗ୍ରାମର ଗଙ୍ଗାଧର ପାତ୍ରଙ୍କ ଗୃହ ପରିସରରେ ଚଢାଉ କରିଥିଲା, ଯେଉଁଠାରେ ପାଞ୍ଚ ଜଣଙ୍କ ପାଖରେ ଚାରୋଟି ହାତୀ ଦାନ୍ତ ଥିବା ଦେଖିବାକୁ ମିଳିଥିଲା। ଜବତ ଦାନ୍ତଗୁଡ଼ିକର ପରିମାଣ ମୋଟ ୫କିଲୋ ୫୮ ଗ୍ରାମ ହେବ ବୋଲି ଜଣାପଡିଛି। ଗିରଫ ଅଭିଯୁକ୍ତ ହେଲେ ନୟାକୋଟ ଥାନା ଅନ୍ତର୍ଗତ ବାଲିବେଡା ଗ୍ରାମର ଗଙ୍ଗାଧର ପାତ୍ର(୪୧ବର୍ଷ), ଜମ୍ପିରିପସି ଗ୍ରାମର ନାରଦ ମୁଣ୍ଡା (୨୫), ମୟୁରଭଞ୍ଜ ଜିଲ୍ଲାର ରରୁଆଁ ଥାନା ଅନ୍ତର୍ଗତ ଭାଲିଆଡିହାର କେଦାରନାଥ ପାତ୍ର (୪୯), ଚମ୍ପୁଆ ଥାନା ଅନ୍ତର୍ଗତ ଯୋଡାପୋଖରୀ ଗ୍ରାମର ଶ୍ରୀକୃଷ୍ଣ ଚନ୍ଦ୍ର ମୁଣ୍ଡା(୪୫) ଓ ସଦର ଥାନା ଅନ୍ତର୍ଗତ ବରଦାପାଳ ଗ୍ରାମର ଘସିରାମ ମୁଣ୍ଡା(୩୦)। ଏହି ସାମ୍ବାଦିକ ସମ୍ମିଳନୀରେ କେନ୍ଦୁଝର ଡ଼ିଏଫଓ ଧନରାଜ ଏଚଡିଙ୍କ ସମେତ ଅନ୍ୟ ବରିଷ୍ଠ ବନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

# ଚୋରି ସାମଗ୍ରୀ ଜବତ: ଜଣେ ଗିରଫ




ଧାମନଗର(ଭାସ୍କର ନ୍ୟୁଜ): ଧାମନଗର ଥାନା ଅଞ୍ଚଳରେ କିଛିଦିନ ହେବ ବିଭିନ୍ନ ଦେବାଦେବୀ ମନ୍ଦିରରୁ ଠାକୁରଙ୍କ ପୂଜା ସାମଗ୍ରୀ ଓ ଅଳଙ୍କାର ଚୋରି ଅହରହ ହେଉଛି। ବିଭିନ୍ନ ସମୟରେ ପୋଲିସ ପକ୍ଷରୁ ସନ୍ଧାନି କୁକୁର ନେଇ ତଦନ୍ତ କରି ଫେରି ଆସନ୍ତି କୌଣସି ସୁଫଳ ମିଳିଲାନି। ଏପରି ମଧ୍ୟ ଧାମନଗର ଅଞ୍ଚଳରୁ କିଚି ଚୋର ମଧ ଭଣ୍ଡାରିପୋଖରି ଅଞ୍ଚଳ ରେ ବିଭିନ୍ନ ମନ୍ଦିରରୁ ଚୋରିସହ ବିଭିନ୍ନ ଗାଡ଼ିରୁ ମଧ୍ୟ ବ୍ୟାଟେରୀ ଚୋରି ବୃଦ୍ଧି ପାଉଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଥିଲା । ତେବେ ଭଦ୍ରକ ଆରକ୍ଷୀ ଅଧିକ୍ଷକ ମନୋଜ ରାଉତଙ୍କ ନିର୍ଦ୍ଦେଶ କ୍ରମେ ଧାମନଗର ଥାନା ଅଧିକାରି ଗୋପାଳ ଜେନା ଓ ଭଣ୍ଡାରି ପୋଖରୀ ଥାନା ଅଧିକାରି କମଳା କାନ୍ତ ଦାସ ମିଳିତ ଭାବେ ଚଡାଉ କରିଥିଲେ । ଏହି ଘଟଣାରେ ଧାମନଗରର କାଜିମହଲା ଅଞ୍ଚଳରେ ଜଣେ ଚୋରକୁ ଗିରଫ କରାଯାଇଚି। ତାଠାରୁ ବିପୁଳ ମନ୍ଦିରର ସାମଗ୍ରୀ ଜବତ କରାଯାଇଚି। ଏହି ଘଟଣାରେ ଅନ୍ୟ ତିନି ଜଣଙ୍କୁ ସନ୍ଦେହରେ ପୋଲିସ ଅଟକ ରଖି ପଚରା ଉଚରା କରୁଛି। ତେବେ ଘଟଣାରେ ଆହୁରି ଚୋର ସାମିଲ ଥିବା ପୋଲିସର ଅଧିକ ତଦନ୍ତ ଜାରି ରହିଥିବାରୁ କିଛି ଲୁକ୍କାୟିତ ରଖା ଯାଇଚି। ଏସଡିପିଓ ସମସ୍ତ ଘଟଣାର ଗୋଟେ ଦିନ ପରେ ସୂଚନା ଦେବେ ବୋଲି ଭଣ୍ଡାରି ପୋଖରୀ ଓ ଧାମନଗର ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ବାରୁଣୀ ପୋଖରୀ ଦଳ ସଫା କଲେ ସାଂସଦଙ୍କ ପ୍ରତିନିଧି

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଭାଟପଡ଼ା ପଞ୍ଚାୟତ ଅଧୀନ ତିହିଡ଼ି ଗ୍ରାମର ଶେଷଭାଗକୁ ଗଙ୍ଗାମାତା ମନ୍ଦିର ରହିଛି। ଏହି ମନ୍ଦିର ସମ୍ମୁଖରେ ରହିଛି ଏତିହ୍ୟ ସମ୍ପନ୍ନ ଏକ ବାରୁଣି ପୋଖରୀ। ଏହି ପୋଖରୀଟି ଦଳ ପରିପୂର୍ଣ୍ଣ ହୋଇ ରହିଥିଲା। ଏ ସମ୍ପର୍କରେ କେତେକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ପରେ ଭଦ୍ରକ ସାଂସଦଙ୍କ ତିହିଡ଼ି ବ୍ଲକ ପ୍ରତିନିଧି ସୀତାକାନ୍ତ ନାୟକଙ୍କ ନେତୃତ୍ୱରେ ସମାଜସେବୀ ପାର୍ଥସାରଥୀ ନାୟକ, ବିଜେପି ସାହାଡ଼ାସୁନ୍ଦରୀ ମଣ୍ଡଳ ସଭାପତି କେଶବ ବେହେରା, ଯୁବନେତା ଗଣେଶ କର, ଜୟପ୍ରକାଶ ବେହେରା, ଶିବ ପ୍ରସାଦ ନାଥ, ସରୋଜ ନାଥ, ଅନୀଲ ମଲିକ, ସରୋଜ ମହାନ୍ତି, ସୁରେଶ ପାତ୍ର, ଅବିନାଶ ତ୍ରିପାଠୀ, ବିଜୟ ଜେନା, ହରିଶ୍ଚନ୍ଦ୍ର ନାୟକ ପ୍ରମୁଖ ବାରୁଣି ପୋଖରୀ ଦଳ ସଫା କରିଥିଲେ। ସେମାନଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି। ସୂଚନା ଯୋଗ୍ୟ ଯେ, ଏହି ବାରୁଣି ପୋଖରୀକୁ ନେଇ ରହିଛି କିଛି କିମ୍ବଦନ୍ତୀ। ତିହିଡ଼ି ଗ୍ରାମ ମେତ ଆଖପାଖ ଅଂଚଳର ଲୋକମାନେ ବିବାହ, ବ୍ରତ



ବେଳେ ପୋଖରୀ ନିକଟକୁ ଆସି ଶୁଭକାର୍ଯ୍ୟ ପାଇଁ ମଂଗଳ କାମନା କରିଥାନ୍ତି। ସେତେବେଳେ ପୋଖରୀରୁ ଅଲୌକିକ ଭାବେ କିଛି ବାସନ କୁସନ ପୋଖରୀରେ ଭାସିଉଠେ। ଏହି ବାସନକୁସନକୁ ନେଇ ଲୋକମାନେ ବିବାହ ଓ ବ୍ରତ କାର୍ଯ୍ୟରେ ଲଗାଇ ପୁଣି ପୋଖରୀରେ ଭସାଇ ଦିଅନ୍ତି ବୋଲି ଲୋକକଥା ରହିଛି।

# ସ୍ୱାଭିମାନ ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ



ମାଲକାନଗିରି(ଭାସ୍କର ନ୍ୟୁଜ): ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ପ୍ରଥମ କରି ଗସ୍ତ କରିଛନ୍ତି ସ୍ୱାଭିମାନ ଅଞ୍ଚଳ। ଜିଲ୍ଲାପାଳ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ଗସ୍ତ କରି ସ୍ୱାସ୍ଥ୍ୟ ଭିତ୍ତିଭୂମି ତଦାରଖ କରିବା ସହ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ପ୍ରଦାନ କରିବାକୁ କହିଥିଲେ। ସେହିପରି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ସେଠାରେ ଥିବା ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହୋଇଥିଲେ। ଶ୍ରୀ ଉପାଧ୍ୟାୟ ବାଳକ ଉଚ୍ଚ ବିଦ୍ୟାଳୟ ଗସ୍ତ କରି ଡ୍ରପ ଆଉଟ୍ ହୋଇଥିବା ଛାତ୍ରଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟରେ ଛାତ୍ରୀମାନେ କିଭଳି ଏ ୱାନ୍ ଗ୍ରେଡରେ ଉତ୍ତୀର୍ଣ୍ଣ ହେବେ ସେଥି ନିମନ୍ତେ ଯତ୍ନବାନ ହେବା ପାଇଁ ପ୍ରଧାନଶିକ୍ଷୟତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଛାତ୍ରୀଙ୍କ ହଷ୍ଟେଲ ସ୍ଥିତି, ଖାଦ୍ୟ ବ୍ୟବସ୍ଥା, ସୁରକ୍ଷା ବିଷୟରେ ମଧ୍ୟ ଜିଲ୍ଲାପାଳ ଅବଗତ ହୋଇଥିଲେ। ସେତୁ ଯୋଜନାରେ ଚାଲିଥିବା ଚିତ୍ରକୋଣ୍ଡା ଏବଂ ଟନେଲକ୍ୟାମ୍ପ ସ୍ଥିତ ବହୁମୁଖି ପ୍ରକ୍ରିୟାକରଣ ୟୁନିଟ୍ ପରିଦର୍ଶନ କରି ସ୍ୱୟଂ ସହାୟକ ଗୋଷ୍ଠୀ ମାଆଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ଦକ୍ଷତା ବୃଦ୍ଧି କରି କିଭଳି ବ୍ୟବସାୟ ଆଗକୁ ବଢିବ ସେଥିପ୍ରତି ପିଏ ଆଇଟିଡିଏଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେଠାରେ ଥିବା ତେନ୍ତୁଳି, ପଣସ ଓ ହଳଦୀ ପ୍ରକ୍ରିୟାକରଣ ଯନ୍ତ୍ରପାତି ବୁଲି ଦେଖିଥିଲେ ଜିଲ୍ଲାପାଳ । ପ୍ରଡ୍ୟୁସର୍ କମ୍ପାନୀ ସହ ଯୋଗାଯୋଗ କରି ଏହି ଉତ୍ପାଦକୁ ବ୍ରାଣ୍ଡିଂ ପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କରିବା ପାଇଁ କୁହାଯାଇଛି । ବଡପଡ଼ା ଏକୁକେସନାଲ କମ୍ପ୍ଲେକ୍ସ ପରିଦର୍ଶନ କରି କିଭଳି ଏହା ପରିଚାଳନା ହେଉଛି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଟନେଲକ୍ୟାମ୍ପ ବାୟୋ ଫ୍ଲୋକ୍ ୟୁନିଟ୍ ପରିଦର୍ଶନ କରି କିଭଳି ମାଛ ଶୀଘ୍ର ବଢିବ ଏବଂ ବଜାରକୁ ଆସିବ ସେଥି ନିମନ୍ତେ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜାନିଗୁଡ଼ା ସ୍କୁଲ୍‌ରେ ନିର୍ମାଣ ଚାଲିଥିବା ଅତିରିକ୍ତ ଶ୍ରେଣୀ ଗୃହ କାର୍ଯ୍ୟ ବୁଲି ଦେଖିଛନ୍ତି ଜିଲ୍ଲାପାଳ। ଅନ୍ୟ ମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଅଶ୍ୱିନ ଏ ଏଲ୍, ପିଏ ଆଇଟିଡିଏ ହଳଧର ଶବର, ଚିତ୍ରକୋଣ୍ଡା ବିଡିଓ ପ୍ରିତା କୁମାରୀ, ପ୍ରୋଜେକ୍ଟ ମ୍ୟାନେଜର ବିଶ୍ୱନାଥ ମିଶ୍ରଙ୍କ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ

ବନ୍ଧୁଗାଁ(ଭାସ୍କର ନ୍ୟୁଜ): ବନ୍ଧୁଗାଁ ବ୍ଲକ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ସଭା ଗୃହରେ ଡା ରଶ୍ମି ରଞ୍ଜନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ବିଧାୟକ ପବିତ୍ର ସାଉନ୍ତାଙ୍କ ସଭାପତିତ୍ୱରେ ରୋଗୀ କଲ୍ୟାଣ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପ ସଭାପତି ଭାବେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକା, ସମ୍ପାଦକ ଭାବରେ ବିଡ଼ିଓ ମିନତୀ ଜଗଦେବ, ଦୁଇଜଣ ସଦସ୍ୟ ଶ୍ରୀନୁବାସ ପଟ୍ଟନାୟକ, ଶଙ୍କର ସାରଥି, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଡି ଏଙ୍କାଟି ଅନେକ ସ୍ଥାନୀୟ ସାମ୍ବାଦିକ ଓ ବୁଦ୍ଧିଜୀବି ଉପସ୍ଥିତ ରହି ଥିଲେ। ପୂର୍ବବର୍ଷ ଗୁଡ଼ିକରେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଖର୍ଚ୍ଚ ଓ ଚଳିତ ବର୍ଷ ପାଇଁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ଏକ ଅଟକଳ ପ୍ରସ୍ତୁତ କରାଯାଇ ବିପିଓ ନୀଳକଣ୍ଠ ପାଣିଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିଲା। ମେଡିକାଲରେ ଜନ୍ମ ପ୍ରମାଣ ପତ୍ର ପାଇବା, ରୋଗୀଙ୍କୁ ବହୁ ସଂଖ୍ୟାରେ ମେଡିକାଲରେ ଚିକିତ୍ସିତ କରିବା କମ ରୋଗୀଙ୍କୁ ବାହାର




ମେଡ଼ିକାଲକୁ ସ୍ଥାନାନ୍ତର କରିବା, ଓଲଟ୍ରା ସାଉଣ୍ଡ ଶୁଭାରମ୍ଭ କରିବା, ମେଡିକାଲରେ ସୋଲାର ଲାଇଟ ଲଗାଇବା, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଡକ୍ଟର ରହୁ ନାହାନ୍ତି, କୁମ୍ଭାରିପୁଟ ସ୍ୱାସ୍ଥ୍ୟ କେନ୍ଦ୍ର ଅଞ୍ଚଳରେ ଆମ୍ବୁଲାନ୍ସ ଯୋଗାଇବା, ରୋଗୀଙ୍କୁ ରନ୍ଧା ଖାଦ୍ୟ ଯୋଗାଇବା, ମେଡିକାଲ ମଧ୍ୟରେ ପାର୍କ ତିଆରି କରିବା, ରୋଗୀଙ୍କ ସଂପର୍କୀୟ ବାହାରେ ରୁଷେଇ କରି ଖାଇବା ପାଇଁ ଘର ନିର୍ମାଣ କରିବା, ମେଡ଼ିକାଲକୁ ଲାଗି ଥିବା ଜମିକୁ ପାଚେରୀ ନିର୍ମାଣ କରିବା, ସିସିଟିଭି ଲଗେଇବା, ବ୍ଲକରେ କୁଆକ୍ ମାନଙ୍କ ସଂଖ୍ୟା ଅଧିକ ରହୁଥିବା ଓ ରୋଗୀଙ୍କୁ ଭଲ ଭାବେ ଚିକିତ୍ସା କରିବା ପାଇଁ ବିଧାୟକ ଗୁରୁତ୍ୱ ଆରୋପ କରିଥିଲେ। ଏହି ସବୁ ସମସ୍ୟା ସମାଧାନ ସ୍ଥାନୀୟ ଜନସାଧାରଣ ଙ୍କ ସହଯୋଗ ଓ ମୁଁ ବିଧାୟକ ଭାବେ ଆଗାମୀ ଦିନରେ କରିବା ପାଇଁ ଚେଷ୍ଟା କରିବାକୁ ଜଣାଇ ଥିଲେ।

# ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ସ୍ମାରକପତ୍ର ପ୍ରଦାନ



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ରାଜ୍ୟରେ ନାରୀ ଓ ଛାତ୍ରୀମାନେ ସାମ୍ପ୍ରତିକ ପରିସ୍ଥିତିରେ ଅସୁରକ୍ଷିତ। ସରକାର ନାରୀ ଓ ଛାତ୍ରୀ ମାନଙ୍କୁ ଉପଯୁକ୍ତ ସୁରକ୍ଷା ପ୍ରଦାନରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ଦୈନନ୍ଦିନ ଗୋଟିକ ପରେ ଗୋଟିଏ ନାରୀ ନିର୍ଯ୍ୟାତନା ବୃଦ୍ଧିପାଇବାରେ ଲାଗିଛି। ଏହାର ପ୍ରତିବାଦରେ ଆଜି ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଯୁବଛାତ୍ର ଜନତା ଦଳ ତରଫରୁ ଏକ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରାରେ ଯୁବଛାତ୍ର ବିଜେଡିର କାର୍ଯ୍ୟକର୍ତାମାନେ ସରକାରଙ୍କ ବିରୁଦ୍ଧରେ ନାରାବାଜି କରିଥିଲେ। ଶେଷରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଜରିଆରେ ରାଜ୍ୟର ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

**ବର୍ଦ୍ଧିତ ଭତ୍ତା ପାଇବାରେ ବିଳମ୍ବ**

# ଆନ୍ଦୋଳନ ପାଇଁ ହିତାଧିକାରୀଙ୍କ ସଜବାଜ

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକର ବିଭିନ୍ନ ପଞ୍ଚାୟତରେ ହିତାଧିକାରୀମାନେ ବର୍ଦ୍ଧିତ ଭତ୍ତା ପାଇବା ବିଳମ୍ବ ହେଉଛି। ଯାହାଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ତୁରନ୍ତ ସେମାନଙ୍କୁ ବର୍ଦ୍ଧିତ ଭତ୍ତା ନମିଳିଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ପାଇଁ ସଜବାଜ ହେଉଥିବା ଜଣା ପଡ଼ିଛି। ବ୍ଲକର ୩୧ ପଞ୍ଚାୟତରେ ୩୧୭ ଜଣ ୮୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ଅପେକ୍ଷା କରିଥିବା ବେଳେ ୨୪୮ ଜଣ ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗ ବର୍ଦ୍ଧିତ ଭତ୍ତା ପାଇ ପାରି ନାହାନ୍ତି। ମୋଟ ବ୍ଲକର ୫୬୫ ହିତାଧିକାରୀ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ଅଛନ୍ତି। ସରକାରଙ୍କ ପକ୍ଷରୁ ୩୫୦୦ ଲେଖାଏଁ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା କରାଯିବା ପରେ ଗତ ଜାନୁଆରୀ ମାସ ୧୫ ତାରିଖରେ ବ୍ଲକ କାର୍ଯ୍ୟାଳୟ ପରିସରରେ ୮୦ ବର୍ଷରୁ ଅଧିକ ୧୨୯୦ ହିତାଧିକାରୀଙ୍କ ମଧ୍ୟରୁ ୭୩୦ଜଣଙ୍କୁ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିଲା। ସେହିପରି ମୋଟ ୨୪୮ ଜଣ ୮୦ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗଙ୍କ ମଧ୍ୟରୁ ୭୪ଜଣଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଥିଲା। ଜୁନ୍ ମାସ ଅବଶିଷ୍ଟ ୫୬୦ଜଣ ୮୦ ବର୍ଷୀୟ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଥିଲା। ଅପର ପକ୍ଷେ ୧୭୪ଜଣ ଦିବ୍ୟାଙ୍ଗ ହିତାଧିକାରୀଙ୍କ ମଧ୍ୟରୁ ୬୦ଜଣଙ୍କୁ ସେହି ଜୁନ୍ ମାସରେ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ୧୧୪ଜଣ ବର୍ଦ୍ଧିତ ଭତ୍ତା ପାଇବାରୁ ବଂଚିତ ହୋଇଥିଲେ। ଜୁନ୍ ମାସ ପରେ ପୁଣି ୩୧୭ଜଣ ୮୦ ବର୍ଷୀୟ ବୃଦ୍ଧ ବୃଦ୍ଧାଙ୍କୁ ଏବଂ ୩୩୪ଜଣ ଦିବ୍ୟାଙ୍ଗ ବର୍ଦ୍ଧିତ ଭତ୍ତା ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ପୂର୍ବରୁ ବାକିଥିବା ୧୧୪ଜଣ ଦିବ୍ୟାଙ୍ଗଙ୍କ ସମେତ ମୋଟ ୨୪୮ଜଣଙ୍କୁ ବର୍ଦ୍ଧିତ ଭତ୍ତା ମିଳି ପାରୁନାହିଁ। ତେବେ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ପାଇ ନଥିବା ବୃଦ୍ଧ ବୃଦ୍ଧା ଓ ଦିବ୍ୟାଙ୍ଗ ହିତାଧିକାରୀମାନେ ପ୍ରତିଦିନ ବ୍ଲକ କାର୍ଯ୍ୟାଳୟକୁ ଭତ୍ତା ପାଇବାକୁ ଆସି ନିରାଶ ହୋଇ ଫେରୁଛନ୍ତି। ଯାହାଫଳରେ ପ୍ରଶାସନ ଆକ୍ରୋଶର ଶିକାର ହେଉଛି। ବର୍ଦ୍ଧିତ ଭତ୍ତା ପାଇଲେ ହିତାଧିକାରୀମାନେ ନିଜର ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇ ପାରିବା ସହିତ ଭଲରେ ଚଳିବାକୁ ଆଶା ରଖିଥିଲେ। ମାତ୍ର ସେମାନଙ୍କୁ ବର୍ଦ୍ଧିତ ଭତ୍ତା ନମିଳିବାରୁ ସେମାନେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ହିତାଧିକାରୀମାନଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବାକୁ ହିତାଧିକାରୀମାନେ ଦାବି କରିଛନ୍ତି। ତେବେ ଏ ସମ୍ପର୍କରେ ବିଡିଓ ନିରଂଜନ ବାରିକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବର୍ଦ୍ଧିତ ଭତ୍ତା ପାଇବା ପାଇଁ ଯୋଗ୍ୟ ବିବେଚିତ ହିତାଧିକାରୀମାନଙ୍କ ତାଲିକା ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠା ଯାଇଛି। ସେମାନଙ୍କର ଭତ୍ତା ମଂଜୁର ହୋଇ ଆସିଲେ ପ୍ରଦାନ କରାଯିବ।

**ମା'ବାପାଙ୍କ ବଡ଼ପୁଅ ଥିଲେ ସ୍ୱରାଜ୍ୟ**

# ସହିଦଙ୍କୁ ଝୁରୁଛନ୍ତି ପରିବାର, ଝୁରୁଛନ୍ତି ସାଙ୍ଗ ସାଥି

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଆଗ୍ରାଠାରେ ଗତ ଜୁନ ୪ ତାରିଖରେ ବାୟୁସେନା କର୍ମଚାରୀ କାର୍ଯ୍ୟରତ ଥିବା ବେଳେ ବିଷାକ୍ତ ଗ୍ୟାସ ଦୁର୍ଘଟଣା ହୋଇଥିବା ବେଳେ ୩ ବୀର ଯବାନ ଏକ ଘରୁ ନିଜକୁ ରକ୍ଷା କରିବାକୁ ବାହାରୁଥିବା ବେଳେ ଗୁରୁତର ଅବସ୍ଥାରେ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା ବୀର ଯବାନ ସ୍ୱରାଜ୍ୟ ସାହୁଙ୍କ ମୁଣ୍ଡରେ। ଏହା ସହ ବିଷାକ୍ତ ଗ୍ୟାସ ପ୍ରଭାବ ରେ ମଧ୍ୟ ଆକ୍ରାନ୍ତ ହୋଇଥିଲେ। ଯାହାକି ଆଗ୍ରା ସ୍ଥିତ ମେଡିକାଲରେ ଦୀର୍ଘ ଦୁଇ ମାସ ହେଲା ଚିକିତ୍ସାଧୀନ ଅବସ୍ଥାରେ ଥିଲେ ସ୍ୱରାଜ୍ୟ। କିନ୍ତୁ ଅଗଷ୍ଟ ୭, ୨୦୨୫ରେ ଦିନ ୧.୩୦ମିନିଟ ସମୟରେ ଜୀବନ ଦୀପ ଲିଭିଯାଇଥିଲା। ଯାହାକି ସ୍ୱରାଜ୍ୟ ଜଣେ ସାହସୀ ଯବାନ ଥିଲେ। ମାଟି ମା'କୁ ସୁରକ୍ଷା ପାଇଁ ଶତ୍ରୁ ସହ ଲଢ଼ି ସହିଦ ହୋଇଯାଇଛନ୍ତି ଭାରତ ମାତାର ବୀର ଯବାନ। ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପାଟଳଦା ପଂଚାୟତ ସୁନ୍ଦର ଗ୍ରାମର ଶିକ୍ଷାବିତି



ତଥା ହିନ୍ଦୀ ଶିକ୍ଷକ ଅଚ୍ୟୁତାନନ୍ଦ ସାହୁଙ୍କ ବଡ଼ ପୁଅ ସ୍ୱରାଜ୍ୟ ସାହୁ। ମାତ୍ର ୨୦ବର୍ଷ ବୟସ ହୋଇଥିବା ବେଳେ ୨୦୧୧ମସିହା ରେ ବାୟୁସେନା ରେ ଯୋଗଦାନ କରିଥିଲେ। କିନ୍ତୁ ଦଇବ ଦାଉ ସାଧିଲା ଭଳି ଗତ ଜୁନ ୪ତାରିଖରେ କାର୍ଯ୍ୟରତ ଥିବା ବେଳେ ଏକ ବିଷାକ୍ତ ଗ୍ୟାସ ଦୁର୍ଘଟଣାରେ ଗ୍ୟାସ ପ୍ରଭାବ ପଡିଥିଲା ଏକ କୋଠରୀ ବାହାରିବାକୁ ୩ ଯୁବକ ଝରକା ପଟେ ବାହାରୁଥିବା ବେଳେ ସ୍ୱରାଜ୍ୟ ଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା ଏହା ସହ ବିଷାକ୍ତ ଗ୍ୟାସ ପ୍ରଭାବ ରେ ଆକ୍ରାନ୍ତ ହୋଇଥିଲେ। । ଯାହାକି ଆଗ୍ରା ସ୍ଥିତ ମେଡିକାଲ ରେ ଚିକିତ୍ସାଧୀନ ଅବସ୍ଥାରେ ଥିଲେ। କିନ୍ତୁ ଅବସ୍ଥା କ୍ରମଶଃ ଶଙ୍କଟାପର୍ଣ୍ଣ ହୋଇଥିବା ବେଳେ ଅଗଷ୍ଟ ୭, ୨୦୨୫ ଦିନ ୧ଘ ୩୦ମିନିଟ ସମୟରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ବୀର ପୁଅକୁ ହରାଇ ସାରା ଦେଶ କାନ୍ଦୁଚି। ପୂରା ପରିବାର ଭାଙ୍ଗି ପଡିଛି। କାରଣ ସ୍ୱରାଜ୍ୟ ତାଙ୍କ ବାପା ମାଆ ର ବଡ଼ ପୁଅ ଥିଲେ। ସେ ୨୦୧୮ମେ ମାସରେ ବିବାହ କରିଥିଲେ। ସହିଦ ହେବା ପରେ ବାପା, ମାଆ, ପତ୍ନୀ ଓ ୪ବର୍ଷର ପୁଅ ଦୁଃଖରେ ଭାଙ୍ଗି ପଡିଛନ୍ତି। ପୁଅ ଦେଶ ପାଇଁ ଜୀବନ ଦେଇଥିବାରୁ ବାପା ଗର୍ବ ଅନୁଭବ କରୁଥିଲେ ବି ମନର ଏକ କୋଣରେ ପୁଅକୁ ହରାଇବାର ଦୁଃଖ, ଯନ୍ତ୍ରଣା ତାଙ୍କ ଆଖିରେ ଲୁହ ଆକାରରେ ଦେଖା ଯାଉଛି। ସେ ପଟେ ସ୍ୱରାଜ୍ୟଙ୍କ ପତ୍ନୀ ଓ ୪ବର୍ଷର କୁନି ପୁଅ ସ୍ୱରାଜ୍ୟ ସହିଦ ହେବା ଘଟଣା ମର୍ମାହତ କରିଛି। ସ୍ୱାମୀଙ୍କ ସହିଦ ଖବର ପାଇବା ପରେ ସେ ଯେପରି ପଥର ପାଲଟିଯାଇଛନ୍ତି। ମାଆଙ୍କ କଥା ନ କହିଲେ ଭଲ। ପୁଅକୁ ହରାଇ ମାଆ ଛାତି ପିଟି କାନ୍ଦୁଛି। ପୁଅ ଫେରି ଆସିବ ଭାବି ଦାଣ୍ଡ ଦୁଆରେ ଚାହିଁ ବସିଛି। କିନ୍ତୁ ବିଡମ୍ବନାର ବିଷୟ ସ୍ୱରାଜ୍ୟ ଆଉ ଚାଲିକି ମାଆ କୋଳକୁ ଆସିବେ ନାହିଁ। ଚାରି କାନ୍ଧରେ ଜାତୀୟ ପତାକାରେ ଘୋଡାଇ ହୋଇ ଆସିବ ତାଙ୍କର ପାର୍ଥିବ ଶରୀର। କିଛି ଘଣ୍ଟା ପରେ ପହଞ୍ଚିବ ସ୍ୱରାଜ୍ୟଙ୍କ ମର ଶରୀର। ଏହି ଖବର ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ବୋଲି ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବେହେରା ମତ ଦେଇଛନ୍ତି।



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଡେଭଲମେଣ୍ଟ ଟ୍ରଷ୍ଟ,ମଇଦାନକେଲ ସ୍ୱାସ୍ଥ୍ୟଉପକେନ୍ଦ୍ର ଓ ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ମଇଦାନକେଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି ।ମଇଦାନକେଲ ପଞ୍ଚାୟତର ହରିହରପୁର, ବାସୁଦେବପୁର, ମଇଦାନକେଲ, କେରୀ, ଜଜପୋଶି, ତାଳପଡା ଆଦି ଗ୍ରାମର ୩୯ଜଣ ଆଦିବାସୀ ଭାଇଭଉଣୀ ମାନେ ଚକ୍ଷୁ ପରୀକ୍ଷା କରାଇବା ସହ ପ୍ରାଥମିକ ସେବା ପାଇଛନ୍ତି ।କେନ୍ଦୁଝରର ଡେଭଲମେଣ୍ଟ ଟ୍ରଷ୍ଟ ର ସଂମ୍ପାଦକ ତଥା କେନ୍ଦୁଝରର ସିଟିଜେନ ଫୋରମ ର ବରିଷ୍ଠ ସଦସ୍ୟ ଭକ୍ତବତ୍ସଳ ମହାନ୍ତି ଶିବିର ପରିଚାଳନା କରିଥିଲେ ।ପଦ୍ମପୁର ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଶିବ ଚରଣ ବାଘଙ୍କ ମାର୍ଗଦର୍ଶନରେ ମଇଦାନକେଲ ପ୍ରାଥମିକ ସ୍ୱାସ୍ଥ୍ୟର ଫାର୍ମାସିଷ୍ଟ ଶ୍ରୀ ବିଜୟ କୁମାର ବେହେରା,ସ୍ୱାସ୍ଥ୍ୟସେବିକା ସ୍ୱାଗତିକା କର,ଭୂମିକା ଚକ୍ଷୁ ଚିକିତ୍ସାଳୟର କେନ୍ଦୁଝରର ଅପଟମ୍ ସୟନ ସୁନ୍ଦର ମାଇତି, ଭିଜନଟେକେନିସିଆନ ଭବସ୍ମିତା ପାତ୍ର, ସୁଶ୍ରୀ ଲକ୍ଷ୍ମୀପ୍ରିୟା ବେହେରା, କ୍ଷେତ୍ରୀୟ ସଂଗଠନ ଶ୍ରୀ ହିଂମାଶୁ ପାତ୍ର ପ୍ରମୁଖ ଚକ୍ଷୁ ଶିବିର କାର୍ଯ୍ୟକ୍ରମରେ ଉପସ୍ଥିତ ରହି ୧୨ଜଣ ମୋତିଆବିନ୍ଦୁ ରୋଗୀ ଙ୍କୁ ଚିହ୍ନଟ କରି ଚକ୍ଷୁ ସମସ୍ୟା ରୋଗୀମାନଙ୍କୁ ପ୍ରାଥମିକ ସେବା ଓ ପରାମର୍ଶ ଯୋଗାଇ ଦିଆଯାଇଛି । ସେମାନଙ୍କ ମଧ୍ୟରୁ ୮ଜଣ ରୋଗୀଙ୍କୁ ମୋତିଆବିନ୍ଦୁ ଅସ୍ତ୍ରପ୍ରଚାର ପାଇଁ ଭୂମିକା ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଛି । ଦୃଷ୍ଟି ସମସ୍ୟା ଥିବା ୧୮ଜଣ ବରିଷ୍ଠ ନାଗରିକମାନଙ୍କୁ କେନ୍ଦୁଝର ଡେଭଲମେଣ୍ଟ ଟ୍ରଷ୍ଟ ପକ୍ଷରୁ ମାଗଣାରେ ଚଷମା ବଣ୍ଟନ କରାଯାଇଥିଲା ।

■ ଉଗ୍ରରୂପ ନେଲା କୋଟପଲା-ଓସ୍ତପୁର ଗ୍ରାମ ବଜାରରର ନାମକରଣ ବିବାଦ

# ୧୬୩ ଧାରା ଲାଗୁ, ପୋଲିସ ଫୋର୍ସ ମୁତୟନ



ବୋଲଗଡ(ଭାସ୍କର ନ୍ୟୁଜ୍): ବାଘମାରୀ ଥାନା ଅନ୍ତର୍ଗତ କୋଟପଲା- ଓସ୍ତପୁର ବଜାରର ନାମ କରଣକୁ ନେଇ ଉଭୟ ଗ୍ରାମ ମଧ୍ୟରେ ଗଣ୍ଡଗୋଳ ଉଗ୍ର ରୂପ ଧାରଣ କରି ବଜାରରେ ଥିବା ଦୋକାନ ଗୁଡ଼ିକ ଭଙ୍ଗା ରୁଜା ହୋଇଛି ।ଦୀର୍ଘ ଦିନ ଧରି ଚାଲିଥିବା ବିବାଦ ସମାଧାନ କରିବା ପାଇଁ ବେଗୁନିଆ ତହସିଲଦାର ତାପସ ବିଶି, ଖୋର୍ଦ୍ଧା ଜିଲ୍ଲା ସଦର ଉପଖଣ୍ଡ ଆରକ୍ଷୀ ଅଧିକାରୀ ନିହାର ରଞ୍ଜନ ପ୍ରଧାନ, ବାଘମାରୀ ଓ ବେଗୁନିଆ ଥାନା ଅଧିକାରୀ ଶମ୍ଭୁନାଥ ନାୟକ ଏବଂ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ସହ ଏକ ପ୍ଲାଟୁନ ପୋଲିସ ଫୋର୍ସ ସହ ନାମ ଫଳକ ଲଗାଇବା ପାଇଁ ପହଞ୍ଚିଥିଲେ। ସେଠାରେ ଚାପା ଉତ୍ତେଜନା ସୃଷ୍ଟି ହେବାରୁ ନାମ ଫଳକ ଲଗାଇବା କାର୍ଯ୍ୟକୁ ସ୍ଥଗିତ ରଖା ଯାଇଥିବା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପକ୍ଷରୁ ଚେଷ୍ଟା ଜାରି ହୋଇଥିଲା । ତେବେ ଗୁରୁବାର ଦିନ ମଧ୍ୟାହ୍ନରେ ଉଭୟ ଗ୍ରାମର ଲୋକମାନେ ମୁହାଁମୁହିଁ ହୋଇ ଟେକା ଓ ପଥର ଫିଙ୍ଗିବା ସହ ୧୦ ରୁ ୧୫ ଦୋକାନ ବଜାର ଭଙ୍ଗାରୁଜା ଆରମ୍ଭ କରିଥିଲେ । ଏହି ଘଟଣାରୁ ନିବୃତ ରହିବା ପାଇଁ ବୁଝାସୁଝା କରୁଥିବା ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ସମେତ ପୋଲିସ କର୍ମଚାରୀଙ୍କୁ ଗ୍ରାମବାସୀମାନେ ଦୁଇ ଘଣ୍ଟା ଧରି ଅଟକ ରଖିଥିବାରୁ ଦେଢ଼ ପ୍ଲାଟୁନ ପୋଲିସ ଫୋର୍ସ ପହଞ୍ଚି ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ । ଏପରିକି ସିମୋର-ବାଙ୍କୀ ପୂର୍ତ୍ତ ବିଭାଗ ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀ, ପଥଚାରୀ ବସ ଓ ଟ୍ରକ ଗୁଡ଼ିକ ଅଯଥା ଅସୁବିଧାର ସମ୍ମୁଖିନ ହୋଇ ଥିବାର ଦେଖିବାକୁ ମିଳିଥିଲା । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସନ୍ଧ୍ୟାରେ ବଜାରର ୧ କିମି ମଧ୍ୟରେ ଅନିର୍ଦ୍ଦିଷ୍ଟ କାଳ ୧୬୩ ଧାରା ଲାଗୁ ହୋଇଥିବା ବେଳେ ଉତ୍ତେଜନା ଥିବାରୁ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୨ ଦିନ ଛୁଟି ଘୋଷଣା ଘୋଷଣା କରାଯାଇଛି । ଏହି ବିବାଦ କେବେ ସମାଧାନ ହୋଇ ଶାନ୍ତି ବାତାବରଣ ଫେରି ଆସିବ ସେଥିପାଇଁ ସଚେତନ ନାଗରିକ ମାନେ ଚାତକ ଭଳି ଚାହିଁ ବସିଛନ୍ତି।

||| କାଠିଆପଡ଼ା ଛାତ୍ରୀ ଆତ୍ମହତ୍ୟା ଘଟଣା |||

# ମୁଖ୍ୟ ଆସାମୀ ଚେନ୍ନାଇରୁ ଗିରଫ



କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ସ୍ପେଶାଲ ସ୍କ୍ୱାର୍ଡକୁ ବଡ ସଫଳତା। ପଟ୍ଟାମୁଣ୍ଡାଇ ବଡପଡା ଛାତ୍ରୀ ପୋଡି ହୋଇ ଆତ୍ମହତ୍ୟା ଘଟଣାରେ କୁହାଯାଉଥିବା ଅଭିଯୁକ୍ତ ପ୍ରେମିକକୁ ଚେନ୍ନାଇରୁ କାବୁକଲା ସ୍ୱତନ୍ତ୍ର ପୋଲିସ୍ ଟିମ୍ ପଟ୍ଟାମୁଣ୍ଡାଇ ଛାତ୍ରୀ ମୃତ୍ୟୁ ମାମଲାର ମୁଖ୍ୟ ଅଭିଯୁକ୍ତକୁ ପୋଲିସ ଗିରଫ କରିବାରେ ସଫଳ ହୋଇଛି। ମୁଖ୍ୟ ଅଭିଯୁକ୍ତ ହେଲା ଗଣେଶ୍ୱର ବେହେରାଙ୍କ ପୁଅ ପ୍ରମୋଦ ବେହେରା। ତାର ଘର ବିଲିକଣା ପଞ୍ଚାୟତ ତେରୋଇ ଗାଁରେ ବୋଲି ଜଣାଯାଇଛି। ତାକୁ ଚେନ୍ନାଇରୁ ଧରି କେନ୍ଦ୍ରାପଡ଼ା ଆଣୁଛି ପୋଲିସ୍ ।ଏବେ ପୋଲିସ ପଚରାଉଚରା ଜାରି ରଖିବ। କିନ୍ତୁ ସେଇ ଗ୍ରାମର ଜନସାଧାରଣଙ୍କ ମନରେ କିଛି ପ୍ରଶ୍ନ ଆସିଛି ଯଦି ଝିଅଟି ପୋଡ଼ି ହୋଇ ମରିଲା ତାହାର ପାଟି ପଡୋଶୀଙ୍କୁ କଣ ପାଇଁ ଶୁଭିଲା ନାହିଁ। ଯେତେବେଳେ ଘର କବାଟ ଭାଙ୍ଗି ବାପା ଓ ମା ଉଦ୍ଧାର କଲେ ପଡୋଶୀମାନେ କେମିତି ଜାଣି ନ ପାରିଲେ ।ଘରେ ଟିକିଏ ବି କଳା ଦାଗ ବି ଲାଗି ନାହିଁ । ସେଇ ଦିନ ବାପା ଓ ମା ବଜାର ଯାଇଥିଲେ ଏମିତି ନାନା ପ୍ରଶ୍ନ ଜନସାଧାରଣଙ୍କ ମନରେ ଆସୁଛି। ଝିଅ ଯୋଉ ମୋବାଇଲ ବ୍ୟବହାର କରୁଥିଲା ତାକୁ ପୋଲିସ ସିଜ୍ କରିଛି ।ଏବେ ମୁଖ୍ୟ ଆସାମୀ ଗିରଫ ପରେ ବହୁ ଗୁମର ପଦାକୁ ଆସିବ ।ଯଦି ନିଜେ ଆତ୍ମହତ୍ୟା କରିଥାଏ, କଣ ପାଇଁ ଆତ୍ମହତ୍ୟା କଲା ତାହା ପୋଲିସର ତଦନ୍ତ ପରେ ଜଣାପଡ଼ିବ। କେନ୍ଦ୍ରାପଡ଼ା ଜିଲ୍ଲା ଏସ୍‌ପି ନିଜେ ତଦନ୍ତ ଭାର ନେଇ ଥିବାରୁ ଏହି ଘଟଣାକୁ ଉପଯୁକ୍ତ ତଦନ୍ତ କରିବେ ବୋଲି ପଟ୍ଟାମୁଣ୍ଡାଇ ଜନସାଧାରଣ ଙ୍କୁ ଜଣାଇ ସାରିଛନ୍ତି। ଏହି ଘଟଣା ଉପରେ ସାରା ଓଡ଼ିଶା ନଜର ଥିବାରୁ ଏହି ଘଟଣାରେ ଦୋଷୀ ଯେମିତି ନ ଖସି ଯିବ ତାହା ଉପରେ କେନ୍ଦ୍ରାପଡ଼ାର ଜିଲ୍ଲା ପ୍ରଶାସନ ନଜର ରଖିଛି। କେବେ ଏହି ଘଟଣା ର ପର୍ଦ୍ଦାଫାଶ ହେବ ତାହା କୁ କେନ୍ଦ୍ରାପଡ଼ା ଜିଲ୍ଲା ଜନସାଧାରଣ ଚାତକ ପରି ଅନାଇ ବସି ଛନ୍ତି। ଯେଉଁମାନେ ଏହି ଘଟଣାରେ ଦୋଷୀ ସେମାନଙ୍କୁ ଉଚିତ୍ ଦଣ୍ଡ ଦେବାକୁ ପଟ୍ଟାମୁଣ୍ଡାଇ ଅଞ୍ଚଳବାସୀ ଦାବି କରିଛନ୍ତି। ଗିରଫ ହୋଇଥିବା ଯୁବକ ର ଭଉଣୀ,ବାପା ଓ ମାଆ କହିଛନ୍ତି ଆମ ପୁଅ ନିର୍ଦ୍ଦୋଷ। ଝିଅର ବାପା ମାରିଛି ଝିଅକୁ। ଦେଖିବାକୁ ବାକି ରହିଲା କେଉଁଟା ସତ୍ୟ ଓ କେଉଁଟା ମିଛ। ତାହା ତଦନ୍ତ ପରେ ଜଣାପଡ଼ିବ।

ଯୁବକଙ୍କୁ ଥାନାରେ ଥାର୍ଡ ଡିଗ୍ରୀ ଓ ବିଷ ପିଆ ଘଟଣା

# ୩ ପୋଲିସ ଅଧିକାରୀ ନିଲମ୍ବିତ




ବାଲିଚନ୍ଦ୍ରପୁର/ଯାଜପୁର(ଭାସ୍କର ନ୍ୟୁଜ୍): ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ରେ ଯୁବକଙ୍କୁ ନିସ୍ତୁକ ମାଡ ଓ ବିଷ ପିଆଇବା ଘଟଣାରେ ବୁଧବାର ରାତ୍ରୀ ରେ ଗୃହ ବିଭାଗ ପକ୍ଷରୁ ୩ ଜଣଙ୍କୁ ନିଲମ୍ବିତ କରାଯାଇଛି। ୩ ଜଣ ହେଲେ ବାଲିଚନ୍ଦ୍ରପୁର ଥାନାର ଏସ୍ଆଇ ଚିନ୍ମୟ ପୃଷ୍ଟି ,୩ ତାରିଖ ରାତିରେ ଡିସିଓ ଦାୟିତ୍ୱରେ ଥିବା ଦୂର୍ଗେଶ ନନ୍ଦିନୀ ଦେ ଓ କନେଷ୍ଟବଳ ଦେବେନ୍ଦ୍ର ବାନରା। ଯାଜପୁର ଏସ୍‌ପି ଯାଶ ପ୍ରତାପ ଶ୍ରୀମଲ ତଦନ୍ତ କରି ୩ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସୂଚନା ଅନୁଯାୟୀ ଗତ ୩ ତାରିଖ ଦିନ ଏହି ଥାନା ଅନ୍ତର୍ଗତ ମହିପୂର ଗ୍ରାମର ରବୀନ୍ଦ୍ର ମଲ୍ଲିକଙ୍କୁ ଥାନାରେ ଅଟକ ରଖି ନିସ୍ତୁକ ମାଡ ମାରିଥିଲେ। ମାଡ ମାରି ତାକୁ ବିଷ ପିଇବାକୁ ଦେଇଥିଲେ। ଏଥିରେ ରବୀନ୍ଦ୍ର ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନା ରେ ଚିକିତ୍ସିତ ହେଉଥିଲେ। ଆଜି କଟକରୁ ଭଲ ହୋଇ ଫେରିଛନ୍ତି। ଏହିଭଳି ଅମାନବୀୟ ଘଟଣା ପାଇଁ ୩ ଜଣଙ୍କୁ ନିଲମ୍ବିତ କରାଯାଇଛି।

## ଡ୍ରେନେଜ୍ ବ୍ୟବସ୍ଥା ସାଜିଛି କୃତ୍ରିମ ବନ୍ୟାର ଉତ୍ସ

ଆସିକା:(ଭାସ୍କର ନ୍ୟୁଜ୍): ସ୍ୱଚ୍ଛତାରେ ଭାରତରେ ଦ୍ୱିତୀୟ ଓ ଓଡ଼ିଶାରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ଆସିକା ସହରର ଦୁର୍ବଳ ଡ୍ରେନେଜ ବ୍ୟବସ୍ଥା ସାଜିଛି କୃତିମ ବନ୍ୟାରେ ଉତ୍ସ। ଅସରାଏ ବର୍ଷାରେ ଉବୁଟୁବୁ ଏବେ ଆସିକା ସହର। ନିକଟ ଅତୀତର ମହାମହିମ ରାଷ୍ଟ୍ରପତିଙ୍କ କରକମଳରୁ ଆସିକା ଦେଶରେ ଦ୍ୱିତୀୟ ସ୍ୱଚ୍ଛ ସହର ରୂପେ ପୁରସ୍କାର ଗ୍ରହଣ କରିଥିବାବେଳେ ସାଧାରଣ ବର୍ଷାରେ ଏଭଳି ଦୃଶ୍ୟ ସ୍ଥାନୀୟ ଜନସାଧାରଣଙ୍କୁ ବ୍ୟଥିତ କରିଛି। ଜାତୀୟ ରାଜପଥର



ଦୁଇକଡରେ ଥିବା ଦୁର୍ବଳ ଡ୍ରେନେଜ ବ୍ୟବସ୍ଥା କାରଣରୁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ଜଣାପଡୁଛି। ମୁଖ୍ୟ ରାସ୍ତାର ନିମ୍ନଭାଗରେ ଡ୍ରେନେଜ ତିଆରି ଓ ଭୁଲ ପଦ୍ଧତି କାରଣରୁ ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି। ବର୍ଷ ବର୍ଷ ଧରି ସ୍ଥାନୀୟ ଏନଏସିକୁ ଅବଗତ କରିବା ସତ୍ତ୍ୱେବି ଏହାର ସମାଧାନ ଦିଗରେ ଦାୟିତ୍ୱରେ ଥିବା ଅଧିକାରୀ ମାନେ ଧ୍ୟାନ ଦେଉନଥିବା ଦେଖିବାକୁ ମିଳୁଛି। ଠାଏ ଠାଏ ଡ୍ରେନେଜ ଉପରେ ପଡୁଥିବା ପ୍ଲେଟ ଗୁଡିକ ନଷ୍ଟ ହୋଇଥିବା ବେଳେ ଏଥିପ୍ରତି ଏନଏସି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏନ୍ଏଚ୍ ବିଭାଗର ଯନ୍ତ୍ରୀଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଲେ କି ସ୍ଥାନୀୟ ଏନ୍ଏସିକୁ ମେଣ୍ଟେନେନ୍ସ ପାଇଁ ଚିଠି କରାଯାଇଛି କିନ୍ତୁ ଏନଏସି ନୀରବ ଦ୍ରଷ୍ଟା ସାଜିଛି। ସ୍କୁଲ କଲେଜ ପିଲାମାନେ ଯାତାୟାତ ସମୟରେ ଅସୁବିଧାର ସମ୍ମୁଖୀନ ହୋଉଥିବା ବେଳେ ଜନସାଧାରଣଙ୍କ ଯାତାୟାତ ସମସ୍ୟା ସାଜିଛି ମୁଣ୍ଡ ବିନ୍ଧାର କାରଣ। ଏବେ ଦେଖିବାକୁ ବାକି ରହିଲା କେବେ ଏହି ସମସ୍ୟାର ସମାଧାନ ଦିଗରେ ଆସିକା ଏନଏସି ପଦକ୍ଷେପ ଗ୍ରହଣ କରୁଛି।

# ବିଶ୍ୱ ସଂସ୍କୃତ ଦିବସ ପାଳିତ




କେନ୍ଦୁଝର(ଭାସ୍କର ନ୍ୟୁଜ୍): ଧରଣୀଧର ବିଶ୍ୱବିଦ୍ୟାଳୟ, କେନ୍ଦୁଝରର ସଂସ୍କୃତ ବିଭାଗ ପକ୍ଷରୁ ଶୁକ୍ରବାର ସଂସ୍କୃତ ଦିବସ ପାଳିତ ହୋଇଛି । ଉକ୍ତ ସଭାରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ସହିତ ସଂସ୍କୃତ ଭାଷାର ଆଦୃତି କେବଳ ଭାରତରେ ନୁହେଁ, ଜର୍ମାନ ପ୍ରଭୃତି ବିଦେଶରେ ମଧ୍ୟ ରହିଛି ବୋଲି ସ୍ୱ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ । ଏଥି ସହିତ ଧରଣୀଧର ବିଶ୍ୱବିଦ୍ୟାଳୟରେ ସଂସ୍କୃତ ଡ଼ିପ୍ଲୋମା କୋର୍ସ ଆରମ୍ଭ କରିବା ପାଇଁ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପ୍ରଭୁପ୍ରସାଦ ଦାସ ସମ୍ମାନିତ ଅତିଥିରୂପେ ଯୋଗଦେଇ ସଂସ୍କୃତ ଭାଷା ଭାରତୀୟ ମାନଙ୍କର ଆତ୍ମା ବୋଲି ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟବକ୍ତାଭାବେ କେନ୍ଦୁଝର ସ୍ଥିତ ତାରିଣୀ ନେତ୍ରଧାମ ଚକ୍ଷୁ ଚିକିତ୍ସାଳୟର ବିଶେଷଜ୍ଞ ଡଃ ଦେବବ୍ରତ ସାହାଣୀ ଛାତ୍ରଛାତ୍ରୀ ମାନଙ୍କୁ ସଂସ୍କୃତ ଭାଷା ମାଧ୍ୟମରେ ଜୀବନର ବାସ୍ତବ ଶାନ୍ତି ବିଷୟରେ ଅବଗତ କରାଇବା ସହିତ ଗାୟତ୍ରୀ ମନ୍ତ୍ରର ବ୍ୟବହାର ସଂପର୍କରେ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ବିଶ୍ୱ ସଂସ୍କୃତ ଦିବସ ଅବସରରେ ସୁଦୂର ନେପାଳସ୍ଥିତ ତ୍ରିଭୁବନ ବିଶ୍ୱବିଦ୍ୟାଳୟ, ଝାପା ରୁ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ ପ୍ରଫେସର ଉତ୍ତମ ପ୍ରସାଦ ଭଟ୍ଟରାୟ । ସେ ଜଣେ ଇଂରାଜୀ ବିଭାଗର ପ୍ରଫେସର ହେଲେ ମଧ୍ୟ ସଂସ୍କୃତ ବିଷୟ ଉପରେ ନିଜର ଗବେଷଣା କାର୍ଯ୍ୟ କରି ବହୁ ଚର୍ଚ୍ଚିତ ହୋଇଛନ୍ତି। ଏହି ଉତ୍ସବକୁ ସଫଳତାର ସହ ସଂପାଦନ କରିବାରେ ସଂସ୍କୃତ ବିଭାଗର ମୁଖ୍ୟ ତଥା ବିଶ୍ୱସଂସ୍କୃତ ଦିବସର ସଂଯୋଜିକା ଡଃ ନିବେଦିତା ପତି ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହିତ ସଂସ୍କୃତ ଭାଷାର ଲୋକପ୍ରିୟତା ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟ କ୍ରମରେ ଡଃ ପଙ୍କଜ କୁମାର ମାହାନା ମଞ୍ଚ ସଞ୍ଚାଳନା କରିଥିଲେ । ଅଧ୍ୟାପିକା ଡଃ ଆଲିଶା ବିଶ୍ୱାଳ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ସଭାରେ ବିଭାଗର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା, ଅତିଥି ତଥା ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଶେଷରେ ବିଭାଗର ଅଧ୍ୟାପିକା ମନୋରମା ଖଣ୍ଡା ଧନ୍ୟବାଦ ଅର୍ପଣ କରିବା ସହିତ ଶାନ୍ତି ମନ୍ତ୍ରରେ ସଭାକାର୍ଯ୍ୟ ସମାପ୍ତ କରିଥିଲେ ।

## ମାନବିକତାକୁ ଭୁଲି ନାହାନ୍ତି ଡାକ୍ତର ସ୍ମୃତିରଞ୍ଜନ

କୁଜଙ୍ଗ (ଭାସ୍କର ନ୍ୟୁଜ୍): କୁଜଙ୍ଗ ମେଡିକାଲର ଷ୍ଟୋର ରୁମ୍‌ରେ ହୁତୁ ହୁତୁ ହୋଇ ଲାଗିଲା ନିଆଁ। ଆଉ ଏହାରି ଭିତରେ ଦେଖିବାକୁ ମିଳିଥିଲା ଡାକ୍ତର ବାବୁଙ୍କ ମାନବିକତା। ଇଏ ଏମିତି ଜଣେ ଡାକ୍ତର ଯିଏ ରୋଗୀ ସେବା ଠାରୁ ଆରମ୍ଭ କରି ଜନସେବା ଯାଏଁ । ଯିଏ ଯେତେ ବେଳେ ବିପଦରେ ପଡ଼ିଥାଏ ତାକୁ ସିଏ ସାହାଯ୍ୟର ହାତ ବଢ଼େଇ ଦିଅନ୍ତି । କୁହାଯାଏ ଡାକ୍ତର ହୋଇଛନ୍ତି ଦ୍ୱିତୀୟ ଭଗବାନ। ଆଉ ଏ ମହତ୍ତ୍ୱକୁ ଅଳ୍ପ ବହୁତେ ବୁଝିଛନ୍ତି ଡାକ୍ତର ସ୍ମୃତିରଞ୍ଜନ ମହାପାତ୍ର । କୁଜଙ୍ଗ ମେଡିକାଲର ଷ୍ଟୋର ରୁମରେ ନିଆଁ ଲାଗିଥାଏ । ଦେଖୁ ଦେଖୁ ହୁତୁହୁତୁ ହୋଇ ଜଳୁଥାଏ ଷ୍ଟୋର ରୁମ୍ । ଅଗ୍ନିଶମ ବାହିନୀକୁ ଫୋନ ଯାଇଥାଏ ସତ, ହେଲେ ବିଳମ୍ବ ହେବା ଦେଖି ନିଜ ସାଥୀ ଡାକ୍ତରମାନଙ୍କୁ ଧରି ନିଆଁ ଲିଭେଇବା ପାଇଁ ବାହାରି ପଡିଲେ ଡାକ୍ତର ସ୍ମୃତିରଞ୍ଜନ ।ବାଲ୍ଟି ଖଣ୍ଡେ ଧରି ସ୍ଥାନୀୟ ଯୁବକ ମାନଙ୍କ ସହ ନିଆଁ ଲିଭାଇବା କାର୍ଯ୍ୟରେ ବ୍ୟସ୍ତ ଥାନ୍ତି ସ୍ମୃତିରଞ୍ଜନ । ଏହା କିଛି ନୂଆ କଥା ତାଙ୍କ ପାଇଁ ନୁହେଁ। କିଛି ବର୍ଷ ପୂର୍ବେ ପାରାଦୀପ କଟକ ଜାତୀୟ ରାଜପଥରେ ଭୟଙ୍କର ଦୁର୍ଘଟଣାର ଶିକାର ହୋଇଥିବା ଗାଡିଭିତରୁ ଦେବଦୂତ ସାଜି ୧୪ ଦିନର ଶିଶୁପୁତ୍ରକୁ ନୂଆ ଜୀବନ ଦେଇଥିଲେ। ଏହି ଘଟଣା ସେ ସମୟରେ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ଫଳରେ ଚାରିଆଡୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଥିଲା । ଦୀର୍ଘ ଆଠଘଣ୍ଟା ଧରି ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ସହ ମିଶି ନିଆଁ ଲିଭିବା ପର୍ଯ୍ୟନ୍ତ ଘଟଣା ସ୍ଥଳରେ ଉପସ୍ଥିତ ରହିଥିଲେ। ଜଣେ ଡାକ୍ତର ହୋଇ ମଧ୍ୟ ଭୁଲି ନଥିଲେ ନିଜର ମୌଳିକ କର୍ତ୍ତବ୍ୟକୁ ।

# ମହିଳା ସୁରକ୍ଷା ନେଇ ଯୁବ ବିଜେଡି ପକ୍ଷରୁ ପୋଲିସ ଡିଜିଙ୍କୁ ସ୍ମାରକପତ୍ର




ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଏବଂ ଝାରସୁଗୁଡ଼ା ଜିଲ୍ଲା ପୋଲିସ ମହିଳାଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ଜିଲ୍ଲା ବିଜୁ ମହିଳା ଗୋଷ୍ଠୀ, ବିଜୁ ଯୁବ ଓ ଛାତ୍ରଜନତା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ଶୁକ୍ରବାର ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯିବା ସହ ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ ଜରିଆରେ ପୋଲିସ ଡିଜିଙ୍କ ନିକଟକୁ ଏକ ସ୍ମାରକପତ୍ର ପ୍ରେରଣ କରାଯାଇଛି । ଏହି ପ୍ରତିବାଦ ସଭାରେ ଶୁକ୍ରବାର ଦିନ ବ୍ରଜରାଜନଗର ଟାଉନ ସଭାପତି ରାଧାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ବରିଷ୍ଠ ବିଜେଡି ନେତା କୁଳମଣି ଦାସ, ଗୋବିନ୍ଦ ସାହୁ, ଲଳିତ ତନ୍ତୀ ଯୋଗ ଦେଇଥିବା ବେଳେ ବିଜୁ ମହିଳା ଗୋଷ୍ଠୀ, ବିଜୁ ଯୁବ ଓ ଛାତ୍ରଜନତା ଦଳର ଶତାଧିକ କର୍ମୀ ଯୋଗଦେଇ ମହିଳାମାନଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ଦାବି କରିଥିଲେ। ଏପରିକି ବାଲେଶ୍ୱର, ବଲଙ୍ଗା ଓ ଗୋପାଳପୁର ପରି ରାଜ୍ୟର ବିଭିନ୍ନ ସ୍ଥାନରେ ପୋଲିସର ବିଫଳତା କାରଣରୁ ମହିଳା ଓ ଯୁବତୀମାନେ ପ୍ରାଣ ହରାଇଥିବା ନେଇ ବିଜେଡି ଅଭିଯୋଗ କରିଛି। ଏପରିକି ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ପଡ଼ିଥିବା ବେଳେ ରାଜ୍ୟର ଯେକୌଣସି ସ୍ଥାନରେ ମହିଳାମାନେ ସୁରକ୍ଷିତ ନାହାନ୍ତି। ଫଳରେ ମହିଳା ଓ ଛାତ୍ରୀମାନେ ଘରୁ ବାହାରିବା ପାଇଁ ଭୟ କରୁଛନ୍ତି ବୋଲି ଅଭିଯୋଗ କରିବା ସହ ଏଥିପାଇଁ ପୋଲିସ ଓ ସରକାରଙ୍କୁ ଦାୟୀ କରାଯାଇଛି । ଅନୁଷ୍ଠିତ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ବ୍ରଜରାଜନଗର ବିଜେଡି ଟାଉନ ସଭାପତି ରାଧାକାନ୍ତ ପ୍ରଧାନଙ୍କ ଡାକରାରେ ବିଜେଡି ମହିଳା ମୋର୍ଚ୍ଚା ଟାଉନ ସଭାପତି ନଳିନୀ ପ୍ରଧାନ, ଆରତୀ ନାୟକ, ପ୍ରମିଳା ରାୟ ଚୌଧୁରୀ, ଅଞ୍ଜଳି ସିଂହ, ଦମୟନ୍ତୀ ମହାକୁଡ଼, ସୁଷମା ସିଂହ, ସୁକାନ୍ତି ବାର୍ଲା, ସାରଦା ସାହୁ, ମନୋରମା ସାହୁ, ବନିତା ମୁଣ୍ଡା, ଭୂମିସୁତା ତନ୍ତୀ, କ୍ଷୀରୋଦିନୀ ସେନାପତି, ସଂଯୁକ୍ତା କିଷାନ, ରୁକ୍ମଣୀ ସୁନା, ସବିତା ପ୍ରଧାନ, ଅନିତା ଗୌଡା , ନୃପ ତାଣ୍ଡି ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# 'ଆଧୁନିକତା ନାଁରେ ପ୍ରାଚୀନ ସାହିତ୍ୟକୁ ବାଦ୍‌ଦେବା ଉଚିତ ନୁହେଁ'

## ଦୁଇଦିନିଆ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଧରଣୀଧର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା " ଆଧୁନିକତା ପରିପ୍ରେକ୍ଷୀରେ ଭାଷା ଓ ସାହିତ୍ୟ " ବିଷୟ ଆଧାରିତ ଦ୍ୱି-ଦିବସୀୟ ଅର୍ନ୍ତଜାତୀୟ ଆଲୋଚନାଚକ୍ରର ଦ୍ୱିତୀୟ ଦିବସର ତୃତୀୟ ଅଧିବେଶନର ସଭା ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ଡ. ଚିତ୍ତରଞ୍ଜନ ମିଶ୍ର ସଭାପତିତ୍ୱ ଗ୍ରହଣ କରି ନିଜ ଅଭିଭାଷଣରେ ଆଧୁନିକତା ସମ୍ପର୍କରେ ମତ ଉପସ୍ଥାପନ କରି ଆଧୁନିକତା ନାମରେ ପ୍ରାଚୀନ ସାହିତ୍ୟକୁ ବାଦ ଦେବା ଉଚିତ୍ ନୁହେଁ। ଏହା ଜନଜୀବନକୁ ପ୍ରେରଣା ପ୍ରଦାନ କରିଥାଏ ଏବଂ ସମୟ ସହ ପରିବର୍ତ୍ତନ ହୋଇଥାଏ ବୋଲି କହିଥିଲେ। ତାଙ୍କ ପରେ ତ୍ରିଭୁବନ ବିଶ୍ୱବିଦ୍ୟାଳୟ, ନେପାଳର ପ୍ରଫେସର ଉତ୍ତମ ଭଟରାଇ (ନେପାଳ )ନିଜ ବକ୍ତବ୍ୟରେ ଇଂରାଜୀ ସାହିତ୍ୟର ଯୁଗ ସମ୍ପର୍କରେ ଆଲୋଚନା କରିବା ସହିତ ତାହା ଓଡ଼ିଆ ଭାଷାକୁ କିପରି ପ୍ରଭାବିତ କରୁଛି ସେ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ସେହିପରି ମିଆଁମାରରୁ ଆସିଥିବା ଶୀତଲ ପାଲବାବୁ ନିଜର ଆଧୁନିକ ସାହିତ୍ୟ ସଂପର୍କର ଅଭିମତ ରଖିଥିଲେ। ତାଙ୍କ ପରେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀର ପ୍ରଫେସର ଡ. ଦିଲ୍ଲୀପ କୁମାର ସ୍ୱାଇଁଙ୍କ ମତରେ ମନୁଷ୍ୟର ଚିନ୍ତନ ସ୍ତରରେ ଯେପରି ପରିବର୍ତ୍ତନ ଆସିଥାଏ ତାହା ହିଁ ଆଧୁନିକତା । ଏହା ଓଡ଼ିଆ ମାଟି ସହ ଜଡ଼ିତ। ପ୍ରତିଟି ଭୂଖଣ୍ଡରେ ଏକ ନିଜସ୍ୱ ଆଧୁନିକତା ରହିଥାଏ ବୋଲି ସେ ମତ ବ୍ୟକ୍ତ କରିଥିଲେ। ତାଙ୍କପରେ ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକରୁ ପ୍ରଫେସର ଜ୍ଞାନୀ ଦେବାଶିଷ ମିଶ୍ର ନିଜ ଭାଷଣରେ ସାରଳା ଦାସ ଠାରୁ ଆରମ୍ଭ କରି ଗୋପବନ୍ଧୁ ଦାସଙ୍କ ରଚିତ ସାହିତ୍ୟରେ ଜଡ଼ିତ ଥିବା ଆଧୁନିକତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ତାଙ୍କ ପରେ ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରୁ ପ୍ରଫେସର ରୁଦ୍ର ନାରାୟଣ ମହାପାତ୍ର ନିଜ ଅଭିଭାଷଣରେ ମତ ରଖିଥିଲେ ଯେ ପରମ୍ପରାର ପରିବର୍ତ୍ତନ ସହିତ ଆଧୁନିକତା ପରିବର୍ତ୍ତିତ ହେଉଥାଏ। କିପରି ଛୋଟ ଛୋଟ କଥାରେ ଆଧୁନିକତାକୁ ଖୋଜିବାର ପ୍ରୟାସ ଛାତ୍ରଛାତ୍ରୀମାନେ କରିବା ଉଚିତ୍ ସେ ସମ୍ପର୍କରେ ସେ ଉପଦେଶ ପ୍ରଦାନ କରିଥିଲେ। ତାଙ୍କ ପରେ ଅନେକ ଗବେଷକ ଓ ଗବେଷିକାମାନେ ପ୍ରସ୍ତୁତ କରିଥିବା ନିଜର ପ୍ରବନ୍ଧ ପାଠ କରିଥିଲେ। ଏହା ପରେ ଆରମ୍ଭ ହୋଇଥିଲା ଏହି ଆଲୋଚନାଚକ୍ରର ଉଦଯାପନୀ ସଭା ଯେଉଁଥିରେ ଅବସର ପ୍ରାପ୍ତ ଅଧ୍ୟାପକ ଡ. ବିମ୍ବାଧର ବେହେରା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସେ ତାଙ୍କ ଅଭିଭାଷଣରେ କହିଥିଲେ ଭାଷା ହେଉଛି ମୂଳ। ଏହା ପ୍ରାଥମିକ ବିଜ୍ଞାନ। ତାଙ୍କ ପରେ ଅବସର ପ୍ରାପ୍ତ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରକାଶ ପଟ୍ଟନାୟକ ନିଜର ଅଭିଭାଷଣରେ କହିଥିଲେ ଯେ ଏକ ପରିବର୍ତ୍ତନର ନାମକରଣରୁ ଆଧୁନିକତାର ସୃଷ୍ଟି ହୋଇଛି। ଏହା ସହିତ ସେ ବିଜ୍ଞାନ ଓ ଓଡ଼ିଆ ମଧ୍ୟରେ ଲୁଚି ରହିଥିବା ଆଧୁନିକତା ସମ୍ପର୍କରେ ମତ ଉପସ୍ଥାପନା କରିଥିଲେ। ତାଙ୍କ ପରେ ଧରଣୀଧର ବିଶ୍ୱବିଦ୍ୟାଳୟର ଅବସର ପ୍ରାପ୍ତ ଅଧ୍ୟାପକ ପ୍ରଫେସର ସୁଧାକର ଦାଶ ଏହି ଅନ୍ତର୍ଜାତୀୟ ଆଲୋଚନା ଚକ୍ରର ମୂଲ୍ୟାୟନ କରିବା ସହ ନିଜ ବକ୍ତବ୍ୟରେ କହିଥିଲେ ଯେ ସାହିତ୍ୟ ସର୍ବଦା ଏକ ସମୂହ ବା ସମଗ୍ରର କଥା କହିଥାଏ, ଏହାସହ କାବ୍ୟ କବିତାରେ ଆଧୁନିକତାର ପ୍ରଭାବ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଉକ୍ତ ସଭାରେ ବିଭାଗର ମୁଖ୍ୟ ଡକ୍ଟର ସୁମନ୍ତ ନାଏକଙ୍କ ଲିଖିତ 'ଓଡ଼ିଆ ସାହିତ୍ୟର ଇତିହାସ' ପୁସ୍ତକ ଉନ୍ମୋଚନ ହେଇଥିଲା। ଏହି ଅନ୍ତର୍ଜାତୀୟ ଆଲୋଚନାଚକ୍ରକୁ ସଫଳ ରୂପରେ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଶୁଭସ୍ମିତା ଦାସ, ଅକାଳୁ ପୃଷ୍ଟି, ଡକ୍ଟର ଅଜୟ କୁମାର ସାହୁ, ପ୍ରଜ୍ଞାପାରମିତା ସାହୁ, ଡକ୍ଟର ଜ୍ୟୋତିକିଶୋର ମହାନ୍ତ ତଥା ରିମୁଳି ମହାବିଦ୍ୟାଳୟର ଅଧ୍ୟାପକ ଡକ୍ଟର ତରୁଣ ଗାଙ୍ଗୁଲି ପୂର୍ଣ୍ଣ ସହଯୋଗ କରିଥିଲେ ଓ ସବାଶେଷରେ ଅଧ୍ୟାପକ ରାଜକୁମାର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ଶେଷ କରିଥିଲେ।

# ପୋଲିଂ ବୁଥ୍ ସମ୍ବନ୍ଧରେ ବୈଠକ

ବାରିପଦା:(ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକଷ୍ଠରେ ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକଙ୍କ ସଭାପତିତିତ୍ୱରେ ପୋଲିଙ୍ଗ ବୁଥ ଗୁଡିକର ଯୁକ୍ତିଯୁକ୍ତକରଣ ତଥା ନାମ, ସ୍ଥାନ ଓ ନୂତନ ବୁଥ ସୃଷ୍ଟି ସମ୍ପର୍କରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ କରି କହିଥିଲେ ଯେ ସରକାରୀ ନିର୍ଦ୍ଦେଶନାମା ନୁଯାୟୀ ଗୋଟିଏ ମତଦାନ କେନ୍ଦ୍ର ଗୋଟିଏ ଗ୍ରାମ ପଂଚାୟତ ଭିତରେ ସୀମିତ ରଖିବା ସହିତ ଜିଲ୍ଲାରେ ୧୨୦୦ ରୁ ଉର୍ଦ୍ଧ୍ୱ ମତଦାତା ଥିବା ବୁଥ ଗୁଡିକର ଯୁକ୍ତିଯୁକ୍ତକରଣ କରି ଆବଶ୍ୟକ ସ୍ଥଳେ ନୂତନ ବୁଥ ସୃଷ୍ଟି କରିବା ପାଇଁ ଯେଉଁ ନିର୍ଦ୍ଦେଶ ଆସିଥିଲା ସେହି ଆଧାରରେ ଜିଲ୍ଲାର ୯ଟି ନିର୍ବାଚନ ମଣ୍ଡଳୀର ସମସ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ ମାନଙ୍କ ତତ୍ତ୍ୱାବଧାନରେ ସମ୍ପୃକ୍ତ ବୁଥ ସ୍ତରୀୟ ଅଧିକାରୀ ଓ ସୁପର ଭାଇଜରମାନଙ୍କ ଜରିଆରେ ମତଦାନ କେନ୍ଦ୍ରର ମତଦାତାଙ୍କ ସଂଖ୍ୟା ମୂଲ୍ୟାୟନ କରିବା ପରେ ଜିଲ୍ଲାରେ ପୂର୍ବରୁ ମୋଟ ୨୩୭୨ ଗୋଟି ମତଦାନ କେନ୍ଦ୍ର ଥିବା ବେଳେ ବର୍ତ୍ତମାନ ଜିଲ୍ଲାର ମତଦାତାଙ୍କ ସଂଖ୍ୟା ଅନୁସାରେ ଆଉ ୩୫୩ଟି ନୂତନ ମତଦାନ କେନ୍ଦ୍ର ସୃଷ୍ଟିର ଆବଶ୍ୟକତା ରହିଛି ବୋଲି ଜଣାପଡିଛି ଏବଂ ଏହା ଫଳରେ ମୋଟ ମତଦାନ କେନ୍ଦ୍ରର ସଂଖ୍ୟା ବୃଦ୍ଧି ପାଇ ୨୭୨୫ ହେବ ବୋଲି କହିଥିଲେ। ନୂତନ ଭାବେ ସୃଷ୍ଟି ହେବାକୁ ଥିବା ୩୫୩ଟି କେନ୍ଦ୍ର ମଧ୍ୟରୁ ୨୧୯ଟି କେନ୍ଦ୍ର ବିଦ୍ୟମାନ ସ୍ଥାନରେ ସୃଷ୍ଟି ହେବାକୁ ଥିବା ବେଳେ ୧୩୪ଟି ମତଦାନ କେନ୍ଦ୍ର ନୂତନ ସ୍ଥାନରେ ସୃଷ୍ଟି ହେବା ନେଇ ପ୍ରସ୍ତାବ ରହିଛି ବୋଲି କହିଥିଲେ। ଉକ୍ତ ପ୍ରସ୍ତାବକୁ ଅନୁମୋଦନ ନିମନ୍ତେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯିବ। ଅନୁମୋଦିତ ହେଲା ପରେ ଏହା ଉପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନୁଷ୍ଠିତ ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା,ପ୍ରତିନିଧି ଜିଲ୍ଲାପାଳ କ୍ରିସେନସିଆ ତିର୍କୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖଙ୍କ ସମେତ ବିଜେପି ଦଳର ପ୍ରଦୀପ କୁମାର ମହାନ୍ତି, ପ୍ରବୀଣ କୁମାର ପାତ୍ର, ଇଣ୍ଡିଆନ ନ୍ୟାସନାଲ କଂଗ୍ରେସ ଦଳରୁ ଅଶୋକ କୁମାର ଗିରି ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନଗର କଂଗ୍ରେସ ସଭାପତି ବସନ୍ତ କୁମାର ପଣ୍ଡା ଙ୍କ ଅଧ୍ୟକ୍ଷତାରେ ଆଜି ନୂତନ ଜିଲ୍ଲାପାଳ ଙ୍କୁ ଶୁଭେଚ୍ଛା ସହିତ ସାତଦଫା ଦାବି ନେଇ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପାରଳାଖେମୁଣ୍ଡି ସହର ଅତି ପୁରାତନ ଐତିହ୍ୟ ସଂପନ୍ନ ସହର। ଓଡ଼ିଶାର ୨ୟ ପୌରପରିଷଦ ପାରଳାଖେମୁଣ୍ଡି ସହରରେ ଅବହେଳା ଯୋଗୁଁ ବାରମ୍ବାର ଅଭିଯୋଗ ଜଣାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଅବହେଳିତ ଅବସ୍ଥାରେ ହିଁ ପଡ଼ିରହିଛି। ଏହି ବିଷୟରେ ବହୁବାର ଅଭିଯୋଗ ଜଣାଇଥିଲେ ସୁଦ୍ଧା ପ୍ରଶାସନିକ ପକ୍ଷରୁ କୌଣସି ପ୍ରକାରର କାର୍ଯ୍ୟକାରୀ ହେଉନଥିବାରୁ ଛଅ ଦଫା ଦାବିକୁ ନେଇ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଛୁ । ଯଥାଶୀଘ୍ର ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ନିମନ୍ତେ ଆପଣଙ୍କୁ ଅବଗତ କରାଯାଇଛି ।



# ଆମ କଳାହାଣ୍ଡି





## ବାଞ୍ଜିବାହାଲ-ମହାଜନଗୁଡା ଆରଡ଼ି ରାସ୍ତା ନିମ୍ନମାନର ଅଭିଯୋଗ

- କୋଟିଏ ଟଙ୍କାର ରାସ୍ତା ୨ ମାସରେ ବରବାଦ
- ଠିକା ସଂସ୍ଥାର ଲାଇସେନ୍ସ ବାତିଲ ପାଇଁ ବ୍ଲକ ଉପାଧ୍ୟକ୍ଷଙ୍କ ଦାବି



କୋକସରା, (ଭାସ୍କର ନ୍ୟୁଜ୍) : ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ହୋଇଥିବା କୋକସରା ବ୍ଲକ ବାଞ୍ଜିବାହାଲ- ମହାଜଗୁଡା ରାସ୍ତା ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ଏଣେ ଗତ ଦୁଇ ମାସତଳେ ନିର୍ମାଣ ହୋଇଥିବା କୋଟିଏ ଟଙ୍କାର ରାସ୍ତା ବରବାଦ ହୋଇଯାଇଛି। ଯାହା ଫଳରେ ସ୍ଥାନୀୟ ଗ୍ରାମବାସୀ ଠିକା ସଂସ୍ଥାର ଲାଇସେନ୍ସ ବାତିଲ କରିବା ସହ ଭିଜିଲାନ୍ସ ତଦନ୍ତ କରିବା ପାଇଁ ଦାବି କରିଛନ୍ତି। ସୂଚନା ଅନୁସାରେ, କାଉଡୋଲା ଗ୍ରାମ ପଞ୍ଚାୟତର ବାଞ୍ଜିବାହାଲଠାରୁ ୨୬ ନମ୍ବର ଜାତୀୟ ରାଜପଥ ମହାଜନଗୁଡା ସଂଯୋଗ କରୁଥିବା ରାସ୍ତା ମଝିରେ ଥିବା ମୁଟୁରା ନଦୀ କୂଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ସେତୁ ଓ ରାସ୍ତା ନିର୍ମାଣ କାର୍ଯ୍ୟ ହୋଇଛି। ଏହାକୁ ରଘୁ ନନ୍ଦନ ଅଗ୍ରୱାଲ ନାମକ ଏକ ଠିକାଦାର କାର୍ଯ୍ୟ ହାତକୁ ନେଇଥିବା ସୂଚନା ଫଳକରୁ ଜଣାପଡିଛି। ସେତୁ ଓ ରାସ୍ତା ନିର୍ମାଣ ପାଇଁ ୩ କୋଟି ୭୧ ଲକ୍ଷ ୬୫ ହଜାର ୬୮ ଟଙ୍କା ଅନୁଦାନ ରହିଛି। ତେବେ ଅତ୍ୟଧିକ ନିମ୍ନମାନର କାମ ହୋଇଥିବାରୁ ରାସ୍ତା ଫାଟି ଆଁ କରିଛି। ଏନେଇ ବାଞ୍ଜିବାହାଲ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାକୁ ନିର୍ମାଣ ସମୟରେ ଜଣାଇଥିଲେ ମଧ୍ୟ କେହି ଦୃଷ୍ଟି ଦେଇ ନଥିଲେ। ଠିକା ସଂସ୍ଥା ନିଜର ମନମର୍ଜି କାମ ଯୋଗୁଁ କୋଟି ଟଙ୍କାର ରାସ୍ତା ଅଳ୍ପ ଦିନରେ ବରବାଦ ହୋଇଯାଇଛି। ଏନେଇ ଆଜି କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ବାଞ୍ଜିବାହାଲ ଗାଁ ପରିଦର୍ଶନରେ ଆସିଥିବା ସମୟରେ ଗ୍ରାମବାସୀ ରାସ୍ତା ବିଷୟରେ ଅବଗତ କରିଥିଲେ। ଏହାପରେ ବ୍ଲକ ଉପାଧ୍ୟକ୍ଷ ଅଗ୍ରୱାଲ ରାସ୍ତା ଦେଖାଇବାକୁ ଯାଇଥିଲେ। ରାସ୍ତାଟି ଫାଟିଯାଇ ଥିବାଦେଖି ଏଭଳି ନିମ୍ନମାନର କାର୍ଯ୍ୟ କରିଥିବା ଠିକାସଂସ୍ଥା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଲାଇସେନ୍ସ ବାତିଲ କରିବା ପାଇଁ ଦାବି କରିଛନ୍ତି। ଅନ୍ୟପଟେ ବାଞ୍ଜିବାହାଲ ଗ୍ରାମର କେଦାର ମାଝୀ, ଦୁର୍ବଳ ମାଝୀ, ପରମେଶ୍ୱର ମାଝୀ, କାମଦେବ ମାଝୀ, ରୋହିତ ମାଝୀ, ସୁଧୀର ନାଏକ, ହରିହର ମାଝୀ, ହିମାଦ୍ରୀ ମାଝୀ, ତାରାଚନ ମାଝୀ, ଶଙ୍କର ରାଉତ, ସୁରେନ୍ଦ୍ର ମାଝୀ, ରୁଦ୍ର ମାଝୀ, ଦେବାନନ୍ଦ ମାଝୀ, ଭଜମନ ନାଏକ ପ୍ରମୁଖ ଗ୍ରାମବାସୀ ଠିକା ସଂସ୍ଥା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଭିଜିଲାନ୍ସ ତଦନ୍ତ କରିବା ପାଇଁ ଦାବି କରିଛନ୍ତି। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ସୁରେଶ ବରିହାଙ୍କୁ ପଚାରିବାରୁ କାର୍ଯ୍ୟ ସରିନାହିଁ ନିର୍ମାଣାଧିନ ରହିଛି, ନୂଆଁ ମାଟି ପଡ଼ିଥିବାରୁ ରାସ୍ତା ଦବି ଯାଇଛି, ପୁଣି ଥରେ ମରାମତି କରିବା ପାଇଁ ଠିକା ସଂସ୍ଥାକୁ କହିଥିବା ପ୍ରକାଶ କରିଛନ୍ତି।

## ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗର ଅଭିଭାଷଣ କାର୍ଯ୍ୟକ୍ରମ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱବିଜ୍ଞାନ ବିଭାଗପକ୍ଷରୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ 'କ୍ୟାରିୟର ବିଲଡିଂ ଅଫ୍ ଆନ୍ଥ୍ରୋପୋଲୋଜି' ଶୀର୍ଷକ ଏକ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୃତତ୍ତ୍ୱବିଜ୍ଞାନର ଉପଯୋଗିତା, ଭବିଷ୍ୟତ ଗଠନରେ ତାହାର ଭୂମିକା ସଂପର୍କରେ ଭାରପ୍ରାପ୍ତ କୁଳପତି ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅଭିଭାଷଣ କାର୍ଯ୍ୟକ୍ରମରେ ଶୈଳବାଳା ମହିଳା ମହାବିଦ୍ୟାଳୟ, କଟକର ଡକ୍ଟର କବିରାଜ ବେହେରା (ସହକାରୀ ପ୍ରଫେସର, ନୃତତ୍ତ୍ୱବିଜ୍ଞାନ ବିଭାଗ) ବକ୍ତାରୂପେ ଉପସ୍ଥିତ ହୋଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ନୃତତ୍ତ୍ୱବିଜ୍ଞାନର ଭୂମିକା ସଂପର୍କରେ ବିଶଦ୍ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ନୃତତ୍ତ୍ୱବିଜ୍ଞାନ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲାବେଳେ ନୃତତ୍ତ୍ୱବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର ରାଜକିଶୋର ମାହାନା ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ସହକାରୀ ପ୍ରଫେସର ଡକ୍ଟର ମଧୁଲିକା ସାହୁ ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ନିମନ୍ତ୍ରିତ ବକ୍ତା ଡ.ବେହେରା ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ପ୍ରଦାନ କରି ସେମାନଙ୍କ ସନ୍ଦେହ ମୋଚନ କରିଥିଲେ। ନୃତତ୍ତ୍ୱବିଜ୍ଞାନ ବିଭାଗର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ। ଶେଷରେ ସହକାରୀ ପ୍ରଫେସର ଡକ୍ଟର ଧନଞ୍ଜୟ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

## ନାରୀ ସୁରକ୍ଷା ଦାବିରେ ବିଜେଡି ପକ୍ଷରୁ ଦାବିପତ୍ର

ଜୁନାଗଡ଼ (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ନିର୍ବାଚନ ମଣ୍ଡଳୀର ଜୁନାଗଡ଼ ସହର ସ୍ଥିତ ଚେମେଲୀ ଦେବୀ ମହିଳା କଲେଜ ଏବଂ ପି ଆଇ ଡିଗ୍ରୀ କଲେଜର ଛାତ୍ରଛାତ୍ରୀ, ଏନ୍‌ଏସି ଓ ବ୍ଲକ ବିଜେଡି ଶତାଧିକ କର୍ମୀ ନାରୀ ନିର୍ଯ୍ୟାତନା ପ୍ରତିବାଦରେ ନାରୀ ନ୍ୟାୟ, ନାରୀ ସୁରକ୍ଷା ଦାବି ନେଇ ପୋଲିସ ଡିଜିଙ୍କୁ ଜୁନାଗଡ଼ ଥାନା ଅଧିକାରୀଙ୍କ ଜରିଆରେ ଏକ ଦାବିପତ୍ର ଦେଇଛନ୍ତି। ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ ସୌମ୍ୟଶ୍ରୀ ମୃତ୍ୟୁ, ବଳଙ୍ଗା ପୀଡିତା, ଗୋପାଳପୁର ବେଳାଭୂମିରେ ଗଣଦୁଷ୍କର୍ମ, ମାଲକାନଗିରି ଗଣଦୁଷ୍କର୍ମ, ନବରଙ୍ଗପୁର ନର୍ସିଂ ଛାତ୍ରୀ ଯୌନ ନିର୍ଯ୍ୟାତନା, ତେନ୍ତୁଳିଖୁଣ୍ଟି ଦୁଷ୍କର୍ମ ଓ ହତ୍ୟା, କୋରାପୁଟ ଆଦିବାସୀ ଛାତ୍ରୀ ଦୁଷ୍କର୍ମ ଭଳି ଅନେକ ଘଟଣାକୁ ନେଇ ଓ ରାଜ୍ୟରେ ଯୌନ ନିର୍ଯାତନା, ହିଂସା ଓ ଅପରାଧ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ନାରୀ ସୁରକ୍ଷା ଉପରେ ସରକାର ଫେଲ ମାରିଛନ୍ତି ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଏହାର ପ୍ରତିବାଦରେ ସ୍ଥାନୀୟ ସାପ୍ତାହିକ ବଜାର ପାଖରୁ ଏକ ରାଲି ବାହାରି ଥାନାରେ ପହଁଚି ଡିଜିଙ୍କ ଉଦ୍ଦେଶରେ ଆଇଆଇସିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## କୃଷକଙ୍କ ଉନ୍ନତି ସମ୍ପର୍କରେ ଆଲୋଚନା ପାଇଁ ସହଯୋଗ ଲୋଡ଼ିଲେ ବିଧାୟକ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କୃଷି ଓ କୃଷକର ଜିଲ୍ଲା କଳାହାଣ୍ଡି। ଅତୀତରେ କେବେ ଏଠାରେ ମରୁଡିର କଳାଛାଇ ଥିଲା ତାହା ଏବେ ଗପ ହୋଇଗଲାଣି। ଜିଲ୍ଲା ଏବେ ଶସ୍ୟ ଶ୍ୟାମଳା। ଧାନ, କପା, ଡାଲି ଜାତୀୟ ଫସଲ ଠାରୁ ଆରମ୍ଭ କରି ଚିନାବାଦାମ, ଅଳସୀ ଓ ସୂର୍ଯ୍ୟମୁଖୀ ଭଳି ତୈଳବୀଜ ଚାଷରେ ମଧ୍ୟ କଳାହାଣ୍ଡି ଚାଷୀ ଏବେ ବେଶ୍ ଆଗରେ। ଏହାକୁ ଆଖିଆଗରେ ରଖି ଆସନ୍ତା ଅଗଷ୍ଟ ୧୦ ରବିବାର ଦିନ ପୂର୍ବାହ୍ନ ୧୧ ଘଣ୍ଟା ଠାରୁ ଆରମ୍ଭ ହୋଇ ଅପରାହ୍ନ ୩ ଘଣ୍ଟା ପର୍ଯ୍ୟନ୍ତ ଭବାନୀପାଟଣାସ୍ଥିତ ହୋଟେଲ ଏସ.ଏନ. ସଭା ଗୃହ, (ରେଳ ଷ୍ଟେସନ ରୋଡ଼) ଠାରେ କଳାହାଣ୍ଡିର ବିକାଶ ସହିତ ଯୋଡି ହୋଇଥିବା କୃଷି ଓ କୃଷକ ସମ୍ପର୍କିତ ବିସ୍ତୃତ ଆଲୋଚନା କରିବାପାଇଁ ଏକ ସମାବେଶ ଅନୁଷ୍ଠିତ ହେବ। ପରସ୍ପର ମଧ୍ୟରେ ସମ୍ପୂର୍ଣ୍ଣ କୃଷି ଭିତ୍ତିକ ତଥ୍ୟ ସମ୍ବଳିତ ଭାବର ଆଦାନ ପ୍ରଦାନ ନିଶ୍ଚିତରୂପେ ଆଗାମୀ ଦିନର ଉନ୍ନତ କୃଷି ପାଇଁ ବେଶ ସହାୟକ ହୋଇପାରିବ। କଳାହାଣ୍ଡିକୁ କୃଷି କ୍ଷେତ୍ରରେ ଅଧିକରୁ ଅଧିକ ସମୃଦ୍ଧ କରିବାରେ ଏଭଳି ଆଲୋଚନାର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଆଶା ରଖି ଜୁନାଗଡ ବିଧାୟକ ଦିବ୍ୟ ଶଙ୍କର ମିଶ୍ର ଏହାର ଆୟୋଜନ କରିଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି କୃଷିଭିତ୍ତିକ ଆଲୋଚନା ଚକ୍ରରେ ଜିଲ୍ଲାର ପ୍ରତି ବ୍ଲକର ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ନିଜର ସୁଚିନ୍ତିତ ଓ ମୂଲ୍ୟବାନ ମତାମତ ରଖିବାକୁ ଅନୁରୋଧ କରିଛନ୍ତି ବିଧାୟକ ଶ୍ରୀ ମିଶ୍ର।

## ପଞ୍ଚାୟତ ସମିତି ବୈଠକରେ ମା' ଗୃହ ନିର୍ମାଣ ପାଇଁ ପ୍ରସ୍ତାବ




କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଗୁରୁବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ଅଧକ୍ଷା ରୀତା ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡ଼ିଓ ହିମାଞ୍ଚଳ ମାଝୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ତତ୍ତ୍ୱଦର୍ଶୀ ଦାସ, ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା, ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି, ବ୍ଲକ ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ସାଂସଦଙ୍କ ପ୍ରତିନିଧି ଭାବରେ ପ୍ରମୋଦ ପ୍ରଧାନୀ, ଧର୍ମଗଡ଼ ବିଧାୟକଙ୍କ ପ୍ରତିନିଧି ଭାବରେ ତ୍ରିନାଥ ଶବର, କୋକସରା ଜିଲ୍ଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ଆମପାଣି ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ ଓ ମୋଟେର ଜିଲ୍ଲା ପରିଷଦ ସଭ୍ୟା ବୈଜୟନ୍ତି ପୁଝାରୀ ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରାଜେନ୍ଦ୍ର ପାତ୍ର ସଭା ସଂଯୋଜନା କରିବା ସହ ସମସ୍ତଙ୍କ ମତାମତ ଲୋଡ଼ିଥିଲେ। ବୈଠକରେ ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଥିବା ବେଳେ ଉପାନ୍ତ ଆମପାଣି ପଞ୍ଚାୟତଠାରେ ମା' ଗୃହ ନିମନ୍ତେ ପ୍ରସ୍ତାବ ଉଠିଥିଲା। ସେହିଭଳି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଏକ୍ସରେ ମେସିନ୍ କାର୍ଯ୍ୟକାରୀ କରିବା, ଏବଂ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ଗମନାଗମନ, ଆଦି ଉନ୍ନୟନ ମୂଳକ ପଦକ୍ଷେପ, ସରକାରୀ ଯୋଜନାର ସୁଫଳ ରୂପାୟନ ଓ ବିଭିନ୍ନ ସମସ୍ୟାର ସମସ୍ୟା ଦିଗରେ ସମସ୍ତ ଜନପ୍ରତିନିଧି ଓ ବ୍ଲକ ପ୍ରଶାସନ ସହଯୋଗୀତା ରହିବା ପାଇଁ ଆଲୋଚନା ହୋଇଥିଲା। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ବିଭାଗ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ଉଦ୍ୟାନ ବିଭାଗ, ପ୍ରାଣି ସମ୍ପଦ, ଗ୍ରାମ୍ୟ ଉନ୍ନୟନ ବିଭାଗ, ବିଦ୍ୟୁତ୍ ବିଭାଗ ଭଳି ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ସେହିପରି ବ୍ଲକର ବିଭିନ୍ନ ପଞ୍ଚାୟତରୁ ସରପଞ୍ଚ, ସମିତି ସଭ୍ୟ, ସଭ୍ୟା ଉପସ୍ଥିତ ରହିଥିଲେ।

## ଅଙ୍ଗନୱାଡି ସଂଘର ପକ୍ଷରୁ ବିଡ଼ିଓ ଓ ସିଡିପିଓଙ୍କୁ ଦାବିପତ୍ର

ଧର୍ମଗଡ (ଭାସ୍କର ନ୍ୟୁଜ୍) : ଅଲ ଓଡିଶା ଅଙ୍ଗନବାଡ଼ି ଲେଡିଜ ୱାର୍କର ରାଜ୍ୟ ସଂଘ ନିଷ୍ପତି କ୍ରମେ ୭ ଦଫା ଦାବି ନେଇ ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଧର୍ମଗଡ଼ ସିଡିପିଓ ଓ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଉଲ୍ଲେଖ ଥାଉ କି କେନ୍ଦ୍ର ସରକାର ଅଙ୍ଗନବାଡି କେନ୍ଦ୍ରରେ ଥିବା ସମସ୍ତ ଶିଶୁ ଓ ବାଳିକା ମାନଙ୍କର ଇ-କେୱାଇସି ଓ ଫେସ୍ କ୍ୟାପଚର କରିବା ପାଇଁ ବାଧ୍ୟତା ମୂଳକ କରିଥିବା ବେଳେ ଅଙ୍ଗନବାଡି କର୍ମୀ ମାନଙ୍କ କମ ଦରମା ଯୋଗୁଁ ଉନ୍ନତ ମାନର ମୋବାଇଲ ଫୋନ ନ ଥିବାରୁ ଫେସ୍ କ୍ୟାପଚାର କରି ପାରୁ ନ ଥିବାରୁ ସରକାର ଉନ୍ନତ ମାନର ମୋବାଇଲ ସହିତ ଉନ୍ନତ ମାନର ନେଟୱାର୍କ୍ ଏବଂ ୱାଇଫାଇର ବ୍ୟବସ୍ଥା କରିବା, ପ୍ରତି ତିନି ମାସକୁ ରିଚାର୍ଜ ବାବଦକୁ ୯୦୦ ଟଙ୍କା ପ୍ରଦାନ, ଛଅ ମାସକୁ ଥରେ ଫେସ କ୍ୟାପଚର କରିବା, ପ୍ରତି ଶନିବାର କିଶୋରୀ ବାଳିକା ମାନଙ୍କ ନିମନ୍ତେ ଏନ୍‌ଏସ୍‌ପିୟାଇ ଯୋଜନାରେ ଦୁଇଟି ସିଝା ଅଣ୍ଡା ଓ ଦୁଇଟି କଞ୍ଚା ଅଣ୍ଡା ବଣ୍ଟନ କରିବା ଯୋଜନାରେ ଆସୁଥିବା ଅର୍ଥ ରାଶି ଯୁଗ୍ମ ସଞ୍ଚୟ ଖାତାରେ ଜମା କରିବା,ପ୍ରତି ବ୍ଲକରେ ଅଭିଯୋଗ ନିବାରଣ କମିଟି ଗଠନ କରି ସ୍ଥାନୀୟ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବା ଭଳି ବିଭିନ୍ନ ଦାବି ନେଇ ଧର୍ମଗଡ଼ ବ୍ଲକ ଅଙ୍ଗନବାଡ଼ି ୱାର୍କର ସଂଘ ସଭାପତି ଇନ୍ଦୁମତି ବେଶ୍ରା, ସଂପାଦକ ପାର୍ବତୀ ଜାଲ, ସରୋଜିନୀ ହରିଜନ, ସୁମତି ଦୁରିଆ, କ୍ଷୀରମତି ଦୁରିଆ, କୁମୁଦିନି ଗୋପାଳ, ସାବିତ୍ରୀ ମେହେର, ସୁନିତା ମହାନ୍ତି, ସୁଷମା ନାଗ, ସେବତୀ ତାଣ୍ଡି ସମେତ ସମସ୍ତ ଅଙ୍ଗନବାଡ଼ି ୱାର୍କର ଧର୍ମଗଡ ଭଣ୍ଡାରଘରଣୀ ମନ୍ଦିର ଠାରୁ ଶୋଭାଯାତ୍ରା କରି ଧର୍ମଗଡ ସିଡିପିଓ ଧରିତ୍ରୀ ପାଣିଗ୍ରାହୀ ଓ ବିଡ଼ିଓଙ୍କ ଜରିଆରେ ଉପମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



## ଜୋର ଧରିଲା ଆରଡି ରାସ୍ତା ସଂଯୋଗ ଦାବି

## ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଥନଟ ଗ୍ରାମବାସୀ




ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବ୍ରାହ୍ମଣଛେଣ୍ଡିଆ ଗ୍ରାମ ପଞ୍ଚାୟତ ଥନଟ ଗ୍ରାମରୁ କେବିଡ଼ି ଠାରୁ ଗୋଡ଼ଭଞ୍ଜା ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପିଚୁ ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ପ୍ରଶାସନ ଏବଂ ସରକାରଙ୍କ ଦୃଷ୍ଟି ଗୋଚର କରିଥିଲେ ହେଁ କୌଣସି ସୁଫଳ ମିଳି ପାରି ନାହିଁ। ସୂଚନା ଥାଉ କି ଏହି ରାସ୍ତା ଦେଇ ଥନଟ, କାନାଗାଁ, ଲୁହାଗାଁ, ସାଗୁନଭାଡି, ବାଞ୍ଜିପଦର, ବକ୍ରାସିଲ, ଟିପିଗୁଡ଼ା, ରାଜପୁର, ବୋକ୍ରା କଟା ଭଳି ଅନେକ ଗ୍ରାମର ଛାତ୍ରଛାତ୍ରୀ, ଗ୍ରାମବାସୀ, ବ୍ୟବସାୟୀ, ରୋଗୀ ନିର୍ଭର କରି ଧର୍ମଗଡ ସହରକୁ ଆସିଥାନ୍ତି। ରାସ୍ତାରେ ଅନେକ ଖାଲ ଖମା ଭର୍ତ୍ତି ହୋଇଥିବା ବେଳେ ପାଣି ଜମି ଅନେକ ସମୟରେ ଦୁର୍ଘଟଣା ଘଟୁଥିବାରୁ ପ୍ରଶାସନ ଏହି ରାସ୍ତା ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଅନେକ ରାଜନେତା ଆସି ରାସ୍ତାକୁ ପରିଦର୍ଶନ କରି ପ୍ରତିଶ୍ରୁତି ଦେଇ ଚାଲି ଯାଇଛନ୍ତି। ହେଲେ ପରେ ଭୁଲି ଯାଆନ୍ତି ବୋଲି ଗ୍ରାମବାସୀ କ୍ଷୋଭ ପ୍ରକାଶ କରନ୍ତି। ଏନେଇ ଗ୍ରାମବାସୀ ଥନଟ ଗାଁକୁ ଆର୍ଡି ରାସ୍ତା ସହିତ ସଂଯୋଗ କରି ପିଚୁ ରାସ୍ତା ନିର୍ମାଣ କରିବାକୁ ବ୍ରାହ୍ମଣ ଛେଣ୍ଡିଆ ସରପଞ୍ଚ ମନୋଜ କୁମାର ନାଏକ ସମେତ ସାରଦା ବଲ୍ଲଭ ପଣ୍ଡା, ଦିଲ୍ଲୀପ କୁମାର ପଣ୍ଡା, ବିଜୟ କୁମାର ପଣ୍ଡା, ସୁନ୍ଦରଲାଲ ବାଗ, ଜଗନ୍ନାଥ ତାଣ୍ଡି, ଦେବାନନ୍ଦ ବାଗ, ପ୍ରମୋଦ କୁମାର ପଣ୍ଡା, ମହେନ୍ଦ୍ର ପଣ୍ଡା, ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ରହି ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ସହିତ ଥନଟ ଗାଁ ପିଚୁ ରାସ୍ତା ନ ହୁଏ ତେବେ ଅନ୍ୟ କୌଣସି ରାସ୍ତା କରେଇ ଦେବୁ ନି ବୋଲି କହିବା ସହ ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ସାମାନ୍ୟ ବଚସାରୁ ଯୁବକଙ୍କୁ ହତ୍ୟା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ସ୍ଥାନୀୟ ଘୋଡ଼ାଘାଟ ଛକ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ସାମାନ୍ୟ ବଚସାରୁ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତ ଯୁବକ ଜଣକ ଭବାନୀପାଟଣା ସହର ବିବିସି ପଡ଼ାର ସତ୍ୟନାରାୟଣ ରାୟ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ଭବାନୀପାଟଣା ଘୋଡ଼ାଘାଟ ଛକ ନିକଟରେ କିଛି ଯୁବକଙ୍କ ସହ ବିଳମ୍ବିତ ରାତିରେ କୌଣସି କାରଣ ବଶତଃ ବଚସା ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ହତ୍ୟାକାଣ୍ଡର ରୂପ ନେଇଥିଲା। ଖବର ପାଇ ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବିଦ୍ୟାଳୟକୁ ଡେରିରେ ଆସି ଶିକ୍ଷୟିତ୍ରୀ ହଟହଟ୍ଟା

## ପ୍ରଧାନଶିକ୍ଷକଙ୍କ ଅବହେଳା ଓ କମିଟିକୁ ଅଣଦେଖା ଅଭିଯୋଗ






ଧର୍ମଗଡ (ଭାସ୍କର ନ୍ୟୁଜ୍) : ଶିକ୍ଷକ ମାନଙ୍କ ଅବହେଳା ଓ କର୍ତ୍ତବ୍ୟରେ ଢିଲା ପ୍ରାୟ ଧର୍ମଗଡ ଗୋଷ୍ଠୀ ଶିକ୍ଷା ଅଧୀନ ବିଦ୍ୟାଳୟ ମାନଙ୍କ ପାଇଁ ନୂଆ ହୋଇ ରହିନାହିଁ। ନା ଏଥିପ୍ରତି ବିଭାଗ ସଜାଗ ନା ତାଗିଦ କରି ପାରୁଛି। ସରକାରୀ ନିୟମକୁ ଫାଙ୍କି ବିଦ୍ୟାଳୟକୁ ନିଜ ମୁତାବକ ଆସିବା ଯିବା ରୀତିମତ ଅଭ୍ୟାସରେ ପରିଣତ ହେଲାଣି। ଡେରିରେ ବିଦ୍ୟାଳୟ ଆସି ଜଣେ ଶିକ୍ଷୟିତ୍ରୀ ହଟହଟ୍ଟା ହୋଇଥିବା ବେଳେ ସମ୍ପୃକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିଜ କାର୍ଯ୍ୟାଳୟରେ ଶୋଇ ପଡିବା ଦୃଶ୍ୟ ଏବେ ସାମ୍ନାକୁ ଆସିଛି। ଏଭଳି ଘଟଣା ଧର୍ମଗଡ ବ୍ଲକ ବଡ଼ ଘୁମର ସରକାରୀ ଉପ୍ରା ବିଦ୍ୟାଳୟରେ ଦେଖିବାକୁ ମିଳିଛି। ସମୟ ପ୍ରାୟ ୧୧ଟା। ସ୍କୁଟିର ଘୁଘୁ ଶବ୍ଦ। ସେହି ଗାଡିରେ ବସି ବିଦ୍ୟାଳୟର ଶିକ୍ଷୟିତ୍ରୀ ଶୁଭଶ୍ରୀ ମହାପାତ୍ର ବିଦ୍ୟାଳୟକୁ ଆସିବା ପରେ ଗ୍ରାମବାସୀ ଅଟକାଇ ସମୟ ପଚାରି ବୁଝିଥିଲେ। ସେ ବି ଠିକ୍ ସମୟ ୧୦/୫୫ମିନିଟ ହୋଇଥିବା କହିଥିଲେ। ଗ୍ରାମବାସୀଙ୍କ ପ୍ରଶ୍ନ - ବିଦ୍ୟାଳୟକୁ କେତେବେଳେ ପହଞ୍ଚିବା ନିୟମ ଅଛି ? ଉତ୍ତରରେ ୧୦/୧୫ ମିନିଟ। ବଡ଼ ଆଶ୍ଚର୍ଯ୍ୟର ବିଷୟ ଶିକ୍ଷକ ହୋଇ ସରକାରୀ ନିୟମ ସମୟ ବାବଦରେ ଜାଣି ନ ଥିବା ସମସ୍ତଙ୍କ ଆଶ୍ଚର୍ଯ୍ୟ କରେ। ତେବେ ଗ୍ରାମବାସୀଙ୍କ କହିବା ମତେ ଏହି ଶିକ୍ଷୟିତ୍ରୀ ଜଣକ ସବୁଦିନ ବିଦ୍ୟାଳୟକୁ ଡେରିରେ ଆସନ୍ତି। ଅନ୍ୟପଟେ ଏ ବିଷୟ ନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ହିଁ ପ୍ରଧାନ ଶିକ୍ଷକ ତାଗିଦ କରିବା ବଦଳରେ ନିଜେ କାର୍ଯ୍ୟାଳୟରେ ଶୋଇ ରହୁଥିବା ଗ୍ରାମବାସୀ ପ୍ରକାଶ କରନ୍ତି। ଅନ୍ୟପଟେ ଶିକ୍ଷୟିତ୍ରୀ ଡେରିରେ ଆସିବା ନେଇ ସ୍କୁଲ କମିଟି ଓ ଗ୍ରାମବାସୀ ବିରୋଧ କରିବା ଫଳରେ ଶିକ୍ଷୟିତ୍ରୀ ଜଣକ ଘରକୁ ଫେରି ଯାଇଥିବା ଜଣାପଡ଼ିଛି। ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ରହିଥିବା ବେଳେ ମୋଟ ୩୨୯ଜଣ ଛାତ୍ରଛାତ୍ରୀ ଓ ୮ଜଣ ଶିକ୍ଷକ ରହିଛନ୍ତି। କମିଟି ସଦସ୍ୟଙ୍କ କହିବା କଥା ପ୍ରଧାନ ଶିକ୍ଷକ ହରେ କୃଷ୍ଣ ଡ଼ଙ୍ଗରି କମିଟିକୁ କୌଣସି ବିଷୟରେ ପଚାରୁନ ଥିବା ଅଭିଯୋଗ କରନ୍ତି। ନିକଟରେ ଜଣେ ଶିକ୍ଷକ ଅବସର ନେଇଥିବା ଓ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କମିଟିକୁ ପ୍ରଧାନଶିକ୍ଷକ ଅଣଦେଖା କରି ନ ଡାକିବା ନେଇ ସଦସ୍ୟଙ୍କ ଭିତରେ କ୍ଷୁବ୍ଧ ପ୍ରକାଶ ପାଏ। ମୋଟା ମୋଟି ଭାବେ ଖୁଦ ପ୍ରଧାନ ଶିକ୍ଷକ ଛାତ୍ରଛାତ୍ରୀଙ୍କୁ ପଢ଼ାଉ ନ ଥିବା ଓ ବିଦ୍ୟାଳୟରେ ଶୋଇପଡିବା ଭଳି ଅଭିଯୋଗ ଉଠାଇଛନ୍ତି ସ୍କୁଲ କମିଟି। ଏହାର ତଦନ୍ତ ଓ ଅବହେଳା ପ୍ରଦର୍ଶନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍କୁଲ ପରିଚାଳନା କମିଟି ବିକ୍ରମ ମେହେର, ନିରାକାର ଗୋପାଳ, ଚନ୍ଦ୍ରଧ୍ୱଜ ଗୋପାଳ, ସୁରେନ୍ଦ୍ର ପଟେଲ, ଗଙ୍ଗାରାମ ଗୋପାଳ ଦରସିଂ ମେହେର, ସରପଞ୍ଚ ଜନ୍ମେଜୟ ଗୋପାଳ ଓ ଗ୍ରାମବାସୀ ଦାବି ରଖିଛନ୍ତି। ଏନେଇ ଧର୍ମଗଡ ଗୋଷ୍ଠୀ ଶିକ୍ଷା ଅଧିକାରିଣୀଙ୍କୁ ଯୋଗାଯୋଗ କରିଥିଲେ ହିଁ ଫୋନ ଉଠାଇ ନ ଥିଲେ।

## ରାଶିଫଳ


ଶନିବାର, ୦୯ ଅଗଷ୍ଟ ୨୦୨୫



**ମେଷ:** ଆପଣଙ୍କ ଦିନକୁ ଯତ୍ନର ସହିତ ବିତାନ୍ତୁ। ଆଜି କୈଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ। ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ।



**ବୃଷ:** ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ। ଶରୀରରେ ଥକାପଣ ଏବଂ ଅଳସୁଆତା ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ। ଆଜି ଆପଣ ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ।




**ମିଥୁନ:** ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ। ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ। ସ୍ୱାସ୍ଥ୍ୟ ଭଲ ହେବ। ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ। ଚାକିରିରେ ଲୋକଙ୍କୁ ଉପକୃତ କରିବେ।



**କର୍କଟ:** ଆଜି ଆପଣଙ୍କର ଦିନ ଆନନ୍ଦ ଏବଂ ଭୋଗରେ ଅତିବାହିତ ହେବ। ବିପରୀତ ଲିଙ୍ଗର ଲୋକଙ୍କୁ ଭେଟିବେ। ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ। ଯାନ ଆନନ୍ଦ ପାଇବେ। ନୂତନ ପୋଷାକ କିଣିଲେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ।



**ତୁଳା:** ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ। ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ। ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ। ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ। ଜମି ଓ ଘରର ଦଲିଲ ସୁବିଧାରେ ରଖନ୍ତୁ। ମହିଳା ଏବଂ ଜଳରୁ କ୍ଷତି ହେବାର ଭୟ ରହିବ। ଲୋକଙ୍କୁ ଅପମାନ ନ କରିବାକୁ ବିଶେଷ ଧ୍ୟାନ ଦିଅନ୍ତୁ।




**କନ୍ୟା:** ଆଜି ଆପଣ ଅଧିକ କଳ୍ପନାକାରୀ ହେବେ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ। ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ। ଛାତ୍ରମାନେ ଅଭ୍ୟାସ କରିବା ପାଇଁ ଏହା ଏକ ଭଲ ସମୟ। ସାଙ୍ଗମାନଙ୍କ ସହିତ ମିଳନ ହେବ, ମହିଳା ବନ୍ଧୁମାନେ ଉପକୃତ ହେବେ।



**ବିଛା:** ଆଜି ସାଧାରଣ ଲାଭର ଦିନ। ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ। ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ। ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ। ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ।



**ସିଂହ:** ଆପଣଙ୍କ ଦିନ ଶୁଭ ହେବ। ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ। ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ। ଧନ ଲାଭର ସମ୍ଭାବନା। ବିଦେଶରୁ ଭଲ ଖବର ଆସିବ। ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ। ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିବ।



**ଧନୁ:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ। ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ୍ୟ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ।



**ମକର:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଆର୍ଥିକ ଲାଭ ହାସଲ ହେବ। ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ। ଆଜି ଆପଣଙ୍କର ଆଚରଣ ସ୍ୱାଭାବିକ ହେବ।



**କୁମ୍ଭ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ। ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ। ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ। ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ। ପରିବାରରେ ଖୁସିର ପରିବେଶ ରହିବ।



**ମୀନ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରୀ ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି। ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ। ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି । ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ। ପତ୍ନୀ ଏବଂ ପୁଅଙ୍କଠାରୁ ଆନନ୍ଦଙ୍କ ଖବର ଆସିବ।



ଶ୍ରୀପତି ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯